ମୁକୁନ୍ଦ ଉଦୟ

Digitized by srujan ka@gmail.com

ମୁକୁନ୍ଦଦେବ

(ନାଟକ)

ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ର

ପ୍ରକାଶକ—

ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର

ବିନୋଦ ବିହାରୀ, କଟକ-୨

Digitized by srujan ka@gmail.com

ଲେଖକ—

୰ ପଣ୍ଡିତ ଗୋଦାବରୀଶ ମିଶ୍ର

ସମ୍ପାଦକ—

ପଣ୍ଡିତ ରଘୁନାଥ ମିଶ୍ର

ପୁନର୍ମୁଦ୍ରଣ—
୧୯୬୭

ମୂଲ୍ୟ—ଦୁଇଟଙ୍କା ପଚିଶ ପଇସା

ମୁଦ୍ରାକର—

ଶ୍ରୀ ବିଶ୍ୱମ୍ଭର ପରିଡ଼ା

ପ୍ରଜାତନ୍ତ୍ର ପ୍ରେସ, କଟକ-୨

Digitized by srujan ka@gmail.com

ନାଟକର ବ୍ୟକ୍ତିଗଣ

ପୁରୁଷ

ମୁକୁନ୍ଦଦେବ

ଓଡ଼ିଶାର ମନ୍ତ୍ରୀ
ଓଡ଼ିଶାର ସେନାପତି
ଧନୁର୍ଦ୍ଧର—ଓଡ଼ିଶାର ସାମନ୍ତ
ରାମଚନ୍ଦ୍ର ଭଞ୍ଜ—ସାରଙ୍ଗଗଡ଼ର ରାଜା
ସାରଙ୍ଗଗଡ଼ ମନ୍ତ୍ରୀ
ସଦାଶିବ, ରଘୁନାଥ } ସାରଙ୍ଗଗଡ଼ ସଭାସଦ୍
ଶିଖି, ମନାଇ } ରାମଚନ୍ଦ୍ର ଭଞ୍ଜଙ୍କ ଦୂତ

ବାନାପୁର-ସାରଙ୍ଗଗଡ଼ ନାଗରିକ
ଧୂର୍ଜଟି—ରାମଚନ୍ଦ୍ର ଭଞ୍ଜଙ୍କ ଭୃତ୍ୟ
ସୁଲେମାନ ଶାହ—ବଙ୍ଗ ନବାବ
କଳାପାହାଡ଼—ବଙ୍ଗ ସେନାପତି
ବକ୍ଷର ଖାଁ—ବଙ୍ଗ ସଭାସଦ୍
ହାସାନଖାଁ—ଆକବରଙ୍କ ଦୂତ
ଗୋବିନ୍ଦ, ଗୋପାଳ } ଓଡ଼ିଶାର ନାଗରିକ
ନାରାୟଣ—ପ୍ରହରୀ

ପ୍ରହରୀ, ସୈନିକ, କାହାଳିଆ, ନାଗରିକ ଇତ୍ୟାଦି ।

ସ୍ତ୍ରୀ

ଉଷାସ୍ମୃନୀ—ମୁକୁନ୍ଦଦେବଙ୍କ ରାଣୀ
ଚନ୍ଦ୍ରୋତ୍ପଳା—ମୁକୁନ୍ଦଦେବଙ୍କ କନ୍ୟା
ଲୀଳାବତୀ—ରାମଚନ୍ଦ୍ର ଭଞ୍ଜଙ୍କ ରାଣୀ
ରମଣୀଗଣ, ସଖୀ, ଦାସୀ, ନର୍ତ୍ତକୀ ଇତ୍ୟାଦି ।

Digitized by srujan ka@gmail.com

ମୁକୁନ୍ଦ ଦେବ

ପ୍ରଥମ ଦୃଶ୍ୟ

ପ୍ରଥମ ଅଙ୍କ

ମୁକୁନ୍ଦଙ୍କ କକ୍ଷ ।

(ମୁକୁନ୍ଦ, ଓଡ଼ିଶାରାଜାଙ୍କ ମନ୍ତ୍ରୀ, ସେନାପତି ଓ ନାଗରିକମାନେ ଆସୀନ ।)

ମୁକୁନ୍ଦ—ପୁଣି ଏ ପ୍ରସ୍ତାବ କାହିଁକି ମନ୍ତ୍ରୀମହାରାଜ ? ରାଜ୍ୟ ବର୍ତ୍ତମାନ ମୁଁ ଯେପରି ବୁଝୁଚି, ବୁଝୁଥିବ । ସିଂହାସନରେ ବସି ରାଜା ହେବା କି ପ୍ରୟୋଜନ ? ଏ କଥା ତ ମନ୍ତ୍ରୀମହାରାଜ, ଆପଣଙ୍କୁ କେତେ ଥର କହିଛି । ଭୁଲି ପଡ଼ିଲେ ଯେ ? ଦେଖନ୍ତୁ, ପ୍ରଥମେ ମୁଁ ଏ ରାଜ୍ୟ-ସିଂହାସନର ପ୍ରୟାସୀ ନୁହେଁ । ମୁଁ ସାମାନ୍ୟ ପ୍ରଜା ମାତ୍ର । ବର୍ତ୍ତମାନ ଦେଶ କେତେ କାଳ ଏପରି ଅନିଶ୍ଚିତ ଅବସ୍ଥାରେ ଥିବାରୁ ଉପଯୁକ୍ତ ରାଜା ଅଭାବରେ ରାଜ୍ୟ ଶାସନର କେତେକ ଭାର ମୋ ଉପରେ ନ୍ୟସ୍ତ ଅଛି ମାତ୍ର । ଏଥିପାଇଁ ମୁଁ ରାଜା ନୁହେଁ ବା ହେବାକୁ ପ୍ରତ୍ୟାଶା କରିବାର ଯଥାର୍ଥ ପାତ୍ର ମଧ୍ୟ ନୁହେଁ ।

Digitized by srujan ka@gmail.com

ସେନା—ତେବେ କ'ଣ ରାଜ୍ୟ ଅରାଜକ ରହିବ ?

ମୁକୁନ୍ଦ—ନା, ତା ମୋର ଇଚ୍ଛା ନୁହେଁ । ଆପଣମାନେ ଜଣକୁ ମନୋନୀତ କରନ୍ତୁ, ଯେ, ରାଜଗାଦିର ଉପଯୁକ୍ତ ହେବେ । ମୁଁ ଭୃତ୍ୟରୂପେ କାର୍ଯ୍ୟ ଚଳାଇବି । ମା ଉତ୍କଳଭୂମିର ଦାସ ମୁଁ, ନାୟକ ନୁହେଁ ।

ମନ୍ତ୍ରୀ—ଆମେମାନେ ଆପଣଙ୍କୁଇ ମନୋନୀତ କରିଅଛୁ ଯେ ଆପଣ ଏ ଦେଶର ନାୟକ, ଏ ରାଜଗାଦିରେ ବସିବାର ଯଥାର୍ଥ ପାତ୍ର ।

ସେନା—ପ୍ରଜାଗଣ ଆପଣଙ୍କୁଇ ନିର୍ବାଚିତ କରନ୍ତି ।

ନାଗ—ଆମେମାନେ ଏକ ସ୍ୱରରେ, ପୁର ପଲ୍ଲି, ଗ୍ରାମ ନଗରର ଲୋକେ ଆପଣଙ୍କୁଇ ନିର୍ବାଚିତ କରିଅଛୁ । ଆମମାନଙ୍କର ଏ ଭିକ୍ଷା ରଖିବାକୁ ହେବ ।

ସେନା—ଏ ଦେଶବାସୀଙ୍କର ଭିକ୍ଷା ନୁହେଁ; ଦେଶର ଭିକ୍ଷା, ଉତ୍କଳ-ଜନନୀଙ୍କର ଭିକ୍ଷା ତାଙ୍କର ସର୍ବଶ୍ରେଷ୍ଠ ସନ୍ତାନ ନିକଟରେ ।

ମନ୍ତ୍ରୀ—ଏ ଭିକ୍ଷା ମା' ଉତ୍କଳଭୂମିର ଯେବେ ଆପଣ ଉପେକ୍ଷା କରି ପାରନ୍ତି, କରନ୍ତୁ ।

ମୁକୁନ୍ଦ ଆଚ୍ଛା, ମନ୍ତ୍ରୀମହାରାଜ, ଆପଣମାନେ ସମସ୍ତେ ବର୍ତ୍ତମାନ ଆସନ୍ତୁ । ମୁଁ ପରେ ଆପଣଙ୍କୁ ସମ୍ବାଦ ଦେବି ।

ସେନା—ସମ୍ବାଦ ଆଉ କ'ଣ ? ସମ୍ମତି ବ୍ୟତୀତ ତ ଆଉ ଅନ୍ୟ ସମ୍ବାଦ ଆମମାନଙ୍କର ପ୍ରୟୋଜନ ନାହିଁ । ତା ବର୍ତ୍ତମାନ ଦେଇପାରନ୍ତି ।

ମୁକୁନ୍ଦ—ନା, ଅପେକ୍ଷା କରନ୍ତୁ । କିଛି ପରେ । ତେବେ ଆପଣଙ୍କୁ ତ କହିଛି ଆଗରୁ, ମନ୍ତ୍ରୀମହାରାଜ ! ଏତେବେଳକୁ ନୀରବ ହେଲେ ଯେ ।

ମନ୍ତ୍ରୀ—ପରେ ସମ୍ମତି ଦେବେ । ପରେ ଅର୍ଥ ? ଆଜ ସନ୍ଧ୍ୟାପୂର୍ବରୁ ?

Digitized by srujan ka@gmail.com

ମୁକୁନ୍ଦ—ସମ୍ମତ ନୁହେଁ, ସମ୍ବାଦ । ଦୁହିଁଙ୍କ ମଧ୍ୟରେ ପ୍ରଭେଦ ଅଛି, ମନ୍ତ୍ରୀମହାରାଜ !

ମନ୍ତ୍ରୀ—ଆପଣଙ୍କର ଯାହା ସମ୍ବାଦ ସେ ଆମମାନଙ୍କ ପକ୍ଷେ ସମ୍ମତ ।

ମୁକୁନ୍ଦ—ବେଶ୍ ତ ଆପଣମାନଙ୍କ ଇଚ୍ଛା । ଅପେକ୍ଷା କରନ୍ତୁ, କହିବ ।

ମନ୍ତ୍ରୀ—କହିବେ କାହିଁ ସମ୍ମତ । ଆମେମାନେ ତେବେ ବିଦାୟ ହେଉ ।

ନାଗ ଆମମାନଙ୍କର, ସମସ୍ତ ଦେଶବାସୀଙ୍କର ଏ ମାଗୁଣି, ଦେଶର ଏହି ଇଚ୍ଛା ପୂର୍ଣ୍ଣ କରିବାକୁ ହେବ ।

• (ମୁକୁନ୍ଦଙ୍କ ବ୍ୟତୀତ ସମସ୍ତଙ୍କ ପ୍ରସ୍ଥାନ)

ମୁକୁନ୍ଦ—ଏ ବିଶାଳ ଓଡ଼ିଶା ଦେଶର ରାଜା ! ଆସିଥିଲି ସାମାନ୍ୟ ଭୃତ୍ୟରୂପରେ । ଦେଶ ଅରାଜକ ଥିଲା । ସୁନ୍ଦର ଶାସନ କରି ଏ ଉଚ୍ଚ ଆସନ ଲାଭ କରିଅଛି । ଏ ତ କହିଲେ ଏକ ପ୍ରକାର ରାଜା । ଆଉ ଅଧିକ ପୁଣି କ'ଣ ? ସିଂହାସନରେ ବସି ଏତେ ଦିନ ଯେଉଁ ପ୍ରଭୁଙ୍କର ସିଂହାସନ ତଳେ ଠିଆ ହୋଇ ଅନୁଜ୍ଞା ପାଳନ କରୁଥିଲି, କାର୍ଯ୍ୟରେ ପ୍ରବୃତ୍ତ ହେଉଥିଲି, ସେଇ ସିଂହାସନ—ମା ଉତ୍କଳ-ଜନନୀଙ୍କର ସେଇ ରତ୍ନସିଂହାସନରେ ବସି ଅପରକୁ ସେଇ ଅନୁଜ୍ଞା ଶୁଣାଇବି ! ନା, ଏ ଘୋର ଅଧର୍ମ । ଗୋବିନ୍ଦ ବିଦ୍ୟାଧର ଆଉ କ'ଣ ? ହଁ, ଅବଶ୍ୟ ଦେଶ ଅରାଜକ । ଏବେ ସେଥିରେ ନାରଖାର । ପୁଣି ନିକଟରେ ପ୍ରବଳ ପ୍ରତାପ ମୋଗଲ, ମୁସଲମାନ । ଏତେବେଳେ ଦେଶ ଦୁର୍ବଳ ରହିବ ? ନା, ଜଣେ ଉପଯୁକ୍ତ ନେତାର ପ୍ରୟୋଜନ । ସେ କ'ଣ ମୁଁ ? ତା କପରି ? ହୃଦୟ ଫାଟି ଯାଉଅଛି ଦେଶର ଏ ଦୁର୍ଦ୍ଦଶାରେ । ମା ଉତ୍କଳଭୂମି, ବୁଦ୍ଧି ଦେଖାଅ, ବାଟ ବତାଅ, କର୍ତ୍ତବ୍ୟ ମୋର କହ । ପ୍ରଭୁ ଜଗନ୍ନାଥ,

Digitized by srujan ka@gmail.com

ନୀଳାଚଳରେ ବସି ପୃଥିବୀ ଆତପାତ କରୁଅଛ; ମୋତେ ଏ ଦୁର୍ଦ୍ଦିନରେ ସୁମାର୍ଗ ଦେଖାଇ ଦିଅ । ଏକ ପକ୍ଷରେ ଦେଶ, ଅନ୍ୟ ପକ୍ଷରେ ମୋର ବ୍ୟକ୍ତିଗତ ଅନଭିରୁଚି ।

[ଉଷାଯୂମାଙ୍କ ପ୍ରବେଶ]

କିଏ, ଉଷାଯୂନ ?

ଉଷା—ଏପରି ଚିନ୍ତିତ କାହିଁକି ଦିଶୁଚି ତମ ମୁହଁ ? ମରଣ ତ ସଂସାରକୁ ଲାଗିଚି । କିଏ ଆଗ ମରୁଚି, କିଏ ବା ପଛେ ମରୁଚି ।

ମୁକୁନ୍ଦ—ତା ଠିକ୍, ଉଷାଯୂନ ।

ଉଷା—ତେବେ ଆଉ ଦୁଃଖ କ'ଣ ?

ମୁକୁନ୍ଦ—ଦୁଃଖ ଦେଶ ନିମନ୍ତେ, ଉଷାଯୂନ, ବ୍ୟକ୍ତି ନିମନ୍ତେ ନୁହେଁ । ରାଜା ରଘୁରାମ କାଲି ମରିଲେ ଆଜ ବା ମଲେ । ସେହିପରି ବର୍ଷକ ପୂର୍ବେ ରାଜା ନରସିଂହ ତ ମରିଥିଲେ ।

ଉଷା— ତେବେ ମରଣ ଧ ଏ ରାଜଗାଦିରେ ଲାଗିଚି ।

ମୁକୁନ୍ଦ—ହଁ ।

ଉଷା—ନରସିଂହ ମରିବାର ଏକ ବର୍ଷ ପୂରିଲା ବେଳକୁ ପୁଣି ରଘୁ ମଙ୍କର ମୃତ୍ୟୁ ।

ମୁକୁନ୍ଦ—ହଁ, ପ୍ରଜାଙ୍କ ହୃଦୟରୁ ଏକ ଘାଆ ନ ଲିଭୁଣୁ ପୁଣି ତା ଉପରେ ବିଧାତା ଆଉ ଏକ ନୂଆ ଘାଆ କାଟି ଦେଉଚି ।

ଉଷା—ଦୁଃଖ କଲେ ଆଉ କ'ଣ ହବ ? ବର୍ତ୍ତମାନ ରାଜ୍ୟ ଶାସନ ତମରି ହାତରେ ତ ଅଛି । ପୁଣି ରାଜା ହେଲାପାଏ ତମେ ରାଜା କହିଲେ ଚଳେ ।

ମୁକୁନ୍ଦ—ସେ ପୁଣି ଏକ ବିଷମ ସମସ୍ୟା, ଉଷାଯୂନ !

ଉଷା—କ'ଣ ?

ମୁକୁନ୍ଦ—ପ୍ରଜାମାନେ କହନ୍ତି ଏ ଦେଶରେ ଅନ୍ୟ କେହି ରାଜା ହେବେ ନାହିଁ ।

Digitized by srujan ka@gmail.com

ଉଷା—କଣ କହୁଥିଲେ ? କିଏ ? କେବେ କହୁଥିଲେ ?

ମୁକୁନ୍ଦ—ବହୁଦିନରୁ କହିଲେଣି । ତମେ ଅବଶ୍ୟ ଜାଣିନ ।

ଉଷା—କଣ କହୁଥିଲେ ?

ମୁକୁନ୍ଦ—ଏ ଦେଶରେ ଅନ୍ୟ କେହି ରଜା ହେବେ ନାହିଁ ।

ଉଷା—ତେବେ କଣ ଏଇପରି ଥିବ ? ଅରାଜକ ?

ମୁକୁନ୍ଦ—ନା ।

ଉଷା—ତେବେ ?

ମୁକୁନ୍ଦ—ଜଣେ ରାଜା ହେବ ।

ଉଷା—କିଏ ?

ମୁକୁନ୍ଦ—କହନ୍ତି-ଅବଶ୍ୟ ସେମାନେ ଭୁଲ୍ ବୁଝିଚନ୍ତି—

ଉଷା—କଣ ଭୁଲ ବୁଝିଚନ୍ତି ?

ମୁକୁନ୍ଦ—କହନ୍ତି ମତେ ରାଜା ହେବାକୁ ।

ଉଷା—ନା ? ତମେ କଣ କହିଲ ?

ମୁକୁନ୍ଦ—ମୁଁ ହଁ କଲି ।

ଉଷା—ନା ?

ମୁକୁନ୍ଦ—ଆଉ କଣ କହିଥିବ ?

ଉଷା—ନା, ନାହିଁ କରିଥିବ ।

ମୁକୁନ୍ଦ—ନାହିଁ କରିଥିଲି; କିନ୍ତୁ ପରେ ଏକ ପ୍ରକାର ହଁ କରିଚ, ଉଷାଯୂନ ! ଅବଶ୍ୟ ତାଙ୍କ ଅନୁପସ୍ଥିତିରେ । ଏଇ ତମେ ଆସିବାବେଳେ ମତେ ସେ ଆସି ଖବରତ ଦେଇଗଲ ସେ ରାଜା ପ୍ରଜା ମଧ୍ୟରେ ବିବାଦର ସମ୍ଭାବନା ।

ଉଷା—କାହିଁକି ଆଉ କେହି ନାହିଁ ?

ମୁକୁନ୍ଦ—ଅଛନ୍ତି । ମୁଁ ପ୍ରସ୍ତାବ ପଠାଇଥିଲି ଶାରଙ୍ଗଗଡ଼ର ରାଜା ରାମଚନ୍ଦ୍ର ଭଞ୍ଜଙ୍କ ନିକଟକୁ । ସେ ଅସ୍ୱୀକୃତ ହେଲେ । କହିଲେ, ନାହିଁ ।

Digitized by srujan ka@gmail.com

ଉଷା—ତେବେ ତମେ କାହିଁକି ହଁ କଲ ?

ମୁକୁନ୍ଦ—ସେ ନାବାଳକ ହେବାରୁ ।

ଉଷା—ସେ ତ ବେଶ ହେବ । ରଜାଘର ପୁଅ; ନ ହେବେ କାହିଁକି ?

ମୁକୁନ୍ଦ—ଉପଯୁକ୍ତ ଖୁବ୍ ହୋଇ ପାରନ୍ତି । ଲୋକଟାର ବେଶ୍ ବଳ ଅଛି; କିନ୍ତୁ କଣ ତା ଭିତରେ ଅଛି କେଜାଣି, ମୋତେ କାହିଁକି ଦେଖିଲେ ଡର ମାଡ଼େ । ବଡ଼ ବିକଟ ହାସ୍ୟ । ମୁହଁଟି ବେଶ୍ ସୁନ୍ଦର । ହେଲେ କପର ବେଢଙ୍ଗା ଦେଖିଲେ ଶଙ୍କା ଲାଗେ । ତେବେ ଅନୁପଯୁକ୍ତ କାହିଁକି ହେବେ ? ଉପଯୁକ୍ତ ବୋଲି ତ ରାଜା ପରେ ରାଜା ମରୁଛନ୍ତି; ତାଙ୍କ-ପାଇଁ ବାଟ ଫିଟି ଯାଉଛି । ପ୍ରସ୍ତାବ ତ କଲି; କିନ୍ତୁ ନାବାଳକ ହେଲେ ।

ଉଷା—ସେ ରାଜା ହେବେ, ସେଇ କଥା ଠିକ୍ କର ।

ମୁକୁନ୍ଦ—ସେ ତ ନାବାଳକ । ସେ ନ ହେଲେ, ଆଉ କିଏ ହବ । ଗାଦି ଶୂନ୍ୟ ରହିବ ନାହିଁ ।

ଉଷା—ତମେ ? ଦେଖ, ତମେ ନାହିଁ କରିବ ।

ମୁକୁନ୍ଦ—କାହିଁକି ?

ଉଷା—ମୋର ଏକ କାରଣ ଅଛି ।

ମୁକୁନ୍ଦ—ମୋର ଅନେକ ଅଛି । ଏ କଣ ତମର ?

ଉଷା—ଦେଖ, ପ୍ରିୟତମ, ଏ ରାଜଗାଦିରେ କାହାର ମଙ୍ଗଳ ହେଉନାହିଁ ।

ମୁକୁନ୍ଦ—ଦେଶର ମଙ୍ଗଳ ନିମନ୍ତେ ଏ ରାଜଗାଦିରେ ଯେ ବସିବ ସେ ନିଜର ମଙ୍ଗଳର ଜଳାଞ୍ଜଳି ଦେଇ ବସିବ ଜାଣ, ଉଷାପୂର୍ଣ୍ଣ ?

ଉଷା—ତମେ ନାହିଁ କରିବ ।

ମୁକୁନ୍ଦ—ଏଇ କାରଣରୁ ? କାହିଁକି, ମୁଁ ତ ବହୁତ ନାହିଁ କରୁଛି । ଏ କାରଣରୁ ଅବଶ୍ୟ ନୁହେଁ । କରିବା ଉଚିତ ମଧ୍ୟ ହେବ ନାହିଁ ।

Digitized by srujan ka@gmail.com

ଉଷା—କାହିଁକି, ପ୍ରିୟତମ ?

ମୁକୁନ୍ଦ—ପ୍ରଥମେ ରାଜ୍ୟର ମଙ୍ଗଳ ପ୍ରିୟେ, ତତ୍ପରେ ନିଜର।

ଉଷା—ତେବେ କଣ ହିଁ କରିବ ?

ମୁକୁନ୍ଦ—କରିବି ? ନାହିଁରୁ ଏକାବେଳକେ ହିଁ ?

ଉଷା—କାହିଁକି ନାହିଁ କରିବ ?

ମୁକୁନ୍ଦ— ସେ ଏକ ଖିରୁଡ଼ି, ଉଷାମୂନି।

ଉଷା—ବୁଝିଚି ନାହିଁ କରିବା ଉଚିତ, ତାହିଁ କରୁଚି । ଖିରୁଡ଼ି ପୁଣି କଣ ?

ମୁକୁନ୍ଦ—ବୁଝିଥିଲି, ଉଷାମୂନି. ନାହିଁ କରିବା ଉଚିତ; ନାହିଁ କରୁଥିଲି । ବର୍ତ୍ତମାନ ବୁଝିଛି ହିଁ କରିବା ଉଚିତ, କରିବି।

ଉଷା—ହିଁ କରିବ ?

ମୁକୁନ୍ଦ—କରିବି, ବୁଝିଲେ କରିବି, ଉଷାମୂନି; କିନ୍ତୁ କି ଘୋର ଅଧର୍ମ । ଓଡ଼ିଶାର ରାଜଗାଦି ମୋର ପ୍ରଭୁଙ୍କର ପବିତ୍ର ଆସନ । ଓଡ଼ିଶାର ରାଜା ସାକ୍ଷାତ୍ ଚଳନ୍ତି ବିଷ୍ଣୁ । ଭାରତ ଭୂମିର ସକଳ ରାଜା ଆସି ଶ୍ରୀପଦରେ ଶିର ଲଗାଇ ଯାଆନ୍ତି ।

ଉଷା—ତେବେ ତ ନାହିଁ କରିବା ଉଚିତ ବୁଝୁଚି ?

ମୁକୁନ୍ଦ—ନା, ଉଷାମୂନି, କର୍ତ୍ତବ୍ୟ । ଏତେ କାଳ କର୍ତ୍ତବ୍ୟକୁ ଜୀବନରେ ବଡ଼ କରି ଧରିଚି । ସେଇ କର୍ତ୍ତବ୍ୟ, କର୍ତ୍ତବ୍ୟ । କର୍ତ୍ତବ୍ୟ ବଡ଼ ଗୁରୁତର କର୍ତ୍ତବ୍ୟ ନିକଟରେ ହୃଦୟ-ତନ୍ତ୍ରୀ ଥରି ଉଠେ । ବଡ଼ ଗୁରୁତର କର୍ତ୍ତବ୍ୟ ଉଷାମୂନି ! ବେଳେ ବେଳେ ପୁଣି ବଡ଼ ଭୀଷଣ । କର୍ତ୍ତବ୍ୟର ଆହ୍ୱାନ-ବେଳେ ପ୍ରଭୁଇ ସହାୟ । ମୋର ପ୍ରାଣ, ଉଷାମୂନି, ବର୍ତ୍ତମାନ କର୍ତ୍ତବ୍ୟ ଆଉ ବିଶ୍ୱାସମଧ୍ୟରେ ଦୁଇଖଣ୍ଡ ହୋଇ ଯାଉଅଛି । ବଡ଼ କଷ୍ଟ ଏ କର୍ତ୍ତବ୍ୟ; ବଡ଼ କଠୋର, ନିର୍ମମ ଏ ବିଶ୍ୱାସ ।

[ଦୃଶ୍ୟ ପତନ]

Digitized by srujan ka@gmail.com

ଦ୍ୱିତୀୟ ଦୃଶ୍ୟ

ରାଜପଥ ।

ନାରାୟଣର ପ୍ରବେଶ ।

ନାରା—ଘୋର ଅନ୍ଧାର । ମୁହଁକୁ ମୁହଁ ଦିଶୁନି । ଆଃ ଏଡ଼େ ଅନ୍ଧାର ରାତିରେ ପୁଣି ପହରାପାଳି । ରାଜା ନ ଥାଉ ନ ଥାଉ ତ ଏତିକି ପହରା—ରଜା ଥିଲେ ଶୁଣି କ'ଣ ହୁଅନ୍ତା ? କିଏ କାଳେ ଏ ଅନ୍ଧାରେ ଆସୁଥିବ । ଯେତେ ଲୋକ ସବୁ ଏଇ ବାଟେ ଯିବେ । ଅନ୍ଧାରରେ ଢି ଢା ହେବେ । ଆରେ, କିଏ ଆସୁଚ ହୋ ? ବାଉଁଶ ବାଉଁଶ ।

(ଗୋପାଳ ଓ ଗୋବର୍ଦ୍ଧନ ବିପରୀତ ଦିଗରୁ ପ୍ରବେଶ)

ଗୋପାଳ—ହାଁ, ଇଆଡ଼େ ବାଉଁଶ, ବାଉଁଶ ।

ନାରା—ରାତି ଅଧରେ ଏତେ ବାଉଁଶ କାହିଁକି ବୋହୁଚ ରେ ?

ଗୋପାଳ—ତୁ ପରା ଦିନ ଦିପହରରେ ବୋହୁଚୁ ? କିରେ, ନାରଣ-ଭାଇ ? ଏଡ଼େ ଅନ୍ଧାରରେ କୋଆଡ଼େ ?

ନାରା—ତୁମେ କିଏ ଭାଇ ଏଡ଼େ ଆଲୁଅରେ ବାହାରିଚ ? ନାଁ କହିଲ ଦେଖି ।

ଗୋପାଳ—ତୁଣ୍ଡ ବାଉ କହିଲୁ—କୋଆଡ଼େ ଯାଉଚୁରେ ?

ନାରା—ଆରେ ଗୁଡ଼ ! ନଅରରେ ପୁଣି ପହରାପାଳି ହୁଟିହିଁକି । ଯାଉଚି ଯେ, ବଡ଼ ଅନ୍ଧାର । ଗୋପାଳଟିକି ?

ଗୋବର୍ଦ୍ଧନ—ଭଲ ଚିହ୍ନିଲୁନା ! ରାବଣଙ୍କ ପରି ତୋର ଯାହା କୋଡ଼ିଏଟା କାନ ନୋହିଲା ।

ନାରା—ଓହୋ, ଗୋବର୍ଦ୍ଧନଭାଇ ! ବ୍ରହ୍ମାଙ୍କ ପରି ତୋର ଯାହା ଚାରିଟା ମୁହଁ ନୋହିଲା । କେତେବେଳେ କାହା ପରି ସୋର କାଢ଼ୁଚୁ ।

Digitized by srujan ka@gmail.com

ଗୋପାଳ—ଗୃଷ୍ଟା ମୁହିଁକୁ କୋଡ଼ିଏଟା କାନ ହେଲେ, ମୁହଁପ୍ରତି ସେ ପାଞ୍ଚଟା କାନ ପଡ଼ଲା । ତେବେହେଲେ ପାଣି ବାଣ୍ଟି ପାରୁନୁ ?

ନାଗ—ଗୋପାଳଟିକ ? କେତେ ଛଟା ବାହାର କରୁଚୁମ ।

ଗୋବନ୍ଦ—ତତେ ମିଶାଇ ତ ମୋଟେ ତିନଟା । ଛଅଟା ପୁଣି କୋଆଡ଼ୁ ଅଇଲା ?

ନାଗ—ତେବେ କଣ ବଢ଼େଇଁଯାକ ? ହଉ, ଆସ ଆସ । କୋଆଡ଼େ ବାହାରିଚରେ ?

ଗୋବନ୍ଦ—କାମ ତ କଛୁ ନ ଥିଲା; ଖାଲି ବୁଲୁଚୁ ।

ନାଗ—ଭଲ ବେଳ ଉଣ୍ଡି ବୁଲ ବାହାରିଚନା । ରହ, ମେଘ ବରଷି ଘଡ଼ଘଡ଼ି ଚଡ଼ଚଡ଼ି ମାରୁ ଯିବ । ଅସଲ ମଉଜ ବକଡ଼ା ଏକା । ହଉ, ସେ କଥା କଣ ହେଲା ? କଣ, ପାଟେ ହିଁ କଲେ ?

ଗୋବନ୍ଦ—କାଲି ତ ସମସ୍ତେ ଯାଇଥିଲେ—ମନ୍ତ୍ରୀ, ସେନାପତି, ଆଉ କେତେ କେତେ ଲୋକ ।

ନାଗ—କଣ ହେଲା ସେ ଫଳ ?

ଗୋପାଳ—କଛୁ ସଗ ଏର୍ଯ୍ୟନ୍ତ କହୁ ନାହାନ୍ତି । କଣ କରିବେ କେଜାଣି । ଆରେ ଭାଇ, ମୁଁ କାଲି ରାତିରେ କଣ ସପନ ଦେଖୁଚି କ ନା, ପାଟେ ରାଜା ହୋଇଚନ୍ତି, ଗାଦିରେ ବସିଚନ୍ତି । ଆଲଟ ଚଅଁର ପଡ଼ୁଚି । ସେଇଠୁ ତ ଧଡ଼୍କିନ ନିଦଟା ଭାଙ୍ଗିଗଲା ।

ନାଗ—ହିଁ, ସିଏ ଗାଦିରେ ବସିଲେ ପୁଣି ଲୋଉଟିଯିବ । ବରଷ୍ଟାକ ସରିକ ଏ ରାଜ୍ୟ ସୁନା ପାଲଟିଯିବ । ଏବେ ନ ହୋଇ କର ତ ଏତେ ।

ଗୋବନ୍ଦ—ଉଁ, ସପନ ତ, ସିଏ ପୁଣି ସତ ହବ, ରାଇଜ ସୁନା ପାଲଟିବ । ନ ହବା କଥାକୁ ହବା କରିବ ଲମେ । ଏ ତ

Digitized by srujan ka@gmail.com

କଳିଯୁଗ ସରୁଚି ଯେ ମାଳିକା କହୁଛନ୍ତି—'ପନ୍ଦର ଷୋହଳ କେହି ନ ରହିବେ, ସତ ଉପୁଜିବ ସତରକୁ ।' ସେଇଟି ସେଇଁତ ଦେଖୁଚୁ ରଜା ଉପରେ ରଜା ହାଣ ଖାଉଚନ୍ତି । ନଇଲେ ରଜା ପରି ଲୋକ ଦିହରେ ଉସୁମ ନରେ ଲୁହା ଲଗୁଥିଲା କୋଉଦିନେ ? ବାଳ କପାଳ ଲେଉଟି ଯିବ, ସୀସକ ସୁନା ପାଲଟିବ । ଜଗନ୍ନାଥ ମହାପ୍ରଭୁ ପରି କଳକି ଅବତାର ଧରି ପର୍ଶୁରାମ ଯେମିତି ପରି ଏ ପୃଥିବୀକୁ ନାଶ କରିବେ । ଅ, ଅ, ଗୋପାଳ, ଯିବା ତୋର କଣ ବେଳ ହବନି, ନାରଣଭାଇ ?

ଗୋପାଳ—ଏଇ କ୍ଷଣ, ଶୁନ ହ । କଏ କ ଗୀତ ଗାଉଚି ?

ନାରି—ଏଇ ତ ଗଦେଇ ପାଟି ପରି ଶୁଭୁଚି । ସିଏ ଆସୁଥିବ । ତାର ତ ମଥେ ପାଙ୍କପରି ।

ଗୋପାଳ—ଭୁ ତ ପାଟି ବାରିବାରେ ହାରିଗଲେ । ଶୁନ ହ ।

ନେପଥ୍ୟେ— (ଗୀତ)

ବଣ ଗାଆଁ ବଲି ହେଲଣି ନନ୍ଦ୍ୟ,
ଶିଖ ହୀନ ହେଲେ ଶିରିମନ୍ତ ଜନ ।
କା ପାଇଁ ଧରିଛୁ ମୁହିଁ ଏ ପରାଣ ?
ନ ମାରି ବନ୍ଧୁ ଭୁ ରଖନାରେ ।

ନାରି—ଏଇ ତ ବଳିଆର ସିଂଘେ ।

ଗୋପାଳ—ମତେ ସେଇ ବୁଢ଼ା ଆଖି ଦଉଁଟା ଦେଖିଲେ ବଡ଼ ଡର ମାଡ଼େ, ଭାଇ !

ଗୋବନ୍ଦ—ଦେଖୁ ନୁ, ବୁଢ଼ା ହେଲଣି, ଦାନ୍ତ ପଡ଼ିଲଣି, ସ୍ୱର କେମିତି ରହିଚି ।

ନାରି—ବାପୁାପରି ବୋଲୁଚନ୍ତି ।

Digitized by srujan ka@gmail.com

ଗୋପାଳ—ସତେ କଣ ବାପୁ। କ ସିଏ ?

ଗୋବନ୍ଦ—କଣ ଦେଖି ନ ଥିଲେ । କଣ ହୋଇ ନ ଥିଲେ । ଏବେ କଣ ପୁଣି ନ ଦେଖିଲେ, କଣ ପୁଣି ନ ହେଲେ ଯେ । ବାପୁ। ନୋହିବ କୋଉ ହୃଦବନ୍ତ ଲୋକ ଇଥେରେ ? ଫେରେ ତ ଗାଇଲେଣି ।

ନେପଥ୍ୟେ—   (ଗୀତ)

ପୁଅର ରକତେ ଗାଧୋଇଲା ମାଆ,
ଖାଇ ଖାଇ ମରାମର ହେଲେ ଯାହା,
ନୟନ ମୁଦିଲୁଁ ସେ ମୋ ନରନାହା;
କ ନ ଦେଖିଲ ମୁଁ ଏ ଆଖିରେ ?
ଏ ମହୀ ଉଠିବ ଗରଜ ନିଶ୍ଚୟ,
ପର୍ବତ ସମୁଦ୍ର ହେବେ ଯେ ଅଥୟ,
ଆକାଶ ପାତାଳ ହେବେରେ ପ୍ରଳୟ,
ଜନ ପ୍ରାଣୀ ନାହିଁ ରହିବେରେ ?

(ଧନୁର୍ଦ୍ଧର ବଳଆରସିଂହଙ୍କ ପ୍ରବେଶ)

ଗୋପାଳ—ଏଇ ତ ଆସିଲେଣି । ଜୁହାର, ସାଆନ୍ତେ । !

ନାଗ
ଗୋବନ୍ଦ } —ଜୁହାର

ଧନୁ—କଏରେ ଏ ଅନ୍ଧାରରେ ? କଣ କରୁଚ ?

ନାଗ—ଆଜ୍ଞା, ଏ ବନ୍ଦେଁ ଆସିଚନ୍ତି । ମୁଁ ପହରା-ପାଳକ ଯାଉଚି ।

ଧନୁ—ଆରେ ପହରା ଆଉ କେତେ ଦିନ ଦବ ? କାହାକୁ ପହରା ଦବରେ ? ମୁଣ୍ଡ ଥିଲେ ସିନା ମୁଣ୍ଡି ବଥେଇବ । ଆରେ ବାପୁ। ହୁଅ; ବୁଲି ଯାଇ ଏ ବଣ ପାହାଡରେ; ବଳି ପଡ଼ିଆରେ । (ପ୍ରସ୍ଥାନ)

Digitized by srujan ka@gmail.com

ନାଗ—ପ୍ରତାପରୁଦ୍ର ମହାରଜାଙ୍କ ଦ୍ଵି ପୁଅ ଗୋବିନ୍ଦ ବିଦ୍ୟାଧର ହାତରେ ହାଣ ଖାଇଲା ଦିନଠୁ ଏ ବୁଢ଼ା ଇମିତ ହଉଚନ୍ତି।

ଗୋପାଳ—ନ ହେବେ ? ମହାରଜା ପର ପୁଅଠୁ ଅଧିକ କରି-ଥିଲେ। କଣ ଗାଇଲେ ବୁଢ଼ା, ପ୍ରଳୟ ହବ ? ସତେ କଣ ଗୋବିନ୍ଦ ଭାଇ ଜାଣି କହୁଥିଲୁ କ ?

ଗୋବିନ୍ଦ—ଓହୋ, କମିତ ଗାଇଲେ ବୁଢ଼ା !

ନାଗ—ପାଣି ତ ଟୋପି ଗ୍ଲିଲାଣି। ଗ୍ଲିଲ ଏଥର।

ଗୋବିନ୍ଦ—ହଁ, ଚ୍ଲିଲ।

ଗୋପାଳ—କ'ଣଟି ?—'ଏ ମହୀ ଉଠିବ ଗରଜ ନିଶ୍ଚୟ।'

(ପ୍ରସ୍ଥାନ)

ତୃତୀୟ ଦୃଶ୍ୟ

ରାମଚନ୍ଦ୍ର ଭଞ୍ଜଙ୍କ ପ୍ରାସାଦ ବହିସ୍ଥ ଉଦ୍ୟାନପାର୍ଶ୍ୱ।

(ରାମଚନ୍ଦ୍ର ଭଞ୍ଜ ଓ ଭୃତ୍ୟ ଧର୍ଜଟୀ ଦଣ୍ଡାୟମାନ)

ରାମ—ଦେଖ୍, ଠିକ୍ କହୁଚୁ ତ ? ଶୋଇ ସାରିଲେଣି ?

ଧୂର୍ଜ—ହଁ ମଣିମା, ଶୋଇ ସାରିଲେଣି।

ରାମ—ସମସ୍ତେ ?

ଧୂର୍ଜ—ହଁ, ସମସ୍ତେ।

ରାମ—ଘାପ, ଆଲୁଅ ଲିଭିଲାଣି ?

ଧୂର୍ଜ—ସବୁଆଡ଼ େ ଅନ୍ଧାର ଦିଶୁଚି। ବାଟରେ ଖାଲି ଯାହା ଆଲୁଅ ଜଳୁଚି ସେତିକ। ଜହ୍ନ ବୁଡ଼ ଘୋର ଅନ୍ଧାର।

ରାମ—ତୁ ଏକା ପାରିବୁଟିକ ?

ଧୂର୍ଜ—ହଁ ପାରିବ ନ ? ଖୁବ୍ ପାରିବ। ଇଏ ତ କଣ୍ଟୁ ନୂଆ ନୁହେଁ ମଣିମା ଏଇ ହାତରେ ତ ଫେରେ ହ'ଜଣ-ଯାକ—ନରସିଂହ ଆଉ ରଘୁରାମ ଛୋଟରାଏ—

Digitized by srujan ka@gmail.com

ରାମ—ଆସ୍ତ, ଭୁନନ୍ଦ । ଦେଖ୍, ଯେପରି କେହି ନ ଜାଣନ୍ତି । ଚୁପ୍, ଚୁପ୍ ।

ଧୂର୍ଜ—ନା, ଜାଣିମ କଏ କାହିଁକି, ମଣିମା ?

ରାମ—ମୋ ବଦଦ ଛୁଇଁଲୁ ।

ଧୂର୍ଜ—ସ୍ରାମୁଙ୍କ ବଦ ମୁଁ ଛୁଇଁମି ! ମୋଟି ଏତକବିଶ୍ୱାସ ହେଉନ ? କେତେ କଥା ତ ଫେରେ ଏଇ ପେଟରେ ରଖିଚ । କଏ ଜାଣିଲା, ମଣିମା ?

ରାମ—ଆରେ ଭୁନନ୍ଦ । କହିଲ ସିନା ମୁଁ କଣ ଜାଣେନେଇଁ ।

ଧୂର୍ଜ—ତେବେ ଆଉ ମଣିମା ଏପରି କହି ହଉଚନ୍ତି ।

ରାମ—ଜାଣିଲେ ତ ଦେଖିରୁ ସର୍ବନାଶ ।

ଧୂର୍ଜ—କେହି ଜାଣିବେ ନ କରୁ, ମଣିମା ।

ରାମ—ପାରିବୁ ଟିକ ?

ଧୂର୍ଜ—ହଁ ପାରିବ ।

ରାମ—ତେବେ ଯା ବେଗେ । ମନ୍ତ୍ରୀଙ୍କ ଲଗି ଅପେକ୍ଷାର ପ୍ରୟୋଜନ ନାଇଁ, ଯା । ସେ ତ କହିଚନ୍ତି—ଧୂର୍ଜଟୀ ଗ୍ରଲିପିବ । ତାଙ୍କର ଇଚ୍ଛାରେ ଦେଖିରୁ ଏ କାର୍ଯ୍ୟ କରିବାକୁ ହେଲା; ଯା ।

ଧୂର୍ଜ—ଯାଉଚ, ମଣିମା । (ପ୍ରସ୍ଥାନ)

ରାମ—ଯା । ବେଶ୍ ଖିଷଣ ରଜନୀ । ଏହିପରି ଏକ ରାତିରେ ନର-ସିଂହର ଚନ୍ଦ୍ରଗୁପ୍ତଙ୍କ ସଙ୍ଗେ—ବର୍ଷକ ପରେ ପୁଣି, ଏହିପରି ଆଉ ଏକ ରାତିରେ, ଠିକ୍ ଏହିପରି ଖିଷଣ ସେ; ସେ ଦିନ ରଘୁରାମର ନରକବାସ । ନରକବାସ—ହଁ ସେଭଳି ଅଧମର ନରକଗତି ଛଡ଼ା ଆଉ କଣ ଥାଏ ଭାଗ୍ୟରେ ? ଆଜି ଏ ଦୃଶ୍ୟପୂର୍ଣ୍ଣ ରଜନୀ । ଯା, ଧୂର୍ଜଟୀ । ଧୂର୍ଜଟୀର ବେଶ୍ କୌଶଳ ଅଛୁ । ଖୁବ୍ ପାରିବ । ବିଶ୍ୱାସ-ଘାତକତା ? ତାରି

Digitized by srujan ka@gmail.com

ଏପରି ଲୋକଙ୍କପାଇଁ ଏକା ଜଗତରେ ସୃଷ୍ଟି । ଅଂଶୁ ଦେଖାଯାଉ । କହି ପାରିଲ ନାଇଁ—ସାବଧାନ, ଗୋପମାସୁ—ଯେପରି ଗୃହ ମଧ୍ୟରେ ପତ୍ନୀ ସଙ୍ଗେ ବିବାଦ । ଏ ତ ଏକ ବିବାଦ, ଅଉ କଣ ? ହତ୍ୟା ବର୍ତ୍ତମାନ ମୋ ପ୍ରତି ବିବାଦ ମାତ୍ର । ସେ ଖ୍ରୀଟଣତା.କାହିଁ ? ହଉ କାର୍ଯ୍ୟ ଶେଷ କରିଆସିବୁ ଧୂର୍ଜଟୀ । ମୁକୁନ୍ଦ ରାଜା ହୋଇ ମୁଁ ସାମନ୍ତ ରାଜା ବୋଲି ବଳେ ମୋଠାରୁ କର ନେବ । ସେ ମାଗିବା ପୂର୍ବରୁ ମୁଁ ଦେଇ ପଠାଇଛି । ବେଶ୍ କର, ଧୂର୍ଜଟୀ ଖୁବ୍ ଦେ ଭଲ କରି, ଯେପରି ଆଉଥରେ ନ ମାଗେ । ତେଣିକି ସମସ୍ତ ଓଡ଼ିଶା ରାଜ୍ୟର କର ଏଇ ହାତରେ—ବଡ଼ ଭାଗ୍ୟବାନ୍, ହାତ ତୁ । ଧନ୍ୟ ହୋଇଅଛୁ ମୋ ଅଙ୍ଗରେ ରହି । ‘ରାମ-ଚନ୍ଦ୍ର ଭଞ୍ଜ ଭିକ୍ଷାର୍ଥୀ ନୁହେଁ ମୁକୁନ୍ଦ, ସେ ମୋ ନିକଟକୁ ପ୍ରସ୍ତାବ ପଠାଇବୁ “ତୁମ୍ଭେ ରାଜା ହେବ ?” ‘ରାଜା ହେବାର ହେଲେ, ହେବ ନିଜର ବାହୁବଳରେ—ଭ୍ରାନ୍ତ, କାହାରି ପ୍ରସ୍ତାବରେ ନୁହେଁ ।’ ରାଜାର ଆସନ ଭିକ୍ଷୁକର ଆସନରୁ ବହୁ ଦୂରରେ ।’ ମୁଁ ମୋର କର୍ତ୍ତବ୍ୟ ଠିକ୍ ବୁଝିଛି, ମୁକୁନ୍ଦ । ଏ ଯେ କା’ର ପାଦ ଶବ୍ଦ ! ଧୂର୍ଜଟୀ କଣ ଏତେ ଶୀଘ୍ର ଫେରି ଆସିଲା କାମ ସାରି ? ଧୂର୍ଜଟୀ !

[ଲୀଳାବତୀଙ୍କର ପ୍ରବେଶ]

ଲୀଳା—ଧୂର୍ଜଟୀ କିଏ ?

ରାମ—ଓ, ଲୀଳାବତି ! ରାଣି, ଏତେ ରାତିରେ କୁଆଡ଼େ ?

ଲୀଳା—ତୁମେ ଏତେ ରାତିରେ ଏଠି କଣ କରୁଚ, ନାଥ !

ରାମ—ଏ ଭୀଷଣ ରଜନୀର ସୌନ୍ଦର୍ଯ୍ୟ ଦେଖୁଚି, ରାଣି !

ଲୀଳା—ରଜନୀ ତ ଭୀଷଣ । ତାର ପୁଣି ସୌନ୍ଦର୍ଯ୍ୟ କଣ ଦେଖୁଚ ?

Digitized by srujan ka@gmail.com

ରାମ—ଶ୍ରାବଣରାତ୍ରର ସୌନ୍ଦର୍ଯ୍ୟ ଯେ—ସୌନ୍ଦର୍ଯ୍ୟ ଦୁର୍ବାସାଙ୍କର କୋପରେ, ଶିବଙ୍କର ତାଣ୍ଡବ ନୃତ୍ୟରେ, ସମୁଦ୍ରମନ୍ଥନରୁ ଗରଳର ଉପଜାତରେ ପୁଣି ଅମୃତ ସେବନରେ, ରାକ୍ଷସ ରାହୁର ଶିରଚ୍ଛେଦରେ

ଲୀଳା—କଣ ଏପରି ଗୁଡ଼ାଏ କହୁଛ ? ଶୁଅ ।

ରାମ—କଣ ସେପରି କିଛି କହିଲି କି ? ମନ ବଡ଼ ଆନନ୍ଦ ହେଉଛି ଲୀଳାବତୀ, ଯେ ଏ ରଜନୀ ଶ୍ରାବଣ ହେଲେ ମଧ୍ୟ ବେଶ୍ ମଧୁ ସ୍ୱପ୍ନ । ଫେରିବଣି ? ନା, କହୁଛି, ଫେରିଯାଅ, ରାଣି !

ଲୀଳା—କିଏ ଫେରିବଣି ? କୋଆଡ଼େ ଫେରିବଣି ?

ରାମ—ନା କହିଲି, ତୁମେ ଫେରିଯାଅ । ଏ ଶ୍ରାବଣ ସୌନ୍ଦର୍ଯ୍ୟରେ ରମଣୀର ସ୍ଥାନ ନାହିଁ, ପ୍ରିୟେ ! ବଡ଼ ଘିନା ଏ ରମଣୀ ଜାତି । ଅବଳା ବଡ଼ ଦୁର୍ବଳା ।

ଲୀଳା—ସେ ତ ଠିକ୍ । ଚାଲ ଯିବ, ଶୋଇବ ।

ରାମ—ମୁଁ ଶୋଇବ ? ଆଚ୍ଛା, ତମେ ଯାଅ, ରାଣି । ଆଗେ ଶୁଅ ଯାଇ । ମୁଁ ଟିକିଏ ଏଠି ବୁଲୁଛି । ଅବଶ୍ୟ ଏକା । କିଛି ଭୟ ନାହିଁ ତଥାପି କିଛି ଚିନ୍ତା ନାହିଁ, ଲୀଳାବତି ! ଅପେକ୍ଷା ଅଛି, ଏକ ସୁସମ୍ବାଦ ନେଇ ଆସିବ ।

ଲୀଳା—ତା ତ କାଲି ଶୁଣିପାରି ।

ରାମ—ନା, ଦୂତ ଯାଇଥିଲା କଟକ । ସମ୍ବାଦ ଆଣିବ ଯେ ଏକ ରାଜସମ୍ମିଳନୀ ହେବ । ମୋର ସେଠାକୁ ଆମନ୍ତ୍ରଣ ଅଛି । ଏ ଯାଅ । କିଏ ଆସିଲାଣି । ଏଇ ଯେ ପାଦଶବ୍ଦ ଶୁଭୁଛି ।

ଲୀଳା—ଯାଉଛି । ବେଗେ ଆସି ଶୁଅ । ବିଳମ୍ବ ହେଲେ ପୁଣି ଆସିବି । (ପ୍ରସ୍ଥାନ)

ରାମ—ଧୂର୍ଜଟୀ !

Digitized by srujan ka@gmail.com

(ବଗିଚା ଦଗରୁ ମନ୍ତ୍ରୀଙ୍କର ପ୍ରବେଶ)

ମନ୍ତ୍ରୀ—ନା; ମହାରାଜ ଧୂର୍ଜଟୀ କଣ ଆସିନେଇଁ ?

ରାମ—ନା ।

ମନ୍ତ୍ରୀ—ଆସିନି !

ରାମ- ନା, ଗଲାଣି ।

ମନ୍ତ୍ରୀ—ଗଲାଣି ! କୋଆଡ଼େ ?

ରାମ—ଯେ ଆଡ଼େ ଯିବାର ଥିଲା ।

ମନ୍ତ୍ରୀ—ଏତେ ଚଞ୍ଚଳ ଚାଲିଗଲା କାହିଁକି ? ମୁଁ ଅସିଲେ ତା'ର ତ ଯିବାର ଥିଲା ।

ରାମ —ମୁଁ ତ ସେଇକଥା କହିଲି । ସେ କହିଲା—ନା, ମୁଁ ଚଞ୍ଚଳ ଯିବ । ମନା କରୁଥିଲି, ଚାଲିଗଲା । ତା'ର ଇଚ୍ଛା ସେ ଏ କାର୍ଯ୍ୟ କରିବ । ସମସ୍ତେ ଶୋଇଲେଣି ? କାମ ସାରି ଆସିଲେ ହୁଏ । ଆସିବାର ବେଳ ହୋଇନି ?

ମନ୍ତ୍ରୀ—ମୁଁ କପରି ଜାଣିବି ମହାରାଜ, ସେ କେତେ ବେଳୁ ଗଲାଣି ? ଆସିପାରେ । କ'ଣ ଚାଲିଗଲାଣି ? ନ ଯାଇ ଥାନ୍ତା । ହତ୍ୟା ବଡ଼ ଭୀଷଣ କାଣ୍ଡ !

ରାମ—ଠିକ୍ କହୁଚ ମନ୍ତ୍ରୀ ! ବଡ଼ ଭୀଷଣ ହତ୍ୟା । ମତେ ବଡ଼ ବ୍ୟସ୍ତ ଲାଗୁଚି । ନରହତ୍ୟା ! ଜୀବନରେ କେବେ ସ୍ୱପ୍ନରେ ହିଁ ଦେଖି ନ ଥିଲି । ମୋର ଇଚ୍ଛା ନ ଥିଲା ମନ୍ତ୍ରୀ !

ମନ୍ତ୍ରୀ—ତେବେ କାହିଁକି କରାଗଲା ?

ରାମ—କରାଚ ଯାଇନାହିଁ ! ଧୂର୍ଜଟୀ ଫେରି ଆସିଲେ ହୁଏ ।

ମନ୍ତ୍ରୀ—ତା ଠିକ୍ ମହାରାଜ ! ମୋ ହୃଦୟ କପରି ଥରୁଚି । ମତେ ଜଳ, ସ୍ଥଳ, ଗଗନ ଶୂନ୍ୟ ବୋଧ ହେଉଛି । ମୁଁ ଯାଉଚି ମଣିମା, ଆଉ ରହିପାରିବ ନେଇଁ ।

Digitized by srujan ka@gmail.com

ରାମ—ଧୂର୍ଜଟୀ କିଛି ନ କରି ଫେରି ଆସିବ, ରହ ।
ମନ୍ତ୍ରୀ—ନା ମହାରାଜ, ସକାଳେ ଆସିବ; ଯାଏ ।
ରାମ—ଆଚ୍ଛା,ଯାଅ । ଧୂର୍ଜଟୀ ଫେରି ଆସିବ କିଛି ନ କରି,ଯାଅ ମୁଁ ମଧ ଯିବ । ଧୂର୍ଜଟୀ କ ଦେଖିଲେ ଡାକି ନେଇଯିବ । ଯେପରି କିଛି ନ କରେ, ମନ୍ତ୍ରୀ !
ମନ୍ତ୍ରୀ—ହଁ, ମହାରାଜ ! (ପ୍ରସ୍ଥାନ)
ରାମ—ବେଶ୍ ରଜନୀ । ମୁକୁନ୍ଦ ମୁଣ୍ଡରେ ରାଜମୁକୁଟ ପିନ୍ଧିବା ପୂର୍ବରୁ ସେ ମୁଣ୍ଡ ଏ ହାତରେ ପଡ଼ିବ । କି ଧୃଷ୍ଟତା ମୁକୁନ୍ଦର ଏ ଦୁର୍ବଳ ପିପାସା । ଲୋକେ ଜବାଚତ କରୁଅଛନ୍ତି ! ଲୋକେ ତ ମୂର୍ଖ । ମତେ କ'ଣ ଚିହ୍ନୁ ନାହାନ୍ତି ? ସାମାନ୍ୟ କର୍ମଚାରୀ; ସେ ପୁଣି ହେବ ରାଜା ଆଉ ମୁଁ ରାଜା ହୋଇ ହେବି ତା ନିକଟରେ ପ୍ରଜା; ତା ସିଂହାସନ ତଳେ ଏଇ ମସ୍ତକ ନତ କରିବି । ବେଶ୍ ତ ବିଧାତାର ବିବେକ ! ମନ୍ତ୍ରୀ ଧୂର୍ଜଟୀକି ଫେରାଇ ଦେବ, ନା, କି ଭ୍ରାନ୍ତ ମନ୍ତ୍ରୀ, ଦେଖାଇ ହେବ ନାହିଁ । କରି ସାରିବଣି ? ଫେରୁଥିବ ? ଓହୋ, ପୃଥିବୀ କି ଘୋରହୀନ ଆଜି । ଦେଖେ । ଓଃ, ସ୍ଥିର ହୁଅ, ହୃଦୟ । ଏ ପୁଣି କିଏ ? କା'ର ଯେ ପାଦଶବ୍ଦ ! ପୁଣି କ'ଣ ମନ୍ତ୍ରୀ ଫେରି ଆସିଲେ ନା ରାଣୀ—ଏତିକି ବେଳକୁ ରାଣୀ ଫାଣି ସମସ୍ତଙ୍କର ସୋହାଗଯାକ ଥାଏ । କିଏ କେଜାଣି । ଓହୋ, ଏ ରାତ୍ରିର ଅନ୍ଧକାର ବଡ଼ ମନୋରମ । ରାଜସମ୍ମିଳନୀ ଡେବେ ହେଉ ନାହିଁ ।

(ଧୂର୍ଜଟୀର ପ୍ରବେଶ)

ଧୂର୍ଜଟୀ ହେଲା ! ବେଶ୍ ! କେହି କିଛି ଜାଣି ନାହାନ୍ତି ?

Digitized by srujan ka@gmail.com

ଧୂର୍ଜ—ନା, ମହାରାଜ !

ରାମ—ବେଶ୍ ଶୁଭ ସମ୍ବାଦ ।

ଧୂର୍ଜ—ନା, ମଣିମା

ରାମ—ନା କଣ ?

ଧର୍ଜ—ନା ।

ରାମ—କଣ, ହେଲା ନାହିଁ ?

ଧୂର୍ଜ—ନା,

ରାମ—ମନ୍ତ୍ରୀ ନାହାଁ ଜଲେ ? ଫେରାଇ ଆଣିଲେ ?

ଧୂର୍ଜ—ନା ।

ରାମ—ଶୋଇ ନାହାନ୍ତ ?

ଧର୍ଜ—ନ, ମଣିମା !

ରାମ—ତେବେ ଶଅଇଁଛନ୍ତ ?

ଧୂର୍ଜ—ନା, ମହାରାଜ, ଶୋଇଛନ୍ତ ।

ରାମ—ତେବେ ହେଇଚ ?

ଧୂର୍ଜ—ନା ।

ରାମ—ନା ଧୂର୍ଜଟୀ, ହେଇଚ ।

ଧୂର୍ଜ—ନା, ମହାରାଜ !

ରାମ—କାହିଁକ, ଧୂର୍ଜଟୀ, କଣ ହେଲା ? ଏକା ପାରିଲୁ ନାହିଁ ?

ଧୂର୍ଜ—ନା; ମଣିମା, ଇଏ ହବନ ।

ରାମ—କାହିଁକ; କଣ ହେଲା କ ?

ଧୂର୍ଜ—ମୋ ହାତ ଯିବ ନେଇ । ମନ କଣ ହେଇ ଯାଉଚ । ନା, ମହାରାଜ, ପାରିବ ନେଇଁ ।

ରାମ—କଣ ହେଲାରେ ?

ଧୂର୍ଜ—ମହାରାଜ, ଉଆସ ଆଗରେ ଏକ ଦୀପ ଜଳୁଥିଲା । ସେଇ ଗୋଟିଏ ଦୀପ । ବାକ ସବୁ ଆଡ଼ ଅନ୍ଧାର । କ ସୁନ୍ଦର

Digitized by srujan ka@gmail.com

ତେଜରେ ଜଳୁଥିଲା, ଯେପରିକ ବଡ ଦେଉଳର ମହାଦୀପ । ମତେ ଦେଖି କ୍ରମେ ମିଞ୍ଜି ମିଞ୍ଜି ଜଳିଲା । ଝିଙ୍କାରି, ଗୁଣ୍ଡ ଧାଉଁ ଧାଉଁ ପଡୁଥାଏ, ନିଭିଗଲା । ବଡ଼ ଅନ୍ଧାର, ମହାରାଜ, ବଡ ଅନ୍ଧାର ।

ରାମ—ତେବେ ତ ବେଶ୍ ସୁବିଧା ହେଲା, ଧୂର୍ଜଟି ଆଉ କ'ଣ ?

ଧୂର୍ଜଟି—ଆହା, ମହାରାଜ । ସବୁ ଆଉ ସବୁ ଦୀପ ନିଭି ଗୋଟିଏ ମାତ୍ର ଦୀପ ସେଇ ପାତ୍ର ବାହାଦୁର । ସେ ଦୀପଟି ମୁଁ ନିଭେଇ ଦେବ ? ନା ମଣିମା, ପାରିବ ନେଇଁ ।

ରାମ—ଚୁପ୍, ଚୁପ୍, ଭୁନନ୍ଦ । ଦେଖି, ଧୂର୍ଜଟି, ତୁ ପାରିଲୁ ନେଇଁ । ଏତେ ଦୁର୍ବଳ ତୁ !

ଧୂର୍ଜଟି—ପାରନ୍ତି, ମଣିମା । ଦୁର୍ବଳ କିଛି ନୁହେଁ । ପାରନ୍ତି ବେଶ୍ । ହେଲେ ଓହୋ, କି ନିଷ୍ଠୁର କାର୍ଯ୍ୟ ! କରି ପାରିବ ନେଇଁ, ମହାରାଜ । ଏ ହାତ ଯିବ ନେଇଁ ।

ରାମ—ତେବେ ଆଉ ପାରନ୍ତି କ'ଣ ? କଲେ ସିନା ପାରନ୍ତି ବୋଲି ଜଣା ଯିବ ।

ଧୂର୍ଜଟି—ନା; ମଣିମା !

ରାମ—ଦେଖ୍, ଧୂର୍ଜଟି, ଏ ତୋର କାମ ନୁହେଁ, କି ମୋର କାମ ନୁହେଁ । ଏ ରାଜ୍ୟର କାମ । ମୁକୁନ୍ଦ ରଜା ହେଲେ କୁଷ୍ଟିରୁ କି ସର୍ବନାଶ ହବ । ଦେଶ ତ ଏକେ ଛାରଖାର ହୋଇ ଯାଉଚି । ଆହୁରି ହୋଇ ଯିବ । କିଛି ରହିବ ନେଇଁ । ଏ ମାଟି ପର୍ଯ୍ୟନ୍ତ ରହିବ ନେଇଁ । ତୁ ରହିବୁ ନି, ମୁଁ ରହିବି ନି, କେହି ରହିବେ ନି । ଏ ସୁନ୍ଦର ଭୂମି ଶ୍ମଶାନ ହେବ । ମୁକୁନ୍ଦ ଏକ ଧୂମକେତୁ । ତା କୋଷ୍ଠିରେ ଲେଖା ଅଛି, ସେ ରଜା ହେଲେ ଦେଶରେ ପ୍ରଳୟ ହେବ, ମଡ଼କ ପଡ଼ିବ,

Digitized by srujan ka@gmail.com

ସମସ୍ତେ ମରିବେ । ଆଉ ବୁଝ୍ ରାଜ୍ୟ ଆମ ହାତରେ ପଡ଼ିଲେ କପରି ଚଳିବ । ତୁ ତ ଏକ ମାଲିକ ହେବୁ । ଧୂର୍ଜଟି ବାରିକ ନାମ ଲୁଚିଯିବ; ଲୋକେ କହିବେ ଧୂର୍ଜଟି ସିଂହ, କି ଧୂର୍ଜଟି ସାମନ୍ତ । ଯା, ଧୂର୍ଜଟି, ଯା । ପୁଣି ଆଉ ଥରେ ଦେଖ୍ । ଏ ସୁବିଧା ମିଳିବ ନେଇଁ । ମୁକୁନ୍ଦ କ'ଣ ଆଉ କେବେ ତୋ ଖଣ୍ଡାରେ ହାଣ ଖାଇବାକୁ ତୋ ଦୁଆରକୁ ଆସିବ ?

ଧୂର୍ଜ—ନା, ମହାରାଜ ?

ରାମ—ତେବେ, ଦେଖୁଛୁ କପରି ସୁବିଧା ।

ଧୂର୍ଜ—ସୁବିଧା ତ ବେଶ୍ । ସେ ଯେପରି ଗଛର ଫଳ ଗଛରେ ରହିଛି । ଟେକାଟେ ମାଇଲେଇ ପଡ଼ିଲା ।

ରାମ—ତେବେ ଆଉ କ'ଣ ? ବୁଝିଚୁ ତ ।

ଧୂର୍ଜ—ବୁଝିଚି, ମହାରାଜ !

ରାମ—ନିଜକୁ ପାସୋରି ପକାଉଚୁ ଧୂର୍ଜଟି ! ମନେ ପକେଇଲୁ ନରସିଂହ; ରଘୁରାମ କଥା ! ତାଙ୍କଠୁ କିଛି ମୁକୁନ୍ଦ ବଡ଼ ନୁହେ । ଯା ପୁଣି ବୁଝିନୁ, ରାଜ୍ୟ ଆମ ହାତକୁ ଅଇଲେ କପରି ଚଳିବ ?

ଧୂର୍ଜ—ବୁଝୁଚି, ମହାରାଜ !

ରାମ – ତେବେ ଯା ।

ଧୂର୍ଜ—ଯିବ ।

ରାମ—ଯା, ସାବଧାନ, ଦେଖିବୁ ଯେପରି ଲକ୍ଷ୍ୟ ଫିଟି ନ ଯାଏ ।

ଧୂର୍ଜ—ମହାରାଜ, ବୁଢ଼ା ବଳିଆର ସିଂହ ସେ ଅଛି ।

ରାମ—ଆଚ୍ଛା, ସୁବିଧା ହେଏତ ତାକୁ ମଧ; କିନ୍ତୁ ଆଗେ ମୁକୁନ୍ଦ । ସେ ସିନା କଣ୍ଟକ । ବୁଝୁଚୁ ତ ? ଆମ ବାଟରେ କଣ୍ଟା ।

Digitized by srujan ka@gmail.com

ଚାଲିଲେ ପାଦରେ ଫୁଟିଯିବ । ଘା' ହବ । ତାକୁ ପ୍ରଥମେ । ଯା' ଧୂର୍ଜଟି, ବିଲମ୍ବ ହେଉଚି । ଯା' ତତେ ସେଠି ଯାହା ଦେଖାଯିବ । କହିଛନ୍ତି—'କ୍ଷେତ୍ରେ କର୍ମ ବିଧୀୟତେ; କିନ୍ତୁ ମୁକୁନ୍ଦ ନଶ୍ୟତୁ ।

ଧୂର୍ଜ—ଯାଉଚି, ମଣିମା, ବିଲମ୍ବ ହେଇପାରେ, ବେଗେ ମଧ୍ୟ ହେଇପାରେ । କାମ ସାରିଲେ ଫେରିବି ।

ରାମ—ବେଶ୍ ଚକ୍ ଚକ୍ ଦିଶୁଚି ଖଣ୍ଡାପଟକ । ଆସିଲା ବେଳକୁ ରକ୍ତରେ ବୁଡ଼ାଇ ଆଣିଥିବୁ । ମନେ ରଖ୍, ଏ ରାଜ୍ୟ ଆମ ହାତରେ ପଡ଼ିଲେ କ'ଣ କରିବା । ଯା, ଧୂର୍ଜଟି ।

ଧୂର୍ଜ—ଯାଉଚି, ମଣିମା !

ରାମ—ସାବଧାନ, ଧୂର୍ଜଟି । ଯା, ସାବଧାନ । ଏଥର ଯେପରି କରିସାରି ଫେରିବୁ । (ଧୂର୍ଜଟିଙ୍କ ପ୍ରସ୍ଥାନ)
ମନ୍ତ୍ରୀ, ଆଉ କଣ ? ଧୂର୍ଜଟୀ କରି ଆସିବ । ତା'ର ମଝିରେ ଏ ଦୁର୍ବଳତା ତମେ ଆଉ ଜାଣିଲ ନେଇଁ । ବେଶ୍, ତମେ ଜାଣିମ ଯେ ଧୂର୍ଜଟି ପ୍ରଥମ ଥରଇ କରି ସାରି ଫେରିଚି । ଆଉ ବାଟ ନ ଥିଲା । ଦେଖିଚି ତମର ଜାଣିମା ଏକ ମହା-ଭ୍ରମ; କିନ୍ତୁ ଉପାୟ କ'ଣ ? ଯା ଧୂର୍ଜଟି, କାମ ସାରି ଫେରିବୁ । ବେଶ୍, ରଜନୀର ଅନ୍ଧକାରରେ କୋଆଡ଼େ ମିଶି ଗଲୁଣି । ଜୀବନ୍ତରେ ନର-ରକ୍ତରେ ତୋ'ର ବାସ, ମଲେ କୁମ୍ଭୀପାକ । (ଦୃଶ୍ୟ ପତନ)

ଚତୁର୍ଥ ଦୃଶ୍ୟ

ବନଭୂମି ।

(ଧନୁର୍ଦ୍ଧର, ଗୋବିନ୍ଦ ଓ ଗୋପାଳ ପ୍ରବେଶ)

ଗୋପାଳ—ଆମେ ବାଘ୍ରା ହେଇ ସାରିଲୁଣି ।

Digitized by srujan ka@gmail.com

ଗୋବନ୍ଦ—ହଁ, ସାଆନ୍ତେ, ହେଇ ସାରିଲୁଣି । କାମ କ'ଣ କରିବୁ କହ ।

ଧନୁ – ବାପୁ ହେଇଥିଲେ ଏଣିକି ଲଙ୍ଗଳା ହେଇ ଡେଇଁମ,ମୁଁ କ'ଣ ଶିଖେଇ ଦେବ ? ବାପୁ ହେଲେ ଲୋକ ସାହା ସାହା କରନ୍ତି ।

ଗୋପାଳ—ଲଙ୍ଗଳା ହେଇ ଡିଅନ୍ତି ।

ଧନୁ—ଡେଇଁମ ।

ଗୋପାଳ—ବାଉଳି ଗୁଡ଼ଳି କରି କଥା କହନ୍ତି ।

ଧନୁ—କହିବ ।

ଗୋବନ୍ଦ—କାନ୍ଦନ୍ତି, ହସନ୍ତି ।

ଧନୁ—କାନ୍ଦିବ, ହସିବ ।

ଗୋପାଳ—ଆଉ କ'ଣ କରନ୍ତି ମ ? ଆଉ କ'ଣ ଆଉ କ'ଣ ?

ଗୋବନ୍ଦ—ଗୀତ ଗାଇ ନାଚନ୍ତି ।

ଧନୁ—ନାଚିବ ।

ଗୋପାଳ—ହଁ, ଖାଲି ଏଣେ ତେଣେ ବୁଲୁଥାନ୍ତି ।

ଧନୁ—ବୁଲିବ ।

ଗୋପାଳ—ଖାଇବା, ପିଇବା, ଶୋଇବାରେ ଠିକ୍ ନ ଥାଏ । ପଙ୍କରେ ବସନ୍ତି; ମାଟିରେ ଶୁଅନ୍ତି ।

ଧନୁ—ସେଇପରି କରିବ ।

ଗୋପାଳ—ଆମେ ତ ଏବେ ମାସେ ହେଲା ସେପରି କରୁଚୁ ।

ଗୋବନ୍ଦ—ହଁ କରୁଚୁ, ସାଆନ୍ତେ । ବଣ ନେଇଁ, ପର୍ବତ ନେଇଁ, ଜଳ ନେଇଁ, ନଈ ନେଇଁ, ଖାଲି ତ ବୁଲୁଚୁ; ଆଉ ଗଛ ପତ୍ର ଚେର ଖାଉଚୁ ।

ଗୋପାଳ—ପଥରରେ ଶୋଉଚୁ, ମାଟିରେ ବସୁଚୁ ।

ଧନୁ—ହଁ ବାବା, କରୁଚ ।

Digitized by srujan ka@gmail.com

ଗୋପାଳ—ସେଇଥିରୁ ଜାଣୁଚୁ ଯେ ବାୟା ହେଲୁଣି । ଆଉ କ'ଣ ?

ଧନୁ—ଆଉ ସବୁ ।

ଗୋବଦ—ଆଉ ସବୁ କ'ଣ ?

ଧନୁ—ବାୟା ହେଲେ ବାକ ଯାହା ଯାହା କରନ୍ତି ।

ଗୋବଦ—କହିଲେ କରିବୁ ସାଆନ୍ତେ, ପଚ୍ଛେଇବୁ ନେଇଁ । କ'ଣ କରିବୁ କହ ।

ଧନୁ—ବଡ଼ କାମ କରିବ ।

ଗୋପାଳ—କରିବୁ ।

ଧନୁ—ଏ ପର୍ବତ ଦେଖୁଚ ?

ଗୋପାଳ—ଦେଖୁଚୁ ।

ଧନୁ—ଏ ପର୍ବତକୁ କାଟି ମାଟି ସାଙ୍ଗେ ମିଶେଇବ ।—

ଗୋବଦ—ମିଶେଇବୁ ଆଉ କ'ଣ ?

ଧନୁ—ଏ ବଡ଼ ନଈ ଦେଖୁଚ ?

ଗୋବଦ—ଦେଖୁଚୁ ।

ଧନୁ—ଏଆର ନାଁ କ'ଣ ?

ଗୋପାଳ—ମହାନଦୀ ।

ଧନୁ—ଏ ମହାନଦୀରେ ମାଟି ପକେଇ ପୋତିବ ।—

ଗୋବଦ—ପୋତିବୁ ।

ଧନୁ—ଅସାଧ୍ୟକୁ ସାଧ୍ୟ କରିବ ।

ଗୋପାଳ—କରିବୁ । ଆଉ କ'ଣ ?

ଧନୁ—ଏ ରାଜ୍ୟ ଅରାଜକ ହୋଇଚି ଜାଣୁଚ ?

ଗୋବଦ—ହଁ, ଜାଣିଚୁ ।

ଧନୁ—ସ୍ୱରାଜକ କରିବ ।—

ଗୋପାଳ—କରିବୁ ରଜା କିଏ ହେବ ?

Digitized by srujan ka@gmail.com

ଧନୁ—ରଜା ବଡ଼ ଦେଉଳର କାଳିଆ ହବ । ସାକ୍ଷାତ୍ ଜଗନ୍ନାଥ ମହାପ୍ରଭୁ ରଜା ହେବେ ।

ଗୋପାଳ—ଆମ ରଜା ତ ଥିଲେ ଚଳନ୍ତ ବିଷ୍ଣୁ; ସାକ୍ଷାତ୍ ଜଗନ୍ନାଥ ମହାପ୍ରଭୁ ।

ଧନୁ—ଦେଖୁଚୁ ରାଜ୍ୟଯାକ ଶତ୍ରୁ । ସବୁ ମାରି ତଡ଼ିବାକୁ ହବ ।

ଗୋବନ୍ଧ—ତଡ଼ିବୁ ।

ଧନୁ—ତମେମାନେ ଗ୍ରାମେ ଗ୍ରାମେ, ଘରେ ଘରେ ଖୋଜି ବୁଲିବ । ଯେଉଁଠି ଦେଖିବ ଦେଶଦ୍ରୋହୀ ଜଣେ ଅଛି, ମାରି ଛାରଖାର କରିବ, ପୋଡ଼ି ଭସ୍ମ କରିବ ।

ଗୋବନ୍ଧ—କରିବୁ ।

ଧନୁ—ଘର ଦ୍ୱାର ଭାଙ୍ଗି ମାଟିରେ ମିଶାଇବ ।

ଗୋପାଳ—ମିଶାଇବୁ ।

(ଧୂର୍ଜଟିର ପ୍ରବେଶ)

ଏ ଜଣେ ପୁଣି କିଏ ଆସିଲାଣି ନୂଆ ଲୋକ । ଆରେ, ଭାଇ, ବାପୁ। ହବୁ ।

ଧୂର୍ଜ—ମୁଁ ଯେ ଆଗରୁ ବାପୁ। ।

ଗୋବନ୍ଧ—କିଏ ତମେ ?

ଧୂର୍ଜ—ଆମେ ଜଣେ ମହାଜନ-ଘର-ପୁଅ । ଦୋକାନ ଭାଙ୍ଗି ଗଲା, ବୁଲୁଚୁ ।

ଗୋପାଳ—ଯାଉଚ କେଉଁଆଡ଼େ ?

ଧୂର୍ଜ—କିଚ୍ଛି ଫନ୍ଦ ଫିକର କରି । ହାତରେ କଉଡ଼ି ଥିଲେ ସିନା ମଣିଷକୁ ସାହା ।

ଗୋବନ୍ଧ—ତମ ନାଁ ।

ଧୂର୍ଜ—ଦର୍ପ ସିଂ ।

ଧନୁ ଆସ ଯିବା ଏଠୁ । ସେ ପାଖକୁ ଚାଲ ।

Digitized by srujan ka@gmail.com

ପ୍ରଥମ ଅଙ୍କ

(ଧୂର୍ଜଟି ଛଡ଼ା ସମସ୍ତଙ୍କ ପ୍ରସ୍ଥାନ)

ଧୂର୍ଜ— ଏତ ସୁବିଧା ନୁହେଁ । ଏ ଯେ ଡକାଜଣ । ମୁଁ ପାରିଲି ନେଇଁ ସେ ଦିନ ଗାଡ଼ିରେ । ଥରେ ଫେରିଗଲି । ପୁଣି ଆସିଲି କରିବ ବୋଲି । ହାତ ଟେକିଲାବେଳକୁ ଉଠିଲା ନେଇଁ । ଖଣ୍ଡା ଖସି ପଡ଼ିଲା । ଫେରିଗଲି ପ୍ରାଣ ଘେନି । ଛି ଏ ପ୍ରାଣ । ରାଜା କହିଲେ—ଧୂର୍ଜଟି ପାରିଲା ନେଇଁ । ବୋପା ମା ନା ଦେଇଥିଲେ କଣ ନା ଧୂର୍ଜଟି । ଅବଶ୍ୟ ସୁନ୍ଦର ନୁହେଁ । ଶୁଣିଲେ କାନକୁ କାଟୁଥିବ । ଗୋବିନ୍ଦ, ମୁକୁନ୍ଦ, ରାମ, ଶ୍ୟାମ ପରି କଅଁଳିଆ ନୁହେଁ, ଲହୁଣି ପରି ହାତକୁ ଭୁଲା ପଡ଼ି ଲାଗିବ ନି । ହେଲେ ଖାଣ୍ଟି ଟାଣୁଆ ନାଁ ଧୂର୍ଜଟି ପଥର ପରି ଟାଣ, ଶର ପରି ମୁନିଆଁ । ବୋଲୁଅ ପରି ଦୁମ୍‌କନା ବାଜିବ, ଯୋ'ଠି ପଡ଼ିବ । ମୁଁ ପାରିଲି ନାଇଁ ! ସ୍ତୁଡ଼ି-ଦେଲି ଢକଣଯାକଙ୍କୁ । ଏବେ କାମ ନ ସାରି ଫେରିବି ନେଇଁ । ଆଉ କହିବ ନୋହିଁ । ରଜା କହିବେ, ପାରିଲା ନେଇଁ । କ'ଣ ନା—ଧୂର୍ଜଟି ପାରିଲା ନେଇଁ । କ'ଣ ପାରିଲା ନେଇଁ ନା, ଢିଅା ଲେଉ । କଏ ପାରିଲା ନେଇଁ । ନା, ଧୂର୍ଜଟି । ଏ କଥା କମିତି ସହିବ ? ପାଟେ ର ଗଲେ । ତାଙ୍କୁ ଆଉ ପାଏ କଏ ? ବାକି ଏ ବୁଢ଼ା । ଗୋଟେ ହେଲେ ହେଇଥାଉ । ଯାଏ, ଦେଖେ ବୁଢ଼ା କୋଆଡ଼େ ଗଲା । (ପ୍ରସ୍ଥାନ)

(ଧନୁର୍ଦ୍ଧର, ଗୋପାଳ, ଗୋବିନ୍ଦ ବଦଶୀତ ଦିଗରୁ ପୁନଃ ପ୍ରବେଶ)

ଗୋବିନ୍ଦ—ସେ ତ ନାହିଁ, ଗଲାଣି କୁଆଡ଼େ ।

ଧନୁ—ବସ ଏଠି । କେତେ ବୁଲେଇ ଦେଲା ଲୋକଟା । କ'ଣ କହିଲା ନାଁ-ଟି ?

ଗୋପାଳ—କଅଣ ଟି ? ଦର୍ପ ସିଂ ।

Digitized by srujan ka@gmail.com

ଧନୁ—ନା, ସର୍ପସିଂ । ସେ ଏକ ସର୍ପ ସେ । ମୁହଁଟା କପଟର ଲୋକଟାର । ମତେ ତ ଶଙ୍କା ଲାଗିଲା ଦେଖି । ଆଚ୍ଛା, ଗୋଟିଏ ଗୀତ ବୋଲ ଦେଖି, ଗୋପାଳ !

ଗୋପାଳ—(ଗୀତ)—ହରି ହେ ଭବେ ଯାଉଛି ଦିନ,
ଆଶ୍ରା ଏକା ଅଭୟ ସେ ତବ ଚରଣ । ଘୋଷା ।
ସଂପଦେ ବିପଦେ ପ୍ରଭୁ ସାହାନ୍ତି ହେ ମହାବାହୁ,
କରମେ ବଚନେ ସଦା ତୁମ୍ଭେ ଧିଆନ ।
ରକ୍ଷନ୍ତି ସୁଜନେ ପାଳି, ଦୁଷ୍ଟ ଦୈତ୍ୟ ଜନେ ମାରି,
ଆପଦେ ବିପଦେ ତାର ସାରା ଭୁବନ ।

(ଦୃଶ୍ୟ ପତନ)

ପଞ୍ଚମ ଦୃଶ୍ୟ

ଶାରଙ୍ଗଗଡ଼ ରାଜପଥ ।

(ଓଡ଼ିଶା ରାଜାଙ୍କ ମନ୍ତ୍ରୀ ଓ ସେନାପତିଙ୍କ ପ୍ରବେଶ ।)

ସେନା—ଏ କ'ଣ ରାମଚନ୍ଦ୍ର ଭଞ୍ଜଙ୍କ ପକ୍ଷେ ଧନ୍ଦାର କଥା ନୁହେଁ ଯେ ଦୁଇଜଣ ଗୁପ୍ତଭାବରେ ହତ ରାଜାଙ୍କର ମୃତ ଦେହ ଶାରଙ୍ଗଗଡର ସୀମା ମଧ୍ୟରେ ମିଳିବ ?

ମନ୍ତ୍ରୀ—ସେ କଥା ତ ମୁଁ ବହୁଦିନ ହେଲା ବିଚାରୁଛି, ସେନାପତି ।

ସେନା—ନା, ଏହାର କିଛି ପ୍ରତିକାର ଶୀଘ୍ର ଦରକାର ।

ମନ୍ତ୍ରୀ—ନିଶ୍ଚୟ ।

ସେନା—ନିଶ୍ଚୟ କହିଲେ ତ ହବ ନେଇଁ । ମୋତେ ଆଦେଶ ଦିଅନ୍ତୁ, ମୁଁ କରେ ; ଏ କାଣ୍ଡ ଏକାବେଳକେ ବନ୍ଦ କରିବା ପ୍ରୟୋଜନ । ଏ ଅବସ୍ଥାରେ କିଏ ଆପଣଙ୍କ

Digitized by srujan ka@gmail.com

ରାଜ୍ୟର ରାଜା ହେବାକୁ ଇଚ୍ଛୁକ ହେବେ ? ରାଜା ହେବା ଅର୍ଥାତ୍ ବର୍ତ୍ତମାନ ନିଜ ମୁଣ୍ଡକୁ ନିଜ ହାତରେ କାଟି ପ୍ରଥମେ ତଳେ ରଖି ସିଂହାସନରେ ବସିବା । ପାଣ୍ଡୁ-ବାହାଦୁର ଉଦାର, ଅମାୟିକ, ବୀର ବୋଲି ସ୍ୱୀକୃତ ହୋଇଅଛନ୍ତି । ଆଉ କିଏ ଏପରି ଅବସ୍ଥାରେ ଓଡ଼ିଶାର ହଳାହଳମୟ ରାଜମୁକୁଟ ପିନ୍ଧିବାକୁ ପ୍ରସ୍ତୁତ ହୋଇଥାନ୍ତା ? ତାଙ୍କର ପତ୍ନୀ ବାରଣ କରୁଛନ୍ତି, ବନ୍ଧୁ-ବାନ୍ଧବମାନେ ଆପତ୍ତିମୂଳକ କଥା କହୁଛନ୍ତି । ତଥାପି ସେ ପର୍ବତ ପରି ଅଟଳ, କାହିଁକି ନା କର୍ତ୍ତବ୍ୟ । ସେହିପରି ଆମ୍ଭମାନଙ୍କର କର୍ତ୍ତବ୍ୟ, ମନ୍ତ୍ରୀ ମହାରାଜ, ଯେ ରାଜଗାଦିକୁ ନିରାପଦ କରିବା, ରାଜାଙ୍କୁ ଶାସନ କରିବାର ସୁଯୋଗ ଦେବା କ୍ଷେତ୍ର ଉନ୍ମୁକ୍ତ କରିବା ।

(ନାରାୟଣର ପ୍ରବେଶ)

ମନ୍ତ୍ରୀ—କ'ଣ, ନାରାୟଣ ?

ନାରା—ଶାରଙ୍ଗଗଡ଼ ରାଜା ଉଆସକୁ ଯାଇଥିଲେ । ଗୁମୁଙ୍କର ଭେଟ ନୋହିବାରୁ ଇଆଡ଼େ ଆସୁଛନ୍ତି ।

ମନ୍ତ୍ରୀ—ଆଚ୍ଛା, ଆସନ୍ତୁ । ସେ ପରା, ସେନାପତି, କ'ଣ ଖୋଜୁଛନ୍ତି ?

ସେନା—ଖୋଜୁଥିବେ । ପୃଥିବୀରେ ସମସ୍ତେ ତ ଖୋଜୁଛନ୍ତି ଖୋଜିବା ଗୁଡ଼ିକ କାହାକୁ ? କ'ଣ ନାରାୟଣ, ପାଖରେ ନା ଦୂରରେ ? ନା, ଏଇ ତ ଆସିଲେଣି ।

(ରାମଚନ୍ଦ୍ର ଭଞ୍ଜଙ୍କ ପ୍ରବେଶ)

ମନ୍ତ୍ରୀ—ଆସିବା ହଉନ୍ତୁ, ମହାରାଜ । ବଡ଼ ଶ୍ରମ ପଡ଼ିବାକୁ ହେଉଛି ।

ରାମ—କିନ୍ତୁ ସକଳ ଶ୍ରମ ଯେ ପଣ୍ଡ ।

ମନ୍ତ୍ରୀ—କ'ଣ, କିଛି ମିଳିଲା ନାହିଁ ?

Digitized by srujan ka@gmail.com

ରାମ—ନା, ମୁଁ ତ କହୁଥିଲି ମୋ ରାଜ୍ୟରେ ଖୋଜିବାର ପ୍ରୟୋଜନ ନାହିଁ ବୋଲି ।

ମନ୍ତ୍ରୀ—ହଁ, ଆପଣ ତ ପ୍ରଥମରୁ କହୁଥିଲେ ।

ମନ୍ତ୍ରୀ—ଦେଖିଲୁ ।

ରାମ—ଏବେ କଣ ଦେଖିଲ ?

ମନ୍ତ୍ରୀ—ଆପଣମାନେ ଅନ୍ୟତ୍ର ଦେଖନ୍ତୁ । ଏଠି ବିଶେଷ କିଛି, ବିଶେଷ କ'ଣ, ଆଦୌ କିଛି ସମ୍ଭାବନା ନାହିଁ । ଆଜି ଯିବେ ?

ମନ୍ତ୍ରୀ—ଯିବୁଁ । ଆଜି ନୋହିଲେ କାଲି ଯିବୁଁ । ଏଠାରେ ରହି ତ କିଛି ଲାଭ ନାହିଁ ଆଉ ।

ରାମ—ଅଚ୍ଛା, ଆପଣମାନେ ଉଆସକୁ ଆସନ୍ତୁ । ଏକସଙ୍ଗେ ଫେରିବା ।

ମନ୍ତ୍ରୀ—ଚାଲନ୍ତୁ । (ନାରାୟଣ ଛଡ଼ା ସମସ୍ତଙ୍କ ପ୍ରସ୍ଥାନ)

ନାରା ଏ ରାଇଜଟା ମନ୍ଦ ନୁହେଁ ନିଶ୍ଚାନ୍ତ । ହେଲେ ଏଠି ରହି କିଛି ସୁଖ ନାହିଁ ମନରେ । ରାଜ୍ଜରେ ବୁଲି ଆସିଲେ ଯେମିତି ମନ ପ୍ରସନ୍ନ ହୋଇଯେ, ଏଠି ତ ସେମିତି କିଛୁ ହେଉ ନାହିଁ । ହେଉଛି କ'ଣ ନା ବୁଲି ବୁଲି ଗୋଡ଼ ଯେ କେଇ ହୋଇଗଲା ବେଳକୁ ଯୋଉଠେ କିଏ ଆସି ହାବୁଡ଼ ଯାଉଚନ୍ତି ଯେ ଘଡ଼ିଏ ଠିଆ କରେଇ ଦେଉଚନ୍ତି । ଆଚ୍ଛା ଏବେ ଯାଏ ବାହାରି । ବାଟ କ'ଣ ଜଣା ?

(ବାନାମ୍ବରଙ୍କ ପ୍ରବେଶ)

ବାନା—କରେ ତୁ କ'ଣ ଯାଇନୋଉଁ ? ଆରେ ବାପ୍‌ରେ ! ଘରେ ଭାରିଯା ପିଲାକୁ ଛାଡ଼ି କିମିତି ଆସି ରହିଚୁ ? ଆମେ ତ ଦିନେ ପାରନ୍ତୁ ନାହିଁ ।

ନାରା—କାମରେ ପଡ଼ି ଆସିଚୁ, ନ ସରିଲେ ଯିବୁ କିମିତି ?

Digitized by srujan ka@gmail.com

ବାନା—କ'ଣ କାମଟି ? ସେ ଦିନ ଯା କହୁଥିଲୁ, ମଣ୍ଡା ଖୋଜ ? ଉ୍ ଉ୍ ଖେଳର୍ ନା ? କମିତି କହନ୍ତି—ମଣ୍ଡା ଖୋଜ ଯାଉଁ ଡିଗିରି ବଜାଉଁ । ଡିଗିରି ବଜେଇବୁ ତୁ ଦେଖୁବା ।

ନାଗ—ତମେ ନ ସ ଦିନ କ'ଣ କହିବ ବୋଲି କହୁଥିଲ । କହୁ କହିଲ ନ ?

ବାନା—ଆରେ, ଏତେ କଥା ତ କହୁଚ । ପୁଣି କହୁଚୁ କ'ଣ ନା କହୁ କହିଲ ନ । ଆରେ, ବେଶ୍ ଲୋକ ତ । ଆଜ କ'ଣ ଦାଣ୍ଡି ଘୋଡ଼ କହିବ ? ସ୍ୱାର ନ କାମଟେ ।

ନାଗ—ହଁ, ରାଜା ତ ଗଲେଣି । ସିଏ କ'ଣ ଆଜ ଆସୁଚନ୍ତି ସେ ଫେରି । ମାରି ତ ଦେଲେ ।

ବାନା—ଏଁ, କଏ ମାଇଲା ? କମିତି ମାଇଲା—ବିଧା ନା ଗୁପୁଡ଼ା ? ଗୁପୁଡ଼ା ମାରିଥିଲେ ଗାଲ୍ ତ ରଙ୍ଗ ପଡ଼ିଯାଇଥିବ ମନ୍ଦାର ଫୁଲପରି । ଏ ଚମ୍ପାଫୁଲଆ ଗାଲ୍ ମାଡ଼ରେ ମନ୍ଦାରଫୁଲଆ ହେଇଯିବ ।

ନାଗ—ନା, ମାରିଦେଲା ପରା ଏକାବେଳକେ ପ୍ରାଣରେ ।

ବାନା—ପ୍ରାଣରେ ? କାହାକୁ, ତତେ ?

ନାଗ—ମୁଁ ତ ବଞ୍ଚିଚ । ମତେ ପ୍ରାଣରେ ପୁଣି ମାରନ୍ତା କ'ଣ ?

ବାନ—ହିଁ ହିଁ, ଠିକ୍ ତ । ତୁ ତ ବଞ୍ଚିଚୁ । ନା ନ, ଆଜ କାହାକୁ, ଆଜ କାହାକୁ । କମିତି ମାଇଲାଟି ? ଧକ୍କା, ନା ତାଙ୍କୁ ଠୁଣା ? ଆରେ ବାପ୍‌ରେ ଠୁଣା ! ତାଙ୍କୁ ପଥର ହେଇଯିବ ।

ନାଗ—ହାଣି ପକା ଦେଲା ।

ବାନା—ଏଁ ଏଁ, କ'ଣ କହିଲୁ ? ହାଣିଦେଲା ? ଗଛ ହାଣିଲା ପରି ପଡ଼ି ତ ଯାଇଥିବ । ଗୋଡ଼କୁ ହାଣିଦେଲା ନା ? ପଡ଼ି ଯାଇଥିବ ରେ, ପଡ଼ି ଯାଇଥିବ ।

Digitized by srujan ka@gmail.com

ନାଗ—ନା, ବେକରୁ କାଟିଦେଲ୍ ପର ।

ବାନା—ଓହୋ, ରକ୍ଷା ହୋଇଚ, ଗୋଡ଼ରୁ କାଟିନେଇଁ । ନଇଲେ ପଡ଼ ତ ଯାଇଥାନ୍ତା ।

ନାଗ—ତମେ ପର କ'ଣ ଦେଖିଥିଲ ?

ବାନା—ଅମେ ? ଆରେ ବାପ୍‌ରେ ଶୁଣିଲ୍ ବେଳକୁ ତ କଲିଜା ପାଣି । ବାକ ଦେଖିବୁ ? ଟୁପ୍ ଟାପ୍ ହେଲେ ଯେ ମାସେ କାଳ । ମଟେ ନଦ ନେଇଁ । ହଉ, ଆମେ ଯିବା ।

ନାଗ—ରହନା । ଯିବ ତ, ରହ ।

ବାନା—ନା ହୋ, ଆମର କେତେ କାମ । ତମର ପର ଅମେ ପୋଲ୍‌ଫାଙ୍କିଆ ହୋଇଚୁ ଯେ ଠିଆ ହେଇଥିବୁ ତ ହେଇ-ଥିବୁ । ନାଇଁ, ଅମେ ଯାଉଚୁ ।

ନାଗ ଚଲ, ମୁଁ ମଧ ସାଙ୍ଗରେ ଯିବ । (ପ୍ରସ୍ଥାନ)

ଷଷ୍ଠ ଦୃଶ୍ୟ

ସୁଲତାନଙ୍କ ପ୍ରାସାଦ କକ୍ଷ

(ସୁଲେମାନ୍ ଦଲ୍ଲି ର୍ ଖାଁ, ହାସାନ୍ ଖାଁ । ଆସୀନ)

ହାସା—ତାହାହେଲେ ମୁଁ କ'ଣ ଏଇ କଥା କହିବ ଯେ, ବଙ୍ଗର ନବାବ କର ଦେବାକୁ ଅସ୍ୱୀକୃତ ?

ସୁଲେ—ଆପଣ କ'ଣ କହିବେ ସେ କଥା ଆପଣ ଜାଣନ୍ତୁ ।

ହାସା—କହିବ ବଙ୍ଗ ଦିଲ୍ଲୀର ଅଧୀନତା ସ୍ୱୀକାର କରିବାକୁ ନାରାଜ ?

ଦଲ—ତାହାହେଲେ କହନ୍ତୁ, ହାସାନ୍ ଖାଁ, ଯେ ଆପଣ ଆକ୍‌ବର୍ ଶାହଙ୍କୁ କ ଜବାବ ଦେବେ ତା ଏଠ ବଙ୍ଗର ବାଦଶାହ ଲେଖିଦେବେ, ଆଜ ଆପଣ ମୁଖସ୍ଥ କରି ଯାଇ ତାଙ୍କ

Digitized by srujan ka@gmail.com

ଆଗରେ ଗାଳ ପକାଇବେ—ଯେପରି ଅଜୀର୍ଣ୍ଣ ରୋଗୀର ବାନ୍ତ । ଆପଣ ବୁଦ୍ଧିମାନ୍ ଲୋକ, ଯାହା କହିବେ । ଏତେ ପଗୁରୁଚନ୍ତ ପୁଣି କ'ଣ ?

ହାସା—ଏ କପରି କଥା, ନବାବ ବାହାଦୁର୍ ?

ସୁଲେ—ନା, ଶୁଣନ୍ତୁ । କଥା ହେଲ, ଆମ୍ଭେ କର ଦେବୁ ନାହିଁ ।

ହାସା—ଆପଣଙ୍କର କାରଣ ?

ହଲ—ଆପଣଙ୍କର ମାଗିବାର କାରଣ ?

ହାସା—କର ପ୍ରାପ୍ୟ । ପୁଣି ବାଦଶାହଙ୍କ ହୁକୁମ ।

ସୁଲେ—ହା ହା । ଏଥିରୁ କୌଣସିଟା ଯେ ଠିକ୍ ନୁହେଁ ।

ହାସା—କପରି ? କର ପ୍ରାପ୍ୟ ନୁହେ ?

ହଲ—ଆପଣଙ୍କର ଦୁଇଟିଯାକ କଥାର ଉତ୍ତର ଏକାଠି ଦେବାକୁ ଗଲେ, ଆପଣଙ୍କ ବାଦଶାହଙ୍କୁ, ହାସାନ ଖାଁ, ଆମ୍ଭର ବଙ୍ଗର ବାଦଶାହ କର ଦେବାରେ ଏକାବେଳେକେ ସମ୍ପୂର୍ଣ୍ଣରୂପେ, ଯଥାସମ୍ଭବ ନାରାଜ ।

ହାସା—କାହିଁକ ?

ସୁଲେ—ରାଜ୍ୟ ଶାସନ ଯେ କରିବ ସେ ସିନା କର ନେବ ।

ହଲ
ହାସା } —ଠିକ୍ ।

ସୁଲେ—ତେବେ ?

ହଲ—ତେବେ ରାଜ୍ୟ ଶାସନ କରିବେ ବଙ୍ଗର ବାଦଶାହ । ଆଉ କର ନେଇଯିବେ ଦିଲ୍ଲୀର ବାଦଶାହ । ବେଶ୍ ତ ।

ହାସା—ଆପଣ ଯେ ବାଦଶାହଙ୍କ ନବାବ ରୂପେ କର ସଂଗ୍ରହ କରନ୍ତ ସେ କଥା କ'ଣ ପାସୋରି ଦେଲେ ?

ହଲ—ଓଃ, ଏଇଥିପାଇଁ ଆସିଚ କର ନବାକୁ ! ବେଶ୍ ତ !

Digitized by srujan ka@gmail.com

ସୁଲେ—ବାଦଶାହଙ୍କ ନବାବ ? କପର, ହ ସାନ୍ ଖାଁ ?

ହାସା—ବାଦଶାହ ଏ ରାଜ୍ୟ ଜୟ କରି ନାହାନ୍ତି ?

ସୁଲେ—ଥରେ ଯୁଦ୍ଧରେ ଜୟ ପରାଜୟରେ କେହି କାହାଠାରୁ କର ଦାବି କରିପାରେ ଏପରି ?

ହାସା—ତେବେ ମୁଇ କଥା ବାଦଶାହଙ୍କୁ କହିବ ?

ସୁଲେ—କହି ପାରନ୍ତି । ତହିଁରୁ ଅଧିକ ଇଚ୍ଛା ହେଲେ ମଧ୍ୟ କହି ପାରନ୍ତି ଯେ ବଙ୍ଗ ବାଦଶାହ ଦିଲ୍ଲୀର ବାଦଶାହଙ୍କଠାରୁ ଭବିଷ୍ୟତରେ ଆଉ ଏପରି ଅଯଥା ଅସମ୍ମାନ ପ୍ରତୀକ୍ଷା କରନ୍ତି ନାହିଁ ।

ହାସା—ଅଚ୍ଛା, ଆଉରି କିଛି ଅଛି ନା କ'ଣ ?

ସୁଲେ—ଅଛି, ହାସାନ ଖାଁ । ଆକ୍‌ବର ଆମମାନଙ୍କ ସ୍ୱଧର୍ମୀ । ସ୍ୱୀକାର କଲେ ମଧ୍ୟ ଯେ ସେ ଶକ୍ତିଶାଳୀ, ପ୍ରବୀଣ, ଚତୁର ତଥାପି ଆମ୍ଭମାନଙ୍କର ବଙ୍ଗ ରାଜ୍ୟ ଯେପରି ଏକ ହିନ୍ଦୁ-ରାଜାଙ୍କ ହସ୍ତରୁ ଅପହୃତ, ଆକ୍‌ବର୍‌ଙ୍କ ଭାରତ ସାମ୍ରାଜ୍ୟ ମଧ୍ୟ ସେହିପରି ଅନେକ ହିନ୍ଦୁ ନରପତିଙ୍କଠାରୁ ଅଯଥା ଅପହୃତ ସମ୍ପଦ । ସେ ନିଜକୁ ଯେପରି ବିଜୟୀ ବୋଲି ମନେ କରନ୍ତି, ଆମେମାନେ ମଧ୍ୟ ସେହିପରି ମନେ କରୁ । ବଙ୍ଗ ଦିଲ୍ଲୀର ବାଦଶାହଙ୍କ ଅଧୀନତା କେବେ ସ୍ୱୀକାର କରିନାହିଁ । ସୁତରାଂ ବର୍ତ୍ତମାନ ବଙ୍ଗ ବାଦଶାହଙ୍କୁ ଦେଖି-ବାକୁ ହେବ ଯେ ବଙ୍ଗର ସୀମାମଧ୍ୟରେ ଯେପରି ବିନାନୁ-ମତିରେ ଆକ୍‌ବରଶାହ ବା ଆପଣଙ୍କପରି ତାଙ୍କର କୌଣସି କର୍ମଚାରୀର ପାଦ ନ ପଡ଼େ ।

ହାସା—ପଡ଼ିଲେ ?

ସୁଲେ—ପଡ଼ିଲେ, କହିବେ ଯୁଦ୍ଧଭୂମିରେ ତୋପର ଗୁଳିରେ ତାହା ହଟାଇବାକୁ ହେବ ।

Digitized by srujan ka@gmail.com

ହାସା—ଅଚ୍ଛା କହିବ, ନବାବ ବାହାଦୂର । ଆପଣ ତାହାହେଲେ ଯୁଦ୍ଧନିମନ୍ତେ ପ୍ରସ୍ତୁତ ?

ସୁଲେ—ନା, ତଥାପି ବିନା ଯୁଦ୍ଧରେ ଦେଶକୁ ଶତ୍ରୁ ହସ୍ତରେ ଅର୍ପଣ କରିବୁ ନାହିଁ ।

ହାସା—ଅଚ୍ଛା, ରହନ୍ତୁ । (ପ୍ରସ୍ଥାନ)

ସୁଲେ—ତେବେ ତ ପୁନରାୟ ଯୁଦ୍ଧ, ଦିଲ୍ଲିର୍ ଖାଁ ।

ଦିଲ—ହଁ,ଖୋଦାବନ୍ଦ । ଆକବର ପୁଣି ଆକ୍ରମଣ କରିବାକୁ ଆସିବେ ।

ସୁଲେ—ନିଶ୍ଚୟ । ବଙ୍ଗ ବିଜୟ ନ କଲେ ଯେ ତାଙ୍କ ପିପାସା ଅତୃପ୍ତ ରହିବ । ତା ହେଲେ ?

ଦିଲ—ପ୍ରସ୍ତୁତ ହେବାକୁ ହେବ ।

ସୁଲେ—ଆକ୍‌ବରଶାହଙ୍କ ସୈନ୍ୟ ଯେ ବହୁତ' ଦିଲ୍ଲିର୍ ! ଏକ ବୃହତ୍ ସାମ୍ରାଜ୍ୟ ନିକଟରେ କ୍ଷୁଦ୍ରରାଜ୍ୟମାନଙ୍କର ସ୍ୱାଧୀନତା ଅତ୍ୟନ୍ତ ଆପଦ୍‌ପୂର୍ଣ୍ଣ । ବହୁ ସୈନ୍ୟ ।

ଦିଲ—ସେମାନେ ତ ଆଉ ସମସ୍ତେ ବଙ୍ଗଆକ୍ରମଣରେ ଆସିବେ ନେଇଁ ।

ସୁଲେ—ତା ନିଶ୍ଚୟ, ନୁହେଁ । ରାଜଧାନୀ ରକ୍ଷା କରିବେ । ସୀମାନ୍ତ ପ୍ରଦେଶ ଜଗିବେ । ଯାହାର ବିଜୟ ଯେତିକ ଅଧିକ, ସାମ୍ରାଜ୍ୟ ଯେତିକ ବଡ଼, ତା'ର ତ ପୁଣି ଶତ୍ରୁମଧ୍ୟ ସେହିପରି ଅସଂଖ୍ୟ, ଦିଲ୍ଲିର୍ ଖାଁ !

ଦିଲ—ଠିକ୍ ଖୋଦାବନ୍ଦ୍ । ହୁଏତ ସମସ୍ତ ସୈନ୍ୟର ଛ ଭାଗରୁ ଏକ ଭାଗ ଆସିବେ, ଯେପରି ସେଥର ଆସିଥିଲେ ।

ସୁଲେ—ନା, ବେଶି । ପ୍ରାୟ ଏକ-ଚତୁର୍ଥାଂଶ । ତହିଁରୁ ଆଉ ଅଧିକ ନୁହେଁ ନିଶ୍ଚୟ ବୋଧହୁଏ । ତେବେ ବର୍ତ୍ତମାନ ପ୍ରସ୍ତୁତ ରହିବାକୁ ହେବ ।

ଦିଲ—ନିଶ୍ଚୟ, ଖୋଦାବନ୍ଦ୍ ।

Digitized by srujan ka@gmail.com

ସୁଲେ—ତା ହେଲେ ସେନାପତିଙ୍କୁ ଉତ୍ତରାଞ୍ଚଳ ତାଙ୍କୁ ସଂବାଦ ଦିଅ । ଦସ୍ୟୁ ଦମନ ! ସେ ପରେ ହେବ । ବ ପ୍ରଥମେ ଆତ୍ମରକ୍ଷା । ନା, ନୁହେଁ

ଦଳ—ଠିକ୍ ଖୋଦାବନ୍ଦ । ଆଜ୍ଞା ସମ୍ବାଦ ଦେବ । ଏଇ ମୁହୂର୍ତ୍ତରେ ଯାଏ ।

ସୁଲେ—ଆକବର, ଏ ଏକ ମହା ଭ୍ରମ ରାଜନୀତିରେ । ଶକ୍ତିରେ ଦେଶ ବିଜୟ ହୁଏ । ବର୍ତ୍ତମାନ କିନ୍ତୁ ତୁମ୍ଭର ଆୟୁଧ କୌଶଳ । ଅବଶ୍ୟ କହୁଅଛ ଯେ ବିନା ରକ୍ତପାତରେ ଏ ସାମ୍ରାଜ୍ୟ ଗଠନ କରୁଅଛ; କିନ୍ତୁ ଜାଣ କି ଦିଲ୍ଲୀର ବାଦଶାହ କେତେ ସମୃଦ୍ଧିଶାଳୀ ରାଜ୍ୟ ନଷ୍ଟ, ନାରଖାର କରିଅଛି ? କେତେ ଭାତୃବିବାଦର ଅନଳରେ ଏ ବିଶାଳ ଭାରତଭୂମି ଦଗ୍ଧ କରିଅଛ ? କେତେ ପତି-ପତ୍ନୀ ମଧ୍ୟରେ ବିଚ୍ଛେଦ, ପିତା-ପୁତ୍ରରେ ବିଦ୍ରୋହ, ମିତ୍ର-ମିତ୍ରରେ ଅନର୍ଥ ଘଟାଇ ଅଛ ? ଏସବୁର ପରିଣାମ ତୁମ୍ଭେ ନିଜ ଜୀବନରେ ନ କର, ପୁତ୍ର-ପୌତ୍ରଙ୍କ ଜୀବନରେ ମୋଗଲଜାତି ଭୋଗ କରିବ । ସୁଲେମାନ ଦୁର୍ବଳ ନୁହେଁ, ଆକବରଶାହ । ଏ ହୃଦୟରେ ଆଫଗାନ-ତେଜ, ଏ ବାହୁରେ ଆଫଗାନ ଶକ୍ତି ଏ ଧମନୀରେ ଆଫଗାନ ରକ୍ତ । ବିନାଯୁଦ୍ଧରେ ଅଧୀନତା ସ୍ୱୀକାର । ନା, କୌଶଳର ଦାସ ନୁହେଁ ସୁଲେମାନ । ଇଚ୍ଛା ଅଛି ଶକ୍ତିର ପରୀକ୍ଷା କରିବ, ଆସ । ସୁଲେମାନ ଶାହ ବଙ୍ଗର ସ୍ୱାଧୀନ ବାଦଶାହ । ଯୁଦ୍ଧଭୂମିରେ ସୁଲେମାନ ହେବ ବିଜୟୀ, ଯଦି ଆକବର, ଏକାକୀ ଆସି ଦଣ୍ଡାୟମାନ ହୁଅ ବା କୌଣସି ଅଧୀନସ୍ଥ ରାଜାର ସାହାଯ୍ୟ ମଧ୍ୟ ନିଅ; ତାହାହେଲେ ବଙ୍ଗର ସ୍ୱାଧୀନତା ମୋଗଲର ରକ୍ତଧାରରେ ଲେଖାହେବ । ବୃଥା ରକ୍ତପାତ ଏ ଆକବର ।

ଯବନିକା

Digitized by srujan ka@gmail.com

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

ଓଡ଼ିଶାର ରାଜପ୍ରାସାଦରେ ମୁକୁନ୍ଦଦେବଙ୍କ ସଭା ।

(ମୁକୁନ୍ଦ ଦେବ ସିଂହାସନରେ, ମନ୍ତ୍ରୀ, ସେନାପତି, ଧର୍ମ୍ମାଧିକାର ଦ୍ୱାସାନ୍ ଖାଁ ଅନ୍ୟତ୍ର ଆସୀନ ।)

ନର୍ତ୍ତକୀ—(ଗୀତ)

ଫୁଟରେ ଫୁଲ କାନନ ପୂରି, ନାଚରେ ସମୀର ଧୀରେ,
ଗାଅରେ ଅଳି ପରାଣର ଗୀତ ନିକୁଞ୍ଜ ମଧୁର ତାଳେ । ।ଘୋଷା।

ମଧୁରତୁ ଆଜ ଅସିଛି ଭୁବନେ,
କୋକିଳ ଗାଉଛି ମୋହନ ତାନେ,
କନକ-ଲହରୀ ଖେଳୁଛି ପ୍ରାଣେ,
ନୈଶେ ମଗ୍ନ କବା ପୁଲକଭରେ ।

କୁଳୁ କୁଳୁ କୁଳୁ ବହୁଛି ତଟିନୀ,
ଝୁରୁ ଝୁରୁ ବନ ଭାଷଇ ବାଣୀ,
ଢଳ ଢଳ ଢଳ—ଢଳ, ନରମଣି,
ରତ୍ନସିଂହାସନ-ସେନେହ-ଜଳେ । (ପ୍ରସ୍ଥାନ)

Digitized by srujan ka@gmail.com

ମନ୍ତ୍ରୀ—ଅକ୍‌ବର୍‌ ବାଦଶାହ ଏଦେଶର ଘୋର ଶତ୍ରୁ, ମୋଗଲଦୂତ ସମର ପ୍ରାଙ୍ଗଣରେ ଦେଶୀୟ ରାଜାମାନଙ୍କ ସମ୍ମୁଖୀନ ହେବାକୁ ଯେ ନାରାଜ, ତା'ର କାରଣ ଅବଶ୍ୟ, ସେ ଯେପରି କହନ୍ତି; ତାଙ୍କର ରକ୍ତପାତ ନ କରିବାର ଅଭିଳାଷ ହୋଇପାରେ; କିନ୍ତୁ ସମରଭୂମିରେ ଶକ୍ତି ପରୀକ୍ଷା କରୁଥିଲେ, ଜାଣ ମୋଗଲ, ଆକ୍‌ବର୍‌ ଆଜି ଏତେ ବିଶାଳ ସାମ୍ରାଜ୍ୟର ଅଧିକାରୀ ହୋଇ ନ ଥାନ୍ତେ । ତାଙ୍କର କୌଶଳ-ପ୍ରୟୋଗ ଭାରତର ଏ ପତନର କାରଣ । ଓଡ଼ିଶାର ମହାରାଜ ଜାଣୁ ଜାଣୁ ଏଭଳି ଶତ୍ରୁକୁ ସାହାଯ୍ୟ ଦେଇ ନ ପାରନ୍ତି, ମୋଗଲଦୂତ । ଯାଅ ଫେରିଯାଅ ।

ହାସା—ମୋଗଲସମ୍ରାଟ୍‌ ବର୍ତ୍ତମାନ ବଡ଼ ବିପନ୍ନ । ସୁତରାଂ ସେ ସେ ସାହାଯ୍ୟପ୍ରାର୍ଥୀ ।

ସେନା—ତା' ହୋଇପାରନ୍ତି; କିନ୍ତୁ ଓଡ଼ିଶାର ମହାରାଜ—ତାଙ୍କୁ ସେ ସାହାଯ୍ୟ ଦେବାରେ ଘୋର ପରାଙ୍ମୁଖ । ଜାଣ, ହାସନ ଖାଁ, ମୋଗଲସମ୍ରାଟ୍‌ ଏ ଦେଶବାସୀଙ୍କୁ କି ଘୋର ନିର୍ଯ୍ୟାତନ ଦେଉଅଛନ୍ତି ଏ ଦେଶବାସୀଙ୍କର କି ଭୀଷଣ କ୍ଷତି ସାଧନ କରୁଅଛନ୍ତି ? ଆବଶ୍ୟକ ହେଲେ ଓଡ଼ିଶାର ମହାରାଜ ଆକବର୍‌ଙ୍କ ବିରୁଦ୍ଧରେ ଅସ୍ତ୍ରଧାରଣ କରିବେ, ମୋଗଲ ରକ୍ତରେ ଜନ୍ମଭୂମିର ବକ୍ଷ ପ୍ଳାବିତ କରିବେ, ମୋଗଲ ଶବରାଶିର ସ୍ତୂପ ପଡ଼ପରେ ଭାରତର ଭାବୀ ସ୍ୱାଧୀନତା ଅଧିଷ୍ଠିତ କରିବେ । ଅସମ୍ଭବ ଏ ସାହାଯ୍ୟ ଦାନ ।

ହାସା—ମୋଗଲସମ୍ରାଟ୍‌ ଶୁଣିଥିଲେ ଓଡ଼ିଆ ଉଦାର ବୋଲି । ଶୁଣିଥିଲେ ଯେ, ଓଡ଼ିଶାର ମହାରାଜା ଆଶ୍ରିତଙ୍କୁ ଆଶ୍ରୟ ଦେବାରେ କେବେ ପରାଙ୍ମୁଖ ନୁହନ୍ତି ।

Digitized by srujan ka@gmail.com

ମନ୍ତ୍ରୀ - ତା ଠିକ୍, ମୋଗଲଦୂତ ! (କିନ୍ତୁ ଆମେମାନେ ବରଂ ଅନ୍ନାହାର ହେବୁ, ଆଶ୍ରିତଙ୍କୁ ଆଶ୍ରୟରୁ ବଞ୍ଚିତ କରିବୁ; ତଥାପି ଆକ୍‌ବରଙ୍କୁ ସାହାଯ୍ୟ କରିବୁ ନାହିଁ ।)

ହାସା - ବିପଦ୍‌ଗ୍ରସ୍ତର ଭିକ୍ଷା ରଖିବେ ନାହିଁ ?

ମନ୍ତ୍ରୀ—ନା, ସେ ଭିକ୍ଷା ଉପରେ ପଦାଘାତ କରିବୁ ।

ହାସା—ତେବେ ଓଡ଼ିଶା-ଗଜପତିଙ୍କ ରାଜଦରବାରରୁ ମୁଁ ଏହି ସମ୍ବାଦ ନେଇ ଯିବି ଯେ ଓଡ଼ିଆ ବରଂ ନିଜକୁ ନୀଚ, ଘୃଣ୍ୟ, ଅନ୍ନହାର କରିବ, ଆଶ୍ରିତଙ୍କୁ ଆଶ୍ରୟରୁ ବଞ୍ଚିତ, ବିପନ୍ନଙ୍କୁ ଆହୁରି ଅଧିକ ବିପଦ୍‌ଗ୍ରସ୍ତ କରିବ; କିନ୍ତୁ ଯେତେବେଳେ ଜଣେ ପ୍ରବଳପ୍ରତାପଶାଳୀ ଭାରତସମ୍ରାଟ୍ ଆଶ୍ରୟ ଭିକ୍ଷା କରିବାକୁ ଆସି ଓଡ଼ିଆର ଦ୍ୱାରସ୍ଥ ସେତେବେଳେ ସେ ଭିକ୍ଷା ଦେବ ନାହିଁ, ଆଶ୍ରୟପ୍ରାର୍ଥୀ ପ୍ରତି ଭ୍ରୂକ୍ଷେପ କରିବ ନାହିଁ, ଦୂତର ପ୍ରସ୍ତାବରେ କର୍ଣ୍ଣପାତ କରିବ ନାହିଁ ?

ମୁକୁନ୍ଦ—ନିଶ୍ଚୟ ନୁହେଁ । ଶୁଣ, ହାସାନ୍ ଖାଁ ଓଡ଼ିଆର ମନ୍ତ୍ରୀ ସେନାପତି ମୋଗଲସମ୍ରାଟଙ୍କ ପ୍ରସ୍ତାବ ରଖି ନ ପାରନ୍ତି । ମୁଁ ପ୍ରାଣପଣେ ରଖିବି, ଆଶ୍ରିତଙ୍କୁ ଆଶ୍ରୟ ଦେବି । କିନ୍ତୁ ଚିନ୍ତା ନାହିଁ ମୋଗଲଦୂତ, ଯେତେଦିନ ଓଡ଼ିଶାର ରାଜକୋଷରେ ଏକ କପର୍ଦ୍ଦକ ଅଛି, ଓଡ଼ିଆ ସୈନ୍ୟଦଳରେ ଜଣେ ମାତ୍ର ସୈନ୍ୟ ଜୀବିତ ଅଛି, ସେତେଦିନ ଆଶ୍ରୟପ୍ରାର୍ଥୀ ଆକ୍‌ବର ଓଡ଼ିଆର ସାହାଯ୍ୟବିଷୟରେ ନିଶ୍ଚିନ୍ତ ଥିବ ।

ମନ୍ତ୍ରୀ - ନା, ମହାରାଜ, ଏ ଭୁଲ୍ ହେଉଛି ।

ମୁକୁନ୍ଦ—ଭୁଲ ନୁହେଁ, ମନ୍ତ୍ରି ! ଓଡ଼ିଆ ବରଂ ରାଜ୍ୟଚ୍ୟୁତ ହେବ, ନିଜସୌଭାଗ୍ୟରେ ଜଳାଞ୍ଜଳି ଦେବ, ପରର ଦ୍ୱାରରେ ଦ୍ୱାରସ୍ଥ ହୋଇ ଭିକ୍ଷାର୍ଥୀ ହେବ; ତଥାପି ଆଶ୍ରୟପ୍ରାର୍ଥୀଙ୍କୁ ଆଶ୍ରୟରୁ ବଞ୍ଚିତ କରିବ ନାହିଁ ।

Digitized by srujan ka@gmail.com

ମନ୍ତ୍ରୀ—ଏଥିରେ ଆମେମାନେ ଏକମତ ନୋହୁଁ, ମହାରାଜ !

ମୁକୁନ୍ଦ—ନୋହିବ ପାରନ୍ତ । ତେବେ ଆପଣମାନେ ନିଜ ସୌଭାଗ୍ୟରେ ଜଳାଞ୍ଜଳି ଦେବେ ନାହିଁ, ପରର ଦ୍ୱାରସ୍ଥ ହୋଇ ଭିକ୍ଷାର୍ଥୀ ହେବେ ନାହିଁ ।

ମନ୍ତ୍ରୀ—ଆମମାନଙ୍କର ସହାୟତାରୁ ମହାରାଜ ତେବେ ବଞ୍ଚିତ ହେବେ ?

ମୁକୁନ୍ଦ—ହେବ । ଓଡ଼ିଶାର ଯେ କତିପୟ ସୈନ୍ୟ ତାଙ୍କର ସର୍ବ ପରିଚିତ ପାଇକ ଭାଗ୍ୟରେ ନିଜଭାଗ୍ୟ ଢାଳିବାକୁ ପ୍ରସ୍ତୁତ ଅଛନ୍ତି, ସେହିମାନଙ୍କୁ ଘେନି ଅଶ୍ରିତକୁ ସାହାଯ୍ୟ କରିବ ।

ସେନା—ଏପରି ଯୁଦ୍ଧରେ ଓଡ଼ିଶାର କୌଣସି ସୈନିକ ଦଣ୍ଡାୟମାନ ହେବେ ନାହିଁ ମହାରାଜ !

ମୁକୁନ୍ଦ—ନ ହେଲୁ । ତାହାହେଲେ ଏ ରାଜମୁକୁଟ ଏଇଠାରେ ରଖି ଯିବ । ଅଚ୍ଛା, ଏକାକୀ ଯିବ । ତଥାପି ଆଶ୍ରୟପ୍ରାର୍ଥୀକି ଦ୍ୱାରରୁ ଫେରାଇ ଦେବ ନାହିଁ । ଆସ ସାହାନ୍ ଖାଁ, ତୁମର ମୋଗଲସମ୍ରାଟ୍ ବିପୁଳ ଓଡ଼ିଶା ରାଜକୋଷର ଅର୍ଥ, ବିଶାଳ ସୈନ୍ୟବଳ ନ ପାଇଲେ ସୁଦ୍ଧା ଓଡ଼ିଶାର ରାଜାଙ୍କର ଏକକାଳୀନ ଯଥାଶକ୍ତି ଓ ସହାୟତା ପାଇବେ ।

ଧନୁ—ମହାରାଜ !

ମୁକୁନ୍ଦ—ଧନୁର୍ଦ୍ଧର ବଳଆର ସିଂହ ! କ'ଣ, ବୃଦ୍ଧ ଚମୂପତି ?

ଧନୁ— ଗ୍ଭଲିଯିବେ ମହାରାଜ ?

ମୁକୁନ୍ଦ—ଯିବ ବୃଦ୍ଧ ଚମୂପତି ! ଆଉ କ'ଣ ? ବିଦାୟ ଦିଅ । ଆସ, ମୋଗଲଦୂତ ! (ହାସାନ୍ ଖାଁ ସହ ପ୍ରସ୍ଥାନ)

ଧନୁ—ବିଦାୟ ଦିଅନ୍ତୁ ମନ୍ତ୍ରୀ; ସେନାପତି ! ସ୍ୱୀକାର କରେ ଆକବର ଆମମାନଙ୍କର ପରମ ଶତ୍ରୁ, ବୈଦେଶିକ ଆକ୍ରମଣକାରୀ ଅମମାନଙ୍କର ଘୃଣ୍ୟ, କାରଣ ପୂଣ୍ୟ ଭାରତଭୂମିକୁ ପଦ

Digitized by srujan ka@gmail.com

ଦଳିତ କରିଅଛନ୍ତି । ମୋଗଲସମ୍ରାଟ୍ ଆକ୍‌ବରଙ୍କୁ ମୁଁ ଶତ୍ରୁଭାବରେ ଘୃଣା କରେ; କିନ୍ତୁ ଯେତେବେଳେ ସେ ମୋର ଜାତି ନିକଟରେ ଆଶ୍ରୟପ୍ରାର୍ଥୀ, ସେତେବେଳେ ସେ ମୋର ଆଶ୍ରିତ; ପରମମିତ୍ର ଧର୍ମା' ଉତ୍କଳଭୂମିର ଗୌରବନିମନ୍ତେ ଦିନେ ଜୀବନ ଉତ୍ସର୍ଗ କରିଥିଲା । ବର୍ତ୍ତମାନ ମୃତବତ୍ । ତଥାପି ତାହା ଗୌରବ । ମହାରାଜା ଯାଜଚନ୍ତି । ଯାଏ, ଯାଏ । ବିଦାୟ, ମନ୍ତ୍ରୀ, ସେନାପତି ! (ପ୍ରସ୍ଥାନ)

ମନ୍ତ୍ରୀ—କିନ୍ତୁ ଭାବନାର କଥା, ସେନାପତି !

ସେନା—ଉପାୟ କ'ଣ ? ମହାରାଜା କ'ଣ ଫେରି ଆସିବେ ?

ମନ୍ତ୍ରୀ—ଅସମ୍ଭବ, ମୋଗଲସମ୍ରାଟ୍‌ଙ୍କ କାର୍ଯ୍ୟ ନ ସରିଲେ, ନୁହେଁ ।

ସେନା—ତେବେ ?

ମନ୍ତ୍ରୀ—ଆପଣ ରାଜ୍ୟରକ୍ଷା କରନ୍ତୁ ସେନାପତି ! ଏ ରାଜମୁକୁଟ ଏହିପରି ଏ ସିଂହାସନରେ ରହିଥିବ, ଯେତେଦିନ ପୁଣି ମହାରାଜା ଫେରି ନାହାନ୍ତି । (ଆମମାନଙ୍କର ଦେଶ ପ୍ରଥମେ, ତତ୍ପରେ ମାନବଜାତି) । ଅତଏବ ପ୍ରଥମେ ଦେଶରକ୍ଷା । ତାହା ବର୍ତ୍ତମାନ ପ୍ରାଣପଣେ କରିବାକୁ ହେବ । ଆମ୍ଭେମାନେ ଉଦାର ନୋହୁ, ଉଚ୍ଚ ନୋହୁ । ସଙ୍କୀର୍ଣ୍ଣ ସ୍ୱଦେଶ ଆମମାନଙ୍କର ପ୍ରଥମ ଆଶ୍ରୟ; ଆମର ସ୍ୱଦେଶ ରକ୍ଷା ପ୍ରଥମ ଧର୍ମ । ବଜ୍ର ଗୁରୁଭାର ମସ୍ତକରେ ବର୍ତ୍ତମାନ । ଦେଶର ବାହାରେ ଶତ୍ରୁ, ଭିତରେ ମଧ୍ୟ ଶତ୍ରୁ । ତେବେ ସୁଦ୍ଧା ନିରାପଦ ରଖିବାକୁ ହେବ । ଆମେମାନେ ସଙ୍କୀର୍ଣ୍ଣ ସତ୍ୟ, ତଥାପି ସେହି ସଙ୍କୀର୍ଣ୍ଣତା ନିମନ୍ତେ ଜୀବନ ଦେବାକୁ ପ୍ରସ୍ତୁତ । (ଦୃଶ୍ୟ ପତନ)

———

Digitized by srujan ka@gmail.com

ଦ୍ୱିତୀୟ ଦୃଶ୍ୟ

ରାମଚନ୍ଦ୍ର ଭଞ୍ଜଙ୍କ କକ୍ଷବହିସ୍ଥ ପ୍ରାଙ୍ଗଣ ।

(ରାମଚନ୍ଦ୍ର ଭଞ୍ଜ ଓ ଲୀଳାବତୀଙ୍କ ପ୍ରବେଶ ।)

ଲୀଳା—ପତ୍ନୀ ତାହାହେଲେ କ'ଣ, ପ୍ରଭୁ, ପତିଙ୍କର ଦାସୀ ?

ରାମ—ନା, ଲୀଳାବତୀ, ପତିର ସହଧର୍ମିଣୀ ଅର୍ଦ୍ଧାଙ୍ଗିନୀ ।

ଲୀଳା—ତାହାହେଲେ ପତ୍ନୀ ନିକଟରେ ଲୁଚାଇବା ଭଳି ପତିଙ୍କର ଆଉ କ'ଣ ଥାଇପାରେ ?

ରାମ—କିଛି ନାହିଁ, ଲୀଳାବତୀ !

ଲୀଳା—ତେବେ, ପ୍ରିୟତମ, ହୃଦୟ-ଦ୍ୱାର ଫିଟାଇ ଦେଇ କହ ସବୁ ମୋତେ । ମୁଁ ନାରୀ, ନାମରେ ଅବଶ୍ୟ ଅବଳା । ତଥାପି ସ୍ୱଭାବରେ ଦୁର୍ବଳା ନୁହେଁ; ପ୍ରାଣେଶ୍ୱର ! ପତ୍ନୀ ସହଧର୍ମିଣୀ, ଅର୍ଦ୍ଧାଙ୍ଗିନୀ ! ଆହା ବଡ଼ ଦୁଃଖ ହୁଏ ପ୍ରିୟତମ! ତା ମୁଁ ଏତେଦିନ ହେଲ ନାହିଁ—ଯେପରି ଅର୍ଦ୍ଧାଙ୍ଗିନୀ ଥିଲେ ସୀତା ରାମଚନ୍ଦ୍ରଙ୍କର, ଦମୟନ୍ତୀ ନଳଙ୍କର, ଶକୁନ୍ତଳା ଦୁଷ୍ମନ୍ତଙ୍କର । ମୋତେ ସେହିପରି, କେବଳ ଆହାର ନିଦ୍ରା ଆରାମ ବିଶ୍ରାମ, ସ୍ୱପ୍ନଜାଗରଣରେ ନୁହେଁ, ଜୀବନରେ କର୍ତ୍ତବ୍ୟରେ, ମନର ଭାବନାରେ ହୃଦୟର ଗୂଢ଼ ଭାବ-ରାଶିରେ ଅର୍ଦ୍ଧାଙ୍ଗିନୀରୂପେ ଗ୍ରହଣ କର ନାଥ । ଏ ମନୋରମ ମୁଖଶ୍ରୀ ବଡ଼ ମଳିନ, ଏ ନେତ୍ରର ଜ୍ୟୋତି ବଡ ବିଷର୍ଣ୍ଣ, ଏ ଅଧରର ହାସ ଆଜି ବଡ଼ ବିରସ, ପ୍ରାଣେଶ୍ୱର ! କହ କାହିଁକି ! ଏପରି ଶୁଷ୍କ, ନିରାନନ୍ଦ, ଚିନ୍ତିତ ଦିଶୁଚ । ପାରେ, ମୁଁ ଦୂର କରିବି । ନୋହିଲେ ଆଉ କିଛି ନୋହୁ ଧର୍ମବେଦୀରେ ଏକ ପୁଣ୍ୟ-ଗଣ୍ଠିରେ ହୃଦୟ ସହିତ ହୃଦୟ

Digitized by srujan ka@gmail.com

ବାନ୍ଧଥିଲେ; ଆଜ ଦୁଃଖରେ ଦୁଃଖ ମିଶାଇ ଦେବ ଦୀର୍ଘ-ଶ୍ୱାସରେ ଦୀର୍ଘ ଶ୍ୱାସର ନବୀନ ଧାର ଢାଳିଦେବ । ପତ୍ନୀର ଦେବତା ପତି । ସେହିଠାରେ ପତିଙ୍କ ପ୍ରୀତି ନିମନ୍ତେ ଆତ୍ମବଳି ଉତ୍ସର୍ଗ କରିବ ।

ରାମ—ଜାଣେ ଲୀଳାବତୀ, ତା ତମେ ବେଶ୍ ପାରିବ; କିନ୍ତୁ ମୋର ତ ଦୁଃଖ କିଛି ନାହିଁ ଏପରି ଯାହା ତମେ ଦୂର କରିବ, ଏପରି କିଛି ହୃଦୟର ଯନ୍ତ୍ରଣା ନାହିଁ ଯାହାର ଉପଶମନ ନିମନ୍ତେ ତମର ସହାୟତା ଆବଶ୍ୟକ ହେବ । ଏ ପ୍ରାୟ ଅର୍ଦ୍ଧ ରାତି । ଯାଅ, ରାଣି, ବିଶ୍ରାମ କରିବ । ରମଣୀର କୋମଳ କଳେବରରେ ଏ କଠୋର ରଜନୀର ଜାଗରଣ କାହିଁକି । ଓହୋ ଏ ଯେ ଭାବ ହେଉନାହିଁ ଲୀଳାବତୀ । ଯ ଅ ଆଉ ବିଳମ୍ବ କାହିଁକି ?

ଲୀଳା—ନା ତମକୁ ସାଙ୍ଗରେ ନେଇ ଯିବି ।

ରାମ—ଯାଅ ମୁଁ ପରେ ଯିବି କିଛି ସମୟ ପରେ । ଏଇ, କିଏ ଆସିଲାଣି । ପାଦଶବ୍ଦ ଶୁଣୁନ ? ଯାଅ ।

ଲୀଳା—ଶୀଘ୍ର ଆସିବ । (ପ୍ରସ୍ଥାନ)

ରାମ—ଏ ନିଶ୍ଚୟ ଧୂର୍ଜଟି । ବେଶ୍ ଏ ଧୂର୍ଜଟି—ମାନବସମାଜରେ ଏକ ଭୀଷଣ ବିଷଧର ସର୍ପ, ଯେପରି କି ଫୁଲର ମଧୁମୟ ସ୍ତବକତଳେ ଲୁଚି ରହିଅଛି । ଏଇତ ଆସିଲାଣି । କି କାଳକୂଟ ଗତି, ଶକୁନିର କି ଅପାଙ୍ଗ ଦୃଷ୍ଟି ! କାର୍ଯ୍ୟ କରି ଫେରିଛି ନିଶ୍ଚୟ । ତଥାପି ଅଉର ଏକ କାର୍ଯ୍ୟ ବାକି ।

(ବିପରୀତ ଦିଗରୁ ଧୂର୍ଜଟିର ପ୍ରବେଶ)

ଧୂର୍ଜଟି ଜୀବନପଥରେ ପ୍ରଥମ ସହାୟ । କିଏ ଧୂର୍ଜଟି ? ଆ, ଧୂର୍ଜଟୀ ଆଜ୍ଞା ହେଉଛି ।

Digitized by srujan ka@gmail.com

ଧୂର୍ଜ—ହେଇଛ, ମହିମା !

ରାମ—ନା ?

ଧୂର୍ଜ—ନା ମହାରାଜ, ହେଇଛ ।

ରାମ—ହେଇଛ ବେଶ୍, ବେଶ୍, ବେଶ୍ ତ ପାରିଲୁ ଏଥର, ଧୂର୍ଜଟି ଏହାପରେ ସେଥର ପାରିଥିଲେ ଏକଥା ହୁଏତ ପଡ଼ି ନ ଥାନ୍ତା କରିବାକୁ । କରି ଆସିଲୁ । କେହି କହୁ ଜାଣି ନାହାନ୍ତି ବେଶ୍, ଧୂର୍ଜଟି !

ଧୂର୍ଜ—ନା, ହାତ ଯାଉ ନ ଥିଲା, ମହାରାଜ !

ରାମ—ଗଲା ତ ଫେରେ ? ନା ଆରଥର ପରି ରହିଗଲା ?

ଧୂର୍ଜ—ଗଲା ବାଧ ହୋଇ ।

ରାମ—ମୋର ମଧ୍ୟ ଏ ଇଚ୍ଛା ନ ଥିଲା, ଧୂର୍ଜଟି ! କିନ୍ତୁ ମୁକୁନ୍ଦ ଯେତେବେଳେ ପ୍ରାଣରେ ରହିଲା; ମନ୍ତ୍ରୀ ସେ କଥା ଜାଣି ବଞ୍ଚି ରହିବା ନିରାପଦ ନୁହେଁ । ନା, କ'ଣ କହୁଚ, ଧୂର୍ଜଟି ?

ଧୂର୍ଜ—ଆଉ କହିବି ନ କହି କ'ଣ ଅଛି କାମ ତ ଶେଷ ।

ରାମ—ନା, ମନ୍ତ୍ରୀ ବଞ୍ଚି ରହିବା ବଡ଼ ଭୂଲ ହୋଇଥାନ୍ତା ।

ଧୂର୍ଜ—କାହିଁକି ?

ରାମ—ବୁଝୁନୁ ? ସେ କଥା ଜାଣି ।

ଧୂର୍ଜ—ମୁଁ ତ ମଧ୍ୟ ଜାଣେ, ମହାରାଜ !

ରାମ—ତୁ ତ ଜାଣୁ ନେଇଁ; ତୁ କରୁ । ତୁ ଏକା ବର୍ତ୍ତମାନ ଏ ଜୀବନର ଅଧେ ଧୂର୍ଜଟି ! ବେଶ୍ କରିଚୁ । ଯେଉଁ ଷଣ୍ଢା ମନ୍ତ୍ରୀ ମୁକୁନ୍ଦଦେବ ନିମନ୍ତେ ଉତ୍ସର୍ଗ କରିଥିଲେ, ନିଜେ ପୁଣି ସେଇଥିରେ ପଡ଼ିଲେ । ମନୁଷ୍ୟ କି ଭ୍ରାନ୍ତ ! ଯେ ଯାହାର ଅମଙ୍ଗଳ ପାଞ୍ଚେ ସେ ପୁଣି ସେଇ ଅମଙ୍ଗଳରେ ଭାଗୀ ହୁଏ । ଏଇ ତ ମନୁଷ୍ୟ ଜୀବନ ଏଇ ମୁହୂର୍ତ୍ତରେ ଯେ ଜଗତକୁ ପଦତଳରେ

Digitized by srujan ka@gmail.com

ଚାଲୁଅଛି, ପରମୁହୂର୍ତ୍ତରେ ସେ ପୁଣି ଆଉ କାହାର ପକ୍ଷରେ ଚାଲିତ ହେଉଅଛି। ଯାହା ହେଉ, ଧୂର୍ଜଟି ବେଶ୍ କଟେଚୁ। ଏବେ ନିଷ୍କଣ୍ଟକ। ଆଉ କେହି କିଛି ଜାଣିବାର ଉପାୟ ନାହିଁ, ଯେହେତୁ ନ କହୁ, ମୁଁ ନ କହେ।

ଧୂର୍ଜ—କଥା ତିନି ଭୁଣ୍ଡ ହେଲେ ସର୍ବନାଶ ଯେ, ମଣିମା! କହନ୍ତି ପରା, ତିନି ଭୁଣ୍ଡରେ ଛେଳି କୁକୁର।

ରାମ—ଏ ତ ଏକ ଭୁଣ୍ଡ ଗଲା। ଆଉ କ'ଣ ଅଛି ଏଣିକି?

ଧୂର୍ଜ—ଆଉ କିଛି ନାହିଁ, ମହାରାଜ। ନା, ଆଉ କ'ଣ?

ରାମ—ଏ ଏକ ଭାର ଗଲା ଉପରୁ। ବଡ଼ ଭୟରେ, ଭୟରେ ଥିଲୁ, ଧର୍ଜଟି? ନା? ଏବେ ନିଶ୍ଚିନ୍ତ ହେଲୁ। ରାତି ତ ବହୁତ ହେଲାଣି। ଯା, ଆଜ ନିଶ୍ଚିନ୍ତରେ ଶୋଇବୁ। ମୁଁ ମଧ୍ୟ ଯିବି। ଯା, ଧର୍ଜଟି।

(ଦୁହିଁଙ୍କର ଦୁଇଆଡ଼େ ପ୍ରସ୍ଥାନ)

ତୃତୀୟ ଦୃଶ୍ୟ

ବଙ୍ଗ ଅଭିଯାନପଥରେ ମୁକୁନ୍ଦ ଦେବଙ୍କ ଶିବିର

(ମୁକୁନ୍ଦ ଦେବ, ଧନୁର୍ଦ୍ଧର ଓ ନାଗରିକଗଣ ଉପସ୍ଥିତ)

ଧନୁ—ଏଇମାନେ, ମହାରାଜ, ଆପଣଙ୍କ ନିମନ୍ତେ ପ୍ରାଣ ଦେବାକୁ ପ୍ରସ୍ତୁତ ଅଛନ୍ତି।

ନାଗ—ଆମେମାନେ ମହାରାଜାଙ୍କ ନିମନ୍ତେ ପ୍ରାଣ ଦେବାକୁ ପ୍ରସ୍ତୁତ ଅଛୁ।

ମୁକୁନ୍ଦ—କଏ ଏମାନେ, ଚମୂପତି? ସୈନିକ?

ନାଗ—ଆମେମାନେ ସୈନିକ ନୋହୁ, ମହାରାଜ! ସାଧାରଣ ନାଗରିକ; କିନ୍ତୁ ବର୍ତ୍ତମାନ ସୈନିକ ହୋଇ ମହାରାଜାଙ୍କ ଆଦେଶରେ ଚାଲିବୁ, ଯୁଦ୍ଧଭୂମିରେ ଯାଇ ଯୁଦ୍ଧ କରିବୁ।

Digitized by srujan ka@gmail.com

ମୁକୁନ୍ଦ—କାହିଁକି ଏ ସ୍ପୃହା, ନାଗରିକଗଣ ? ପୁରପଲ୍ଲିରେ ଶାନ୍ତିରେ ରହିବାର ଲୋକ ତୁମେମାନେ ବୃଥା ସମରଭୂମିରେ ଧ୍ୱଂସଲୀଳା ମଧ୍ୟରେ ପ୍ରବେଶ କରିବ, ନରରକ୍ତରେ ହସ୍ତ ରଞ୍ଜିତ କରିବ, ଜୀବନର ସୁଖଶାନ୍ତିରେ ଜଳାଞ୍ଜଳି ଦେବ । କାହିଁକି, କାହା ନିମନ୍ତେ ?

ନାଗ—ଆମେମାନେ ଏ ସବୁ କରିବୁ, ଆହୁରି ଅଧିକ କରିବାକୁ ପ୍ରସ୍ତୁତ ହେବୁ । ତଥାପି ମହାରାଜାଙ୍କୁ ଦେଶରୁ ଏକା ହୋଇ ଯୁଦ୍ଧଭୂମିକୁ ଯିବାକୁ ଛାଡ଼ିବୁ ନାହିଁ ।

ଧନୁ—ମହାରାଜ ଏମାନେ ଦଶ ସହସ୍ର ପୁରପଲ୍ଲିବାସୀ । ଯେତେବେଳେ ଶୁଣିଲେ ଯେ ମହାରାଜ ଏକାକୀ ଯୁଦ୍ଧଭୂମିରେ ଦଣ୍ଡାୟମାନ ହେବାକୁ ଯାଉଅଛନ୍ତି, ପ୍ରତିଜ୍ଞା କଲେ ସମସ୍ତେ ଅସ୍ତ୍ରଧାରଣ କରିବେ, ସମରକୌଶଳ ଶିକ୍ଷା କରିବେ, ଯୁଦ୍ଧଭୂମିରେ ମହାରାଜାଙ୍କ ସମ୍ମୁଖରେ ଦଣ୍ଡାୟମାନ ହେବେ, ଆବଶ୍ୟକ ହେଲେ ଜୀବନ ଦେବେ । ଏଇ ପ୍ରତିଜ୍ଞା ଏ ସମଗ୍ର ସୀମାନ୍ତପ୍ରଦେଶରେ, ଗ୍ରାମେ ଗ୍ରାମେ ଗୃହେ ଗୃହେ ମହାରାଜ, ଦାବାନଳ ପରି ନିମେଷ ମଧ୍ୟରେ ପ୍ରଚରିତ ହୋଇଗଲା । କୃଷକ ଫାଳ ଘେନି, ରଜକ କୁଠାର ହସ୍ତରେ, କମାର ଟାଙ୍ଗିରି ହାତୁଡ଼ି ଧରି ଅଗ୍ରସର ହେଲେ, ମହାରାଜଙ୍କ ବିଜୟ-ପତାକାତଳେ ରୁଣ୍ଡ ହେବେ । ଅନ୍ତଃପୁରର ଅବଳାଗଣ ପ୍ରାଣପ୍ରିୟ ପତି ହସ୍ତରେ ତରବାରି ଦେଇ, ସ୍ନେହମୟୀ ଜନନୀ ଜୀବନ-ସର୍ବସ୍ୱ ସନ୍ତାନଙ୍କୁ ରଣବେଶରେ ଭୂଷିତ କରି ମହାରାଜଙ୍କ ନିମନ୍ତେ ପଠାଇ ଦେଲେ । ଏମାନେ ସମସ୍ତେ ଜୀବନ ଉତ୍ସର୍ଗ କରିଅଛନ୍ତି ମହାରାଜ !

ନାଗ—ଆମେମାନେ ସମସ୍ତେ ଜୀବନ ଉତ୍ସର୍ଗ କରିଛୁଁ ।

Digitized by srujan ka@gmail.com

ମୁକୁନ୍ଦ—ମାନେ ଦଶ ସହସ୍ର, ଚମ୍ପତ ?

ଧନୁ—ହଁ, ମହାରାଜ !

ମୁକୁନ୍ଦ—ଦଶ ସହସ୍ର ପୁରପଲ୍ଲିବାସୀ ଉତ୍କଳସନ୍ତାନ, ତୁମେମାନେ ଜାତିର ଗୌରବନିମନ୍ତେ ନିଜର ସୁଖଶାନ୍ତିରେ ଜଳାଞ୍ଜଳି ଦେଇଅଛ । ଏ ଦେଶର ସୈନ୍ୟମାନେ ସ୍ୱଦେଶ ରକ୍ଷା-ନିମନ୍ତେ ସ୍ୱଦେଶରେ ଅବସ୍ଥାନ କରିବେ । ତୁମ୍ଭେମାନେ ବିଦେଶରେ ଜାତୀୟ ସମ୍ମାନ ରକ୍ଷା କରିବ । ଧନ୍ୟ, ପୁର-ପଲ୍ଲିବାସି ! ଆସ ବର୍ତ୍ତମାନ, ଆମେମାନେ ଜୟ କାମନା କରି କର୍ତ୍ତବ୍ୟନିମନ୍ତେ ଅଗ୍ରସର ହେବା ।

ନାଗ—ଜୟ, ମହାରାଜଙ୍କର ଜୟ ।

(ଗୋବିନ୍ଦ, ଗୋପାଳ ବ୍ୟତୀତ ସମସ୍ତଙ୍କ ପ୍ରସ୍ଥାନ)

ଗୋବିନ୍ଦ—ଏ ଦଶ ହଜାର ଲୋକ ଯୁଦ୍ଧ ଶିଖିଲେ ବେଶ୍ ଯୁଦ୍ଧ କରିବେ ।

ଗୋପାଳ—ତା ତ କରିବେ; କିନ୍ତୁ ଦେଶର ସୈନ୍ୟମାନେ ଯେପରି କରନ୍ତେ ସେପରି ପାରିବେ କି ?

ଗୋବିନ୍ଦ—ଲୋକେ କ'ଣ ସୈନ୍ୟ ହୋଇ ଜନ୍ମ ହୋଇଥାନ୍ତି ? ଏଇ ସାଧାରଣ ଲୋକେ ଆମରି ପରି ତ ପୁଣି ସୈନ୍ୟ ହୁଅନ୍ତି, ଯୁଦ୍ଧ କରନ୍ତି । ଯୁଦ୍ଧ କାହା ସାଙ୍ଗେ ହବଟି କହିଲେ ।

ସାଆନ୍ତେ—ସୁଲେମାନ ଶାହା ନା ?

ଗୋପାଳ—ନା, ନୁସେଲସ୍ ନା । କେଜାଣି ଏଇମିତି କ'ଣ ତ । ଏ ପଠାଣଙ୍କ ନାଁ ଗୁଡ଼ାକ ବଡ଼ ଖଟ୍‌କୁଟିଆ; ତୁଣ୍ଡେ ଲେଉଟେ ନି ।

ଗୋବିନ୍ଦ—ପଠାଣଗୁଡ଼ାକ ଆମରି ଭଳିଆ ମଣିଷ ତ ?

ଗୋପାଳ—ମଣିଷ ନୁହଁ ଆଉ କ'ଣ ବାଘ ? ତୁ ପଠାଣ ଦେଖିନୁ ।

ଗୋବିନ୍ଦ—ତୁ ଦେଖିଚୁ ?

Digitized by srujan ka@gmail.com

ଗୋପାଳ—ନ ଦେଖିଲେ କ'ଣ ହେଲା ଜାଣି ପାରୁନ ?

ଗୋବନ୍ଦ—ନ ଦେଖିଲେ ପୁଣି ଜାଣିମ କ'ଣ ମ ? ନ ଦେଖିଲା ଓଉ ଛଫଣ୍ଡା ।

ଗୋପାଳ—ଛଫଣ୍ଡା ହେଲେ ତ ପୁଣି ସିଏ ଫେରେ ଓଉ ଆମ୍ବିଳା ଲଗିବ ନ କୁଣ୍ଡକୁ ? ନାଳୁଆ ଲଗିବ ନ ହାତକୁ ? ସେଇମିତ ।

ଗୋବନ୍ଦ –ଫଣ୍ଡେ ଅଧିକ ଆମ୍ବିଳ ଲଗିବନା ।

ଗୋପାଳ—ସେଇମିତ ପଠାଣ-ମଣିଷଯେ; ଆମଠୁ ଅବା ଲୁଞ୍ଚୁଟେ ଅଧିକ ଥିବ ନଇଲେ ମୁଣ୍ଡଟେ ଊଣା ଥିବ । ଏଇମିତ ଅଳ୍ପ ଟିକଏ ଟିକଏ କ'ଣ ଫରକ । ଆଉ କ'ଣ ଶୁଣିନୁ ରାବଣଶୋରର ଦଶଟା ମୁଣ୍ଡ ?

(ଧନୁର୍ଦ୍ଧରଙ୍କ ପ୍ରବେଶ)

ଧନୁ—ଦେଖ, ଗୋବନ୍ଦ ଗୋପାଳ, ଦେଶର ଗୌରବ ରଖିବା ନିମନ୍ତେ ଏ ଯୁଦ୍ଧ କରିବାକୁ ହେଲା ମହାରାଜଙ୍କୁ । ଆମମାନଙ୍କୁ ଜନ୍ମଭୂମିଠାରୁ ବିଦାୟ ନେଇ ଯିବାକୁ ହେବ ପୁଣି ଯେତେ ଦିନ ନ ଫେରିବେ । ଆମେମାନେ ପୁରପଲ୍ଲିବାସୀ ମିଶି ଦଶ ସହସ୍ର । ହେଲେ ଏମାନେ ଅଶିକ୍ଷିତ । ଏ କେତେ ଦିନରେ ଯାହା ଶିଖିବେ । ସେଇ ମାତ୍ର ଭରସା; କିନ୍ତୁ ଶତ୍ରୁସୈନ୍ୟ ସଂଖ୍ୟାରେ ଯେପରି ଅଧିକ କଳ-କୌଶଳରେ ମଧ୍ୟ ସେହିପରି ସୁଶିକ୍ଷିତ । ତଥାପି ଆମମାନଙ୍କ ମନରେ ସନ୍ଦେହ ନାହିଁ, ଆଶଙ୍କା ନାହିଁ, ଭୟର କାରଣ ନାହିଁ । ପ୍ରଭୁ ଆମମାନଙ୍କର ସହାୟ । (ଦୃଶ୍ୟ ପତନ)

—-—

Digitized by srujan ka@gmail.com

ଚତୁର୍ଥ ଦୃଶ୍ୟ

ରାଜପଥ ।

(ଓଡ଼ିଶାର ମନ୍ତ୍ରୀ, ସେନାପତିଙ୍କର ବିଭିନ୍ନ ଦିଗରୁ ପ୍ରବେଶ ।)

ମନ୍ତ୍ରୀ—ଆପଣ ଆସିଚନ୍ତି, ସେନାପତି ? ମୁଁ ଯେ ଆପଣଙ୍କୁଇ ଦେଖିବାକୁ ଯାଉଥିଲି । କ'ଣ କରି ଆସିଲେ ?

ସେନା—କରି ଆସିଲି, ଆପଣମାନଙ୍କ ଅନୁପସ୍ଥିତିରେ କୋନ ସାମନ୍ତ-ସିଂହାର ବାରବାଟୀ ରକ୍ଷା କରିବେ । ତାଙ୍କ ନିକଟରେ ଦଶ ସହସ୍ର ସୈନ୍ୟ ଗଚ୍ଛିତ ରହିବେ । ଆବଶ୍ୟକ ହେଲେ ସେମାନେ ଅନ୍ୟତ୍ର ମଧ୍ୟ ଯାଇ ପାରିବେ ?

ମନ୍ତ୍ରୀ—ଦକ୍ଷିଣ ଅଞ୍ଚଳ?

ସେନା—ସେଠାରେ ଦଶ ସହସ୍ର ସୈନ୍ୟ ନେଇ ପୁରନ୍ଦର ଜଗଦେବ ଅବସ୍ଥାନ ବା ବିଚରଣ ଯାହା ତାଙ୍କର ସୁବିଧା, କରିବେ । ଆଉ ପାଞ୍ଚ ସହସ୍ର ସୈନ୍ୟ ସର୍ବତ୍ର ବିକ୍ଷିପ୍ତ ରହିବେ ।

ମନ୍ତ୍ରୀ—ତାହାହେଲେ ବାକି ପଚିଶ ସହସ୍ର ସୈନ୍ୟ ନେଇ ଆମେମାନେ ଯିବା ? ସମ୍ବାଦ ଆସିଚି, ମହାରାଜ ବର୍ତ୍ତମାନ ଗଙ୍ଗା ପାର ହୋଇ ବଙ୍ଗଦେଶରେ ପ୍ରବେଶ କରି ଅଛନ୍ତି । ସମ୍ଭବତଃ ଶୀଘ୍ର ଯୁଦ୍ଧ ହେବ ।

ସେନା—ଆମେମାନେ ଯୋଗ ଦେବା ପୂର୍ବରୁ ? ଯେ ଦଶ ସହସ୍ର ପୁରପଲ୍ଲିବାସୀ ମହାରାଜଙ୍କ ସଙ୍ଗରେ ଯାଇଛନ୍ତି ସେମାନେ ତ ନୂତନ ସୈନ୍ୟ । ବଡ଼ ଭାବିବାର କଥା, ମନ୍ତ୍ରୀମହାରାଜ ! ମୁସଲମାନ ବଡ଼ ପ୍ରବଳ ଜାତି ।

ମନ୍ତ୍ରୀ—ଆପଣମାନଙ୍କୁ ଅତିଶୀଘ୍ର ଯିବାକୁ ହେବ । ବାଟ କିଛି ଅଳ୍ପ ନୁହେ । ପନ୍ଦରଦିନରୁ କମ୍‌ରେ ତ ନୁହେ । ବରଂ ଅଧିକ ଲାଗିପାରେ ।

Digitized by srujan ka@gmail.com

ସେନା—ସୈନ୍ୟ ସଜ୍ଜିତ, ମନ୍ତ୍ରୀମହାରାଜ ! ଆଉ ବିଳମ୍ବ ନାହିଁ; ବର୍ତ୍ତମାନ ଗଲେଇ ହୁଏ । ଆସନ୍ତୁ ଶୀଘ୍ର ।

ମନ୍ତ୍ରୀ—ଚାଲନ୍ତୁ, ସେନାପତି ! ଫେରିଲେ ପୁଣି ସାକ୍ଷାତ୍ ଏ ଦୁର୍ଗସଙ୍ଗେ (ପ୍ରସ୍ଥାନ)

ପଞ୍ଚମ ଦୃଶ୍ୟ

ଗଙ୍ଗାନଦୀ ତୀର ।

(ମୁକୁନ୍ଦଦେବ, ଧନୁର୍ଦ୍ଧର ଆସୀନ ।)

ମୁକୁ—ସମସ୍ତ ଦିବସରେ ଅସ୍ତ୍ର ଝନ୍‌ଝନ୍, ତୋପଗୁଡ଼ିକର ବିକଟ ନାଦ ପରେ ତଟିନୀର ଏ ମଧୁର କୁଳୁ କୁଳୁ ବାଣୀ ବଡ଼ ମନୋରମ ନୁହେଁ, ଚମୁପତି ?

ଧନୁ—ଏ ଏକ ବିଚିତ୍ର ପରିବର୍ତ୍ତନ, ମହାରାଜ, ଯେପରି ସମୁଦ୍ର ମନ୍ଥନ ପରେ ଅମୃତର ଜନ୍ମ । ଆଜି ତ ଫଗୁଦଶମୀ ହେଲା । ଚନ୍ଦ୍ରକିରଣ ବେଶ୍ ନିର୍ମଳ ଦିଶୁଛି ।

ମୁକୁ—ପାଣିଭିତରେ ନିମିଷମଧ୍ୟରେ କୋଟି କୋଟି ଚନ୍ଦ୍ର ଖେଳ ସାଜିଚନ୍ତି । ଆଜି ବେଶ୍ ଫଗୁଖେଳ ଆରମ୍ଭ ହୋଇଥିବ । କଟକ ଫଗୁରେ ବୁଡ଼ି ରହିଥିବ ।

ଧନୁ—ଆମେମାନେ ଏଠାରେ ତରଳ ଫଗୁରେ ଖେଳ ଆରମ୍ଭ କରିଅଛେଁ; ନରରକ୍ତରେ ଆପାଦମସ୍ତକ ଭିଜାଇ ଅଛେଁ । ବଡ଼ ନୃଶଂସ ଏ ହତ୍ୟା ! ତଥାପି ମୁସଲମାନ୍ ତ ବେଶ୍ ପରାକ୍ରମୀ, ବୁଦ୍ଧି ଯେପରି, ବଳ ମଧ୍ୟ ସେହିପରି ।

ମୁକୁ—ସେ କଥା ଠିକ୍ । ନୋହିଲେ କି ଆଜି ସେମାନେ ଦିଲ୍ଲୀର ପୁଣ୍ୟ ସିଂହାସନରେ ବସିଥାନ୍ତେ—ଯେଉଁଠାରେ ଯୁଧିଷ୍ଠିର ବସୁଥିଲେ, ବିକ୍ରମାଦିତ୍ୟ ବସୁଥିଲେ ? ବର୍ତ୍ତମାନ ମୁସଲ-

Digitized by srujan ka@gmail.com

ମାନଇ ତ ଘରଠର ଭାଗ୍ୟ ନିୟନ୍ତ୍ରିତ କରୁଅଛନ୍ତି, ଯେପରି ଦିନେ ଅର୍ଦ୍ଧ ଇଉରୋପର କରୁଥିଲେ ।

ଧନୁ—ସୁଲେମାନ ମଧ୍ୟ ବେଶ୍ ବୀର,ମହାରାଜ;ଅନେକପରିମାଣରେ ଯେପରି ଶୁଣାଯାଏ ଡେରାଏସ୍, ଚେଙ୍ଗିସ ଖାଁ, ତୈମୁରଲଙ୍ଗ୍ ବିଷୟରେ ସେହିପରି ପ୍ରାୟ ।

ମୁକୁନ୍ଦ—ଦେଖିଲ ନାହିଁ ଚମୂପତି, ଶେଷକୁ କପରି ଏକ ଆବର୍ତ୍ତନ କରି ଦେଲେ ? ଆମେମାନେ ଆଶଙ୍କାଇ ତ କରି ନ ଥିଲେ । କ'ଣ ହେବ ଏ ଯୁଦ୍ଧର ପରିଣାମରେ କେଜାଣି ।

(ପ୍ରହରୀର ପ୍ରବେଶ)

ପ୍ରହରୀ—ମହାରାଜ ଜଣେ ମୁସଲମାନ ଦେଖା କରିବାକୁ ଆସିଛନ୍ତି । କହୁଛନ୍ତି ସେ ମୁସଲମାନ ସେନାପତି?

ଧନୁ—ମୁସଲମାନ ସେନାପତି ? ସସୈନ୍ୟେ ?

ପ୍ରହରୀ—ଯେପରି କହୁଛି ନୁହେଁ ତା ଏ ନ

ମୁକୁନ୍ଦ—ଉଦ୍ଦେଶ୍ୟ ?

ଧନୁ—କ'ଣ ଦେଖା କରିବେ ?

ପ୍ରହରୀ – କହିଲେ ତ ସେହିପରି ।

ମୁକୁନ୍ଦ—ଆଜ୍ଞା ଆସନ୍ତୁ । ମୁସଲମାନ ସେନାପତି, କଳାପାହାଡ଼ ! ଆସନ୍ତୁ । କ୍ଷତି କ'ଣ ?

ଧନୁ—ନା, କ୍ଷତି କଣ । ଆସି ପାରନ୍ତି । ଶତ୍ରୁ ସିନା ଯୁଦ୍ଧଭୂମିରେ; ବର୍ତ୍ତମାନ ତ ଅତିଥି ଏବଂ ସେ ହିସାବରେ ମିତ୍ର ।

ମୁକୁନ୍ଦ—ଆସନ୍ତୁ । କହ, ପ୍ରହରୀ ଆସିବାକୁ । ସଙ୍ଗରେ ନେଇଆସ

(ପ୍ରହରୀର ପ୍ରସ୍ଥାନ)

ମୋର ବଡ଼ ଆଶଙ୍କା, ଚମୂପତି, ଆମମାନଙ୍କୁ କଳଙ୍କରେ ଭାଗୀ ହେବାକୁ ହେବ । ଏ ଭୂମିର କଥା ମୋର କଳଙ୍କ ନୁହେଁ, ଚମୂପତି, ଉତ୍କଳଭୂମିର କଳଙ୍କ ଏ ଯୁଦ୍ଧରେ

Digitized by srujan ka@gmail.com

ଓଡ଼ିଆ ପରାସ୍ତ ହେଲେ; ମୁସଲମାନ ଓଡ଼ିଆର ଶକ୍ତି କଳି ନେବେ ତେଣିକି ଓଡ଼ିଶା ଆକ୍ରମଣ ବିଦେଶୀୟ ଶତ୍ରୁ ପକ୍ଷରେ ବଡ ସହଜ ।

ଧନୁ—ତଥାପି ଏ ଯେପରି ବୋଧହୁଏ ଆମମାନଙ୍କର ଅବସ୍ଥା ବଡ଼ ସନ୍ଦେହାପନ୍ନ । ପରାଜୟ ତ ବେଶ ହୋଇପାରେ; କିନ୍ତୁ ଉପାୟ କ'ଣ ? ସନ୍ଧି ? ଏତେ ଶୀଘ୍ର ସନ୍ଧି ?

ମୁକୁନ୍ଦ—ଏଇ ତ ଆସିଲେଣି ।

(କଳାପାହାଡ଼ଙ୍କ ପ୍ରବେଶ)

ଆସିବା ହୁଅନ୍ତୁ, ସେନାପତି କି ଉଦ୍ଦେଶ୍ୟରେ ଏ ଅପରିଚିତ ନିକଟରେ ? ପରମଭାଗ୍ୟର କଥା ଆମମାନଙ୍କର।

କଳା--ଉଦ୍ଦେଶ୍ୟ ଅଛି । ସମ୍ପୂର୍ଣ୍ଣ ନିରୁଦ୍ଦେଶ୍ୟ ନୁହେଁ, ମହାରାଜ ।

ମୁକୁନ୍ଦ—ବ୍ୟକ୍ତ କରନ୍ତୁ ।

କଳା—(ମହାରାଜ, ମୁଁ ଏକ ପ୍ରସ୍ତାବ ଘେନି ଆଗତ ।)

ମୁକୁନ୍ଦ—କ'ଣ ପ୍ରସ୍ତାବ ?

କଳା—ମହାରାଜାଙ୍କର ଏ ଯୁଦ୍ଧରେ ବିଜୟ କାମନା କରିବାକୁ ।

ମୁକୁନ୍ଦ—ସେ କିପରି, ଆପଣ ତ ପ୍ରଥମେ ନିଜର ବିଜୟ କାମନା କରିବେ । ପୁଣି କାମନା ତ କିଛି ପ୍ରସ୍ତାବ ନୁହେଁ । ସେତ ମନର କଥା, କେବଳ ଭାବ ମାତ୍ର ।

କଳା—ତାହାହେଲେ ପ୍ରସ୍ତାବ ସ୍ପଷ୍ଟ କରି ବ୍ୟକ୍ତ କରେ । ମୋର ଇଚ୍ଛା ମୁଁ ମହାରାଜାଙ୍କ ସହାୟତା କରିବି ।

ମୁକୁନ୍ଦ—ଆମ୍ଭମାନଙ୍କର ସହାୟତା ।

କଳା—ହଁ, ମହାରାଜ । ଆପଣଙ୍କର ସହାୟତା !

ମୁକୁନ୍ଦ—ଆପଣଙ୍କ ସହାୟତା ଗ୍ରହଣ କରିବାକୁ ଆମେମାନେ ପୂର୍ଣ୍ଣ ପ୍ରସ୍ତୁତ ଅଛୁ ସେନାପତି ! କିନ୍ତୁ ତା'ର ସମୟ ବର୍ତ୍ତମାନ ନୁହେଁ

Digitized by srujan ka@gmail.com

କଳା—କେବେ ତାହାହେଲେ ?

ମୁକୁନ୍ଦ—ଯୁଦ୍ଧ ପରେ ।

କଳା—ସେତେବେଳେ ତ ମୋର ସହାୟତା ଆଉ ଲୋଡ଼ା ନୋହି-ପାରେ, ମହାରାଜ ?

ମୁକୁନ୍ଦ—ତାହାହେଲେ ଆମେମାନେ ସେତେବେଳେ ଗ୍ରହଣ ନ କରିବୁ, ସେନାପତି !

କଳା--ନା, ମହାରାଜ; ପରିଷ୍କାର କରି, ଫିଟାଇ କହେ । ମୁଁ ଏ ଯୁଦ୍ଧରେ ଆପଣଙ୍କ ପକ୍ଷରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ଅଛି ।

ମୁକୁନ୍ଦ—ସୁଲେମାନଙ୍କ ପକ୍ଷରେ ତେବେ କ'ଣ ଆମର ସେନାପତିଯାଇ ଯୁଦ୍ଧ କରିବେ ? ଏ ନବାବଙ୍କ ପ୍ରସ୍ତାବ, ନା ଆପଣଙ୍କର ?

କଳା—ମୋର ପ୍ରସ୍ତାବ, ମହାରାଜ ।

ମୁକୁନ୍ଦ—ତେବେ କଣ ଆପଣ ନବାବଙ୍କୁ ପରିତ୍ୟାଗ କରିବେ ?

କଳା – କରିବ ।

ମୁକୁନ୍ଦ—ଏ ବଡ଼ ଭୁଲ୍ ପ୍ରସ୍ତାବ, ସେନାପତି ! ନା, ତା ହବ ନାହିଁ । ଆପଣ ଫେରି ଯାଆନ୍ତୁ ।

କଳା—(ଫେରିଯିବ ? କିନ୍ତୁ ଏଥିରେ ମଙ୍ଗଳ ନାହିଁ ଜାଣି ରଖନ୍ତୁ, ମହାରାଜ ! ଆଉ ମୋର ସାହାଯ୍ୟ ଗ୍ରହଣ କଲେ, ବିଜୟ ଆପଣଙ୍କର ନିଶ୍ଚିତ । ଫେରି ଯିବ ? ନା, ଏକ ପକ୍ଷରେ ମୋର ଫେରିଯିବା ଓ ଆପଣଙ୍କର ପରାଜୟ, ଅନ୍ୟ ପକ୍ଷରେ ମୋର ସାହାଯ୍ୟ ଗ୍ରହଣ ଆଉ ତା'ର ଫଳରେ ବିଜୟ । ବାଛି ନିଅନ୍ତୁ, ମହାରାଜ)।

ମୁକୁନ୍ଦ—ବାଛି ନେଲି, ବଙ୍ଗ ସେନାପତି, ଆପଣଙ୍କର ଫେରିଯିବା ଆଉ ଯଦି ହୁଏ ତା'ର ଫଳରେ ଆମମାନଙ୍କର ପରାଜୟ, ଚିନ୍ତା ନାହିଁ, ସେନାପତି ! (ଓଡ଼ିଆ ବରିଷ୍ଠ ପରସ୍ତ, ଲାଞ୍ଛିତ

Digitized by srujan ka@gmail.com

ବିଧ୍ୱସ୍ତ ହେବ, କଳଙ୍କରେ ଜନ୍ମଭୂମିର ଉଜ୍ଜ୍ୱଳ ମୁଖ ଆବୃତ କରିବ, ସ୍ୱଦେଶର ବୀର-ରକ୍ତରେ ବିଦେଶ-ଭୂମିର ବନ ପ୍ରାନ୍ତର ରଞ୍ଜିତ କରିବ; ତଥାପି ବିଶ୍ୱାସଘାତକତାର ଆଶ୍ରୟ ନେବ ନାହିଁ,) ଶତ୍ରୁପକ୍ଷର ସାହାଯ୍ୟରେ ଶତ୍ରୁର ବିନାଶ ସାଧନ କରିବ ନାହିଁ, ମିଥ୍ୟା ପ୍ରବଞ୍ଚନାର ଅବଲମ୍ବନରେ ଦେଶବାସୀଙ୍କ ନିମନ୍ତେ ବିଜୟ ଗୌରବର ଆକାଙ୍କ୍ଷା ପ୍ରାଣରେ ପୋଷଣ କରିବ ନାହିଁ । ଜାଣି ରଖନ୍ତୁ ସେନାପତି, ଆମେମାନେ ବିଜୟଲାଳସାରେ ଉନ୍ମତ୍ତ ନୋହୁ, ସମରବିଳାସରେ ଅନ୍ଧ ନୋହୁଁ, ଅନ୍ୟାୟରେ ଜୟଲାଭର ଅପେକ୍ଷା କରିବା ଆମମାନଙ୍କର ରଣନୀତି ନୁହେଁ । ଫେରି ଯାଆନ୍ତୁ, ମୁସଲମାନ ସେନାପତି, ନିଜ ଶିବିରକୁ ।

କଳା—ଏଇ ଶେଷ କଥା ?

ମୁକୁନ୍ଦ—ଏଇ ଶେଷ କଥା । ବିଦାୟ ହୁଅନ୍ତୁ, କାଲି ସାକ୍ଷାତ୍ ନୋହିଲା ପର୍ଯ୍ୟନ୍ତ ।

କଳା—କାଲି ସାକ୍ଷାତ୍ ! ଯୁଦ୍ଧଭୂମିରେ ?

ମୁକୁନ୍ଦ—ହଁ, ଯୁଦ୍ଧଭୂମିରେ, ସେନାପତି ! ବର୍ତ୍ତମାନ ସାକ୍ଷାତ୍ ତ ସେଇଠାରେ ।

କଳା—ଅଚ୍ଛା, ଯୁଦ୍ଧଭୂମିରେ ସାକ୍ଷାତ୍ ! କିନ୍ତୁ ମନେରଖ ମହାରାଜ, ଯୁଦ୍ଧଭୂମିରେ ସାକ୍ଷାତ୍ ଶେଷ ସାକ୍ଷାତ୍ ହେବ, ଯୁଦ୍ଧଭୂମିରେ ଦେଖିବ—ଓଡ଼ିଆର କପଟ ରଣନୀତି; ଦେଖିବ -ଓଡ଼ିଆ କପଟ ଯୁଦ୍ଧ କରିପାରେ, ବରଂ ପରାସ୍ତ, ଲାଞ୍ଛିତ ହୁଏ, ତଥାପି ନ୍ୟାୟର ମାର୍ଗରୁ କପଟ ବିଚଳିତ ନ ହୁଏ, ସମସ୍ତ ମୁସଲମାନ ଶକ୍ତି ଉତ୍କଳ ବିରୁଦ୍ଧରେ ରଣପ୍ରାଙ୍ଗଣରେ ଦଣ୍ଡାୟମାନ କରିବ । ସମସ୍ତ ମୁସଲମାନ-କୌଶଳ ଉତ୍କଳ

Digitized by srujan ka@gmail.com

ମହାରାଜାଙ୍କର କର୍ତ୍ତବ୍ୟଜ୍ଞାନ ବିପକ୍ଷରେ ପ୍ରୟୋଗ କରିବି।
ଦେଖିବ ଓଡ଼ିଆ କପଟି ଜାତି ।

ମୁକୁନ୍ଦ—ଆଜ୍ଞା, ସେନାପତି, କରିବେ ।

(ଦୃଶ୍ୟ ପତନ)

ଷଷ୍ଠ ଦୃଶ୍ୟ

ସାରଙ୍ଗଗଡ଼ ରାଜପ୍ରାସାଦର ବହିଃସ୍ଥ ଉଦ୍ୟାନ ।

(ଗୀତ ଗାଇ ଲୀଳାବତୀଙ୍କ ପ୍ରବେଶ)

ଲୀଳା—(ଗୀତ)

ଲୁଚି ଗଲୁ ବିଧୁ ଗଗନେ, କେଉଁ ନିଠୁର ପ୍ରାଣେ । ଘୋଷା ।
କି ସୁଖେ ବିହରିବୁ ଯାଇ ନବ ସୁର ଭୁବନେ;
ଏ ଯେ ସରୋବରେ ତଳ,ରହିଲା କୁମୁଦ କଳି, ବିରହେ ପରାଣ ଜାଳି
ତା କଥା କି ଭାଳିବୁ ମନେ ?
ଫୁଟି ତ ଥାଆନ୍ତା ସେ ସଉରଭେ ନାଚି ପବନେ;
ଗୁଣୁ ଗୁଣୁ ଗାଇ ଅଳି,ସୁହାସେ ଉଡ଼ନ୍ତା ବୁଲି, ତା ରଜ ବଦନେ ବୋଳି
ସବୁ ଆଶା ଭାଙ୍ଗିଲୁ କ୍ଷଣେ ।
ମୁଦିବ ନୟନ ସେ ଦୁଃଖ-ବିଜଡ଼ିତ ପରାଣେ,
ହସିବ ନାହିଁ ତ ବାରେ, ନାଚିବ ନାହିଁ ସମୀରେ,ପୋତି ବଦନଟି ନୀରେ
ଭାଳିବ ଅନ୍ତିମ ସପନେ ।

ଜାଣେ ନାହିଁ ମୋର ପ୍ରାଣରେ କି ଏ ବିଷମ ଅତୃପ୍ତି, ଯାହାର ନିବାରଣ ବିନକୁଦିନ ଏକପ୍ରକାର ଅସମ୍ଭବ ହୋଇଉଠୁଚି । ଯୁଦ୍ଧଭୂମିର ଶବ ! ନା, ନାରୀ ଅବଳା । ପ୍ରାଣର ପୂଜ୍ୟତମ ଦେବତା ମୋର, ରମଣୀ ପତିର ପ୍ରେମ ଲୋଡ଼େ, ପ୍ରଣୟ ଭିକ୍ଷା କରେ । ତଥାପି ସେ ସହଧର୍ମିଣୀ । ଧର୍ମ ! ପତି ପତ୍ନୀ

Digitized by srujan ka@gmail.com

ଧର୍ମଦେବଦରେ ଏକ ମଧୁମୟ ଦୃକ୍ଷରେ ଆବଦ୍ଧ । ସେ ସ୍ୱପ୍ନରେ ଏ କ ଆକର୍ଷଣ ଅନୁଭବ କରୁଚ, ପ୍ରିୟତମ !

(ରାମଚନ୍ଦ୍ର ଭଞ୍ଜଙ୍କ ପ୍ରବେଶ)

ରାମ—ଲୀଳାବତି !

ଲୀଳା—ହଁ, ପ୍ରିୟତମ !

ରାମ—କ'ଣ କରୁଥିଲ ଲୀଳାବତି, ଏକା ଏପରି ଏତେ ରାତିରେ ? ଘରକୁ ଯାଅ ।

ଲୀଳା—କିଛି ନେଇଁ, ଏଣୁ ତେଣୁ କ'ଣ ଗୁଡ଼ାଏ ଭାବୁଥିଲି ସିନା ।

ରାମ—ଭାବିବା ବନ୍ଦ କଲ ନେଇଁ ? ସର୍ବଦା ସେଇ ଭାବନା । ବେଶ୍ ତ ଭାବନା ।

ଲୀଳା— କ କର୍ତ୍ତବ୍ୟ ଜ୍ଞାନ, ପ୍ରିୟତମ, ମହାରାଜା ମୁକୁନ୍ଦ ଦେବଙ୍କର । ସାମ୍ରାଜ୍ୟ ଦୂର କଲେ, ରାଜସିଂହାସନ ପରିତ୍ୟାଗ କଲେ, ତଥାପି ଦେଶର ଗୌରବ । କ ଗୌରବ ସେ ଦେଶରେ, ପ୍ରାଣେଶ୍ୱର, ଯା'ର ନବରତ୍ନରେ ଆଜ ଶତ୍ରୁ ସମକ୍ଷରେ ଯାଇ ଦଣ୍ଡାୟମାନ ? ଉତ୍କଳ-ଜନମୀଙ୍କର ଶିର ବିଳାପ ମଧ୍ୟରେ ଏକମାତ୍ର ହାସ୍ୟଧାରା ସେଇ ମୁକୁନ୍ଦ ଦେବ, ଉତ୍କଳର ସମଗ୍ର ମରୁଭୂମିରେ ଏକମାତ୍ର କୁସୁମକଳିକା ।

ରାମ—କହିପାର, ଉତ୍କଳର ସମସ୍ତ କଳାରାଶିରେ ଏକମାତ୍ର କବିତାର ପଂକ୍ତି । ଏ ତ କବିତାରେଇ କଥା କହୁଚ । ଯାଅ, ଘରକୁ ଯାଅ ।

ଲୀଳା—ବିଦେଶୀୟ ଏ ପୁଣ୍ୟ ଭାରତଭୂମିକି ବହୁ ଦିନ ପଦଦଳିତ କରି ରଖିଅଛି । ମୁକୁନ୍ଦଦେବ ବର୍ତ୍ତମାନ ସେଇ ବିଦେଶୀୟ ଶତ୍ରୁ ସମ୍ମୁଖରେ ରଣଭୂମିରେ ଦଣ୍ଡାୟମାନ । ଓଡ଼ିଆସେନା ଶୁଷ୍କ ସମର ପ୍ରାଙ୍ଗଣରେ ଜୀବନର ଅମୂଲ୍ୟ ରକ୍ତଧାରା ଢାଳୁ-

Digitized by srujan ka@gmail.com

ଅଛନ୍ତି । ଦେଶର ସମ୍ମାନନିମନ୍ତେ, ସ୍ୱାଧୀନତା ଅକ୍ଷୁନ୍ନ ରଖିବାପାଇଁ । ଉତ୍କଳର ଦୁଇଦ୍ୱାର ଦେଶରେ ଦୁଇ ବିଦେଶୀୟ ଶତ୍ରୁ । ପ୍ରାଣେଶ୍ୱର, ମୁଁ ତମର ସହଧର୍ମିଣୀ; ତଥାପି ନାରୀ ଅବଳା । ପାରିବି ନାହିଁ ଯେତେବେଳେ ତମେ ସେହି ବୈଦେଶିକ ବିରୁଦ୍ଧରେ ଅସ୍ତ୍ର ଧାରଣ କରିବ ।

ରାମ—ଖୁବ୍ ପାରିବ, ଲୀଳାବତୀ; ଯାଅ ।

ଲୀଳା—ନା, ପ୍ରିୟତମ, ଏକା କାହିଁ ଯିବି ମୁଁ ଅବଳା ? ମୋତେ ସଙ୍ଗରେ ନେଇଯାଅ ।

ରାମ—ନା, ଘରକୁ ଯାଅ । ବହୁତ ରାତି ହେଲାଣି, ଶୋଇବ ।

ଲୀଳା—ତମେ ମଧ୍ୟ ଆସ, ପ୍ରାଣେଶ୍ୱର ! ସାଙ୍ଗରେ ନେଇ ଯିବି ।

ରାମ—ନା, ଲୀଳାବତି, ଏଠାରେ ଏକ ମନ୍ତ୍ରଣା ଅଛି ମୋର । ରାଜ୍ୟର କାର୍ଯ୍ୟ, ପରେ ଯିବି । ଯାଅ ତମେ ଆଗେ ।

ଲୀଳା—ମନ୍ତ୍ରଣା । ଯୌବନର ପ୍ରଥମ ମନ୍ତ୍ରଣା କରିଥିଲ ଏଇ ଅର୍ଦ୍ଧାଙ୍ଗିନୀ ନାରୀର ସଙ୍ଗେ । ଆଜ ପରିଣତ ବୟସର ପ୍ରଥମ ମନ୍ତ୍ରଣା ପୁଣି ମୋରି ସଙ୍ଗେ ଆରମ୍ଭ କରିବ ଆସ, ପ୍ରିୟତମ ।

(ରାମଚନ୍ଦ୍ରଙ୍କୁ ଘେନି ପ୍ରସ୍ଥାନ)

ନେପଥ୍ୟେ ୧ମ—ଏଇ ଯେ କାହାର ପାଟି ଶୁଣା ଯାଉଛି ।

,, ୨ୟ—ରାଜା ଅପେକ୍ଷା କରିଛନ୍ତି ବୋଧହୁଏ ।

,, ୧ମ—ହୋଇପାରେ । ଆମର ତ ବିଳମ୍ବ ହୋଇ ନ ।

[ବିପରୀତ ଦିଗରୁ ଶିଖି ଓ ମନାଇଙ୍କ ପ୍ରବେଶ]

ଶିଖି—କାହିଁ କେହି ତ ନାହାନ୍ତି । କାହା ପାଟି ଶୁଣୁଥିଲ ତେବେ; ମନାଇ ?

ମନା—ତମେ କ'ଣ ଶୁଣିଲ ନେଇଁ କି ? କିଏ ଯେ ପାଟି କରୁଥିଲା ।

Digitized by srujan ka@gmail.com

ଶିଖି—ସେ ଆମର ନିଜ ପାଟି, ମନାଇ । ଗୋପନରେ ଆସିଲେ ଏକ ପାଟି ଶୁଣାଯାଏ । ଗୋପନୀୟତାର ତ ପୁଣି ଏକ ନାଦ ଅଛି କି ନା ।

ମନା—ଏଇ ରାଜା ହୁଏତ ଆସିଲେଣି । କା'ର ଯେ ପାଦଶବ୍ଦ ଶୁଭୁଛି ।

ଶିଖି—ଆମର ନିଜ ପାଦଶବ୍ଦ, ମନାଇ । ବିଜନତାର ଏକ ପାଦ-ଶବ୍ଦ ଅଛି କି ନା ।

[ରାମଚନ୍ଦ୍ର ଭଞ୍ଜଙ୍କ ପ୍ରବେଶ]

ରାମ—ଆସିଛ ଠିକ୍ ସମୟରେ ତ ବିଳମ୍ବ ମୋର ନା ?

ଶିଖି—ଆମେମାନେ ଏଇ ଆସି ପହଞ୍ଚିଲୁ, ମହାରାଜ !

ରାମ—ପ୍ରସ୍ତୁତ ଯିବା ନିମନ୍ତେ ?

ମନା—ପ୍ରସ୍ତୁତ, ମହାରାଜ !

ରାମ—କହିବ କଳାପାହାଡ଼ଙ୍କୁ—ସେ ସାହାଯ୍ୟ କରନ୍ତୁ ସୈନ୍ୟ ପଠାନ୍ତୁ, ନିଜେ ଆସନ୍ତୁ । ସମଗ୍ର ଉତ୍ତରାଞ୍ଚଳ । ସୁବର୍ଣ୍ଣରେଖା-ଠାରୁ ଗଙ୍ଗାତୀର ପର୍ଯ୍ୟନ୍ତ । ସେ ତ କିଛି କମ୍ ନୁହେଁ ।

ଶିଖି—ନା ବହୁତ, ମହାରାଜ, କମ୍ କ'ଣ ?

ରାମ—ତମେ ତ ବାଟ ଦେଖିଛ ? ସେ ଗୁପ୍ତ ବାଟ ?

ମନା—ଦେଖିଛୁ ।

ରାମ—ସେଇ ବାଟେ ସେନ ଆସିବ । ଖୁବ୍ ଗୋପନ, ଯେପରି ଜଣେ କେହି ନ ଜାଣେ । ଆଉ ମଧ୍ୟ କହିବ, ଏଣେ ତ ନିଶ୍ଚୟ । ବଙ୍ଗ-ନବାବଙ୍କ ପକ୍ଷରେ ଯୁଦ୍ଧ କରି ତାଙ୍କର କି ଲାଭ ? ବରଂ ଯୁଦ୍ଧ ତେଣେ ଚାଲୁଥିଲାବେଳେ ଆସିପାରିଲେ ଏଠାରେ କାର୍ଯ୍ୟ ସହଜ ହେବ ।

ମନା—ଠିକ୍, ମହାରାଜ !

ରାମ—ମୁକୁନ୍ଦ ଫେରି ନ ଥିବ ।

Digitized by srujan ka@gmail.com

ଶିଖି—ହଁ ମଣିମା !

ରାମ—ସୈନ୍ୟ ସାମନ୍ତ ଫେରି ନ ଥିବେ ।

ଶିଖି—ଦେଖୁଚ ମନାଇ, କମିତ ସୁବିଧା ? ଠିକ୍ ମଣିମା !

ରାମ—ଏ ଯୁଦ୍ଧର ସଂବାଦ ପାଇ ନ ଥିବେ ।

ମନା—ହଁ, ମହାରାଜ !

ରାମ—ତାହାହେଲେ କାର୍ଯ୍ୟ କେଡ଼େ ସହଜ ହେବ । କହିବ ସବୁ କଥା; କିନ୍ତୁ ବଡ଼ ଗୋପନ । ଶତ୍ରୁପକ୍ଷ ଟିକିଏ ସୁରାକ୍ ପାଇଲେ ଆଉ ଆଶା ନାହିଁ । ଶୀଘ୍ର ରାଜ୍ୟକୁ ଫେରି ଆସିବେ ।

ମନା—ତା ହେଲେ ତ ସର୍ବନାଶ ।

ଶିଖି—ସବୁ ଯେ ଗଲା ବୃଥା । ନା, ମହାରାଜ, ଖୁବ ଗୋପନ । ତେବେ ବିଦାୟ ହେଉଚି ।

ରାମ—ହଁ ଯାଅ । ପ୍ରଥମ କଥା, ସାଙ୍ଗରେ ନେଇ ଆସିବ । ଦ୍ୱିତୀୟ କଥା, ବଡ଼ ଗୋପନ ।

ଶିଖି—ଉଭୟ ଉଠି, ମଣିମା । ନିଶ୍ଚିନ୍ତ ରହିବେ ଏ ବିଷୟରେ ।

(ମନାଇ ସହ ପ୍ରସ୍ଥାନ)

ରାମ—ଏ ଏକ ପ୍ରକାର ନିଶ୍ଚିତ । ଓଡ଼ିଶା ଅଧିକାର କରିବା ମୁସଲ-ମାନର ପ୍ରବଳ ପିପାସା । ଏତେ ଦିନ ଯେ କରି ନାହିଁ, ତା'ର କାରଣ, ପାରି ନାହିଁ, ଏଭଳି ସୁଯୋଗ କେବେ ମିଳି ନାହିଁ । ଏ କିଛି କମ୍ ନୁହେଁ—ସୁବର୍ଣ୍ଣରେଖାଠାରୁ ଗଙ୍ଗାକୂଳ ପର୍ଯ୍ୟନ୍ତ । ବେଶ୍ ପ୍ରଲୋଭନ । କଳାପାହାଡ଼ ଆସିବ ନିଶ୍ଚୟ । ତା ସାହାଯ୍ୟରେ ପ୍ରଥମେ ମୁକୁନ୍ଦଦେବର ଶାସ୍ତି । ଶାସ୍ତି କ'ଣ ? ବିନାଶ । ଏଁ, ବିନାଶ ! ବିନାଶ ! ନା ରାଣୀ, ଏ ପ୍ରାଣକୁ କୋମଳ କରି ଦେଉଅଛ, ପଥରକୁ ତରଳ କରୁ-ଅଛ । ଅନ୍ତଃପୁରରେ ରାଣୀ, ଲୀଳାବତୀ, ରାଜ୍ୟଶାସନ ବା

Digitized by srujan ka@gmail.com

ଦେଶ ବିଜୟରେ ନୁହଁ । ବିନାଶ,ବିନାଶ ! ଜୀବନର ଲକ୍ଷ୍ୟ ମୋର ସ୍ଥିର । ଦମ୍ଭ ହୁଅ ହୃଦୟ । ଏ କମ୍ କଥା ନୁହେଁ— ଯାହା ଧୂର୍ଜଟି ପାର ନାଇଁ, ଧୂର୍ଜଟି ପର ଅତତାୟୀ । ମୁକୁନ୍ଦଦେବର ବିନାଶ । ବେଶ୍ । ଓଡ଼ିଶାର ସିଂହାସନ ଲାଭ । ବେଶ୍ । ତତ୍ପରେ ଏ ବିପୁଳ ଓଡ଼ିଆ ସେନା । କି ଚମତ୍କାର । କଳାପାହାଡ଼କୁ ତଡ଼ିବା ଏଇ ଫିକ୍କାର ପର ତେଣିକି । ଅତି ଉତ୍ତମ ଏ ପ୍ରସ୍ତାବ । ପ୍ରସ୍ତାବ କ'ଣ ? ପରି-ଣାମ ଫଳ, ଏ କଥା ଏଡ଼େ ନିଶ୍ଚିତ । ତେବେ ସେ କଥା ଖଣ୍ଡନ ହୋଇପାରେ । ଦିନେ ବାହାରିବ—ଓଡ଼ିଶାର ମହା-ରାଜା—ନିଶ୍ଚୟ କି କୁତ୍ସିତ ! କହିଥିଲି ଧୂର୍ଜଟିକି ଆସି-ବାକୁ । ଆଜି ଉଭୟ କାର୍ଯ୍ୟ ଏକାବେଳକେ କରିଥାନ୍ତି— ଓଡ଼ିଶାର ରାଜସିଂହାସନ ଲାଭ, ଆଉ ସଙ୍ଗେ ସଙ୍ଗେ ନର-ହନ୍ତା ଅପବାଦ ସମ୍ଭାବନା ଧୌତ । ମନ୍ତ୍ରୀ ଜାଣିଥିଲେ, ଯାଇଛି । ବାଳକ ଧୂର୍ଜଟି । କହିଥିଲି ଧୂର୍ଜଟିକି ଆସିବାକୁ । କ'ଣ ହେଲା ? ସନ୍ଧାନ ପାଇଗଲା ? ସଂଦେହ, ଅନୁମାନ ? କେଜାଣି । ସେ ଗଲେ ତ ନିଶ୍ଚିନ୍ତ, ପୂର୍ଣ୍ଣ ନିଶ୍ଚିନ୍ତ । ନା ଶେଷ କରିବାକୁ ହବ । ମୁହୂର୍ତ୍ତେ ବିଳମ୍ବ ନୁହେଁ । ଠିକ୍ ସମୟରେ ତ ଆସେ । ଆଜି ତା'ର ବିଳମ୍ବ କାହିଁକି ?

(ଧୂର୍ଜଟିର ପ୍ରବେଶ)

ଧୂର୍ଜ—କାହାର ବିଳମ୍ବ ମହାରାଜ ?

ରାମ—ତୋର ଧୂର୍ଜଟି ।

ଧୂର୍ଜ—ନା, ମହାରାଜ, ଠିକ୍ ତ ଆସିଛି । ବିଳମ୍ବ କର ନା ।

ରାମ—ନା, ଧୂର୍ଜଟି, ବିଳମ୍ବ ଖୁବ୍ ବିଳମ୍ବ । ରକ୍ତ କ୍ରମେ ଶୀତଳ ହୋଇଯିବ ।

Digitized by srujan ka@gmail.com

ଧୂର୍ଜ—କ'ଣ, ମହାରାଜ ?
ରାମ—ଧୂର୍ଜଟି, ତୁ ନରସିଂହ, ରଘୁରାମ, ମନ୍ତ୍ରୀ—ଏ ସମସ୍ତଙ୍କୁ ହତ୍ୟା କରିଚୁ ।
ଧୂର୍ଜ—ହଁ କରିଚି ମଣିମା; ତୁମ୍ଭ କହିବାରୁ କରିଚି ।
ରାମ—ତୁ ବଡ଼ ପାପୀ, ଧୂର୍ଜଟି ! ଦେ, ଶୀଘ୍ର ମନ୍ତ୍ରୀଙ୍କି ଆଣି ଦେ ।
ଧୂର୍ଜ—ଆଜ ଏପରି କାହିଁକି କହୁଚନ୍ତି, ମଣିମା ?
ରାମ—ନରସିଂହ, ରଘୁରାମକୁ ଆଣିଦେ ।
ଧୂର୍ଜ—ମହାରାଜ, ମୁଁ ପାଣ୍ଡଙ୍କୁ ଜାଣିକରି ଛାଡ଼ି ଦେଇ ନ । ବୁଢ଼ା ବଳଆର ସିଂହକୁ ଜାଣି କରି ଛାଡ଼ି ଦେଇ ନ ।
ରାମ—ନରସିଂହ, ରଘୁରାମ, ମନ୍ତ୍ରୀ ଯେଉଁବାଟେ ଯାଇଚନ୍ତି, ସେଇ ବାଟେ ଆଜ ଯା, ଧୂର୍ଜଟି । (ହାଣିବାକୁ ଉଦ୍ୟତ)
ଧୂର୍ଜ—ଏ ପ୍ରାଣ ରଖନ୍ତୁ, ମହାରାଜ ! ପାଣ୍ଡଙ୍କ ମୁଣ୍ଡ ଆଣିଦେବି, ଆଉ-
ରାମ—ନା, ଧୂର୍ଜଟି, ତୋର ମୁଣ୍ଡ— (ହାଣିବାକୁ ଉଦ୍ୟତ)
ଧୂର୍ଜ—ନା, ମହାରାଜ ! (ପଳାୟନ ଓ ରାମଚନ୍ଦ୍ରଭଞ୍ଜଙ୍କ ଅନୁଧାବନ)
ନେପଥ୍ୟେ—ଯା, ଧୂର୍ଜଟି; ଖୋଜି ଥା ଏଥର ଆଜୀବନ ନର୍କବାସରେ
ନେପଥ୍ୟେ—(ମୃତ୍ୟୁଚିତ୍କାର)

ସପ୍ତମ ଦୃଶ୍ୟ

ବଙ୍ଗଯୁଦ୍ଧକ୍ଷେତ୍ରର ଏକ ପ୍ରାନ୍ତ ।

(ସୁଲେମାନ୍ ଆହତ ଓ ନିପତିତ)

ସୁଲେ—ଦିଲ୍ଲିର, ଦିଲ୍ଲିର, ଦିଲ୍ଲିର ! ଏ ଶେଷ ମୁହୂର୍ତ୍ତରେ ମଧ୍ୟ ନାହିଁ—ଟିକଏ ଆସିଲ ନାହିଁ ? ନା, ଆଉ ଅସମ୍ଭବ; ଏ ଜୀବନରେ ଅସମ୍ଭବ, ଦିଲ୍ଲିର୍ ! ଥରେ ଦେଖି ଥାଆନ୍ତି ମାତ୍ର । ଆହୋ, କି କଷ୍ଟ ! ବଙ୍ଗର ପ୍ରତାପଶାଳୀ, ବଡ଼ ଗର୍ବରେ

Digitized by srujan ka@gmail.com

କହୁଥିଲ, ନା ବଙ୍ଗର ନବାବ ନୁହେଁ, ବଙ୍ଗର ବାଦ୍‌ଶାହ, —ଓହୋ, ଏ ନିର୍ଜନ ଧୂଳିଶଯ୍ୟାରେ—ଜୀବନଲୀଳା ଶେଷ ! ସୁଲେମାନ୍ ନାମ ଏହିଠାରେ ଲୁପ୍ତ ହେବ । ଆଚ୍ଛା, ପ୍ରସ୍ତୁତ ହୁଏ; ଓହୋ, ପ୍ରସ୍ତୁତ ହୁଏ । ବଙ୍ଗର ବାଦଶାହ ସୁଲେମାନ୍ ଏଠାରେ ମୁମୂର୍ଷୁ, ନା, ନା, ନା, ମୃତ୍ୟୁ ନିମନ୍ତ୍ରେ ପ୍ରସ୍ତୁତ । କେହି ଆସିଲ ନାହିଁ ? ଆଚ୍ଛା, ଆଉ ଅସମ୍ଭବ । ଲୁପ୍ତ ହୁଅ ସୁଲେମାନ୍ ନାମ ଏ ବିଜନ ପ୍ରାନ୍ତରରେ—ଓହୋ—ଜଗତର ଅଗୋଚରରେ—

(ମୁକୁନ୍ଦ ଦେବଙ୍କ ପ୍ରବେଶ)

ମୁକୁନ୍ଦ—ନା, ତା ହେବ ନାହିଁ; ବାଦଶାହ ।

ସୁଲେ—କାହିଁକି ? କିଏ ତମେ ? ଦିଲ୍ଲିର୍ ?

ମୁକୁନ୍ଦ—ନା ବାଦଶାହ, ଓଡ଼ିଶାର ରାଜା ମୁକୁନ୍ଦଦେବ ।

ସୁଲେ—ଶତ୍ରୁ ! ଆଚ୍ଛା, ଆସନ୍ତୁ, ମହାରାଜ । (ଖଡ୍‌ଗ ଧରି ଦଣ୍ଡାୟମାନ)

ମୁକୁନ୍ଦ—ମୁଁ ନିରସ୍ତ୍ର, ବାଦଶାହ, ମୁଁ ବର୍ତ୍ତମାନ ମିତ୍ର । ବନ୍ଦ ହୁଅନ୍ତୁ ।

ସୁଲେ—(ପୁଣି ଭୂତଳରେ ପଡ଼ି) କପଟ ? ଓହୋ, ବଡ଼ କଷ୍ଟ, ଦିଲ୍ଲିର୍, ଦିଲ୍ଲିର୍ !

ମୁକୁନ୍ଦ—କେହି ନାହାନ୍ତି, ବାଦଶାହ । କ'ଣ ମତେ କହନ୍ତୁ ।

ସୁଲେ—ଆପଣ ଶତ୍ରୁ ପ୍ରତି ଏପରି ବ୍ୟବହାର ଯେ କରୁଚନ୍ତି, ମହାରାଜ ! ଯୁଦ୍ଧ କ'ଣ ହେଉ ନାହିଁ ଆଉ ?

ମୁକୁନ୍ଦ—ହେଉଚି । (ସୁଲେମାନ୍‌ଙ୍କ ମୁଣ୍ଡ ନିଜ କୋଳରେ ରଖି) ମୁସଲମାନ ବୀର ବଙ୍ଗର ବାଦଶାହ ବଡ଼ ଯନ୍ତ୍ରଣ, ବଡ଼ କଷ୍ଟ ! ଅସ୍ତ୍ରାଘାତରେ ଅଙ୍ଗ କ୍ଷତ ବିକ୍ଷତ, ଦେହରୁ ରକ୍ତଧାର ବହିଯାଉଅଛି । ବିଶ୍ରାମ କରନ୍ତୁ, ବାଦଶାହ ! ଶରୀରର କ୍ଷତହିଁ ତ ବୀରର ପରିଚୟ । ଟିକିଏ ବିଶ୍ରାମ କରନ୍ତୁ ନିଷ୍ଟି-

Digitized by srujan ka@gmail.com

ନ୍ତରେ; ଶୀଘ୍ର ଆରୋଗ୍ୟ ହୋଇଯିବେ । ଯୁଦ୍ଧର ଚିନ୍ତା । ମନରୁ ଦୂର କରନ୍ତୁ । ଯୁଦ୍ଧ ଅବଶ୍ୟ ଚାଲିଚି । ଆପଣ ଆଶ୍ୱସ୍ତ ହେଲେ ପୁନର୍ବାର ଉଭୟେ ଯାଇ ଦଣ୍ଡାୟମାନ ହେବା ! ଏଇଲା ଜଣେ କିଏ ମୁସଲମାନ୍ ଆସୁଚନ୍ତି ଯେ । ବେଶ୍, ଠିକ୍ ସମୟରେ ଆସିଚନ୍ତି ।

(ଦିଲ୍ଲିର୍ ଖାଁଙ୍କ ପ୍ରବେଶ)

ତମେ ଦିଲ୍ଲିର୍ ଖାଁ ?

ଦିଲ୍ଲି—ଏ କ'ଣ ଖୋଦାବନ୍ଦ !

ସୁଲେ—ଦିଲ୍ଲିର୍ !

ଦିଲ୍ଲି—ବାଦଶାହଙ୍କୁ ଆଘାତ କରିଚୁ, ହିନ୍ଦୁ । ଖୋଦା, ଖୋଦା ! ଏବେ ନିଜ କର୍ମର ଫଳ ଭୁଞ୍ଜ, କାଫେର୍ ।

(ମାରିବାକୁ ଉଦ୍ୟତ)

ସୁଲେ—(ସ୍ୱହସ୍ତେ ଶସ୍ତ୍ର ନିବୋଧ କରି) ସ୍ଥିର ହୁଅ, ଦିଲ୍ଲିର୍ । (ପୁଣି ନିପତିତ) ଓହୋ !

ମୁକୁନ୍ଦ—ସ୍ଥିର ହୁଅନ୍ତୁ ବାଦଶାହ ।

ଦିଲ୍ଲି—ଖୋଦାବନ୍ଦ୍ !

ସୁଲେ—ଦିଲ୍ଲିର, ଶୁଣିଥିଲି ଓଡ଼ିଆ ଉଦାର ବୋଲି । ମନେ-କରିଥିଲି, ଗଜନୀର ମହାମୁଦଶା ବା କାବୁଲର ବାବରଙ୍କ ପରି, ଖୁବ ବେଶି ହେଲେ, ହୋଇଥିବ । ଓହୋ, କହିପାରୁ ନାହିଁ ବଡ କଷ୍ଟ ବଡ଼ ଯନ୍ତ୍ରଣା ।

ମୁକୁନ୍ଦ—ବିଶେଷ ଗଳ୍ପ କରନ୍ତୁ ନାହିଁ ବାଦଶାହ । ବିଶ୍ରାମ କରନ୍ତୁ । କଷ୍ଟ ହେଉଚି ?

ସୁଲେ—ନା, ଓଡ଼ିଆକୁ ଚିହ୍ନି ନ ଥିଲି, ଏପରି ଉଦାର ସ୍ୱପ୍ନରେ ଭାବି ନ ଥିଲି, ଦିଲ୍ଲିର୍ ! ଓହୋ !

Digitized by srujan ka@gmail.com

ମୁକୁନ୍ଦ—ଏତେ ଗଳ୍ପ କରନ୍ତୁ ନାହିଁ, କହିଲି । ବାଧିବ ଅଧିକ ।
ସୁଲେ ନା, ମହାରାଜ, ଭଲ ଲାଗିଲାଣି । ଜଷ୍ଟୁ ? ନା, ଚନ୍ଦ୍ରି ରଖ, ହଲ୍ଲିର, ଖର୍ଗି ରଖ ଓଡ଼ଶାର ମହାରାଜ ମୁକୁନ୍ଦଦେବଙ୍କୁ —ଯେପରି ବୀର, ସେହିପରି ଉଦାର—
ହଲ୍ଲି—(ନତଜାନୁ ହୋଇ) କ୍ଷମା କରନ୍ତୁ, ମହାରାଜ, ଅଜ୍ଞାନ-ବଶତଃ ଅନ୍ୟାୟ କରିଚି ।
ସୁଲେ—ଚନ୍ଦ୍ରି ରଖ । ଓହୋ !
ମୁକୁନ୍ଦ—ଏତେ ଗପନ୍ତୁ ନାହିଁ, କହିଲେ ।

(ସୈନିକର ପ୍ରବେଶ)

ସୈନିକ—ମହାରାଜ, ମହିମା, ଯୁଦ୍ଧ ଶେଷ; ମୁସଲମାନ୍‌ମାନେ ଛତ୍ରଭଙ୍ଗ ହୋଇ ପଳାଉଚନ୍ତି ।
ମୁକୁନ୍ଦ—ଆଚ୍ଛା, ଶୁଣୁଥିଅ ।
ସୈନିକ—ସେନାପତି ଗୋଡ଼ାଇଛନ୍ତି ।
ମୁକୁନ୍ଦ—ଫେରିଯାଅ, ସୈନିକ । (ସୁଲେମାନ୍ ପ୍ରତି) ଟିକିଏ ଭଲ ଲାଗୁଚି ଏବେ ? (ସୈନିକର ପ୍ରସ୍ଥାନ)
ସୁଲେ—ଲାଗୁଚି । ଆପଣ ତ ବର୍ତ୍ତମାନ ବିଜୟୀ, ମହାରାଜ
ମୁକୁନ୍ଦ—ଶୁଣନ୍ତୁ ବାଦଶାହ, କଷ୍ଟିନ୍ତରେ ଟିକିଏ । ଆଚ୍ଛା, ହଲ୍ଲିର୍ ଶିବିରକୁ ନେବାରେ ଆୟୋଜନ କର ଦେଖି ।
ସୁଲେ—କ'ଣ କରିପିବ, ମହାରାଜ ? ଶିବିର ତ ବହୁଦୂର ।
ମୁକୁନ୍ଦ—ଆଚ୍ଛା, ଡାକ ସେ ସୈନିକଙ୍କୁ । (ହଲ୍ଲୀର୍ ପ୍ରସ୍ଥାନ) ଶିବିରକୁ ଗଲେ ବାଦଶାହ, ଟିକିଏ କଷ୍ଟିନ୍ତରେ ଶୋଇବେ । ବର୍ତ୍ତମାନ ବିଶ୍ରାମ ପ୍ରୟୋଜନ, ବିଶ୍ରାମ କଲେ ଶୀଘ୍ର ଆରୋଗ୍ୟ ହୋଇପିବେ ।
ସୁଲେ—ଆଚ୍ଛା । (ସୈନିକ ସହ ହଲ୍ଲିର୍‌ଙ୍କ ପ୍ରବେଶ) ।
ମୁକୁନ୍ଦ—ଶୀଘ୍ର ଶୁଆଇ ଅଣାଅ, ସୈନିକ ! ଖୁବ୍ ଶୀଘ୍ର ।

Digitized by srujan ka@gmail.com

ସୈନିକ—ମହାରାଜ ! 		(ପ୍ରସ୍ଥାନ)

ମୁକୁନ୍ଦ—କେତେ ସମୟ ଲାଗିବ, ଦଳିର ! ଶିବିରରେ ପହଞ୍ଚିବାକୁ ?

ଦଳି—ସେତେ ବେଶି ନୁହେଁ; ମହାରାଜ ।

ସୁଲେ—ଓହୋ ଏଇ ମସ୍ତକ କାଟିଥାନ୍ତେ, ମହାରାଜ, ଭୂତଳ ରଞ୍ଜିତ କରିଥାନ୍ତେ ଶତ୍ରୁରକ୍ତରେ । ନା, ଏ ହେବ ନାହିଁ । ମୁଁ ତ ବର୍ତ୍ତମାନ ମୃତ । ବଞ୍ଚିବ ପୁଣି କପରି ।

ମକୁନ୍ଦ—ବଞ୍ଚିବେ ।

ସୁଲେ—କାହିଁକି

ମକୁନ୍ଦ—ପୁଣି ଯୁଦ୍ଧଭୂମିରେ ଦଣ୍ଡାୟମାନ ହେବେ ।

ସୁଲେ—ଆଜ୍ଞା ।

ମୁକୁନ୍ଦ—ପୁନରାୟ ପରସ୍ପରର ଶତ୍ରୁ ରୂପରେ ।

ସୁଲେ—ଆଜ୍ଞା । 		(ସୈନିକର ପ୍ରବେଶ)

ମକୁନ୍ଦ—ସେତେବେଳେ ଭୂତଳ ରଞ୍ଜିତ କରିବେ ଯଦି, ଆବଶ୍ୟକ ହୁଏ, ଶତ୍ରୁରକ୍ତରେ । କ'ଣ ଆସିଲ ସୈନିକ ।

ସୈନିକ—ମହାରାଜ ।

ମୁକୁନ୍ଦ—ଧର ଦଳିର୍ । [ଉଭୟେ ଧରି ସୁଲେମାନଙ୍କୁ ଉଠାଇଲେ]

ସୁଲେ—ବଡ ଆହ୍ଲାଦ, ଦଳିର୍, ଜୀବନରେ ଏଭଳି ଶତ୍ରୁଲାଭ କରି । ଧନ୍ୟ ଓଡ଼ିଆ । ବିଦାୟ ତେବେ, ମହାରାଜ ! ବୀର, ଉଦାର ମହତ୍ ଏକପ୍ରାଣରେ ।

(ସୁଲେମାନ୍ଙ୍କ ସହିତ ଦଳିର୍ଙ୍କ ପ୍ରସ୍ଥାନ)

ମୁକୁନ୍ଦ—କ'ଣ କହୁଥିଲ, ସୈନିକ ମୁସଲମାନ୍ ପରାସ୍ତ !

ସୈନିକ—ହଁ ମହାରାଜ ।

ମୁକୁନ୍ଦ—ପରାସ୍ତ ?

ସୈନିକ—ହଁ, ମଣିମା, ପରାସ୍ତ ।

Digitized by srujan ka@gmail.com

ମୁକୁନ୍ଦ—ସେନାପତି ?
ସୈନିକ—ସେ ତ ଗୋଡ଼େଇଥିଲେ ।
ମୁକୁନ୍ଦ—କାହାକୁ ?
ସୈନିକ—ସେଇ ସୈନ୍ୟମାନଙ୍କୁ ।
ମୁକୁନ୍ଦ—ମୁସଲମାନ୍ ସେନାପତି ? ସେ ମଧ୍ୟ କ'ଣ ପଳାଇଚନ୍ତି ?

(ବିପରୀତ ଦିଗରୁ ଧନୁର୍ଦ୍ଧର ଓ ସୈନିକଗଣଙ୍କ ସହ । କଳାପାହାଡ଼ ବନ୍ଦୀରୂପେ ପ୍ରବେଶ)

ଏକ୍ତ ! ସେନାପତି, ଆପଣ ବନ୍ଦୀରୂପେ ଏଠାରେ ?

କଳା—ହଁ ।
ମୁକୁନ୍ଦ—କପରି ବ୍ୟବହାର ଗ୍ରହାନ୍ତି ?
କଳା—ଯେପରି ବ୍ୟବହାର ବନ୍ଦୀକର୍ତ୍ତାର ଇଚ୍ଛା । ମୁଁ ପ୍ରାଣର ଭିକ୍ଷୁକ ନୁହେଁ, ମହାରାଜ ଶତ୍ରୁ ନିକଟରେ ।
ମୁକୁନ୍ଦ—ନା, ବନ୍ଧନରୁ ମୁକ୍ତକର, ଚମୂପତି ।
କଳା—ମୁକ୍ତ ? ତା'ର ଉପଯୁକ୍ତ ହେଲେ ନିଜେ—ଗ୍ରହଣ କରିବ; ମାଗିନେବ ନାହିଁ ନିଶ୍ଚୟ ।
ମୁକୁନ୍ଦ—ଆପଣ ଉପଯୁକ୍ତ, ସେନାପତି ।

(ଧନୁର୍ଦ୍ଧରଙ୍କଦ୍ୱାରା କଳାପାହାଡ଼ ମୁକ୍ତ)

କଳା—ଆଚ୍ଛା । ବର୍ତ୍ତମାନ ମୋର କର୍ତ୍ତବ୍ୟ ?
ମୁକୁନ୍ଦ ବିଦାୟ ହୁଅନ୍ତୁ, ସେନାପତି, ନିଜ ଶିବିରକୁ ।
କଳା—ବିଦାୟ ତେବେ, ମହାରାଜ ! (ପ୍ରସ୍ଥାନ)
ମୁକୁନ୍ଦ—ମୁସଲମାନ୍ ସେନାପତି ବେଶ୍ ବୀର । ବନ୍ଧନ ପ୍ରତି ଭ୍ରୂକ୍ଷେପ ନାହିଁ । ସିଂହ ପଦବିକ୍ଷେପରେ ଚାଲିଗଲେ । ବର୍ତ୍ତମାନ ଯୁଦ୍ଧ ଶେଷ । ସ୍ୱଦେଶକୁ ଫେରି ଯିବା, ଚମୂପତି ! ଜନ୍ମଭୂମି ବଡ଼ ବିପନ୍ନ । ମନ୍ତ୍ରୀ, ସେନାପତି ବଡ଼ ନିଃସହାୟ

Digitized by srujan ka@gmail.com

ସ୍ୱଦେଶ, ଆହା ଜନ୍ମଭୂମି କ ମଧୁମୟ ! ତୋର ସେ ବନ-ପର୍ବତ, ନଦୀପ୍ରାନ୍ତର, ପୁରପଲ୍ଲୀମୟ ବିଶାଳ ମୂର୍ତ୍ତି, ମୋହନ କମନୀୟ ରୂପଲାବଣ୍ୟ ଥରେ ଦେଖାଅ, ମା । ମୁଁ ତୋର ସ୍ନେହବିଲେପିତ କୋଳରେ ଥରେ ମୁଣ୍ଡ ଦେଇ ମା ବୋଲି ଡାକେ । ମା ଜନନୀଜନ୍ମଭୂମି । (ନିକଟରେ ଗୋଳ) ଏ କୋଳାହଳ ପୁଣି କ'ଣ, ଚମୂପତି ? କାହାର ଯେ ପରିଚିତ ସ୍ୱର । ବହୁଦିନ ଯେପରି ଶୁଣି ନ ଥିଲି । ଆଜ ବୀଣା-ଧ୍ୱନି ସଦୃଶ କର୍ଣ୍ଣପଟ ଭେଦ କରୁଛି । କିଏ

(ମନ୍ତ୍ରୀ, ସେନାପତିଙ୍କ ପ୍ରବେଶ)

ମନ୍ତ୍ରୀ, ସେନାପତି ?

ମନ୍ତ୍ରୀ—ମହାରାଜ ! ଏ ରାଜମୁକୁଟ ଗ୍ରହଣ କରନ୍ତୁ । ଆପଣ ସେଠାରେ ରଖିଦେଇ ଆସିଲେ । ସିଂହାସନ ଶୂନ୍ୟ ରହିଲା । ମା ଉତ୍କଳଜନନୀଙ୍କର ପ୍ରେରଣା ଏ, ଆମମାନଙ୍କର କାର୍ଯ୍ୟ ନୁହେଁ । ଏ ମୁକୁଟ ପୁନର୍ବାର ଏଇ ମସ୍ତକ ବିମଣ୍ଡିତ କରୁ ।

(ମୁକୁଟ ପିନ୍ଧାଇଦେଲେ)

ମହାରାଜଙ୍କର ଜୟ ଗାନ କର, ସୈନିକଗଣ ।

ସୈନିକ—ଜୟ, ମହାରାଜାଙ୍କର ଜୟ ।

ଯବନିକା

Digitized by srujan ka@gmail.com

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

କଳାପାହାଡ଼ଙ୍କ କକ୍ଷ

(କଳାପାହାଡ, ଶିଖି, ମନାଇ ଆସୀନ)

କଳା—ଗଙ୍ଗାକୂଳରୁ ସୁବର୍ଣ୍ଣରେଖା ପର୍ଯ୍ୟନ୍ତ ।

ମନାଇ—ହଁ, ସେନାପତି ସାହେବ, ସେ ସମଗ୍ର ଦେଶ ।

କଳା—ଏ ତ ଓଡ଼ିଶାର ଉତ୍ତରାଞ୍ଚଳ । ପୁଣି ଦକ୍ଷିଣାଞ୍ଚଳ କେଉଁ ପର୍ଯ୍ୟନ୍ତ ?

ଶିଖି—ସୁବର୍ଣ୍ଣରେଖାରୁ ଗୋଦାବରୀ ପର୍ଯ୍ୟନ୍ତ ।

କଳା—ସେ ତ ଏକ ଖୁବ୍ ବିଶାଳ ଦେଶ ତାହାହେଲେ । ଓଡ଼ିଆ ନିଜ ବାହୁବଳରେ ଏ ବିଶାଳ ରାଜ୍ୟ ଅଧିକାର କରିଛି । ନା ? ଗଙ୍ଗାକୂଳରୁ ଗୋଦାବରୀଯାଏ । ଏ ଉତ୍ତର, ସେ ଦକ୍ଷିଣ । ଏକ ଓଡ଼ିଶାର ଦେଶ ତ । ପୁଣି ଉତ୍ତର-ଦକ୍ଷିଣ ଆଉ କ'ଣ ? ଆଚ୍ଛା ଆମେ ସାହାଯ୍ୟ କରିବା । ତେବେ ତମେ କହ, ଶୀଘ୍ର । କାହିଁକି, ଏତେ ଶୀଘ୍ର କାହିଁକି ?

ମନାଇ—ବର୍ତ୍ତମାନ ସୁଯୋଗ ବେଶ୍ ।

Digitized by srujan ka@gmail.com

କଳା—ଶୁଣେ କି ସୁଯୋଗ । ଏକ ସୁଯୋଗ, ଓଡ଼ିଶାର ରାଜା ରାଜଧାନୀରୁ ବହୁ ଦୂରରେ । ମନ୍ତ୍ରୀ, ସେନାପତି, ସୈନ୍ୟ— ସମସ୍ତେ । କମ୍ ସୁଯୋଗ ନୁହେଁ ଅବଶ୍ୟ । ଆଉ ସୁଯୋଗ ପୁଣି କ'ଣ ?

ଶୀଖି—ଦ୍ୱିତୀୟ ସୁଯୋଗ ଏଇ ଯେ ବର୍ଷାକାଳ ହୋଇଗଲେ ନଈ ନାଳ ପୂର୍ଣ୍ଣ ହୋଇଯିବ, ବନ ପର୍ବତ ଦୁର୍ଭେଦ୍ୟ ହୋଇ ଉଠିବ। ତା ଆଗରୁ ଯାଇ ପହଞ୍ଚିବା ଆବଶ୍ୟକ ।

କଳା—ସେ ତ ଠିକ୍; କିନ୍ତୁ ମୁକୁନ୍ଦଦେବ ଯେ ସମ୍ବାଦ ପାଇ ଶୀଘ୍ର ଫେରିବ, ତା'ର କ'ଣ ?

ମନାଇ—ନା, ସେନାପତିସାହେବ । ଆମମାନଙ୍କର ପଥ ଅତ୍ୟନ୍ତ ଗୋପନୀୟ; ନିବିଡ଼ ବନ-ପର୍ବତମଧ୍ୟରେ । କାହାର ଜାଣିବାର କୌଣସି ସମ୍ଭାବନା ନାହିଁ । ପ୍ରସ୍ତୁତ ହୁଅନ୍ତୁ । ସୈନ୍ୟ ସଜ୍ଜିତ କରନ୍ତୁ । ଅସ୍ତ୍ର ଶସ୍ତ୍ର ସଂଗ୍ରହ କରନ୍ତୁ । ଆଉ ବିଳମ୍ବ ନୁହେଁ । ଆମେମାନେ ବର୍ତ୍ତମାନ ଆସୁ । ସବୁ ପ୍ରସ୍ତୁତ ହେଲେ ସଙ୍ଗରେ ନେଇ ଯିବୁ ।

(ଶୀଖି, ମନାଇଙ୍କର ପ୍ରସ୍ଥାନ)

କଳା—ସୁନ୍ଦର ପ୍ରସ୍ତାବ। ଯାହା ଖୋଜି ଥିଲି ଏତେଦିନେ ଭାଗ୍ୟରେ ଘଟିଛି । ଓଡ଼ିଆର ସାହାଯ୍ୟ ବିନା ଓଡ଼ିଶା ଅଧିକାର ? ଅସମ୍ଭବ । ପ୍ରବେଶ କରିବାର ଦୁର୍ବହ ବ୍ୟାପାର । ଓଡ଼ିଆର ବୀରତ୍ୱ, କୌଶଳ ମଧ୍ୟ କିଛି କମ୍ ନୁହେଁ । ବୀରତ୍ୱ ! ଓହୋ କି ବୀରତ୍ୱ ସେ ମୁକୁନ୍ଦଦେବର । ସେ ଦିନ ଫେରାଇ ଦେଲା; କହିଲା, 'ନା, ତା ହେବ ନାହିଁ ।' କି ଘୋର ଲାଞ୍ଛନା ବଙ୍ଗସେନାପତି ପକ୍ଷରେ ! ମୁସଲମାନ-ବିଜୟ-ପତାକା ଭାରତର ସର୍ବତ୍ର ଉଡ଼ୁଅଛି । ବାକି କେବଳ ଓଡ଼ିଶା!

Digitized by srujan ka@gmail.com

ଆଛା, ଏବେ ରାମଚନ୍ଦ୍ର ଭଞ୍ଜର ସାହାଯ୍ୟ । ଏ ଏକ ଈଶ୍ୱର-ପ୍ରେରିତ ସମ୍ପଦ । ଓହୋ, କି ଲାଞ୍ଛନା ସେ ଦିନ । 'ବାଛି ନେଲ ଆପଣଙ୍କର ଫେରିଯିବା, ଆଜି ଯଦି ହୁଏ, ତା'ର ଫଳରେ ଆମମାନଙ୍କର ପରାଜୟ ।' ଏବେ ପରାଜୟ ନିଶ୍ଚିତ । ଠିକ୍ ବାଛି ନେଇଅଛ, ମହାରାଜ । ସ୍ୱୀକାର କରେ ତୁମ୍ଭର ବୀରତ୍ୱ ଅଛି, ଯୁଦ୍ଧର କୌଶଳ ଅଛି । ହଁ, ସେ ଦିନ ବନ୍ଦୀ ହୋଇଥିଲି । ସେ ତ ଏକ ଭାଗ୍ୟର ଭ୍ରୂକୁଟୀରେ । ମୁକ୍ତ କରିଦେଲ, ମୁକୁନ୍ଦଦେବ । ସେଥିପାଇଁ କୃତଜ୍ଞତା ? କଳାପାହାଡ଼ ନୀଚ, ଘୃଣ୍ୟ ପାଷାଣ୍ଡ ହୋଇପାରେ; କିନ୍ତୁ ନୁହେଁ ଏକ କଥା—ସେ ଅକୃତଜ୍ଞ । ନା, ମୁଁ ମୁକ୍ତିଭିକ୍ଷା କରିନାହିଁ କରୁଁ । ପ୍ରାର୍ଥୀ କୃତଜ୍ଞ ହୋଇପାରେ । ବନ୍ଦୀକୁ ଅଯାଚିତ ମୁକ୍ତ କରିବା ତ ବନ୍ଦୀକର୍ତ୍ତାର ଉଦାରତା । ସେଇ ତ ତା'ର ପୁରସ୍କାର । ଆଉ ପୁଣି କ'ଣ ? ନା' ଦେଖିବ ଯୁଦ୍ଧକ୍ଷେତ୍ରରେ କଳାପାହାଡ଼ କ'ଣ କରିପାରେ, ଅପମାନର କି ପ୍ରତିଶୋଧ ନେଇ ପାରେ । ତଥାପି ଗୋପନ । ଦେଖ, ଦାଉଦ୍ ଖାଁ ବେଶ୍ ପାରିବ । ମଣିପୁର ରାଜାକୁ ଉତ୍ତ୍ୟକ୍ତ କରାଇ ଏକ ଯୁଦ୍ଧର ସୂତ୍ରପାତ କରିବ । ତତ୍ପରେ ସେଇ ଦାଉଦ୍ ଖାଁହାର ସନ୍ଧି । ତାହାହେଲେ ଓଡ଼ିଶା ଅଭିଯାନ ନିରାପଦ; ସେହିପରି ଗୋପନୀୟ ପନ୍ଥା ।

(ବଲ୍ଲିରଙ୍କ ପ୍ରବେଶ)

କଏ, ବଲ୍ଲିର୍ ଖାଁ ? କି ସମ୍ବାଦ ?

ବଲ୍ଲି—ସଂବାଦ କରୁଁ ଦବାକୁ ଆସିନାହିଁ ଜନାବ୍ ଆସିଛି ନବାକୁ ।

କଳା—ସଂବାଦ ନବାକୁ । ବଡ଼ ଦୁଃସମ୍ବାଦ ବଲ୍ଲିର । ଦେଶର ଅବସ୍ଥା ବଡ଼ ଶୋଚନୀୟ । ଏଣେ ପ୍ରବଳପ୍ରତାପ ମୋଗଲ-ସମ୍ରାଟ୍ ଶତ୍ରୁ । ପୁଣି ଦକ୍ଷିଣ ସୀମା ଦେଖୁଛ ଅତି ଭୀଷଣ ।

Digitized by srujan ka@gmail.com

ବିକ୍ରମଶାଳୀ ଓଡ଼ିଶାରାଜା ସୈନ୍ୟ ସଜ୍ଜିତ କରି ବସିଛନ୍ତି । ତାଙ୍କର ଶକ୍ତି, କୌଶଳରେ ଜାଣ ସେ ଦିନର ପରାଜୟ, ଆଫଗାନ ଜାତିର କଳଙ୍କ, ମୁସଲମାନ୍ ପରାକ୍ରମର ଘୋର ଅପଖ୍ୟାତି । ତେଣୁ ପୁଣି ଶୁଣାଯାଏ ମଣିପୁରରାଜା ଶୀଘ୍ର ଯୁଦ୍ଧଘୋଷଣା କରିବେ । ବଙ୍ଗସୀମାରେ ବର୍ତ୍ତମାନ ସୈନ୍ୟ ସଞ୍ଚାଳନ କରୁଅଛନ୍ତି । ଏହାଠାରୁ ବଳି ଆଉ କ'ଣ ଅଧିକ ଦୁଃସମ୍ବାଦ ହୋଇପାରେ, ହିମ୍ମିର ?

ହିମ୍ମି—ନା, ଜନାବ୍ । ବିପଦର ସମୟରେ ପୁଣି ମଣିପୁର ଯୁଦ୍ଧର ସୂତ୍ରପାତ ! ଏ ଯେପରି ଈଶ୍ୱରଙ୍କ ନିର୍ଦ୍ଦେଶ ଯେ ଆଫଗାନ୍ ରାଜ୍ୟ ବିଧ୍ୱସ୍ତ ହେଉ, ଆଫଗାନ୍ ବାଦଶାହ ବିପଦ୍‌ଗ୍ରସ୍ତ ହୁଅନ୍ତୁ, ଆଫଗାନ ନାମ ବଙ୍ଗଇତିହାସରୁ ଲୁପ୍ତ ହେଉ । କିନ୍ତୁ ନା, ଆମମାନଙ୍କୁ ଧୈର୍ଯ୍ୟର ସହିତ କାର୍ଯ୍ୟ କରିବାକୁ ହେବ, ଶତ୍ରୁ ଆକ୍ରମଣରୁ ରାଜ୍ୟ ରକ୍ଷା କରିବାକୁ ହେବ, ଯଥାସମ୍ଭବ ଆଫଗାନ୍ ନାମ ବଜାଏ ରଖିବାକୁ ହେବ ।

କଲା—ତା' ତ ନିଶ୍ଚୟ । ଆଫଗାନ୍ ଏତେ ଦୁର୍ବଳ ନୁହେ ହିମ୍ମିର୍, ଯେ ଆକ୍‌ବରଶାହ, ମୁକୁନ୍ଦଦେବ ବା ମଣିପୁରରାଜାଙ୍କ ସାମାନ୍ୟ ଚକ୍ରାନ୍ତରେ ବିକମ୍ପିତ ହେବ । ଆମ୍ଭମାନଙ୍କୁ ସୈନ୍ୟ ସଜ୍ଜିତ କରିବାକୁ ହେବ, ଯୁଦ୍ଧଭୂମିରେ ଦଣ୍ଡାୟମାନ ହେବାକୁ ହେବ; ଯଥାଶକ୍ତି ଜୀବନ ଦେଇ ଦେଶର ଗୌରବ ରଖିବାକୁ ହେବ ।

ହିମ୍ମି—ତଥାପି ଚିନ୍ତାର ବିଷୟ, ଜନାବ୍, ଯେ ତିନି ଦିଗରେ ଶତ୍ରୁ । ମନୁଷ୍ୟ ଏକ ଦିଗ ସ୍ୱଚ୍ଛନ୍ଦ ଜଗି ପାରେ, ଦୁଇ ଦିଗ ଠିକଏ ଲକ୍ଷ୍ୟ କରି ପାରେ, କିନ୍ତୁ ତିନି ଦିଗରେ ଶତ୍ରୁ ଉପସ୍ଥିତ ହେଲେ ଆପଣଙ୍କୁ ଜଗି ରଖିବା ଯେ ଅତି ଅସାଧ ହୋଇ-

Digitized by srujan ka@gmail.com

ପଡ଼େ । ବର୍ତ୍ତମାନ ବଙ୍ଗର ଅପଗାନ୍ ରାଜ୍ୟର ଅବସ୍ଥା ସେହିପରି; ଏକ ଦିଗ ନୁହେଁ, ଦୁଇ ଦିଗ ନୁହେଁ, ତିନ ଦିଗ ରକ୍ଷା କରିବାକୁ ହେବ; କିନ୍ତୁ ଏତ ଅବଶ୍ୟମ୍ଭାବୀ । ଆଉ ଭାବିଲେ କ'ଣ ହେବ ? କରିବାକୁଇ ତ ହେବ ।

କାଳା—ହଁ, ମୁଁ ଭାବୁଚି ଦିଲର୍ ଖାଁ, କିଏ କେଉଁ ଦିଗ ରକ୍ଷା କରିବ । ଆମେମାନେ ଏ ଯୁଦ୍ଧରେ ପରାସ୍ତ ହୋଇଅଛେଁ ସତ୍ୟ; କିନ୍ତୁ ସ୍ୱାଧୀନତା ସ୍ୱୀକାର କରି ନାହୁଁ । ମୋଗଲ୍ ବାଦଶାହଙ୍କ ମିତ୍ର ମୁକୁନ୍ଦଦେବ ବିଜୟୀ ହୋଇ ବଙ୍ଗ ସୀମାରେ ଶିବିର ସ୍ଥାପନ କରିଅଛନ୍ତି । ଦିଲ୍ଲୀରୁ ସମ୍ବାଦ ପାଇଲେ ପୁଣି ଆକ୍ରମଣ କରିପାରନ୍ତି । ପାରନ୍ତି କ'ଣ, କରିବେ; ମୋଗଲ୍-ବାଦଶାହ ନିଜେ ମଧ୍ୟ ଆସିପାରନ୍ତି । କିଏ ଜାଣେ ସେ କଥା ? ସୁତରାଂ ରାଜ୍ୟମଧ୍ୟରେ ସୈନ୍ୟ-ସାମନ୍ତ ସବୁ ପ୍ରସ୍ତୁତ ରହିବା ଦରକାର; କିନ୍ତୁ ଆହୁରି ଅଧିକ ଦରକାର ମଣିପୁର ଯୁଦ୍ଧ ନିମନ୍ତେ । ଆକବର ବିଜୟୀ ହୁଅନ୍ତୁ ବା ସୁଲେମାନ ଶାହ ବିଜୟୀ ହୁଅନ୍ତୁ, ମୁସଲମାନ୍ ଧର୍ମ ପକ୍ଷରେ ସେ ଏକ କଥା; କିନ୍ତୁ ମଣିପୁର ରାଜା ବିଜୟୀ ହେଲେ ସେ ଦେଶର କଳଙ୍କ ନୁହେଁ, ଜାତିର କଳଙ୍କ ନୁହେଁ ଦିଲର୍ । ଉନ୍ନତ ମୁସଲମାନ୍ ଧର୍ମର କଳଙ୍କ । ବାଦଶାହ ହୁଏ ତ ଏ କଥା ସ୍ୱୀକାର କରିବେ ନାହିଁ । ସେ ଉଦାର ହୋଇ ପାରନ୍ତି; କିନ୍ତୁ ଆମେମାନେ ଧର୍ମର ସୀମା-ମଧ୍ୟରେ ସଙ୍କୁଚିତ, ସଂକୀର୍ଣ୍ଣ ।

ଦିଲ—ହଁ, ଜନାବ୍ । ମଣିପୁର ଯୁଦ୍ଧ ନିମନ୍ତେ ଭୂମୁଳ ଆୟୋଜନ କରିବାକୁ ହେବ । ଆମମାନଙ୍କ କଥାରୁ ବାଦଶାହ କଦାପି ବାହାର ହେବେ ନାହିଁ । ବଙ୍ଗ ରକ୍ଷା ନିମନ୍ତେ ଦକ୍ଷିଣ,

Digitized by srujan ka@gmail.com

ପଶ୍ଚିମରେ ଯେପରି, ପୂର୍ବ ପ୍ରାନ୍ତରେ ମଧ୍ୟ ସେହିପରି ଆୟୋଜନ ଦରକାର ।

କଲା—ନା, ଆହୁରି ଅଧିକ ବଲ୍ଲି ର୍ ଖାଁ ।

ବଲ୍ଲି—ଠିକ୍, ଜନାବ୍ । ସେ ତ ଧର୍ମର ଯୁଦ୍ଧ । ସେଠାରେ ରକ୍ତ ବିନ୍ଦୁ ବିନ୍ଦୁ କରି ଦେବାକୁ ହେବ, ସୈନ୍ୟ ଲକ୍ଷ ଲକ୍ଷ କରି ନାଶ କରିବାକୁ ହେବ, ଅର୍ଥ ଗଣି ଗଣି ବ୍ୟୟ କରିବାକୁ ହେବ । ମୁଁ ପ୍ରସ୍ତାବ କରେ, ବାଦଶାହ ରାଜଧାନୀରେ ରହି ଦକ୍ଷିଣ-ପଶ୍ଚିମ ପ୍ରାନ୍ତ ରକ୍ଷା କରନ୍ତୁ; ଆବଶ୍ୟକ ହେଲେ, ଯୁଦ୍ଧ କରିବେ । ସେଥିପାଇଁ ସାହାଯ୍ୟ ପ୍ରୟୋଜନ ହେଲେ ମୋତେ ରଖି ଯାଆନ୍ତୁ । ଆଜ ଆପଣ ନିଜେ ମଣିପୁର ଦମନନିମନ୍ତେ ଯାତ୍ରା କରନ୍ତୁ ।

କଲା—ମନ୍ଦ ପ୍ରସ୍ତାବ ନୁହେଁ, ବଲ୍ଲି ର୍ । ତେବେ ତମେ ମୋ ସଙ୍ଗେ ମଣିପୁର ଆସିଲ ?

ବଲ୍ଲି—ନା, ଜନାବ୍, ଏଣେ ଯେ ଦୁଇ ଶତ୍ରୁ । ରାଜଧାନୀକି ଦୁର୍ବଳ କରିବା କି ଠିକ୍ ?

କଲା—ନା, କଦାପି ନୁହେଁ ବଲ୍ଲି ର୍ । ତୁମର ପ୍ରସ୍ତାବ ବଡ଼ ଠିକ୍ । ବାଦଶାହଙ୍କୁ ଏହି ପ୍ରସ୍ତାବରେ ସ୍ୱୀକୃତ କରାଇବାକୁ ହେବ । ବାଦଶାହଙ୍କର ସାମ୍ରାଜ୍ୟ; ଆମମାନଙ୍କର ଧର୍ମ । ତାଙ୍କର କାର୍ଯ୍ୟ ସାମ୍ରାଜ୍ୟ-ରକ୍ଷା, ଆମମାନଙ୍କର ପ୍ରଥମ କର୍ତ୍ତବ୍ୟ ଧର୍ମ-ରକ୍ଷା । ଏଥିରେ ତ୍ରୁଟି କଲେ ଆମମାନଙ୍କୁ ଈଶ୍ୱରଙ୍କ ନିକଟରେ ଦାୟୀ ହେବାକୁ ହେବ, ବଲ୍ଲି ର୍ ଖାଁ ! ଏ କର୍ତ୍ତବ୍ୟ ବଡ଼ ଗୁରୁତର । ଏ ଦାୟିତ୍ୱ ବଡ଼ ଭୀଷଣ ।

(ଦୃଶ୍ୟ ପତନ)

Digitized by srujan ka@gmail.com

ଦ୍ୱିତୀୟ ଦୃଶ୍ୟ

ଉପବନ ପଥ ।

(ଉଷାପ୍ରଭା ସଖୀ ସଙ୍ଗରେ ପ୍ରବେଶ)

ସଖୀ—(ଗୀତ)

ଧୀର ସମୀରେ ସରସୀନୀରେ ରଜନୀ ତମିରେ ସନ୍ତର କେ,
କୁହୁ କୁହୁ ତାନେ ପୁଲକିତ ପ୍ରାଣେ
ବନଫୁଲ ଗାନ ଗାଅ ସୁଖେ ? । ଘୋଷା ।
ଶୁଣେ ନିଶାମଣି ରଜତ-ଭୂଷଣେ,
ତାରକୁଳ ସୁଖେ ଶୁଣନ୍ତି ଗଗନେ;
ତରୁଲତା ପଦ ଏ କୁଞ୍ଜ କାନନେ
ମଗନ ଧିଆନେ ଏକେ ଏକେ ।
କୁସୁମ-କେଶରେ ମିଶି ଗୀତ ତାନ,
କରେ ତା'ରେ କିବା ମଧୁର ମୋହନ;
ଯହିଁ ଲାଗେ ରଜ ଉଠେ ବଂଶୀଧ୍ୱନ,
ଆସ ଗୋ ବହନ ଶୁଣିବ କେ ?

ଉଷା—ତମେ କ'ଣ ବିଚାରିଚ ସଖି, ଯେ ଏ ପୋଖରୀଭିତରେ କୌଣସି ମନୁଷ୍ୟ କୁହୁ କୁହୁ ତାନରେ ଗାଉଚି ?

ସଖୀ—ନା, ତା କାହିଁକି ବିଚାରନ୍ତି ମହାଦେଈ ! ଏ ତ ପାଣି କଳ କଳ ହେଉଚି ।

ଉଷା—ତେବେ ଗାଇଲେ ଯେ, ସନ୍ତର କେ' ବୋଲି ?

ସଖୀ—ଗୀତରେ ତ ସେଇଆ ଅଛି । ମୁଁ କ'ଣ ମନକୁ ଗାଉଚି, ନା ଗୀତ ବାନ୍ଧୁଚି ? ସେଇ ଗୀତରେ ତ ଫେରେ ଅଛି 'ଶୁଣେ ନିଶାମଣି' ବୋଲି । ସତେ କ'ଣ ନିଶାମଣି ମୋ

Digitized by srujan ka@gmail.com

ଗୀତ ଶୁଣିମ ବୋଲି ଭୁଲିବୁଁ ବସିଛ ? ସେଟା ତ ଗୀତର କଥା । କ'ଣ ସତ ହେଉଛ ?

ଉଷା—ତା କିଏ କହିଲା ସଖି ? ତମ ଗୀତ ହୁଏତ ନଶାମଣି ଶୁଣୁ ନ ଥିବ; କିନ୍ତୁ ତମେ ତ ଏ ଗୀତ ଗାଇଲ ନାହିଁ । ହଁ, ଗାଇଲ ଅବଶ୍ୟ । ତେବେ ତମେ ତ ପ୍ରଥମେ ଗାଇଲ ନାହିଁ । ତମ ଅଗରୁ କେତେ ଲୋକ ଗାଇଥିବେ । ତେବେ ତାଙ୍କ ମଧ୍ୟରେ ପ୍ରଥମେ ଯେ ଲୋକ ଗାଇଥିବ, ପୁରୁଷ ହେଉ ବା ସ୍ତ୍ରୀ ହେଉ ତା ଗୀତ ନଶାମଣି ଯେ ଶୁଣିଥିବ ନିଶ୍ଚୟ । ହୃଦୟ ଆକୁଳ ହେଉଥିଲାବେଳେ ନ ଶୁଣିମ ?

ସଖୀ—ସେ ତ ଏତେ ଦୂରରେ । ସେ ପୁଣି ଶୁଣିମ କିପରି, ମହାଦେଈ ?

ଉଷା—ଶୁଣିମ । ଯେତେ ଦୂରରେ ଥିଲେ କ'ଣ ହେଲା ? ସିଏ ଯା'ପାଇଁ କାନ୍ଦୁଛ ସିଏ କ'ଣ ତା'ପାଇଁ ମନରେ ଟିକିଏ ହେଲେ ଖିଲେଣି କରିବ ନାହିଁ ? ଯେତେ ଦୂରରେ ଥିଲେ ତ ହେଲେ ଆପଣାର । କହନ୍ତି ପରା 'ହାଣ୍ଡି ବନସ୍ତରେ ଥିଲେ ରାଜାଙ୍କର' ।

(ଭୃତ୍ୟର ପ୍ରବେଶ)

ବଂଶୀ କୋଆଡ଼େ ଏଡ଼େ ତର ତର ହୋଇ ?

ବଂଶୀ—ମହାରାଣୀ ମଣିମା, କଳାପାହାଡ଼ ଆସୁଛ ।

ଉଷା—କିଏ, କଳାପାହାଡ଼ ?

ସଖୀ—ପାହାଡ଼ଟେ ତ । ପୁଣି ଆସୁଛ କିମିତି ମ ?

ବଂଶୀ—ନା ମହାଦେଈ ଆସୁଛ । ରାଜ୍ୟଯାକ ବଡ଼ ଚହଳ ପଡ଼ିଛ ଯେ କଳାପାହାଡ଼ ଆସୁଛ । ଅନେକ ଦୂରରୁ ଲୋକେ ଖବର ନେଇ ଆସିଛନ୍ତି । ବାଟରେ କେତେ ଗାଁ-ଗଣ୍ଡା ପୋଡ଼ିଦେଇ

Digitized by srujan ka@gmail.com

ଆସିଲେଣି । ଅନେକ ବଣ, ଦେଉଳ ଭଙ୍ଗିଲେଣି । ଗାଆଁକୁ ଗାଁ ଲୋକେ ବାଡ଼ି ଲଉଡ଼ି, ଧନୁଶର, ଟାଙ୍ଗି,ବର୍ଛା ଧରି ଠିଆ ହୋଇଛନ୍ତି; ହେଲେ ପାରୁ ନାହାନ୍ତି । ବଡ଼ ପ୍ରତାପରେ ଆସୁଛି । ଲୋକେ କହୁଛନ୍ତି ଗଡ଼କୁ ଆସିବ । କ'ଣ କରିବ କେଜାଣି । ମା ଚଣ୍ଡୀ ଭରସା ।

ଉଷା—ତମେ ଭୟ କରୁଛ ବଂଶୀ ? ନା, ଭୟର କାରଣ କିଛି ନାହିଁ । ଯାଅ, ସାମନ୍ତସିଂହାରଙ୍କୁ ଖବର ଦିଅ । ବାରବାଟୀ ଏଡ଼େ ସହଜ ଗଡ଼ ନୁହେଁ ଯେ ବଙ୍ଗ-ସେନାପତି ଆସି ଭାଙ୍ଗି ଦେଇ ଯିବେ । ଓଡ଼ିଆ ବୀରର ରକ୍ତ ଉପରେ ଗଢ଼ା ଏ ଦୁର୍ଗ; ଓଡ଼ିଆ ସେନାର ଶବଶ୍ରେଣୀରେ ଏହାର ମୂଳ ଭିତ୍ତି । ଯାଅ, ବଂଶୀ ଶୀଘ୍ର ସାମନ୍ତସିଂହାରଙ୍କୁ ଖବର ଦିଅ । କିଛି ଚିନ୍ତା ନାହିଁ, କିଛି ଭୟ ନାହିଁ । ଯାଅ ।

ବଂଶୀ—ଦେବି, ଯାଉଛି ମହିମା !

ଉଷା—ଦେଶରେ ରାଜା ନ ଥିବାବେଳେ, ସୈନ୍ୟସେନାପତି ନ ଥିବା-ବେଳେ ଶତ୍ରୁର ପ୍ରବେଶ ତ ନିତାନ୍ତ ଶୁଭ ସମ୍ବାଦ ନୁହେଁ ।

ସଖୀ—ମହାରାଜା ଆଉ କେତେ ଦିନେ ଆସିବେ ?

ଉଷା – ଆସିବେ ଶୀଘ୍ର । ବଙ୍ଗଦେଶରୁ ତ ଯୁଦ୍ଧରୁ ଫେରିଲେଣି । ବାଟରେ ଗଙ୍ଗାନଦୀକୂଳରେ ଅଛନ୍ତି । ଏଇ ସୁଯୋଗ ପାଇ ଏ ମୁସଲମାନମାନେ ଦେଶରେ ଆସି ହାଜର । ବଡ଼ ଦୁର୍ଦ୍ଦିନ ବର୍ତ୍ତମାନ ।

(ଜଣେ ଦାସୀର ପ୍ରବେଶ)

ତୁ ପୁଣି କ'ଣ ସମ୍ବାଦ ନେଇ ଆସିଚୁ ନା କ'ଣ, ପରିମଳା ।

ପରି – ମହିମା, ଶାରଙ୍ଗଗଡ଼-ରାଣୀଙ୍କଠାରୁ ଜଣେ ଦୂତିକା ଆସିଛି । ଦେଖା ହବ ।

ଉଷା—ଆଚ୍ଛା ଡାକ ଆଣ ଏଠାକୁ । ଦୂତିକା ତ ? ନା, ଦୂତ ?

Digitized by srujan ka@gmail.com

ପରି—ଦୂତିକା, ମଣିମା ଡାକ ଅାଣୁଛ । (ପ୍ରସ୍ଥାନ)

ଉଷା—ଏ ଶାରଙ୍ଗଗଡ଼-ରାଣୀ ଜଣେ ବଡ଼ ଉତ୍ତମ ଲୋକ, ସଖି ! ପିଲାଦିନେ ବହୁତ ସାଙ୍ଗ ହୋଇ ବସିଚୁ, ଖାଇଛୁ, ଶୋଇଚୁ, ବୁଲିଚୁ । ଏକ ସ୍ଥାନରେ ଜନ୍ମ ଦୁହିଁଙ୍କର । ବୟସରେ ମୋ-ଠାରୁ ଅଳ୍ପ ବଡ଼ । ମତେ ସାନ ଭଉଣୀଟି ପରି ପିଲାଟି ଦିନରୁ ପାଳି ଆଣିଚନ୍ତି । ଏବେ ସିନା ଦୂର ହୋଇଗଲି । ନଇଲେ ତାଙ୍କ ଋଣ ଶୁଝି ପାରିବ ନାହିଁ ଜୀବନରେ ।

(ଦୂତିକାର ପ୍ରବେଶ)

ତମେ ଆସିଚ ଶାରଙ୍ଗଗଡ଼ରୁ ?

ଦୂତୀ—ହଁ, ମଣିମା !

ଉଷା—ରାଣୀ ଭଲ ଅଛନ୍ତି ?

ଦୂତୀ—(ଚିଠି ବଢ଼ାଇ ଦେଇ) ଏ ଚିଠି ଦେଇଚନ୍ତି । ଭଲ ଓ ନାହାନ୍ତି ଖବର । ଏଥିରୁ ସବୁ ଜାଣିବେ ।

ଉଷା—ଏତେ ଦିନଯାଏ ମତେ ମନେ ରଖିଚନ୍ତି ରାଣୀ ? କ'ଣ ହୋଇଚି ତାଙ୍କର ! (ପତ୍ର ପାଠ)

ମହାରାଣୀ

ବହୁ ଦିନର ବାଲ୍ୟସ୍ମୃତି ସବୁ ମନରେ ପୋଷି ରଖି ତମ କଥା ନିତି ଜପୁଥାଏ । ପ୍ରଭୁଙ୍କ କୃପାରୁ ତମେ ବଡ଼ ହୋଇଅଛ । ପ୍ରଭୁ ଭଲରେ ରଖନ୍ତୁ । ପତ୍ର ଲେଖୁ ନ ଥିଲି, କ'ଣ ଲେଖିବି ବୋଲି । ବର୍ତ୍ତମାନ ଆବଶ୍ୟକ ପଡ଼ିଲା ବିଶେଷ ଲେଖିଲି ମହା-ରାଜା ବର୍ତ୍ତମାନ ଦେଶରୁ ବହୁ ଦୂରରେ ବିଜୟଗୌରବରେ ବିଭୂଷିତ, ଜାତୀୟ ସମ୍ମାନରେ ବିମଣ୍ଡିତ; କିନ୍ତୁ ବଡ଼ ଭାବନାର କଥା ଏ ସମୟରେ ମୁସଲମାନ ଶତ୍ରୁ ଆସି ଦେଶରେ ଉପସ୍ଥିତ । ଦେଶକୁ ଶତ୍ରୁ ହାତରୁ ରକ୍ଷା କରିବା ପ୍ରତ୍ୟେକ ଦେଶବାସୀର କର୍ତ୍ତବ୍ୟ । ଶାରଙ୍ଗଗଡ଼ ରାଜା ବର୍ତ୍ତମାନ ମୁସଲମାନ ସେନାପତି କଳା-ପାହାଡ଼ଙ୍କୁ ଯୁଦ୍ଧଭୂମିରେ ଭେଟିବାକୁ ଯାଉଛନ୍ତି । କଳାପାହାଡ଼

Digitized by srujan ka@gmail.com

ଶୀଘ୍ର ପରାଜିତ ହୋଇ ଫେରିଗଲେ ରକ୍ଷା । ନୋହିଲେ ବଡ଼ ଭାବନାର କଥା । ଦେଶ ଛାଡ଼ିଦେବେ ବିପକ୍ଷ, ଆମମାନଙ୍କର ସୁଖ-ସୌଭାଗ୍ୟ ଆଉ କ'ଣ ଅଛି ଜଗତରେ । ଆଉ ଅଧିକ ଲେଖିବ ନାହିଁ । ବିଶେଷ ସାବଧାନତାର ପ୍ରୟୋଜନ ବର୍ତ୍ତମାନ ।

ତମର ପୂର୍ବପରିଚିତା
ଲୀଳାବତୀ ।

'ପୂର୍ବ ପରିଚିତା ଲୀଳାବତୀ ! ଲୀଳାବତୀ ଭଲରେ ନାହାନ୍ତି, ଦୂତିକା ? 'ବନ୍ଧୁବଦନର ବାଲ୍ୟସ୍ମୃତି !' ଏବେ ପରିଣତ ବୟସର ସ୍ମୃତି ତହିଁରେ ମିଶାଇ ଦେଇଅଛ, ଭଗିନୀ ! କଳାପାହାଡ଼ ଦେଶ ମଧ୍ୟରେ । ଏବେ ଏ ବର୍ତ୍ତମାନ କଠୋର କର୍ତ୍ତବ୍ୟ । ଠିକ୍, ରାମଚନ୍ଦ୍ର ଭଞ୍ଜ ଓଡ଼ିଶାରାଜଙ୍କ ଶତ୍ରୁ ହୋଇ ପାରନ୍ତି, ଓଡ଼ିଶାଦେଶର କିନ୍ତୁ ନୁହନ୍ତି । ଏ ଠିକ୍ ଦେଶବାସୀର କର୍ତ୍ତବ୍ୟ । ତାଙ୍କର ସୈନ୍ୟଶକ୍ତି ସେଭଳି ନାହିଁ । ଦଶ ହଜାର ସୈନ୍ୟ ତାଙ୍କ ନିକଟକୁ ପଠାଇବାକୁ ହେବ । ଦେଖିବ ଏ କଥା ପ୍ରଥମେ । ହଉ ସଖୀ, ପ୍ରସ୍ତୁତ ହୁଅ । ଆସ ଦୂତିକା, ମୋ ସାଙ୍ଗେ । ପ୍ରସ୍ତୁତ ହୁଅ ପରିମଳା ! ସମସ୍ତଙ୍କୁ ସମ୍ବାଦ ଦିଅ । ସାମନ୍ତସିଂହାର ଗଡ଼ ବାହାର ରକ୍ଷା କରିବେ । ଆମେମାନେ ସମସ୍ତେ ଗଡ଼ମଧ୍ୟରେ ପ୍ରସ୍ତୁତ ଥିବା । ପ୍ରାଣ ଦେବା ! ତଥାପି ବିଦେଶୀୟ ହାତରେ ଗଡ଼ ଛାଡ଼ିଦେବା ନାହିଁ । ଏତେ ଦୂର ଅବଶ୍ୟ ନ ଯାଇ ପାରେ । ରାମଚନ୍ଦ୍ର ଭଞ୍ଜ ପାରିବେ ବେଶ୍—ଦଶ ହଜାର ସୈନ୍ୟ ସାହାଯ୍ୟ ପାଇଲେ ତ ନିଶ୍ଚୟ । ତଥାପି ପ୍ରସ୍ତୁତ ଥିବାକୁ ହେବ । ଯାଅ, ଯୁଦ୍ଧ-ଶିଙ୍ଗା ବଜାଅ, ଗଡ଼-ରମଣୀଙ୍କି ଡକାଅ । ଯାଅ । (ଉଭୟ ବେଗରେ ପ୍ରସ୍ଥାନ)

Digitized by srujan ka@gmail.com

ତୃତୀୟ ଦୃଶ୍ୟ

ଗଙ୍ଗାନଦୀକୂଳ ଶିବିର ।

(ମୁକୁନ୍ଦଦେବ ଧ୍ୟାନମଗ୍ନ, ମନ୍ତ୍ରୀ, ସେନାପତି, ଧନୁର୍ଦ୍ଧର ଆଦି ଉପସ୍ଥିତ)

ଧନୁ—ତାହାଇ ଯଦି ହୁଏ, ଜଣେ କାହାଳିଆ ଡକାନ୍ତୁ, ମନ୍ତ୍ରୀମହାରାଜ !

ମନ୍ତ୍ରୀ—ଲୋକ ଯେ ଯାଇଛି ଡାକିବାକୁ । ଆସିବ ଏଇକ୍ଷଣି । କଳା-
ପାହାଡ଼ ଦକ୍ଷିଣକୁ ଗଲା ନା, ସୈନିକ, କହିଲ ?

ସୈନିକ—ହଁ, ମଣିମା !

ସେନା—ଯୁଦ୍ଧରେ ପରାସ୍ତ ହୋଇ ଯାଇଛୁ ତ ? କେତେ ଦିନ
ଯୁଦ୍ଧ ହେଲା ?

ସୈନିକ—ଦି ଦିନ ।

ଧନୁ ସାମନ୍ତସିଂହାର ସୈନ୍ୟ ଚଳାଉଥିଲେ ?

ସୈନିକ—ହଁ, ମଣିମା ଗଡ଼ ବାହାରେ ।

ସେନା – ଭିତରେ ?

ସୈନିକ—ମହାରାଣୀ ।

ମନ୍ତ୍ରୀ—ମହାରାଣୀ ଗଡ଼ଭିତରେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ଥିଲେ ?
କଳାପାହାଡ଼ ପଶି ନାହିଁ ?

ସୈନିକ—ନାଇଁ, ମଣିମା ।

ମନ୍ତ୍ରୀ—ଦେଉଳ; ଦେବ-ଦେବୀ ସବୁ ଭାଙ୍ଗି ପକାଉଛି ?

(କାହାଳିଆର ପ୍ରବେଶ)

ଦେଖ, କାହାଳିଆ, କାହାଳି ଖୁବ୍ ଟାଣି କରି ବଜେଇବୁ ।
ଏଇ କଥା ବଜେଇବୁ—'ଶତ୍ରୁ ଦେଶମଧ୍ୟରେ, ଧ୍ୟାନ ଭଙ୍ଗ
ହେଉ ମହାରାଜାଙ୍କର ।' ମନେ ରହିଲା ତ ?

କାହା—ହଁ, ମଣିମା । ଶତ୍ରୁ ଧ୍ୟାନ ମଧ୍ୟରେ, ଦେଶ ଭଙ୍ଗ ହେଉ
ମହାରାଜାଙ୍କର ।

Digitized by srujan ka@gmail.com

ସେନା—ଆରେ ନା । ଶତ୍ରୁ ଦେଶମଧ୍ୟରେ, ଧ୍ୟାନ ଭଙ୍ଗ ହେଉ ମହାରାଜାଙ୍କର । କହିଲୁ ।

କାହା—ଦେଶ ମଧ୍ୟ ଶତ୍ରୁରେ ।

ମନ୍ତ୍ରୀ—ଚମତ୍କାର ! ଅରେ ନାହିଁ କହ—ଶତ୍ରୁ ଦେଶମଧ୍ୟରେ ।

କାହା—ଶତ୍ରୁ ଦେଶମଧ୍ୟରେ ।

ମନ୍ତ୍ରୀ—ଧ୍ୟାନ ଭଙ୍ଗ ହେଉ ମହାରାଜାଙ୍କର ।

କାହା—ଧ୍ୟାନ ଭଙ୍ଗ ହେଉ ମହାରାଜାଙ୍କର ।

ଧନୁ—କହ ଆଉ ଥରେ ଏକାଠି ସବୁ ।

କାହା—ଶତ୍ରୁ ଦେଶ ମଧ୍ୟରେ, ଧ୍ୟାନ ଭଙ୍ଗ ହେଉ ମହାରାଜାଙ୍କର ।

ମନ୍ତ୍ରୀ—ହଁ, କାହାଳରେ ବଜା ଧେଇ କଥା ଦେଖି ।

କାହା—(କାହାଳରେ) ଶତ୍ରୁ ଦେଶମଧ୍ୟରେ, ଧ୍ୟାନ ଭଙ୍ଗ ହେଉ ମହାରାଜାଙ୍କର ।

ମୁକୁନ୍ଦ କଏ ଶତ୍ରୁ ?

ମନ୍ତ୍ରୀ—ମହାରାଜ, ବଙ୍ଗ-ସେନାପତି କଳାପାହାଡ଼ ।

ମୁକୁନ୍ଦ—ସେ କ'ଣ ବର୍ତ୍ତମାନ ଓଡ଼ିଶାରେ ?

ମନ୍ତ୍ରୀ—ହଁ, ମହାରାଜ । ବଡ଼ ଭାବନାର ସମସ୍ୟା ଓଡ଼ିଶା ପକ୍ଷରେ । କଳାପାହାଡ଼ ବହୁ ସୈନ୍ୟ-ସାମନ୍ତ ଘେନି ଓଡ଼ିଶାରେ ଦେଉଳ ଦେବଦେବୀ ନଷ୍ଟ କରୁଅଛନ୍ତି । ବାରବାଟୀ ଆକ୍ରମଣ କରିବାକୁ ଯାଇଥିଲେ । ଦୁଇ ଦିନ ଯୁଦ୍ଧ ହେଲା । ପରାସ୍ତ ହୋଇ ଦକ୍ଷିଣ ଦିଗକୁ ପଳାଇ ଅଛନ୍ତି । ସେଣେ ତ ପୁଣି ଜଗନ୍ନାଥଙ୍କ ନୀଳାଞ୍ଚଳ ଧାମ । ଆହୁରି ମଧ୍ୟ ରାମଚନ୍ଦ୍ର ଭଞ୍ଜ ବର୍ତ୍ତମାନ ନିଜକୁ ପ୍ରକାଶ୍ୟରେ ଓଡ଼ିଶାର ମହାରାଜା ବୋଲି ଘୋଷଣା କରୁଅଛନ୍ତି । ଶୁଣାଯାଏ କଳାପାହାଡ଼ ତାଙ୍କୁ ସେ ବିଷୟରେ ସାହାଯ୍ୟ କରୁଅଛନ୍ତି । ଆହୁରି ମଧ୍ୟ

Digitized by srujan ka@gmail.com

ଶୁଣାଯାଏ ମହାରାଜାଙ୍କର ଦଶ ସହସ୍ର ସୈନ୍ୟ ତାଙ୍କ ସଙ୍ଗେ ଯୋଗ ଦେଇଥିଲେ । ଦେଶତମାମ୍ ହୁଲୁସ୍ଥୂଲ ।

ମୁକୁନ୍ଦ—କଳାପାହାଡ଼ ! ସେଇ କଳାପାହାଡ଼, ଯାହାଙ୍କ ସଙ୍ଗେ ସେ ଦିନ ଗଙ୍ଗାକୂଳରେ ସାୟଂକାଳରେ ଦେଖା, ପୁଣି ଯୁଦ୍ଧ-ଭୂମିରେ ଯାହାଙ୍କୁ ନିଜ ହସ୍ତରେ ମୁକ୍ତ କରିଥିଲି ବୃଦ୍ଧ ଚମୂପତି ? ସେହି କଳାପାହାଡ଼ ? କି ଅଭିପ୍ରାୟରେ ଆମ-ମାନଙ୍କ ଦେଶମଧ୍ୟରେ ?

ଧନୁ—ଯେପରି ଶୁଣାଯାଏ ରାମଚନ୍ଦ୍ର ଭଞ୍ଜ ତାଙ୍କୁ ନିମନ୍ତ୍ରଣ କରି ନେଇଅଛନ୍ତି । ଅସମ୍ଭବ ନୁହେଁ; ମହାରାଜ ! ଖୁବ୍ ସମ୍ଭବ । ରାମଚନ୍ଦ୍ରଙ୍କ ପକ୍ଷେ କିଛି ଅସମ୍ଭବ ନୋହିପାରେ ।

ମନ୍ତ୍ରୀ—ଆମମାନଙ୍କର କି କର୍ତ୍ତବ୍ୟ ବର୍ତ୍ତମାନ, ମହାରାଜ ?

ମୁକୁନ୍ଦ—ଶୀଘ୍ର ଦେଶକୁ ଫେରିଯିବାକୁ ହେବ । ପ୍ରଥମେ ଶାରଙ୍ଗଗଡ଼ ରାଜାଙ୍କୁ ସାବଧାନ କରିଦେବା ପ୍ରୟୋଜନ । ଆବଶ୍ୟକ ହେଲେ ଯୁଦ୍ଧ ମଧ୍ୟ; ତପୂରେ କଳାପାହାଡ଼ । ଆପଣମାନେ ପ୍ରସ୍ତୁତ ହୁଅନ୍ତୁ । ଶୀଘ୍ର, ଯେତେଶୀଘ୍ର ସମ୍ଭବ । ସୈନ୍ୟମାନଙ୍କୁ ପ୍ରସ୍ତୁତ ହେବାକୁ ଆଦେଶ ଦିଅନ୍ତୁ, ସେନାପତି ! ମନ୍ତ୍ରୀ ଚମୂପତି, ସବୁ ଆୟୋଜନ ସ୍ଥିର କରି ରଖନ୍ତୁ । ଆଉ ଏଠାରେ ଜଳ ଗ୍ରହଣ ନୁହେଁ । ପ୍ରଥମେ ଦେଶ, ତପୂରେ ସୁଖ ଓ ସ୍ୱାଚ୍ଛନ୍ଦ୍ୟ—ଯାଅନ୍ତୁ ।

(ମୁକୁନ୍ଦଦେବଙ୍କ ବ୍ୟତୀତ ସମସ୍ତଙ୍କ ପ୍ରସ୍ଥାନ)

କଳାପାହାଡ଼, କହିଥିଲ ରଣଭୂମିରେ ସାକ୍ଷାତ୍ କରିବ । ଥରେ କରିଅଛ ସେ ଦିନ, ପୁଣି ଆଉ ଥରେ ହୋଇପାରେ । ସେ ତ ବେଶ କଥା; କିନ୍ତୁ ଧର୍ମ ଉପରେ ଏ ପଦାଘାତ

Digitized by srujan ka@gmail.com

କାହିଁକି ? ଦେବମୂର୍ତ୍ତି, ଦେବମନ୍ଦିର ଭୂମିରେ କି ଅନିଷ୍ଟ କରିଅଛନ୍ତି, ମୁସଲମାନ୍ ସେନାପତି ? ବଡ଼ ଭ୍ରମ କରୁଚ; କଳାପାହାଡ଼ ! ବଡ଼ ଭ୍ରମ କରିଅଛ ରାମଚନ୍ଦ୍ର ଭଞ୍ଜ, କଳାପାହାଡ଼ଙ୍କୁ ସ୍ୱଦେଶକୁ ନିମନ୍ତ୍ରଣ କରି, ଯଦି ପ୍ରକୃତପକ୍ଷେ କରିଥାଅ । ଓଡ଼ିଶାର ରାଜା ହେବାର ପିପାସା । ସେ ପିପାସା ତ ମୋତେ ହତ୍ୟା, ନିର୍ବାସନ ବା ବନ୍ଦୀକରି ଶାନ୍ତ କରି-ପାରିଥାନ୍ତ; ଏ ଭୂଲ୍ ପୁଣି କାହିଁକି ? ମୁସଲମାନ୍ ଏବେ ଓଡ଼ିଶାରେ, ପୁଣ୍ୟ ଉତ୍କଳଭୂମିରେ ? ଏବେ ରଣଭୂମିରେ ପୁନଶ୍ଚ ସାକ୍ଷାତ୍, କଳାପାହାଡ଼ । ଏ ହିନ୍ଦୁ-ମୁସଲମାନ୍‌ର ଯୁଦ୍ଧ ? ବେଦ ସଙ୍ଗେ କୋରାନ୍‌ର ସଂଗ୍ରାମ ? ନା, ସେ ଏକ ଭ୍ରମ । ପ୍ରଭେଦ ହିନ୍ଦୁ-ମୁସଲମାନରେ ନୁହେଁ । ହିନ୍ଦୁ ବୀର ଉଦାର ମୁସଲମାନ୍ ମଧ୍ୟ ସେହିପରି ବୀର ଉନ୍ନତ ଉଦାର । ଉଭୟେ ଯେପରି ଗୋଟିଏ ବୃନ୍ତରେ ଦୁଇଟି ଫୁଲ, ପବନର ହିଲ୍ଲୋଳରେ ଡଳ ଡଳ ଖେଳୁଛନ୍ତି । ଏ ଏକ ଭ୍ରମ । ଯୁଦ୍ଧ ହିନ୍ଦୁ-ମୁସଲମାନରେ ନୁହେଁ; ଏ ଓଡ଼ିଆ ସଙ୍ଗେ ବିଦେଶୀୟ ଶତ୍ରୁର ଯୁଦ୍ଧ, ଓଡ଼ିଶାର ରାଜାଙ୍କ ସଙ୍ଗେ ବଙ୍ଗ-ସେନାପତିଙ୍କର । ଏକ ପକ୍ଷରେ ମୁକୁନ୍ଦଦେବ, ଅନ୍ୟ ପକ୍ଷରେ କଳାପାହାଡ଼ । ମା ଜନ୍ମଭୂମି ବଡ଼ ବିପନ୍ନା । ପ୍ରଭୁ ଜଗନ୍ନାଥ ସହାୟ ହୁଅ । ଦେଶରେ ଦିନେ ଶାନ୍ତି ହୋଇଛି କି ନାହିଁ, ପୁଣି ଏ ଗୋଳମାଳ । ଭୂପୃଷ୍ଠରୁ ଶସ୍ୟଶ୍ୟାମଳ ପ୍ରାନ୍ତରବକ୍ଷରୁ ରକ୍ତର ନିଦାରୁଣ ଚିହ୍ନ ନ ଲିଭୁଣୁ ପୁଣି ରକ୍ତପାତ । ମା' ଉତ୍କଳଭୂମି; ପ୍ରଭୁ ଜଗନ୍ନାଥ ।

(ଦୃଶ୍ୟ ପତନ)

Digitized by srujan ka@gmail.com

ଚତୁର୍ଥ ଦୃଶ୍ୟ

ଉପବନ ପଥ

(ଦାସୀ ସହ ଲୀଳାବତୀଙ୍କର ପ୍ରବେଶ)

ଲୀଳା—(ଗୀତ)

କପାଇଁ ତପନ ବୁଡ଼ିଗଲ ନଭେ ତାମସେ ଜଗତ ଆବରି,
ତରୁ ଲତା ଅଙ୍ଗୁ ଅପହରି ନେଲ କନକ ଅତୁଳ ମାଧୁରୀ ?
ଫୁଲୁଫୁଲୁବାଆ ବହୁଛି କାନନେ ଖେଳାଇ ସରସେ ଲହରୀ,
ତୀର ତରୁଛାୟା ନୀର-ହ୍ରଦ ପାଶେ ନୃପତି ମିଳନେ ଆହରି
ଦେଖନ୍ତା ତରୁ ଯା ନିଜ ତନୁ ଶୋଭା ସେ ବାରି-ମୁକୁରେ ବିହରି,
ସେ ସମ୍ପଦ ତା'ର ହରି ନେଲ ରବି ଅନନ୍ତ ଅୟନେ ସଞ୍ଚରି ।

ମୋର ମନେ ହୁଏ, ସୁଲକ୍ଷଣା, ମୋ ଜୀବନର ଏହିପରି ସନ୍ଧ୍ୟା ଆସି ପ୍ରବେଶ ହେଲାଣି । ଆଉ କିଛି ମତେ ସୁଖ ଲଗୁନାଇଁ । ଦୁଃଖ ଯେ କ'ଣ ଲଗୁଚି ତା ମଧ୍ୟ ବୁଝିପାରୁନେଇଁ । ଏକପ୍ରକାର ସୁଖ ଦୁଃଖ ସବୁ ସମାନ । ଜୀବନ ସରି ଆସିଲବେଳେ ପରା ଏହିପରି ହୁଏ ? ଜୀବନ କ'ଣ ତେବେ ମୋର ସରିଆସିଲାଣି, ସୁଲକ୍ଷଣା ?

ଦାସୀ—କାହିଁକି, ମଣିମା ? ଜୀବନର ତ ଏବେ ବହୁତ ଦିନ ଅଛି । ଏତେ ଭାଳି ବସିଲେ କ'ଣ ହେବ ? ସୁଖ ଦୁଃଖ ତ ମନୁଷ୍ୟଙ୍କୁ ଲଗିଚି । ମନୁଷ୍ୟ ଜନ୍ମ ପାଇ ଖାଲି ସୁଖରେ କି ଖାଲି ଦୁଃଖରେ ପୁଣି କ'ଣ କଟେ ଏ ମହୀମଣ୍ଡଳରେ ?

ଲୀଳା—ନା, ସୁଲକ୍ଷଣା, ସତ କୋହୁଥିବ ନିଶ୍ଚୟ । ଇଥିରେ କିଛି ରହସ୍ୟ ଥିବ । ଏ ତ ମୁକୁନ୍ଦଦେବଙ୍କ ବିରୁଦ୍ଧରେ ନୁହେଁ, ଜନ୍ମଭୂମି ବିରୁଦ୍ଧରେ ପରା; ତା କପରି ପାରନ୍ତେ ? ନା,

Digitized by srujan ka@gmail.com

ନିଶ୍ଚୟ କଳାପାହାଡ଼ ସପକ୍ଷରେ । ଅନ୍ୟ କଥା କରୁ ବିଶ୍ୱାସ କରି ପାରିବ ନାହିଁ, ସୁଲକ୍ଷଣା ! ପତ୍ନୀ ପତିଙ୍କର ସହଧର୍ମିଣୀ, ଜୀବନର ସଙ୍ଗିନୀ, ଦାସୀ ତ ନୁହେଁ ।-ଏ କଥା କ'ଣ ହୋଇପାରେ ?

ଦାସୀ—ଏ ତ କା ପାଟି ଶୁଭୁଛି ମଣିମା । କିଏ ଆସୁଚି ପରି ।

ଲୀଳା—କ'ଣ କହିଲୁ, ସୁଲକ୍ଷଣା ?

ଦାସୀ—କହିଲି, କିଏ ଆସୁଚି ପରି । ପାଟି ଶୁଭୁନେଇଁ ?

ଲୀଳା—ହଁ, କିଏ ଆସୁଥିବ । ଚାଲ, ଯିବା ।

ଦାସୀ—ଯେତେ ଲୋକ ସବୁ ଏଇ ବାଟ ଧଇଲେଣି । ରାତି ନେଇଁ, ଦିନ ନେଇଁ । ଏଇ ତ ଅସି ଗଲେଣି, ମଣିମା ! ଆଉ ଚାଲି ଯାଇ ପାରିବା ନେଇଁ । ଏଠି ଲୁଚିକରି ଠିଆ ହୋଇଯିବା । ଆଉ କ'ଣ କରିବା ?

ଲୀଳା—ଅଚ୍ଛା (ଦାସୀ ଘନ ଗଛ ଆଡୁଆଳରେ ଲୁଚିଗଲେ)

(ଛଦ୍ମବେଶରେ ଶିଖି ମନାଇଙ୍କ ପ୍ରବେଶ)

ଶିଖି—ଆସ ବେଗେ, ମନାଇ । ଉତ୍କଳର ହେଲେ ରଜାଙ୍କୁ ଆଉ ଦେଖି ପାରିବା ନେଇଁଟି ?

ମନା—ଆମ ଆଖିରେ କ'ଣ ଅନ୍ଧପୁଟୁଳି ବାନ୍ଧି ହୋଇଯିବ ନା କ'ଣ ? ସତ କଥା, ମୋ ଆଖିକି ତ ଆଉ କରୁ ହେଲେ ଦୃଶ୍ୟ ହେଉ ନେଇଁ । ଖାଲି ଏ ଫୁଲଗଛ ଗୁଡ଼ାକ । ରହ, ରହ, ଭାଇ; ଗୋଟେ ଚମ୍ପାଫୁଲ ତୋଳେ ଦେଖି ।

(ବାନାମ୍ବରଙ୍କ ପ୍ରବେଶ)

ବାନା—ଅରେ, ଏ ତ ସର୍ବନାଶ ହିଁ, ହିଁ, ତୋଳ ନ, ତୋଳ ନ । କିଏ ରେ ତୁମେ ଦୁ'ଟା ?

ଶିଖି—ଅମେ ହେଲୁ ଓଡ଼ିଶା ମହାରାଜାଙ୍କ ପାଖଲଗା ଲୋକ ।

Digitized by srujan ka@gmail.com

ବାନା—ହୁଁ ହୁଁ ପାଖଲଗା ଲୋକ । କାହାର ନା ? ଓଡ଼ିଶା ମହାରାଜାଙ୍କର ଏଠିକି କାହିଁକି ଆସିଚ ନା ? ଫୁଲ ତୋଳି । ଫୁଲ ତୋଳି । ବେଶ୍ ତ ରସିକ ହେ'ଟା । ହଉରେ ତମ ମହାରାଜାଙ୍କର ଲଢ଼େଇ ହେଉନାହିଁ କି ?

ମନ—ହଁ, ହେଉଚି ।

ବାନା—ତେବେ ତ ଫୁଲ ଭାରି ଲୋଡ଼ା । ହୁଁ, ନୁହେଁ କ'ଣ ? ଫୁଲ-ବାଣରେ ତ ଫେରେ କାମଦେବ କେତେ ଶତ୍ରୁ ମାରିଛନ୍ତି । ଲଢ଼େଇ ତ ଭାରି ବଡ଼ କଥାଟେ; ବାଜି ହ ପାଖେ ହ ଜଣ ଠିଆ ହେବେ । ଅଉ କ'ଣ କରିବେ ନା, ଗଦେ ଗଦେ ଫୁଲ ଗଦେଇ ଥିବେ ।

ମନା—ହଁ, ଆଉ କ'ଣ ?

ବାନା—ଏଁ ଆଉ କ'ଣ ! ଆଉ କଛି ନାହିଁ ପରା ? ବେଶ୍ ତ ବୁଦ୍ଧିଆ ଲୋକ ହେ'ଟା ଓଡ଼ିଶା ମହାରାଜାଙ୍କ ପାଖଲଗା ଲୋକେ । ଫୁଲ ଗଦେଇ ରଖିଲେ କ'ଣ ଲଢ଼େଇ ହବ ?

ଶିଖ—ଆଉ ?

ବାନା—ଆଉ ଜଣେ ଇଆଡ଼ୁ ମାରିବ ଫୁଲ—ଏକ, ଦୁଇ, ତିନି—ଦୁମ୍ ଦାମ୍, ଭୁସ୍ ଭାସ୍, ଖପ୍ ଖାପ । ଆଉ ଜଣକ ତେଣୁ ଫିଙ୍ଗିବ ସେଇମିତି ଫୁଲ ଉତାରୁ ଫୁଲ ଠପ୍ ଠାପ୍, ଠକ୍ ଠାକ୍, ଧପ୍ ଧାପ୍ । ତେବେ ତ ତାକୁ କହିବ ଲଢ଼େଇ ।

ମନା—ହଁ ତମେ ତ ବେଶ୍ ଲଢ଼େଇ ଜାଣିଲା ପରି ଲାଗୁଚ ।

ବାନା—ଏଁ, ବଡ଼ କଥାଟେ କହିଲୁ । ଆରେ ଏ ଦେହର ରୁମ ଯେତେ ଲଢ଼େଇ କରିଚୁ ତେତେ । ଫୁଲମାଡ଼ ବାଜ ପିଠି ରଙ୍ଗା ପଡ଼ିଯାଇଚି, ମୁଣ୍ଡରେ ବଣ୍ଡି ବସି ଯାଇଚି । ହେଲେ ସବୁ କରିବ ସିନା, କିଆ କେତକୀ ଫୁଲ ଛୁଇଁମ ନାହିଁ ।

Digitized by srujan ka@gmail.com

ଆରେ ବାପ୍‌ରେ, ବାପ୍‌ରେ ବାପ୍‌ରେ ! ବାଜଲେ ଦେହ ଅଉ ରହିବ କି ? ଫଡ଼ା ଫଡ଼ା ହୋଇ ଯିବ, ଲହୁ ବାହାରି ପଡ଼ିବ । ଲଢ଼େଇକି ଫୁଲ ଏକା ମନ୍ଦାର, ମଲ୍ଲୀ ମାଳତୀ, ମୁଚକୁନ୍ଦ । ଅଃ ଯୋଡ଼ି ମଲ୍ଲୀ ଫୁଲ ତୋଳନ୍ତି ବୋଇଲେ ଲଲେ କରନ୍ତି ଲଢ଼େଇ ତମ ଦ'ଟାଙ୍କ ସାଙ୍ଗେ ।

ଶିଖି— ଆମେ ଖଣ୍ଡାରେ ଲଢ଼େଇ କରୁ, ଫୁଲରେ ନୁହେଁ ।

ବାନା— ଏଁ ଏଁ କ'ଣ କହିଲୁ ? ଖଣ୍ଡା ? ଅରେ ବାପ୍‌ରେ ଖଣ୍ଡା ! ଫୁଲରୁ ଏକାବେଳକେ କ'ଣ ନା ଖଣ୍ଡା । ନାଇଁ, ଆମେ ଯିବା ବାହାରେ । ବାପ୍‌ରେ, ବାପ୍‌ରେ । କ'ଣ ନା, ଏକାବେଳକେ ଖଣ୍ଡା । (ପ୍ରସ୍ଥାନ)

ମନା—ଠିକଏ ଗୋଡ଼ାଇ ଚାଲ ତ, ଶିଖି । (ଉଭୟଙ୍କ ଅନୁଧାବନ)

(ଦାସୀ ସହ ଲୀଳାବତୀଙ୍କର ଗଛଆଡ଼ୁଆଳରୁ ନିର୍ଗମନ)

ଲୀଳା—ନା, ନୁହେଁ, ସୁଲକ୍ଷଣା । ତାହାହେଲେ ଏ ଓଡ଼ିଶା ମହାରାଜାଙ୍କ ଲୋକ ଆଉ ଏଠାକୁ ଆସିଥାନ୍ତେ କାହିଁକି ? ମଣିଷ ତୁଣ୍ଡ ଯେପରି ଅନେକ ସମୟରେ ଭୁଲ୍ କହେ, ମଣିଷ କାନ ମଧ୍ୟ ସେହିପରି ଅନେକ ସମୟରେ ଭୁଲ୍ ଶୁଣେ । ସେଥିପାଇଁ କହନ୍ତି—'ଯାହା ନ ଦେଖିବ ବେନି ନୟନେ, ପରତେ ନ ଯିବ ଗୁରୁବଚନେ ।'

ଦାସୀ—ସତ କଥା, ମଣିମା ! ଶୁଣିଲା କଥାକୁ ବିଶ୍ୱାସ କଲେ ତ ମେଘ ଘଡ଼ଘଡ଼ି, ବଇଁଶୀ ସ୍ୱର, ଘୁଣ୍ଟ ଦପ୍ ଦପ୍ କରୁ ଗୋଟିଏ ଅବିଶ୍ୱାସ ହେବ. ନାଇଁ ସବୁ ସତ ହୋଇ ପାରେ, ଭୂତ ଲଗେଇବା ଗାରେଡ଼ି ମନ୍ତ୍ର, କୁଳ ବୁଲାଇବା ସତ ହୋଇପାରେ, ଏପରି କି ମିଛ ମଧ୍ୟ ସତ ହୋଇପାରେ । ହେଲେ ମେଘ ଘଡ଼ଘଡ଼ି ତ ସତ ନୁହେଁ । ମେଘରେ ତ ରହିଲା

Digitized by srujan ka@gmail.com

ପାଣି । ସେଗୁଡ଼ାକ ହଲ ଚଲ ହେଲେ ଜଳ ଜଳ ଦିଶା ହବ; ଆଉ ଘଡ଼ ଘଡ଼ ହବ ପୁଣି କୁଆଡ଼ୁ ? ହେଲେ କ'ଣ ହବ, ମଣିମା, ଏଠୋଉ ଏବେ ଯିବାକୁ ପଡ଼ିଲାଣି । ଫେରେ ସେଇ ଦ'ଟା ଲୋକ ଆସିଲେଣି । ମହାରାଜ ତ ମଧ୍ୟ ତାଙ୍କ ସାଙ୍ଗେ ଆସୁଚନ୍ତି ।

ଲୀଳା—ହଉ ତେବେ ଆ, ଯିବା ବାହାର, ସୁଲକ୍ଷଣା ।

(ଉଭୟଙ୍କ ପ୍ରସ୍ଥାନ)

(ଶିଖି ମନାଇଙ୍କ ସହ ବିପରୀତଦିଗରୁ ରାମଚନ୍ଦ୍ର ଭଞ୍ଜଙ୍କ ପ୍ରବେଶ)

ରାମ—ତମେମାନେ ଦର୍ପଣରେ ଦେଖିଥିଲ ଠିକ୍ ହୋଇଚ ?

ଶିଖି—ଦେଖିଥିଲୁଁ, ମହାରାଜ ।

ରାମ—ତାଙ୍କର ବେଶ ଠିକ୍ ଏହିପରି ତ' ମନାଇ ? ତମ ପାଗଟା ଟିକିଏ ବଡ଼ ହୋଇଥାନ୍ତା କି ?

ମନାଇ—ବଡ଼ ତ ହୋଇଚି, ମଣିମା ।

ରାମ—ତମ କମରବନ୍ଧା ଆଉ ଟିକିଏ ନାଲିଆ ହୋଇଥାନ୍ତା କି ଶିଖି ?

ଶିଖି—ନାଲିଆ ତ ହୋଇଚି ବେଶ୍, ମହାରାଜ ।

ରାମ—କିଛି ଧରି ପାରିବେ ନାହିଁ ତ ? ଆଚ୍ଛା କହିଲ, କୋ'ଠି ରହିବ

ଶିଖି—ପାଖେ ପାଖେ ।

ରାମ—ଠିକ୍ ମୁକୁନ୍ଦଦେବ ପାଖେ ପାଖେ ବରାବର । ତା' ପରେ କ'ଣ କରିବ ?

ମନାଇ—ଯେପରି ହୁକୁମ ହେଇଚି କରିବୁ ସେଇପରି ।

ରାମ—କ'ଣ ଥରେ କହିଗଲ ଦେଖି ।

ଶିଖି—ପାଖେ ପାଖେ ଠ ଥିବୁ ।

ରାମ—ସେ ଯେବେ କୁଆଡ଼େ ଯିବ ?

ମନାଇ—ଆମେ ମଧ୍ୟ ଯିବୁ ।

ରାମ—ଆଚ୍ଛା, କହିଯାଅ, ମନାଇ ।

Digitized by srujan ka@gmail.com

ମନାଇ—ପାଖେ ପାଖେ ଥିବୁ । ସ୍ୱାମୀଙ୍କର ଯେବେ ଜୟ ହବ ତ ଉତ୍ତମ । ସେଇଠି ବାନ୍ଧ ପକାଇବୁ । ଯେବେ, ମହାପ୍ରଭୁ ନ କରନ୍ତୁ, ତାଙ୍କର ଜୟ ପଣ ହେଲା, ତେବେ ସେଇଠି ସାଙ୍ଗେ ସାଙ୍ଗେ ଦେଖିଲା କାମ ।

ରାମ—ହଁ, ଏଇ ଏକା ଠିକ୍ କଥା । ସେ ତ ଯୁଦ୍ଧଭୂମି । ସେଠି ତ ଆଉ ରାଜା ପ୍ରଜା, ବଡ଼ ସାନ ବଚାର ନେଇଁ । ଚେଷ୍ଟା କରିବ । ଆମର ବେଶ ପକେଇ, ହାତ-ହତିଆର ଧରି ମାରନ୍ତ, ନୋହିଲେ ତାଙ୍କ ବେଶ ପିନ୍ଧି, ତାଙ୍କ ହାତ-ହତି-ଆର ଧରି ମାରିବ । ଫଳରେ ତ ସମାନ । ଯୁଦ୍ଧରେ ମଲେ ଯେପରି ପୁଣ୍ୟ ମାଇଲେ ମଧ ସେଇପରି ପୁଣ୍ୟ ଜାଣ, ଶିଖି ? ଭଗବାନ୍ କହିଚନ୍ତି—'ବିନାଶାୟ ଚ ଦୁଷ୍କୃତାଂ' । ମାର୍କ-ଣ୍ଡେୟ ପୁରାଣରେ ମଧ ଅଛି ପରା—'ବଧାୟ ଦୁଷ୍ଟ-ଦୈତ୍ୟାନାଂ' । ସେଇପରି, ବଧାୟ ଦୁଷ୍ଟ-ଦୈତ୍ୟାନାଂ । ଯାଅ, ଏ ପୁଣ୍ୟ କାର୍ଯ୍ୟ ସାଧନ କରି ଆସ । ଦେଖିବ, କାଲିକେ ଯେପରି ଯୁଦ୍ଧ ଶେଷ ହୁଏ ।

ଶିଖି—ଯାଉଚୁ, ମହିମା । କହ ମନାଇ ମହାରାଜାଙ୍କର ଜୟ ।

ମନାଇ—ମହାରାଜାଙ୍କର ଜୟ (ଉଭୟେ ପ୍ରସ୍ଥାନ)

ରାମ—ଏ ବେଶ୍ ସୁଯୋଗ । ମୁକୁନ୍ଦ ଠିକ୍ ସମୟରେ ଆକ୍ରମଣ କରିବାକୁ ଆସିଚି । ଚେଣେ କଳାପାହାଡ଼ ବର୍ତ୍ତମାନ ତା କାର୍ଯ୍ୟରେ ବ୍ୟସ୍ତ । ଅବଶ୍ୟ ଦେଶର କ୍ଷତି । ହୁଏ ତ କେଉଁଠାରେ ଦେଉଳ, ମଣ୍ଡପ ଭାଙ୍ଗୁଥିବ । ସେତକ କରି ଫେରିଗଲେ ରକ୍ଷା । କରିବ ଆଉ କ'ଣ ତା'ର ଆକାଂକ୍ଷା ହୋଇପାରେ ? ଧର୍ମ ତ । ତାହାହେଲେ ଦେଶରକ୍ଷାପାଇଁ ରେ ନିଶ୍ଚିନ୍ତ । ତା'ର ଏ ମୁସଲମାନ ସୈନ୍ୟ ବେଶ୍ ଶିଖିତ,

Digitized by srujan ka@gmail.com

ସୁଦକ୍ଷ । ଯଥେଷ୍ଟ ହେବ । ତେବେ ସବୁଠାରୁ ବଡ଼ ଶିଙ୍ଗ ମନାଇ । ଶାରଙ୍ଗଗଡ଼ ଓ ବଙ୍ଗର ସୈନ୍ୟ-ସାମନ୍ତ ମିଶି ଯାହା କରି ନ ପାରିବେ, ଏମାନେ ଦୁଇ ଜଣ ମାତ୍ର ସେ ଅସାଧ୍ୟ ସାଧନାରେ ସମର୍ଥ । ବେଶ୍, ରାମଚନ୍ଦ୍ର ଭଞ୍ଜ ସମଗ୍ର ଓଡ଼ିଶା-ଦେଶର ରାଜା । ଆଉ ଶ୍ରୀ ଗଜପତି ଗୌଡ଼େଶ୍ବର । କି ଜନ୍ମିତ କପାଳ ଏ ଖଣ୍ଡିକ ମୋର । ସାମାନ୍ୟ ରାଜାରୁ ରାଜାଧିରାଜ ସମ୍ରାଟ୍ । କପାଳ କ'ଣ ? ଏ ତ ବାହୁର ପରାକ୍ରମ, ବୁଦ୍ଧିର ପ୍ରଖରତା । ନିଜର ମହତ୍ତ୍ବ ବୁଝିରଖେ । ତଥାପି ପଥରେ ବହୁତ କଣ୍ଟକ । ପ୍ରଥମେ ପାରହେବାକୁ ହେବ । କଳାପାହାଡ଼ଙ୍କୁ ନିମନ୍ତ୍ରଣ କରି ଆଣିଚ । ଦେଖିବ ମୁସଲମାନ କପଟ ନ୍ୟାୟ-ପରାୟଣ । ଆଚ୍ଛା । (ପ୍ରସ୍ଥାନ)

ପଞ୍ଚମ ଦୃଶ୍ୟ

ଯୁଦ୍ଧକ୍ଷେତ୍ର

(ସୁଲେମାନ ଦଣ୍ଡାୟମାନ)

ସୁଲେ—କି ମହାଭ୍ରମ କରିଚ, ସେନାପତି । ତେଣେ ଦେଶ ବିପନ୍ନ କରିଅଛ; ଦେଶର ଗୌରବ ପରପଦରେ ବର୍ଜିତ କରିଅଛ; ଆଫଗାନ ଜୟପତାକା ଭୂତଳରେ ବିଲୁଣ୍ଠିତ କରିଅଛ । ଏଣେ ପୁଣି ଏ ଭୁମୂଳକାଣ୍ଡ । ଏଡ଼େ ଗୋପନରେ;ମୋର ଏଡ଼େ ଅଜ୍ଞାତରେ । ଗ୍ରାମେ ଗ୍ରାମେ, ନଗରେ ନଗରେ ହିନ୍ଦୁର ପବିତ୍ର ଦେବମନ୍ଦିର, ଦେବ-ମୂର୍ତ୍ତିମାନ ଭାଙ୍ଗୁଅଛ । ବଡ଼ ଭୁଲ୍, ସେନାପତି । ମୁସଲମାନ ସୈନ୍ୟ ଯୁଦ୍ଧଭୂମିରେ ଚତୁର୍ଦ୍ଦିଗରେ ବିକ୍ଷିପ୍ତ । ଦେଖୁଚି ଆଜି ଅସମ୍ଭବ । କାଲି ଯଥାସମ୍ଭବ ଏକତ୍ର କରିବି; ଆଜି ଶିବିରକୁ ଫେରି ଯିବ ? ନା, ମହାରାଜାଙ୍କ

Digitized by srujan ka@gmail.com

ସଙ୍ଗେ ସାକ୍ଷାତ ଆଜ କରିଯିବ ଏଇ ଯୁଦ୍ଧଭୂମିରେ ।

(ଗୁରଜଣ ଓଡ଼ିଆ ସୈନ୍ୟଙ୍କ ପ୍ରବେଶ)

୧ମ ସୈ—ଏଇ ସେ ଏକ ପଠାଣ ଏଠି ପୁଣି ।

୨ୟ ସୈ—ମାର୍, ମାର୍, ମାର୍ ।

୩ୟ ସୈ—ଧର ଆଗେ ।

୪ର୍ଥ ସୈ—ପଳା, ପଳା, ପଳା ପଠାଣ । ଯେପରି ତୋର ଭାଇ-
ମାନେ ପଳାଉଛନ୍ତି ।

ମୁକୁ—ମହାରାଜା ! ଏ ପିଶାଚ ମହାରାଜାଙ୍କୁ ଖୋଜୁଛ ଜାଇ
ଥାଉ ଥାଉ ।

୨ୟ ସୈ—ଆଗେ ପିଶାଚ କର ତାଙ୍କୁ । ତା ବାଦ୍ କହିବୁ ପିଶାଚ
ବୋଲି ।

୩ୟ ସୈ—ଦେଖି ବୁଲିଲ୍ଲ ଖଣ୍ଡା ।

୪ର୍ଥ ସୈ—ଟାଙ୍ଗି ଚିପିଲ ମୁଣ୍ଡରେ ପିଠ । ଦେ ଗୁଡ଼ି ଦେ ।

ମୁକୁ—କାହିଁକି ଏତେ ବ୍ୟସ୍ତ କରୁଛ ମୋତେ ? କହ ମହାରାଜ
କୋ'ଠି ।

୧ମ ସୈ—ଅରେ ଫେରେ ମହାରାଜ । ଚୁପ୍ ହ ।

ମୁକୁ—ତମେମାନେ କଣ୍ଟୁ କହିବ ନେଇଁ । ଆଚ୍ଛା, ଦେଖେ; ଅନ୍ୟତ୍ର
ଖୋଜେ । (ପ୍ରସ୍ଥାନ)

୨ୟ ସୈ—ଏ ଲୋକଟା ପଛ ଧରିବା, ଭାଇ ।

୩ୟ ସୈ—ହଁ ଗୁଲ । (ସମସ୍ତଙ୍କ ପ୍ରସ୍ଥାନ)

(ଚଦ୍ରବେଶରେ ଶିଖି ଓ ମନାଇ ପ୍ରବେଶ)

ଶିଖି—ଏବେ କ'ଣ ହାରିବାର ଆଉ କଛୁ ସନ୍ଦେହ ଅଚ୍ଛି ମନାଇ ?
ଏଣିକି ?

Digitized by srujan ka@gmail.com

ମନାଇ – ନା, ଆଉ ସନ୍ଦେହ କ'ଣ ? ଏ ଯେବେ ସନ୍ଦେହ ହୁଏ, ତେବେ ଏ ସ୍ୱର୍ଗ ମର୍ତ୍ତ୍ୟ ସନ୍ଦେହ, ଆକାଶ ପାତାଳ ସନ୍ଦେହ, ତମେ ମୁଁ ସନ୍ଦେହ, ଶିଖି । ହାରିବା ବୋଲି ହାରିବା ! ଠିକ୍ ଜଣିଲ୍ ବେଳକୁ ଯେ ହାରିବା ସେ ତ ମରିବାଠୁ ବଳି ଆହୁରି ଖରାପ । ବେଶ୍ ହାରିବା ଜଣିବା ଏକା;ଆମର ହାରିବା ଜଣିମାରେ ଥାଏ କ'ଣ ? ତେବେ ଏତକ ଯେ କାମଟେ ଯେବେ କରନ୍ତେଁ, ଅଧାକର ଗୁଡ଼ଦବା କମିତ ? ତା' ପରେ ପୁଣି ଏ ପୁରସ୍କାର । ଆଠଗଡ଼ ରାଜ୍ୟଟା କଣ୍ଟ କମ୍ ନୁହେଁ । ଗୁଲ ଗୁଲ, ଶିଖି । ଆଉ କ'ଣ ? ଏବେ ତ ସେଇ ବସ୍ତୁର ଆମର ଟିକିଏ ବିଳମ୍ବ ହେଇଗଲ୍ । ମୁକୁନ୍ଦଦେବଙ୍କୁ ଧରିବା ଯାଇ ବେଗେ । ଆଉ ବିଳମ୍ବ କାହିଁକି ।

ଶିଖି – ହାରିଲେ ପରା ଆଉ କଥା, ମନାଇ । ଧରିବା ପୁଣି କ'ଣ ?

ମନାଇ – ନା, ଧରିବା ତ ନୁହେଁ । ମନେ ଅଛି ମାରିବା—ଗ୍ରହଣ-ଖଣ୍ଡିଆ ଲୋକେ 'ବା' କହିଲ୍ ବେଳକୁ ଯେପରି ସ୍ୱର କରନ୍ତି ତେବେ ଆଗେ ପାଇଲେ ତ, ପଛେ ସେ କଥା । ଆଉ ବିଳମ୍ବ କରନେଇଁ ଶିଖି, ଆସ ବେଗେ ।

(ଉଭୟଙ୍କ ପ୍ରସ୍ଥାନ)

(ମୁକୁନ୍ଦଦେବଙ୍କ ପ୍ରବେଶ)

ମୁକୁନ୍ଦ – ଚତୁର୍ଦ୍ଦିଗରେ ବିଜୟର ରୋଳ ଶୁଣି ଆସୁଅଛି; କିନ୍ତୁ ଏ ଯେପରି ଏହି ରକ୍ତାକ୍ତ, ମୃତ୍ୟୁଶଯ୍ୟାରେ ନିପତିତ ସୈନ୍ୟ-ମାନଙ୍କର ମୁମୂର୍ଷ ବାଣୀ । ଯୁଦ୍ଧଭୂମିରେ ତ କେତେଥର ଜୟ-ଧ୍ୱନି ଶୁଣିଛି । ସେଥିରେ ବେଳେ ବେଳେ ପ୍ରାଣରେ ରୋମାଞ୍ଚ ହୋଇଅଛି, ହୃଦୟରେ ଆନନ୍ଦର ଅପୂର୍ବ ସ୍ରୋତ ବହି ଆସିଛି । ଆଜି କିନ୍ତୁ ସେହି ହୃଦୟ ଫାଟିଯାଉଅଛି । ମା' ଉତ୍କଳ ଭୂମି

Digitized by srujan ka@gmail.com

ସନ୍ତାନରକ୍ତରେ ବକ୍ଷ ବିଧୌତ କରିଅଛୁ; ଅପତ୍ୟ ଶବ–ରାଶିରେ ନିଜର ସ୍ନେହମୟ କୋଳ ପୂର୍ଣ୍ଣ କରିଅଛୁ । କି ବୀଭତ୍ସ ମୂର୍ତ୍ତି ! କି ଭୀଷଣ ପରିପାଟୀ ! ଦେଖିଲେ ଦୁଃଖ ଯେପରି ହୁଏ, ଘୃଣା ମଧ୍ୟ ସେହିପରି । ଏହାହିଁ ବିଜୟ ! ଜଗତରେ ଏଥିପାଇଁ ଲୋକେ ବ୍ୟାକୁଳ, ଉନ୍ମତ୍ତ, ଉଦ୍‌ବ୍ୟଗ୍ର ! ଧନ୍ୟ ମାନବପ୍ରାଣରେ ଦୁର୍ଦ୍ଦମ ଲାଳସା ! ଅପତ୍ୟସ୍ନେହରେ ପ୍ରତିପାଳିତ ହେବାର ପ୍ରଜାଗଣ ମୋର ଦେଶର ଜୀବନର ସକଳ ସୁଖ-ଦୁଃଖ ଆକାଙ୍କ୍ଷା-ଅଭିଳାଷ ପାସୋରି ଦେଇ ଅନ୍ତିମ ଭୂମିଶଯ୍ୟାରେ ଶୋଇଅଛନ୍ତି । ଆଜ ତୁମ୍ଭମାନଙ୍କ ଶବରାଶି ଉପରେ ପାଦ ଦେଇ ମୁଁ ଚାଲି ଆସୁଅଛି । କି ନିଷ୍ଠୁର, କି ପାଷାଣ, କି ନିର୍ବୋଧ ! ସେନାପତି; ଦେଖିଲ ନାହିଁ ଏ ଦୃଶ୍ୟ ଥରେ ସ୍ୱଚକ୍ଷୁରେ, ବୃଦ୍ଧ ଧନୁର୍ଦ୍ଧର ବଳଅରି ସିଂହ, ଦେଖିଲ ନାହିଁ । କି ନିମନ୍ତେ ଏ ରକ୍ତପାତ ? ଓଡ଼ିଶାର ସିଂହାସନ ? ତାହାହେଲେ ବରଂ ପଥର ଭିକାରି ହେବା ଶ୍ରେୟସ୍କର । ନା, ରାମଚନ୍ଦ୍ରଭଞ୍ଜ ! କଠୋରତାର ଏକ ସୀମା ଅଛି । ବାତ୍ସଲ୍ୟରେ ପରିପାଳିତ ପ୍ରଜାଗଣଙ୍କୁ ମୋର ଏ ତରବାରିରେ ଆଜ ଶଯ୍ୟାଗତ ହେବାର ଦେଖି ପାରିବ ନାହିଁ । ରାଜ୍ୟ ! ସେ ଅତି ତୁଚ୍ଛ; ସିଂହାସନ ! ସେ ଅତି ହେୟ । ସ୍ୱୀକାର କରୁଚି ତୁମେ ଏ ବିପୁଳ ଓଡ଼ିଶା–ରାଜ୍ୟର ରାଜା । ଯା’ ରାଜମୁକୁଟ, ଏ ମସ୍ତକରୁ ଧୂଳିଶଯ୍ୟାରେ ମୃତ ପ୍ରଜାଗଣଙ୍କ ସଙ୍ଗେ ବିଲୁଣ୍ଠିତ ହେବୁ । ଦୂର ହୁଅ, ତରବାରି ! ବର୍ତ୍ତମାନ ବି ଦୈନ୍ୟ; ହସ୍ତ ମସ୍ତକ ଯେପରି ଲଘୁ; ହୃଦୟ ସେହିପରି ଭାରହୀନ ।

(ଛଦ୍ମବେଶରେ ଶିଖି ମନାଇଙ୍କ ପୁନଃ ପ୍ରବେଶ)

Digitized by srujan ka@gmail.com

ଏ ପୁଣି ଦୁଇ ଜଣ ସୈନିକ । ଘାତୃହତ୍ୟାରେ ହସ୍ତ ରକ୍ତାକ୍ତ ହୃଦୟ ଜର୍ଜରିତ । ଆସ ସୈନିକଦ୍ୱୟ, ଦେଖିଯାଅ ଏ କରୁଣ ଦୃଶ୍ୟ ।

ଶିଖି—ଆଉ ବିଳମ୍ବ ନୁହେଁ; ଶୀଘ୍ର, ଶୀଘ୍ର ।

ମନା—ଶୀଘ୍ର (ମାରିବାକୁ ଉଦ୍ୟମ)

(ହଠାତ ବାହାରୁ ସୁଲେମାନଙ୍କ ପ୍ରବେଶ)

ସୁଲେ—ହାଁ, ଖବରଦାର୍ । (ଉଭୟଙ୍କୁ ପ୍ରହାର)

ଶିଖି—ମରିଗଲି, ମନାଇ । ଏ ଏଁ ଏଁ । (ପତିତ ଓ ମୃତ)

ମନା—ଓହୋ ! ମଲି-ଲି-ଲି । (ପତିତ ଓ ମୃତ)

ମୁକୁନ୍ଦ – ବାଦଶାହ ! ଆପଣ ଆକସ୍ମାତ୍ ଏପରି ଭାବରେ ! ବିଧାତାର ବଡ଼ ବିଚିତ୍ର ନିର୍ଦ୍ଦେଶ । ମନେ କରୁଥିଲି ଏ ଜୀବନ ବଡ଼ ନିରର୍ଥକ । ଠିକ୍ ସେତିକିବେଳେ ଏ ପ୍ରାଣନାଶର ଆୟୋଜନ । ବଞ୍ଚିବା ମରିବା ସମାନ ମୋ ପକ୍ଷରେ ବର୍ତ୍ତମାନ, ବାଦଶାହ ! (ନିଜ ତରବାରି ଉଠାଇ) ଏଇ ତରବାରି ଦେଖୁଚନ୍ତି, ମୁସଲମାନ ବୀର । ରଣଭୂମିରେ ବହୁ ବୀର-ରକ୍ତରେ ବିଧୌତ ହୋଇଅଛି । ଏଥିରେ ଜୀବନଲୀଳା ସ୍ୱଚ୍ଛନ୍ଦେ ଶେଷ କରିଦିଅନ୍ତି; କିନ୍ତୁ ନା, ବାକି ଅଛି । ବିଶ୍ୱାସଘାତକ ହସ୍ତରେ ରାଜ୍ୟ ଦେଇ ଯିବିନାହିଁ କଦାପି । ମୁଁ ରାମଚନ୍ଦ୍ର ଭଞ୍ଜଙ୍କୁ ନିଜ ସିଂହାସନ ଅର୍ପଣ କରିବାର ପ୍ରସ୍ତାବ କରିଥିଲି । ସେତେବେଳେ ସେ ନାରାଜ ହେଲେ । କହିଲେ, ନା । ବର୍ତ୍ତମାନ ମୋତେ ମାରିବାର ପ୍ରୟୋଜନ; ତେବେ ପ୍ରକାଶ୍ୟରେ ବୀରବେଶରେ ଆସ, ରାମଚନ୍ଦ୍ର ଭଞ୍ଜ ! ଏ କପଟତା ଅସହ୍ୟ ।

(ଦୃଶ୍ୟ ପତନ)

Digitized by srujan ka@gmail.com

ଷଷ୍ଠ ଦୃଶ୍ୟ

ଯୁଦ୍ଧକ୍ଷେତ୍ରରେ ଶିବିରବହିଃସ୍ଥ ପ୍ରାନ୍ତରଭାଗ ।

(ରାମଚନ୍ଦ୍ର ଭଞ୍ଜଙ୍କ ପ୍ରବେଶ)

ରାମ—ଭାଗ୍ୟ ବଡ଼ ଠାଣ । ଦୁଇଥର ଖସି ଗଳିଗଲା । ସେଥର ସମ୍ଭବତଃ ସେ ଏକ ବିଶ୍ୱାସଘାତକତା । ଏଥର ପୁଣି ଏ ଦୈବଦୁର୍ବିପାକ । ଏ ଯେପରି ଏକ ଘୂର୍ଣ୍ଣିବାୟୁ । ପ୍ରବଳ ବେଗରେ ବାହ୍ନି ଆସି ମୁକୁନ୍ଦକୁ କୋଳରେ ବସାଇ ଧେନି-ଗଲା । ଲାଭମଧ୍ୟରେ ଏତିକି, ସବୁ ଜଣା ପଡ଼ିଗଲା । ଏଣିକି ପ୍ରକାଶ୍ୟ । ତଥାପି ଲୋକଟାର୍ ଭାଗ୍ୟ ବଡ଼ ଠାଣ; କିନ୍ତୁ ଆଉ ସମ୍ଭବ ନୁହେଁ । ଯେତେ ଦିନ ମୁକୁନ୍ଦ ଉଦାସୀନ ଥିଲା; ସେ ମୃତ୍ୟୁକୁ ଦୂରରେ ରଖି ଚଳୁଥିଲା । ତା'ର ଏ ପ୍ରତିଜ୍ଞା ଏବେ ତା'ର ଜୀବନର ଶତ୍ରୁ । ଦେଶକୁ ବିଶ୍ୱାସ-ଘାତକ ହସ୍ତରୁ ରକ୍ଷା କରିବା ଅର୍ଥାତ୍, ଭାଷାନ୍ତରରେ ନିଜ ମସ୍ତକକୁ ମୃତ୍ୟୁହସ୍ତରେ ଅର୍ପଣ କରିବା । ଭଲ କଥା । ଯୁଦ୍ଧ କେବଳ ବାହୁବଳର କଷାକଷି ନୁହେଁ ମୁକୁନ୍ଦ । ସେ ଏକ ବୁଦ୍ଧିର ପରୀକ୍ଷା, ଚତୁରତାର ଠେଣାଠେଣି । ଆଉ ବଳ ଉପରେ ନିର୍ଭର କରିବାର ନୁହେ । ନିଜର ଏ ତରବାରି ଶାଣିତ କରିବ । ଏ କିଛି ହିଂସା ନୁହେଁ । ଆତ୍ମରକ୍ଷା, ବିଶୁଦ୍ଧ ଆତ୍ମରକ୍ଷା । ପ୍ରକାଶ୍ୟରେ ଯେ ଶତ୍ରୁରୂପରେ ଦଣ୍ଡାୟମାନ ତାହାର କବଳରୁ ନିଜକୁ ମୁକ୍ତ କରିବାର ଉଦ୍ୟମ । ତଥାପି ଯୁଦ୍ଧଭୂମିରେ, ଅତ୍ୟନ୍ତ ଅସୁନ୍ଦର ଦିଶିବ । ଲୋକେ ଦୋଷ ଦେବେ । କହିବେ ଏ ଗୁପ୍ତହତ୍ୟା । ନା, ଯୁଦ୍ଧଭୂମିରେ ।

Digitized by srujan ka@gmail.com

ସୁତରାଂ ଯୁଦ୍ଧର ଆୟୋଜନ ବର୍ତ୍ତମାନ ।

(ବଡ଼ଦାଣ୍ଡରୁ ରଘୁନାଥ ଓ ସଦାଶିବଙ୍କ ପ୍ରବେଶ)

ରଘୁନାଥ, ସଦାଶିବ, ଆସିଚ । ଦେଖ, କଳାପାହାଡ଼ ଏ ଯୁଦ୍ଧରେ ପ୍ରକାଶ୍ୟରେ ଯୋଗଦେବାକୁ ନାରାଜ । କ'ଣ ମତଲବ୍ କେଜାଣି । ତା' ଉପରେ ନିର୍ଭର କରି ଚଳି ହେବ ନାହିଁ ଦେଖୁଚ । ଯାହା କିଛି ସୈନ୍ୟ ଦେଇଅଛି ସେମାନଙ୍କୁ ଯେପରି କାର୍ଯ୍ୟ କରି ଯିବାକୁ ହେବ । ତମେ, ରଘୁନାଥ, ସୈନ୍ୟ ଚଳାଇବ ପଶ୍ଚିମପାଖରେ ଯେଉଁଠ ରେ ମୁକୁନ୍ଦଦେବଙ୍କ ସେନାପତି ରହିବେ । ତମେ, ସଦାଶିବ ରହିବ ପର୍ବପାଖରେ, ଧନୁର୍ଦ୍ଧର ବଳଆରସିଂହକୁ ପ୍ରତିଘାତ କରିବ । ନା, ନ କରି ପାର । କେବଳ ଜଗି ରଖିବ । ମୁଁ ମଝିରେ ରହିବି । କାରଣ ମୁକୁନ୍ଦଦେବ ସବୁବେଳେ ମଝିରେ ରହି ଯୁଦ୍ଧ କରନ୍ତି । ସବୁଠାରୁ ବିପଦ ବେଶି କି ନା ସେଠି । ମୋର ମଝିରେ ରହିବା ଠିକ୍ ବିବେଚନା କରୁଚି ।

ରଘୁ—ଠିକ୍, ମହାରାଜ ! ହେଲେ ଏ ଯୁଦ୍ଧରେ ଆମମାନଙ୍କର ଆଶା ବଡ଼ କମ୍ । ମୁକୁନ୍ଦଦେବ ବର୍ତ୍ତମାନ ଦୃଢ଼ପରିକର, ପର୍ବତ ପରି ଅଟଳ ସେ ଯୁଦ୍ଧ କରିବେ । ଆମମାନଙ୍କ ଏ ଯୁଦ୍ଧକୁ ସେ ବିଶ୍ୱାସଘାତକତା କହୁଅଛନ୍ତି, ସ୍ୱାର୍ଥପରତା କହୁଅଛନ୍ତି; କିନ୍ତୁ ଭୁଲିଯାଉଚନ୍ତି ନିଜେ ସେ କିପରି ସ୍ୱାର୍ଥପର । ଉତ୍କଳର ପୁଣ୍ୟ ସିଂହାସନ କୌଣସି ସାଧାରଣ କର୍ମଗୃହୀ-ନିମନ୍ତେ ନୁହେଁ । ରାଜପୁରୁଷ କେହି ନ ଥିଲେ, ରାଜଗାଦି ବରଂ ଖାଲି ରହିପାରେ; କିନ୍ତୁ ଭୃତ୍ୟ କିପରି ସେଠାରେ ବସିବ ? ଭୁଲ୍ ତ ସେଠାରେ ।

ସଦା—ତାପରେ ଥରେ ମହାରାଜାଙ୍କୁ ପ୍ରଶ୍ନମାନ – କ'ଣନା ଆପଣ ଓଡ଼ିଶାର ସିଂହାସନ ଗ୍ରହଣ କରିବାକୁ ପ୍ରସ୍ତୁତ ହୁଅନ୍ତୁ । ଠିକ୍

Digitized by srujan ka@gmail.com

କଥା, ମହାରାଜ କହୁ ଭକାର ନୂହନ୍ତ ଯେ ମୁକୁନ୍ଦପାଶଙ୍କ-ଠାରୁ ସିଂହାସନ ଦାନ ଗ୍ରହଣ କରିବେ । ତା' ପରେ ଦେଖିଲ୍‌ବେଲକୁ କ'ଣ ନା, ନିଜେ ରାଜା ହୋଇ ସିଂହା-ସନରେ ବସିଗଲେଣି । ଆରେ ବାବୁ, ଭୁଲ୍‌ ତ କରିଚ, ପୁଣି ଭଲେଇ ହେଉଚ କେତେ । ଭୁଲ୍ ମାନ ଆଉଉଇ ହେଇ ଯାଅ ।

ରାମ—ସେ କଥ ହବନେଇଁ, ସଦାଶିବ । ବର୍ତ୍ତମାନ ତ ବଙ୍ଗପତିକର ସେ ଯୁଦ୍ଧ କରିବେ । ସୈନ୍ୟ-ସାମନ୍ତ ଅଧିକ ଅଛନ୍ତି, ଯୁଦ୍ଧ କରିବେ । ଆମେମାନେ ଦରିଦ୍ର, କ୍ଷୁଦ୍ର, ଶକ୍ତିହୀନ । ହୋଇ-ପାରେ ଏ ଯୁଦ୍ଧରେ ପ୍ରାଣ ଦେବାକୁ ହେବ । ତଥାପି ଜାଣୁ ଜାଣୁ ଅନ୍ୟାୟକୁ ପ୍ରଶ୍ରୟ ଦେଇପାରୁ କେତେକେ ?

ରଘୁ ନା, ମହାରାଜ ! ପ୍ରାଣ ଦେବା, ତଥାପି ଅନ୍ୟାୟ ଦେଖି ଆଖି ବୁଜି ଦେବା ନାହିଁ । ବଙ୍ଗ-ନବାବ କେତେ ମୁସଲମାନ୍ ସୈନ୍ୟ କରଗତ କରିଅଛନ୍ତି । କଳାପାହାଡ଼ ନିଜେ ନ ଆସିଲେ ମଧ୍ୟ ପୁଣି କେତେକ ସୈନ୍ୟ ପଠାଇ ଦେଇଅଛନ୍ତି । ସମ୍ଭବତଃ ପାଞ୍ଚ ହଜାର ।

ସଦା—ଅବଶିଷ୍ଟ ଶାରଙ୍ଗଗଡ଼-ସୈନ୍ୟ, ଅବଶ୍ୟ ଅଳ୍ପ । ତଥାପି ଯୁଦ୍ଧ କରିବାକୁ ହେବ ।

ରାମ—ଭୟ ନାହିଁ ସଦାଶିବ । ବିଜୟ ସର୍ବଦା ଧର୍ମ, ନ୍ୟାୟ, ସତ୍ୟର ପକ୍ଷରେ । ଆମମାନଙ୍କର ଆଉ କିଛି ନ ଥାଉ ସତ୍ୟ ଅଛି, ନ୍ୟାୟର ନିବନ୍ଧନରେ ପ୍ରତିଜ୍ଞା ଅଛି । ଏକାବେଳେକେ ନିରାଶ ହେବାର ନୁହେଁ । ଧର୍ମବଳରେ ସାବିତ୍ରୀ ସତ୍ୟବାନଙ୍କୁ ଯମହସ୍ତରୁ ରକ୍ଷା କରିଥିଲେ । ଆମମାନଙ୍କର ସେଇ ଧର୍ମ-ବଳ, ସେଇ ସତ୍ୟ-ସହାୟ, ବିଶ୍ୱନିୟନ୍ତା ଭଗବାନ୍ ଭରସା ।

Digitized by srujan ka@gmail.com

ଆସ, ରଘୁନାଥ, ସଦାଶିବ ! ଭୟ ନାହିଁ, ପ୍ରସ୍ତୁତ ହେବାକୁ ହେବ । (ପ୍ରସ୍ଥାନ)

ସପ୍ତମ ଦୃଶ୍ୟ
ଯୁଦ୍ଧକ୍ଷେତ୍ର ।

(ମୁକୁନ୍ଦଦେବ, ଧନୁର୍ଦ୍ଧର, ସେନାପତି ଓ ମନ୍ତ୍ରୀ ଦଣ୍ଡାୟମାନ)

ମନ୍ତ୍ରୀ—ଏ ଯୁଦ୍ଧର ତ ଅନ୍ତ ନାହିଁ, ମହାରାଜ । ବାରମ୍ବାର ପରାସ୍ତ ହୋଇ ମଧ୍ୟ ପୁଣି ସେହି ଯୁଦ୍ଧ । ଯୁଦ୍ଧରେ ବର୍ତ୍ତମାନ ରାମଚନ୍ଦ୍ର ଭଞ୍ଜଙ୍କର ଆହାର ନିଦ୍ରା, ଦୈନନ୍ଦିନ କର୍ମ, ବୃଥାରେ ଏତେ ରକ୍ତପାତ । ସେ ଦିନ ବନ୍ଦୀ ହୋଇଥିଲେ । ମୁକ୍ତ ନ କରିଥିଲେ ଠିକ୍ ହୋଇଥାନ୍ତା ମହାରାଜ । ଆଜି ପୁଣି, ସେନାପତି, ବନ୍ଦୀକରି ଆଣ । ଆଉ ନିଷ୍କୃତି ନୁହେଁ । ଆମମାନଙ୍କର ଭୁଲ ସେହିଠାରେ । ଦେଶ ରକ୍ଷା ତ ପ୍ରଥମ କର୍ତ୍ତବ୍ୟ, ମହାରାଜ ।

ମୁକୁନ୍ଦ—ନା, ମନ୍ତ୍ରୀ, ସେ ଆପଣଙ୍କର ଭୁଲ୍ ହୋଇପାରେ, ଆମମାନଙ୍କର ନୁହେଁ । ବନ୍ଦୀ ପ୍ରାଣଭିକ୍ଷା କଲାବେଳେ ତାକୁ ନିଷ୍କୃତି ନ ଦେବା ଆମମାନଙ୍କର ଧର୍ମ ନୁହେଁ । ଧର୍ମ ଆମମାନଙ୍କର ପ୍ରଥମ, ତତ୍ପରେ ଦେଶ, ରାଜ୍ୟ, ପରିଶେଷରେ ସୁଖସମ୍ଭୋଗ । ରାମଚନ୍ଦ୍ର ଭଞ୍ଜ ଆମମାନଙ୍କର ଘୋର ଶତ୍ରୁ ହୋଇପାରନ୍ତି; କିନ୍ତୁ ଯେତେବେଳେ ଧର୍ମ ନାମରେ, ସତ୍ୟର ନିବନ୍ଧନରେ ସେ ମୁକ୍ତିଭିକ୍ଷା କରନ୍ତି, ସେତେବେଳେ କ'ଣ କର୍ତ୍ତବ୍ୟ ମନ୍ତ୍ରୀ ?

ଧନୁ—ଠିକ୍ ମହାରାଜ ।

ସେନ—ତେବେ କ'ଣ ଏଇପରି ଚାଲିଥିବ ?

Digitized by srujan ka@gmail.com

ମୁକୁନ୍ଦ—ନା ସେନାପତି, ଯେତେବେଳେ ବୁଝିବା ଯେ ରାମଚନ୍ଦ୍ର ଭଞ୍ଜ ଆଉ ବିଶ୍ୱାସର ପାତ୍ର ନୁହନ୍ତି, ସେତେବେଳେ ତାଙ୍କୁ ବନ୍ଦୀ କରି ରଖିପାରି ବା ଦେଶଦ୍ରୋହୀ, ଧର୍ମଦ୍ରୋହୀ ବୋଲି ହତ୍ୟା ମଧ୍ୟ କରିପାରି; କିନ୍ତୁ ତା ପୂର୍ବରୁ ନୁହେଁ । ମନୁଷ୍ୟ ଥରେ ଦୁଇଥର ଭ୍ରମ କରିପାରେ ।

ସେନା—ଥରେ ଦୁଇଥର ତ ବେଶ ପାରେ, ମହାରାଜ । ଧରନ୍ତୁ ପୂର୍ବ କଥା ସବୁ ଛାଡ଼ି ଦେଲି । ସେଦିନ ଯୁଦ୍ଧଭୂମିରେ ବିଶ୍ୱାସଘାତକତା କରି ହତ୍ୟାର ଆୟୋଜନ । ବଙ୍ଗ ବାଦ-ଶାହ ହଠାତ୍ ଉପସ୍ଥିତ ହୋଇଗଲେ ଭାଗ୍ୟକ୍ରମେ । ଏଭଳି ବିଶ୍ୱାସଘାତକତା ପରେ କ'ଣ ପୁଣି ମନୁଷ୍ୟ କ୍ଷମାର ପାତ୍ର ହୋଇପାରେ ? ତଥାପି ସେ ଦିନ ବନ୍ଧନରୁ ମୁକ୍ତ କରି-ଦେଲି ମହାରାଜାଙ୍କ ଆଦେଶରେ ।

ମୁକୁନ୍ଦ—ସେଇ ମହାରାଜାଙ୍କ ଆଦେଶରେ ଆବଶ୍ୟକ ହେଲେ ପୁଣି ମଧ୍ୟ ମୁକ୍ତ କରି ଦେଇ ପାରନ୍ତି, ସେନାପତି ।

ମନ୍ତ୍ରୀ—ନା, ମହାରାଜ ଆଉ ଏପରି ଆଦେଶ ଆମେମାନେ ପାଳନ କରିବୁ ନାହିଁ ।

ମୁକୁନ୍ଦ—ନା, ମନ୍ତ୍ରୀ, ସେପରି ଆଦେଶ ଦେବାର ସୁଯୋଗ ତ ପଡ଼ି ନାହିଁ କିଛି । ଆଗରୁ ଏପରି ଆଦେଶ ଅମାନ୍ୟ କାହିଁକି ହେଉଥିଲେ; ଆଜି ଆପଣମାନେ ରାମଚନ୍ଦ୍ର ଭଞ୍ଜଙ୍କୁ ବନ୍ଦୀ କରିପାରନ୍ତି । ସେନାପତି ଯୁଦ୍ଧକୁ ଯାଆନ୍ତୁ; ବଳିଆରସିଂହ ମଧ୍ୟ ଯୁଦ୍ଧକୁ ଯାଆନ୍ତୁ ! କଳାପାହାଡ଼ ପୁଣି ନୂତନ ସୈନ୍ୟ ପଠାଇଅଛି । ଆଜି ଯୁଦ୍ଧରେ ବିଶେଷ ଚେଷ୍ଟାର ପ୍ରୟୋଜନ ହୋଇପାରେ । ମନ୍ତ୍ରୀ, ଆପଣ ଦୁର୍ଗକୁ ଫେରି ଯାଆନ୍ତୁ । ମୁଁ ସୈନ୍ୟମାନଙ୍କ ଆଗମନ ପ୍ରତୀକ୍ଷା କରିବି ।

(ମୁକୁନ୍ଦଦେବଙ୍କ ବ୍ୟତୀତ ସମସ୍ତଙ୍କ ପ୍ରସ୍ଥାନ)

Digitized by srujan ka@gmail.com

ପ୍ରକୃତରେ ଏ ଯୁଦ୍ଧର ଅନ୍ତ ନାହିଁ । ଆଜ ଶେଷ କରିବାକୁ ହେବ । ବଡ଼ ଭ୍ରମ କରୁଚ; ରାମଚନ୍ଦ୍ର ଭଞ୍ଜ । କ୍ଷମାର ସୀମା ଅଛି । ଆଉ ନୁହେଁ । କ୍ଷମାର ଯୋଗ୍ୟ କର ନିଜକୁ; ନଚେତ୍ ଶାସ୍ତି । ମୁଁ ତ କେବଳ ମୁକୁନ୍ଦ ନୁହେଁ, ମୁକୁନ୍ଦଦେବ, ଏ ଦେଶର ରାଜା । ସୁତରାଂ ରାଜ୍ୟର ମଙ୍ଗଳ ଦେଖିବି, ପ୍ରଜାବର୍ଗଙ୍କର ଶାନ୍ତି ସୁଖ ଲୋଡ଼ିବି । ନୋହିଲେ ରାଜ୍ୟପ୍ରତି କର୍ତ୍ତବ୍ୟରେ ତ୍ରୁଟି । (ସୈନ୍ୟମାନଙ୍କ ତୂରୀଶବ୍ଦ) ସୈନ୍ୟମାନେ ଆସିଗଲେ । ଏ ରଣବାଦ୍ୟ ବଡ଼ ମଧୁର ଏକା; ଶୁଣିଲେ ଅତି ନୀରସ ପ୍ରାଣରେ ମଧ୍ୟ ରସର ସଞ୍ଚାର ହୁଏ ।

(ସୈନ୍ୟମାନଙ୍କ ପ୍ରବେଶ)

ସୈନ୍ୟ—ଜୟ, ମହାରାଜାଙ୍କର ଜୟ ।

ମୁକୁନ୍ଦ—ସୈନିକଗଣ, ଏ ଯୁଦ୍ଧ ବୃଥାରେ ବହୁତ ଦିନ ଚାଲିଅଛି । ମୁଁ ତୁମ୍ଭମାନଙ୍କୁ ବୃଥାରେ ବହୁକଷ୍ଟ, ଅଶାନ୍ତି ଦେଇଅଛି, ଦେଶବାସୀଙ୍କୁ ନାନା ଆପଦ ମଧ୍ୟରେ ରଖିଅଛି । ଆଜ ସେ ସବୁର ପ୍ରତିକାର କରିବାକୁ ହେବ । ଏପର୍ଯ୍ୟନ୍ତ ଯେପରି ଚାଲିଥିଲା ଆଉ ସେପରି ଚାଲିଲେ ଚଳିବ ନାହିଁ । ଆଜ ତୁମ୍ଭେମାନେ ଯୁଦ୍ଧଭୂମିରେ ଅବତୀର୍ଣ୍ଣ ହୋଇଅଛ । ଦେଶର ଗୌରବ, ସମୃଦ୍ଧି, ସୌଭାଗ୍ୟ, ତୁମ୍ଭମାନଙ୍କ ହାତରେ ବର୍ତ୍ତମାନ । ଆଜ ଏ ଯୁଦ୍ଧରେ ଜୟ ଲାଭ କରିବ; କିନ୍ତୁ ତଥାପି ତୁମ୍ଭମାନଙ୍କର ଶାନ୍ତି ନାହିଁ । ଦେଶର ଘୋରତର ଶତ୍ରୁ ବର୍ତ୍ତମାନ ଦେଶମଧ୍ୟରେ । ଆଜ ନିଜର ଭାଇ ସଙ୍ଗରେ ଯୁଦ୍ଧ କରୁଅଛ । ଏ ଯୁଦ୍ଧ ଯୁଦ୍ଧଇ ନୁହେଁ । ତୁମ୍ଭମାନଙ୍କୁ ପୁଣି କାଲି ମୁସଲମାନର ପ୍ରବଳ ସେନାବାହିନୀ ସମ୍ମୁଖରେ ଦଣ୍ଡାୟମାନ ହେବାକୁ ହେବ । ସେଇ ଯୁଦ୍ଧରେ ଦେଖାଇବ ଓଡ଼ିଆ କପରି

Digitized by srujan ka@gmail.com

ପ୍ରାଣ ଦେଇପାରେ, ତଥାପି ଶତ୍ରୁ ହସ୍ତରେ ନିଜ ରାଜ୍ୟର ସୂଚ୍ୟଗ୍ରପରିମିତ ଭୂମି ସୁଦ୍ଧା ଦେବାକୁ ନାରାଜ ।–ସେ ଯୁଦ୍ଧରେ ବିଜୟ ଲଭ କଲେ, ତୁମ୍ଭେମାନେ ଦେଶର ସମ୍ମାନ ସୁଖ୍ୟାତି ଅକ୍ଷୁର୍ଣ୍ଣ ରଖି ପିବ । ନୋହିଲେ ଲଜ୍ଜା, ଅପମାନ; ପରାଜୟ । ବର୍ତ୍ତମାନ ଚାଲ, ସୈନିକଗଣ, ଜୟ ଗାନ କର, ଯୁଦ୍ଧ-ଭେରୀ ବଜାଅ ।

ସୈନ୍ୟ—ଜୟ ମହାରାଜାଙ୍କର ଜୟ । (ଭେରୀନାଦ ଓ ପ୍ରସ୍ଥାନ)

ମୁକୁନ୍ଦ—ସୁନ୍ଦର ରଣବାଦ୍ୟ । ମନ୍ତ୍ରୀ ଦୁର୍ଗକୁ ଫେରି ଗଲେ । ସେନାପତି, ବଳିଆରସିଂହ ଯୁଦ୍ଧଭୂମିରେ ନିଜ ନିଜର ସ୍ଥାନକୁ ଚାଲିଗଲେ । ବଡ଼ ଶୀଘ୍ର ବିଦାୟ । ଆଜି ଏ ଯୁଦ୍ଧର କି ପରିଣାମ ? ରାମଚନ୍ଦ୍ର ଭଞ୍ଜ; ଏତେ ଦିନ ଯାହା ତୁମ୍ଭପ୍ରତି ହେଉନାହିଁ, ଆଜି କପରି ହେଉଛି—ଘୃଣା । କି କର୍ମ କଲ ରାଜପ୍ରାସାଦମଧ୍ୟରେ ଜାତ ହୋଇ । ସ୍ୱଦେଶର, ସ୍ୱଜାତିର ଏତେ ଅମଙ୍ଗଳ କରିପାର ? ଛି, ରାମଚନ୍ଦ୍ର । (ରାମଚନ୍ଦ୍ରଭଞ୍ଜଙ୍କୁ ଦୂରରୁ ଆସିବାର ଦେଖି) ଏଇ ଯେ ରାମଚନ୍ଦ୍ର ଭଞ୍ଜ । ସନ୍ଧି ପତାକା ନିଜ ହାତରେ ଘେନି ଶତ୍ରୁ ନିକଟରେ । ତଥାପି ଉଦାର, ରାମଚନ୍ଦ୍ର, ଯେ ଶତ୍ରୁକୁ ଠିକ୍ ଚିହ୍ନିଅଛ । ବେଶ୍ ସୁନ୍ଦର, ରୂପଲାବଣ୍ୟ; କିନ୍ତୁ ମୁଖର ସେଇ ବିଭୀଷିକା ଯାହା ଦେଖି ଚିରକାଳ ମୋତେ ଭୟହିଁ ଲାଗିଛି । ଆଜି ଯୁଦ୍ଧ-ଭୂମିରେ ମଧ୍ୟ ଭୟ । ନା, ନା, । ।

(ରାମଚନ୍ଦ୍ର ଭଞ୍ଜଙ୍କ ପ୍ରବେଶ)

କଣ ସନ୍ଧିର ପ୍ରସ୍ତାବ ରାଜା ?

ରାମ—ଠିକ୍ ବୁଝି ଚନ୍ତି, ମହାରାଜ । ସନ୍ଧିର ପ୍ରସ୍ତାବ । ସନ୍ଧି ବର୍ତ୍ତମାନ ଦେଶର ପ୍ରୟୋଜନ । ପ୍ରୟୋଜନବେଳେ

Digitized by srujan ka@gmail.com

ପ୍ରସ୍ତାବ ଅବଶ୍ୟ କର୍ତ୍ତବ୍ୟ । (ଗୋପନରେ ଖଣ୍ଡା ବାହାର କର)
ପ୍ରସ୍ତାବ କ'ଣ, କାର୍ଯ୍ୟ । (ମୁକୁନ୍ଦଦେବଙ୍କୁ ଆଘାତ କର)
ଓଡ଼ିଶାର ଚିର ସିଂହାସନରେ ବସ ଏଣିକ, ପାପିଷ୍ଠ ।

(ପ୍ରସ୍ଥାନ)

ମୁକୁନ୍ଦ—(ଅପଷ୍ଟତ) ନିଜ ହାତରେ ମାରିବାକୁ ଥିଲ,ରାମଚନ୍ଦ୍ରଭଞ୍ଜ ଓହୋ ! ଏକାବେଳେକେ ମାରି ନ ଦେଇ ଖସିଗଲ ।

(ଉପଗ୍ରିତଦ୍ୱାରରୁ ସୁଲେମାନଙ୍କ ସହ ମନ୍ତ୍ରୀଙ୍କ ପ୍ରବେଶ)

ମନ୍ତ୍ରୀ—ଓହୋ ! ଭୀଷଣ ! ଭୀଷଣ ! ଭୀଷଣ ! କି କାଣ୍ଡ ! କି ଭୀଷଣ କାଣ୍ଡ !

ସୁଲେ—ସର୍ବନାଶ ! ଏ କ'ଣ, ମନ୍ତ୍ରୀମହାଶୟ ?

ମୁକୁନ୍ଦ—କିଏ ? ମନ୍ତ୍ରୀ ? ଫେରିଚନ୍ତି ?

ମନ୍ତ୍ରୀ—ଫେରିଚି, ମହାରାଜ ! ଆଉ କ'ଣ କରିବି ?

ମୁକୁନ୍ଦ—ଯାଉଚି । ଆଉ ନୁହେଁ । ଏଇ ଶେଷ କଥା । ସେନାପତି ନାହାନ୍ତି ? ଓହୋ ! ବଳିଆରସିଂହ ନାହାନ୍ତି ? ବିଦାୟ ଓହୋ ! ବଳିଆରସିଂହ ନାହାନ୍ତି ? ବିଦାୟ ଦିଅନ୍ତୁ, ମନ୍ତ୍ରୀ । ଓହୋ ! ବାଦଶାହ; ବାଦଶାହ ! ଆପଣ ମଧ୍ୟ ! ଜୀବନର ଅନ୍ତିମ ମୃତ୍ୟୁଶଯ୍ୟାରେ କିପରି ପରିଶୋଧ କରିବି ଏ ଅସୀମ ସ୍ନେହଋଣ ? ବିଦାୟ ବିଦାୟ ବିଦାୟ । ହୃଦୟ-ତନ୍ତ୍ରୀ କ୍ରମେ କ୍ଷୀଣ-ଓହୋ !-ପ୍ରାଣବାୟୁ କ୍ରମେ ଶୀତଳ । ଓହୋ ! -କଣ୍ଠରୁଦ୍ଧ । ବିଦାୟ ମନ୍ତ୍ରୀ ବି-ଦା-ୟ ବାଦଶାହ— ବିଦାୟ—ମା-ଉତ୍କଳଭୂମି । ବି-ଦା-ୟ । (ମୃତ)

ମନ୍ତ୍ରୀ—ସକଳ ଆଶା ଏବେ ଏହିଠାରେ ଏକପ୍ରକାରେ ବିଲୀନ, ବାଦ୍‌ଶାହ । ସବୁ କଳ୍ପନା ଜଳ୍ପନା ଏଇଠାରେ ପୂର୍ଣ୍ଣ । ଉତ୍କଳର ଉଜ୍ଜ୍ୱଳ ଐଶ୍ୱର୍ଯ୍ୟ ଦେଖିଥିଲେ । ଏବେ ଦେଖିଯାନ୍ତୁ,

Digitized by srujan ka@gmail.com

ବାଦଶାହ, ପଠାନ; ମୁହୂର୍ତ୍ତେ ମଧ୍ୟରେ ସବୁ ଶେଷ । ଏସବୁ ଦେଖି ଆପଣଙ୍କ ସଙ୍ଗେ ଫେରି ଆସିଲି ବୋଲି । ଆହା ! କାହିଁକି ବା ଆସିଲି ? ଏଇ ଦଶା ଦେଖିବାକୁ !

ସୁଲେ—ଆହା, ଏ ବିଶାଳ ଉତ୍କଳର ସମୁଜ୍ଜ୍ୱଳମଣି । ଆତତାୟୀର ଅସ୍ତ୍ର କି ହୀନ, ବୀଭତ୍ସ, କୁଟିଳ । ଏକ ଯୁଦ୍ଧଭୂମିରେ ମିଳନ ଉଭୟଙ୍କର । ସେ ଏକ ଦିନ ଜୀବନରେ । ଏ ପୁଣି ଆଜି ଏକ ଦିନ । ଆଜି ଏକ ଯୁଦ୍ଧଭୂମିରେ ଏବେ ବିଦାୟ । ବିଦାୟ, ମହାରାଜ ! ସୁଲେମାନ ବହୁତ ହିନ୍ଦୁ ଦେଖିଅଛି । ବହୁତ ହିନ୍ଦୁ ସ୍ୱହସ୍ତ ତରବାରିରେ ନାଶ କରିଅଛି; କିନ୍ତୁ ଏଭଳି ହିନ୍ଦୁ ଦେଖିଅଛି ଜଣେ । ତୁମ୍ଭ ନିକଟରେ ମୁସଲ-ମାନ ପରାସ୍ତ ଯୁଦ୍ଧଭୂମିରେ । ତଥାପି ସେ ପରାଜୟରେ ଗୌରବ ଅଛି । ଆଜି ବିଦାୟ ମହାରାଜ ପୁଣ୍ୟ ବିଶାଳ, ଉତ୍କଳଭୂମିରେ ଉଜ୍ଜ୍ୱଳ ମୁକୁନ୍ଦ, ମନ୍ତ୍ରୀ ଆଜି ଏ ଧୂଳି-ଶଯ୍ୟାରେ ବିଲୁଣ୍ଠିତ । ହୃଦୟ ଫାଟିଯାଉଅଛି । ମୁସଲମାନ ସେନାପତି କଳାପାହାଡ଼, କି କାର୍ଯ୍ୟ ସାଧନ କରିବାକୁ ଜନ୍ମ ନେଇଥିଲି ଜଗତରେ । ଧର୍ମ, ଜାତି, କୁଳଗୌରବ ହରାଇଥିଲି । ଏବେ ପରିଶେଷରେ ଆତତାୟୀର ସହାୟତା କରି ଏଇ କାର୍ଯ୍ୟ ।

ଯବନିକା

Digitized by srujan ka@gmail.com

ଚତୁର୍ଥ ଅଙ୍କ

ପ୍ରଥମ ଦୃଶ୍ୟ

ରାମଚନ୍ଦ୍ର ଭଞ୍ଜଙ୍କ ରାଜସଭା ।

(ରାମଚନ୍ଦ୍ର ଭଞ୍ଜ, ରଘୁନାଥ, ସଦାଶିବ ଆସୀନ,ନର୍ତ୍ତକୀ ଦଣ୍ଡାୟମାନ)

ନର୍ତ୍ତକୀ—(ଗୀତ)

ଆସ ଗୋ ସରବେ ଏ ମଧୁ ନିଶୀଥେ ଗାଇବା ସରସ ପ୍ରାଣେ,
ଦୁଃଖପାସୋର ଏ ମୁରଲୀ ଉଦାସେ ବଜାଇ ମୋହନତାନେ ।ଘୋଷା ।

ଉଆଁସ ଗଗନେ ଫୁଟି ନିଶାମଣି,
ଅମୀୟ ରଜତେ ଉଜଳେ ରଜନୀ,
ସରଗ ମରତେ ଢଳ ଆସେ ସତେ ପୀରତି-ସମ୍ଭାରଦାନେ ।

ଖେଳୁଛି ଚନ୍ଦ୍ରଙ୍ଗେ ରଙ୍ଗେ କୁମୁଦିନୀ,
ଝର୍ଝରୀ ସଲିଳେ ଉଠେ କୁଳୁଧ୍ୱନି;
ଏ ବନ ଶଇଳ ପୁର ପଦା ଥଳ ମୋହିତ ସେ ସୁଧାପାନେ ।

(ପ୍ରସ୍ଥାନ)

ରାମ—ଫସ୍କୁରୁଚ, ସଦାଶିବ ? ତା ତ ବର୍ତ୍ତମାନ କର ପାରେ ।
କନ୍ତୁ ଇଚ୍ଛା ହେଉ ନାଇଁ, ଭଲ ଲଗୁ ନାହିଁ ।

ସଦା—ଭଲ ନ ଲଗି କ ଚଳବ, ମହାରାଜ ? ବାରବାଟୀରେ ତ
ଯାଇ ବସିବା ଦରକାର । ନୋହିଲେ ବୃଥା ବା ଏ

Digitized by srujan ka@gmail.com

ରକ୍ତପାତ କାହିଁକି ? ବସିବାକୁ ହେବ । ଅଗସ୍ତ୍ୟ ମୁନି ଇନ୍ଦ୍ର ହେବା ନିମନ୍ତେ ଗଛମୂଳରେ ବସି ତପସ୍ୟା କରୁଥିଲେ । ତପସ୍ୟା ସିଦ୍ଧ ହେବାରୁ ସ୍ୱର୍ଗରେ ଇନ୍ଦ୍ରାସନରେ ଯାଇ ବସିଲେ ।

ରଘୁ—ମଗଧର ରାଜତ୍ୱ ଲାଭ ପରେ ଶିଶୁନାଗ ମଗଧ-ସିଂହାସନରେ ବସିଥିଲେ ।

ସଦା—ନନ୍ଦ ମଧ୍ୟ ମହାନନ୍ଦଙ୍କ ପରେ ସିଂହାସନ ଅଧିକାର କଲେ ।

ରଘୁ—ଚନ୍ଦ୍ରଗୁପ୍ତ ଶେଷ ନନ୍ଦ ନୃପତିଙ୍କି ପରାସ୍ତ କରି ନିଜ ଗୃହରେ ନ ରହି ସିଂହାସନରେ ନିଜକୁ ଅଧିରୂଢ଼ କଲେ ।

ସଦା—ମହାରାଜ ଗୁପ୍ତ ମଧ୍ୟ ସେଇ କଥା କରିଥିଲେ ।

ରଘୁ—ଯଯାତିକେଶରୀ ସେଇପରି ଚନ୍ଦ୍ରଦେବଙ୍କ ରାଜତ୍ୱରେ ଓଡ଼ିଶା ଲାଭ କରି ରାଜଗାଦିରେ ବସି ଶାସନ ଚଳାଇଲେ ।

ସଦା—ଚୋଡ଼ଗଙ୍ଗଦେବ ମଧ୍ୟ ସୁବର୍ଣ୍ଣକେଶରୀଙ୍କୁ ପରାସ୍ତ କରି ସିଂହାସନରେ ବସିଲେ । ଏହାଇ ତ ଜଗତର ରୀତି । ବିଜୟୀ ବିଜୟର ଫଳ ଭୋଗ ନ କଲେ କରିବ ଆଉ କିଏ, ମହାରାଜ ?

ରଘୁ—ତା ନିଶ୍ଚୟ । ଏଇ କାଲି କଥା ତ, ଗୋବିନ୍ଦବିଦ୍ୟାଧର ।

ରାମ—ଗୋବିନ୍ଦବିଦ୍ୟାଧର ! କା'ର ନାମ କହିଲ, ରଘୁନାଥ ! ସେ ପରା ରାଜପୁତ୍ରମାନଙ୍କୁ ଗୋପନରେ ହତ୍ୟା କରି ରାଜା ହୋଇଥିଲେ; ଯୁଦ୍ଧରେ ନୁହେଁ । ନା, ସେଇପରି ରାଜା ହୋଇ ଦିଲ୍ଲୀର ସିଂହାସନରେ ବସିଥିଲେ, ବାବରଶାହ, ବର୍ତ୍ତମାନ ଆକବରଶାହ ଯାହାଙ୍କର ନାତି ମୁସଲମାନ-ନରପତି ଇବ୍ରାହିମଙ୍କୁ ଯୁଦ୍ଧରେ ପରାସ୍ତ ଓ ନିହତ କରି ।

ରଘୁ—ସେଇପରି, ମହାରାଜ, ବାରବାଟୀ ଦୁର୍ଗରେ ସ୍ୱର୍ଣ୍ଣସିଂହାସନରେ ବସିବେ । ସେଥିପାଇଁ ଯାହା ଆୟୋଜନ ଦରକାର

Digitized by srujan ka@gmail.com

କରିବାକୁ ହେବ । ଆବଶ୍ୟକ ହେଲେ ଯୁଦ୍ଧ ମଧ୍ୟ ।

ରାମ—ସେ କଥା ଠିକ୍ ରଘୁନାଥ; କିନ୍ତୁ ବଡ଼ କଷ୍ଟ । ମୁକୁନ୍ଦଦେବ ମରିବା ପରେ ସୁଦ୍ଧା ରାଜ ନ ଥିଲି ତାଙ୍କର କି ଦୋଷ ? ତାଙ୍କୁ ତମେମାନେଇ ତ ରାଜ୍ୟ ଦେଇଥିଲ । ଓଃହୋ, କ୍ଲୋକଣ୍ଠର ଏକାବେଳେ ମୃତ୍ୟୁ ! କାହାର ମୃତ୍ୟୁରେ ନିଜ ଭାଗ୍ୟ ଗଢ଼ିବା ଶାରଙ୍ଗ-ଗଡ଼ରାଜାଙ୍କ କୋଷ୍ଠିରେ ନାହିଁ, ରଘୁନାଥ । ବଡ଼ କଷ୍ଟ ପ୍ରାଣରେ ଏବେ; କିନ୍ତୁ ଉପାୟ କ'ଣ ? ସେ ତ ଯୁଦ୍ଧଭୂମି । ରାଜା ପ୍ରଜା, ଦୋଷୀ ନିର୍ଦ୍ଦୋଷ ତା ନିକଟରେ ସବୁ ସମାନ । ତଥାପି ଦୁଃଖ ତ ଏତେ ଯୁକ୍ତି-ତର୍କ ଜାଣେନାହିଁ, ସଦାଶିବ । ସେ ହେବାବେଳେ ହୁଏ । ତମେ ମୁଁ ତାଙ୍କୁ ବନ୍ଦୀ କରିବାର ଅଧିକାର ନାହିଁ । ତମେ-ମାନେ ଯିବ, ଯାଅ । ସେ କଥା ପରେ ବୁଝି ସ୍ଥିର କରିବା । ମୋତେ ବର୍ତ୍ତମାନ କିପରି ଅବସାଦ ଲାଗୁଚି । ବିଶ୍ରାମ କରିବି ।

ସଦା—ତେବେ ବିଦାୟ ହେଉଚୁଁ, ମହାରାଜ ।

(ସଦାଶିବ, ରଘୁନାଥଙ୍କ ପ୍ରସ୍ଥାନ)

ରାମ—ବିଶ୍ରାମ ? ଏ ଜୀବନରେ ବିଶ୍ରାମ ନାହିଁ, ଯେତେଦିନ ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ । ଏକ କଣ୍ଟକ ଥିଲି ମୁକୁନ୍ଦଦେବ । ଯାଇଚି । କିନ୍ତୁ ଏ କଣ୍ଟକ ପୁଣି ଏକ ଅମନ୍ତ୍ରିତ କଣ୍ଟକ । ଏକପକ୍ଷରେ ଦୂର କରିବା ବଡ଼ ସହଜ; ଅଥଚ ବଡ଼ କଷ୍ଟ ମଧ୍ୟ । ତଥାପି ଉଦ୍ଦେଶ୍ୟ ପ୍ରଥମରୁ ସ୍ଥିର, ପ୍ରତିଜ୍ଞା ଅଟଳ, କର୍ତ୍ତବ୍ୟ ନିର୍ଣ୍ଣିତ । କର୍ତ୍ତବ୍ୟ ! ବର୍ତ୍ତମାନ ଦୁଇ କର୍ତ୍ତବ୍ୟ ସମ୍ମୁଖରେ ଉପସ୍ଥିତ । ଏକ ବାରବାଟୀ ପ୍ରବେଶ ଆଉ ଏକ କଳାପାହାଡ଼ର ବିନାଶ । ଉଭୟ କାର୍ଯ୍ୟ ବଡ଼ ଗୁରୁତର; କିନ୍ତୁ କଷ୍ଟସାଧ୍ୟ । ତଥାପି

Digitized by srujan ka@gmail.com

ଅସମ୍ଭବ ନୁହେଁ । ଅବଶ୍ୟ ବାରବାଟୀ ଅଧିକାରରେ ଆଜ କଳାପାହାଡ଼ର ସାହାଯ୍ୟ ମିଳିବ ନାହିଁ । କଳାପାହାଡ଼-ବିନାଶରେ ମଧ୍ୟ ବାରବାଟୀବାସୀଙ୍କର ସାହାଯ୍ୟ ନା, ସେ ତ ଅସମ୍ଭବ ନୁହେଁ । ପ୍ରଥମେ ସେଇ ଚେଷ୍ଟା । କଳାପାହାଡ଼ ବର୍ତ୍ତମାନ ଶାରଙ୍ଗଗଡ଼ର ଶତ୍ରୁ ନୁହେଁ, ସମସ୍ତ ଓଡ଼ିଶାଦେଶର ଶତ୍ରୁ । ବଡ଼ ସହଜ । ମନ୍ତ୍ରୀ ଏଥିରେ ସମ୍ମତ ହେବ । ସେନାପତି, ଧନୁର୍ଦ୍ଧର ବଳିଆରସିଂହ ଦୁହେଁ କରଗତ ହେଲେ ଆଉ କ'ଣ ଅସମ୍ଭବ ? ତାହାହେଲେ ତ ବାରବାଟୀ ବିନା ପ୍ରୟାସରେ ଲାଭ । ବର୍ତ୍ତମାନ ଚେଷ୍ଟା ସେଇଠାରେ; ପ୍ରଥମ କର୍ତ୍ତବ୍ୟ ବର୍ତ୍ତମାନ କଳାପାହାଡ଼ । ମୁକୁନ୍ଦଦେବ ସ୍ୱଜାତି ସ୍ୱଧର୍ମୀ ସ୍ୱଦେଶବାସୀ । ସେ ମାୟା ମମତା କଳାପାହାଡ଼ ପ୍ରତି କରନ୍ତି ନାହିଁ । ଯାହା ଯୁଦ୍ଧରେ ନ ହେବ, କୌଶଳ ନିକଟରେ ତାହା ପରାସ୍ତ । ଯୁଦ୍ଧ ତ ଏକ ଭ୍ରାନ୍ତି ମାତ୍ର, କୌଶଳର ପ୍ରୟୋଗନିମନ୍ତେ କେବଳ ଏକ ଅବତାରଣା ।

(ଦୂତର ପ୍ରବେଶ)

କିଏ ?

ଦୂତ—ମହାରାଜ, ମୁଁ ଭୁବନେଶ୍ୱରର ଦୂତ । ପଠାଇଛନ୍ତି, ତୁମ୍ଭେ ତ ବର୍ତ୍ତମାନ ଓଡ଼ିଶାର ଗଜପତି । ଆଉ ସହି ହେଉ ନାହିଁ । ଧର୍ମ ଉପରେ ବଡ଼ ଅତ୍ୟାଚାର । ଏକାମ୍ରବନର ପବିତ୍ର ପୀଠରେ ଏପରି ଦେଉଳ ନାହିଁ, ମହାରାଜ, ଯାହା କଳାପାହାଡ଼ ଥରେ ହେଲେ ତା ମୂଷଳରେ ନ ପିଟିଛି । ପ୍ରତିକାର କରନ୍ତୁ ମହାରାଜ ! ଅସହ୍ୟ, ଅସହ୍ୟ, ଅସହ୍ୟ ! ଦେଖିଲେ ରୋମାଞ୍ଚ ହେଉଛି, ରକ୍ତ କଡ଼ କଡ଼ ଫୁଟି ଆସୁଛି । ଓଡ଼ିଆ ଜାତି କ'ଣ ଏଡ଼େ ହୀନ, ମହାରାଜ ?

Digitized by srujan ka@gmail.com

ରାମ—ନା, କେତେଦିନ ଓଡ଼ିଶା ଅରାଜକ ଥିଲା, କଳାପାହାଡ଼ ଅତ୍ୟାଚାର କରୁଥିଲା । ଆଉ ନୁହେଁ । ଓଡ଼ିଶାର ମହାରାଜ ଆଉ ଦୁର୍ବଳ ନୁହନ୍ତି । କଳାପାହାଡ଼ ? ପଛରେ ଅସଂଖ୍ୟ ଓଡ଼ିଆ ସେନା ଗର୍ଜି ନେଲେ ଅତି ପ୍ରବଳ ହୋଇଉଠିବେ । ନିଜର ମଙ୍ଗଳ କାମନା କର ତ, ପଠାଣ, ଶୀଘ୍ର ଫେରିଯାଅ ସ୍ୱଦେଶକୁ । ଚିନ୍ତା ନାହିଁ, ଦୂତ ! କଳାପାହାଡ଼ ଯାହା କ୍ଷତି କରିଅଛି ତା' ନିମନ୍ତେ ସେ ଉପଯୁକ୍ତ ମୂଲ୍ୟ ଦେଇଯିବ ଏ ଦେଶ ଛାଡ଼ି ଯିବା ପୂର୍ବରୁ । ଦେଶ ଏଣିକ ସୁଶାସିତ ହେବ; ପ୍ରଜାମାନେ ସୁଖ ସମୃଦ୍ଧିରେ ରହିବେ; ଧର୍ମ ନିଷ୍କଣ୍ଟକ ହେବ ।

(ଦୃଶ୍ୟ ପତନ)

ଦ୍ୱିତୀୟ ଦୃଶ୍ୟ

ପ୍ରାନ୍ତର ପଥ ।

(ଧନୁର୍ଦ୍ଧର ବଳିଆରସିଂହ, ଗୋବିନ୍ଦ, ଗୋପାଳଙ୍କର ପ୍ରବେଶ)

ଧନୁ—ତୋ ପିଠିରେ ସେଦିନ ବଡ଼ ଶ୍ରେଷ୍ଠ ବସିଥିଲା; ନା ଗୋପାଳ ?

ଗୋପାଳ—ହଁ, ବସିଥିଲା । ଭଲ ତ ହୋଇଗଲାଣି ଆସି ।

ଧନୁ—ତୋ ଅଣ୍ଟା କ'ଣ ହେଲା, ଗୋବିନ୍ଦ ?

ଗୋବିନ୍ଦ—ଅଛି ସେମିତି । ଖୁବ୍ ଭଲ ହୋଇ ନାହିଁ । ହୋଇ ଯିବ ଯେ ।

ଧନୁ—ବଡ଼ କଷ୍ଟ ପାଇଲ, ବାବୁ ! ଦେଶନିମନ୍ତେ, ମା' ଜନ୍ମଭୂମିନିମନ୍ତେ ପୁଅମାନେ ଏଇପରି କଷ୍ଟ ପାଇବେ । ଆହାର ନିଦ୍ରା ତ୍ୟାଗ କରିବେ, ସୁଖ-ସମ୍ଭୋଗରେ ଜଳାଞ୍ଜଳି ଦେବେ; ଦେହରୁ ଝରଝର ରକ୍ତ ଢାଳି ଦେବେ । ନୋହିଲେ କି ଦେଶରକ୍ଷା ହୁଏ ? ରକ୍ତପାତ ! ରକ୍ତପାତ ! ଦେଶନିମନ୍ତେ

Digitized by srujan ka@gmail.com

ମହାରାଜ ନିଜର ରକ୍ତ ଢାଳି ଦେଇଅଛନ୍ତି । ତୁମେମାନେ ସେହିପରି ରକ୍ତ ଢାଳି ଦେବ, ବାବୁ !

ଗୋପାଳ } ଦେବୁଁ ।
ଗୋବର୍ଦ୍ଧନ }

(ମନ୍ତ୍ରୀ ଓ ସେନାପତିଙ୍କ ପ୍ରବେଶ)

ଧନୁ—ଆସିଛନ୍ତି, ମନ୍ତ୍ରୀ ମହାରାଜ ? ଆସିଛନ୍ତି, ସେନାପତି ? ଆଜି କେତେଦିନ ଏ ବାରବାଟୀ ଦୁର୍ଗ ରକ୍ଷା କରି ବୁଲିବା । ବିଶାଳ ଓଡ଼ିଶାରାଜ୍ୟ ବର୍ତ୍ତମାନ ଏ କଟକର ସୀମାମଧ୍ୟରେହିଁ ସଙ୍କୁଚିତ । ଏ ନଗର ବାହାରେ ରାଜା ରାମଚନ୍ଦ୍ର ଭଞ୍ଜ, ରାଜା କଳାପାହାଡ଼, ରାଜ୍ୟ ଶୋଷଣ ଅରାଜକତା । ଆଜି ନୁହେଁ, ମନ୍ତ୍ରୀ ମହାରାଜ ! ଦୁର୍ଗରକ୍ଷା ବର୍ତ୍ତମାନ ଆମମାନଙ୍କର ଏକମାତ୍ର କର୍ତ୍ତବ୍ୟ ନୁହେଁ । କର୍ତ୍ତବ୍ୟ ଅଛିରି ଗୁରୁତର, ଆହୁରି ପ୍ରଶସ୍ତ, ସମସ୍ତ ଉତ୍କଳବ୍ୟାପୀ । ସବୁ ତ ଶେଷ ବର୍ତ୍ତମାନ । ଆଉ ଚିନ୍ତା କାହିଁକି ? ଆପଣମାନେ ଦୁର୍ଗରକ୍ଷା କରନ୍ତୁ । ରାଜଧାନୀ ରକ୍ଷା କରନ୍ତୁ । ଆଉ ମୋତେ ବିଦାୟ ଦିଅନ୍ତୁ । ସଙ୍ଗରେ ଅଳ୍ପମାତ୍ର ସୈନ୍ୟ । ଥରେ ବୁଲି ଆସେ ଏ ଦୁର୍ଗ ବାହାରେ । ଦେଖିବି ବିଶ୍ୱାସଘାତକର କି ଶକ୍ତି, ଧର୍ମଦ୍ରୋହୀର କି ତେଜ । ଆଉ କ'ଣ ଅଛି ଏ ଜୀବନରେ, ମନ୍ତ୍ରିମହାରାଜ, କି ସୁଖ, କି ଦୁଃଖ, ଯାହା ପାଇଁ ଜୀବନ ବଞ୍ଚି ରହିବି, ଏ ପ୍ରାଣ ପ୍ରତି ମମତା କରିବି ? ନା, ମରିବା ପୂର୍ବରୁ ଏ ରାଜ୍ୟ ଥରେ ଆଲୋଡ଼ିତ କରିବି; ଏ ବନ ପର୍ବତ ଥରେ ଦଗ୍ଧ କରିଦେଇ ଯିବି; ଏ ନଦୀ ସମୁଦ୍ରରେ ଥରେ ପ୍ରଳୟ ଉଠାଇ ଯିବି; ମା ଜନ୍ମଭୂମିର କଳଙ୍କ କାଳିମା ରକ୍ତରେ ଶୋଧିତ କରିବି । ଆଉ, ସେନାପତି, ଜୀବନ ଆରମ୍ଭ କରିଥିଲି ସମରଭୂମିରେ,

Digitized by srujan ka@gmail.com

ସମରଭୂମିର ପ୍ରବଳ ଝଞ୍ଜା ପ୍ରଳୟୁତଳେ, ଅସ୍ତ୍ର-ଝନାଦ ମଧ୍ୟରେ, ମୁମୂର୍ଷୁର କରୁଣ ଆର୍ତ୍ତନାଦ ଶୁଣି, ନରରକ୍ତରେ ଆପାଦମସ୍ତକ ରଞ୍ଜିତ କରି, ବର୍ତ୍ତମାନ ଚାଲିଯାଏ । ଦୁର୍ଗ ରକ୍ଷା କରନ୍ତୁ ରାଜଧାନୀ ରକ୍ଷା କରନ୍ତୁ । ଫେରିଲେ ପୁନରାୟ ସାକ୍ଷାତ । ନୋହିଲେ ଏଇ ଶେଷ ଦେଖା । ବିଦାୟ ଦିଅନ୍ତୁ ମନ୍ତ୍ରୀ; ବିଦାୟ ଦିଅନ୍ତୁ ସେନାପତି । ଆସ, ଗୋବିନ୍ଦ ଗୋପାଳ ।

(ଗୋବିନ୍ଦ ଗୋପାଳଙ୍କ ସହ ପ୍ରସ୍ଥାନ)

ସେନା – ବୃଦ୍ଧ, ଚାଲିଗଲା ! କି ତେଜ, ମନ୍ତ୍ରୀମହାରାଜ ! ଏ ଯେପରି ଏକ ବିଦ୍ୟୁତ୍, ଏକ ପ୍ରବଳ ଭୂମିକମ୍ପ, ଏକ ଭୀଷଣ ଦାବାଗ୍ନି । ସେହିପରି ତେଜରେ ଚାଲିଗଲେ ଧନୁର୍ଦ୍ଧର । ଯଦି ଦେଶ ଶତ୍ରୁହସ୍ତରୁ ରକ୍ଷା ନ କରିବା, ସାକ୍ଷାତରେ କି ଲାଭ, ଚମୂପତି; ବାକ୍ୟାଳାପରେ କି ପ୍ରୟୋଜନ ? ନା, ମନ୍ତ୍ରୀମହାରାଜ, ପ୍ରାଣ ଦେବା, ତଥାପି, ଜନନୀ ଜନ୍ମଭୂମିର ଗୌରବ ଅକ୍ଷୁର୍ଣ୍ଣ ରଖିବା ।

(ରଘୁନାଥଙ୍କ ପ୍ରବେଶ)

ମନ୍ତ୍ରୀ—ଠିକ୍, ସେନାପତି । ଆପଣ ନା ରଘୁନାଥ ଭଞ୍ଜ ? ରାମଚନ୍ଦ୍ର ଭଞ୍ଜଙ୍କର ଭ୍ରାତୃଷ୍ପୁତ୍ର ?

ରଘୁ—ନା, ମନ୍ତ୍ରୀମହାରାଜ ଦୂର-ସମ୍ପର୍କରେ ଭାଇ, ବର୍ତ୍ତମାନ ସହାସଦ୍ ।

ମନ୍ତ୍ରୀ—ଉଦ୍ଦେଶ୍ୟ ?

ରଘୁ—ଶାରଙ୍ଗଗଡ଼ର ରାଜା ବୁଝିଅଛନ୍ତି ଯେ କଳାପାହାଡ଼ ଓଡ଼ିଶାର ଶତ୍ରୁ ସେ ଶତ୍ରୁକୁ ବର୍ତ୍ତମାନ ଦେଶରୁ ଦୂର କରିବାକୁ ହେବ ।

ସେନା—ତେବେ ତ ଠିକ୍ ବୁଝିଛନ୍ତି ।

Digitized by srujan ka@gmail.com

ରଘୁ—ମୋର ଆସିବାର ଉଦ୍ଦେଶ୍ୟ—ରାଜା ଆପଣମାନଙ୍କ ସଙ୍ଗେ ଏକତ୍ର କଳାପାହାଡ଼ ବିରୁଦ୍ଧରେ ଯୁଦ୍ଧ କରିବାକୁ ପ୍ରୟାସୀ । ମୁକୁନ୍ଦଦେବ ରାମଚନ୍ଦ୍ର ଭଞ୍ଜଙ୍କ ଶତ୍ରୁ ଥିଲେ; ଓଡ଼ିଶା-ଦେଶ ତାଙ୍କର ଶତ୍ରୁ ନୁହେଁ । ବର୍ତ୍ତମାନ ଦେଶରକ୍ଷାନିମନ୍ତେ ଦେଶବାସୀ ମାନେ ପ୍ରାଣପଣେ ଚେଷ୍ଟା କରିବା ଆବଶ୍ୟକ; ଆପଣମାନେ ପୂର୍ବ ଶତ୍ରୁତା ଭୁଲିଯାଆନ୍ତୁ । ଶାରଙ୍ଗଗଡ଼ ରାଜାଙ୍କୁ ସାହାଯ୍ୟ କରନ୍ତୁ । ସେ ଦୃଢ଼ପ୍ରତିଜ୍ଞ ଯେ କଳା-ପାହାଡ଼ ସଙ୍ଗେ ଯୁଦ୍ଧ କରିବେ; ତାକୁ ଦେଶରୁ ବିତାଡ଼ିତ କରି ଜାତୀୟ ଗୌରବ ଅକ୍ଷୁର୍ଣ୍ଣ ରଖିବେ ।

ମନ୍ତ୍ରୀ—ତା'ତ ରାମଚନ୍ଦ୍ର ଭଞ୍ଜଙ୍କ କର୍ତ୍ତବ୍ୟ ବର୍ତ୍ତମାନ, ରଘୁନାଥ ଭଞ୍ଜ । କରିବେ, ଭଲ କଥା । ଆମେମାନେ ତାଙ୍କର ସହାୟତା କରିବୁଁ ଆଉ କ'ଣ ? ଦେଶ ରକ୍ଷାନିମନ୍ତେ ସେ ଯେପରି ଯୁଦ୍ଧ କରିବେ ଆମେମାନେ ମଧ୍ୟ ସେଇପରି କରିବୁଁ । ଏହାଇ ତ ତାଙ୍କ ପ୍ରତି ସାହାଯ୍ୟ । ଆଉ ସାହାଯ୍ୟ କ'ଣ ? କହିବେ, ରଘୁନାଥ ଭଞ୍ଜ, ଆମେମାନେ ଶାରଙ୍ଗଗଡ଼-ରାଜାଙ୍କ ଏ ଇଚ୍ଛାରେ ଆପ୍ୟାୟିତ ହେଲୁ ।

ରଘୁ—ସୈନ୍ୟ ସାହାଯ୍ୟ କରିବେ ?

ସେନା—ଆବଶ୍ୟକ ହେଲେ କରିବୁଁ ।

ରଘୁ—ତାହାହେଲେ ଏଇ ସମ୍ବାଦ ଦେବି । ବର୍ତ୍ତମାନ ଆସେ ମୁଁ ।

ମନ୍ତ୍ରୀ—ଆସନ୍ତୁ, ରଘୁନାଥ ଭଞ୍ଜ । ଆମେମାନେ ସାହାଯ୍ୟ କରିବୁ ।

(ରଘୁନାଥଙ୍କ ପ୍ରସ୍ଥାନ)

ଏ ବିପଦର ସମୟରେ ଦୁଇଜଣଙ୍କୁ ଶତ୍ରୁ କରିବା ଠିକ୍ ନୁହେଁ ସେନାପତି । ବର୍ତ୍ତମାନ ଦେଶରେ ଶତ୍ରୁ ତ ଆଉ ରାମଚନ୍ଦ୍ର ଭଞ୍ଜ ନୁହନ୍ତି । ହୁଏତ ଆବଶ୍ୟକ ହେଲେ ତାଙ୍କୁଇ

Digitized by srujan ka@gmail.com

ବିନେ ଆଣି ଗାଦିରେ ବସାଇ ଦେବାକୁ ହେବ । ପୂର୍ବ ଶତ୍ରୁତା ସବୁ ଭୁଲିଯିବାକୁ ହେବ । ଦେଶରକ୍ଷା ତ ପ୍ରଥମ କର୍ତ୍ତବ୍ୟ । ସୁତରାଂ ପ୍ରଥମେ କଳାପାହାଡ଼ । ତଥାପି କଳାପାହାଡ଼ ଦେଶରୁ ବିତାଡ଼ିତ ନୋହିଲାଯାଏ ବିଶ୍ୱାସ ନାହିଁ ।

ସେନା—ଏକ କଥା, ମନ୍ତ୍ରିମହାରାଜ, ସବୁ ହୋଇପାରେ; ରାମଚନ୍ଦ୍ର ଭଞ୍ଜଙ୍କୁ ଆମେମାନେ ସୈନ୍ୟ-ସାମନ୍ତ ଦେଇପାରେଁ, ଅର୍ଥ ସାହାଯ୍ୟ ମଧ୍ୟ କରିପାରେଁ; କିନ୍ତୁ ରାଜଧାନୀରେ ପ୍ରବେଶ କରିବାକୁ କଦାପି ନୁହେଁ; ଯେତେ ଦିନ କଳାପାହାଡ଼ ଏ ଦେଶମଧ୍ୟରେ ଅଛି । ତେଣିକି ସ୍ୱତନ୍ତ୍ର କଥା ।

ମନ୍ତ୍ରୀ—ସେ ତ ଠିକ୍ । ତେବେ ଦେଖିବାକୁ ହେବ ଯେ ରାମଚନ୍ଦ୍ର ଭଞ୍ଜ ଯେପରି ହାତରେ ରହନ୍ତି । କ'ଣ ତାଙ୍କର ଇଚ୍ଛା କେଜାଣି ! ଆସନ୍ତୁ, ସେନାପତି ! ଆମେମାନେ ଦୁର୍ଗ ପ୍ରାଚୀର ଥରେ ସ୍ୱଚକ୍ଷୁରେ ଦେଖି ଆସିବା ; ବର୍ତ୍ତମାନ ଦୁର୍ଗରକ୍ଷା ହିଁ ତ ଆମମାନଙ୍କର କର୍ତ୍ତବ୍ୟ । ଧନୁର୍ଦ୍ଧର ବଳିଆରସିଂହ ଗୁଳିଗଲେ । ଶତ୍ରୁ ହାତରେ ନିଜକୁ ଫିଙ୍ଗିଦେଲେ । ଠିକ୍ କହିଗଲେ ବୃଦ୍ଧ—ଜୀବନରେ କି ମାୟା ? ଆସନ୍ତୁ, ସେନାପତି; ତାଙ୍କର କର୍ତ୍ତବ୍ୟ ସେ ଯାହା ବୁଝିଛନ୍ତି, କରିଛନ୍ତି; ଆମେମାନେ ନିଜ କର୍ତ୍ତବ୍ୟରେ ଯିବା । (ପ୍ରସ୍ଥାନ)

(ଦୃଶ୍ୟ ପତନ)

ତୃତୀୟ ଦୃଶ୍ୟ

କଳାପାହାଡ଼ଙ୍କ କକ୍ଷ ।

(କଳାପାହାଡ଼ ଓ ଦିଲ୍ଲୀର୍ ଆମୀନ)

କଳା—କହିବ, ଦିଲ୍ଲିର ଖାଁ, ସେନାପତି ଆଜ ଓଡ଼ିଶାରେ ନାହାନ୍ତି ।

Digitized by srujan ka@gmail.com

ଦଲ୍ଲି—ବାଦଶାହ—ପଚ୍ଛରିବେ, କୋ'ଠି ଅଛନ୍ତ ତେବେ ?

କଳା—ଦେଶକୁ ଫେରି ଆସି ଗଙ୍ଗାକୂଳରେ ଅଛନ୍ତ ।

ନା, ମୁଁ ଶୀଘ୍ର ଫେରିଯିବ, ଯେତେ ଶୀଘ୍ର ପାରେ । ଧର ପନ୍ଦର ଦନ ମଧ୍ୟରେ ଦଲ୍ଲିର୍ ଖାଁ । ତମେ ଯାହା କହବ ସେ କଣ୍ଟ ମିଥ୍ୟା ନୁହେଁ । କେବଳ ସତ୍ୟଟାକୁ ଆଗରୁ କହବ ମାତ୍ର । ଏଇପରି ସତ୍ୟ ଥରେ ମକ୍କାରୁ ମଦନାକୁ ପଳାଇଲା ବେଳେ ମହମ୍ମଦ କହଥିଲେ । ଅର୍ଥାତ୍ ମହମ୍ମଦ କାହାନ୍ତ' ବୋଲ ତାଙ୍କୁ ଜଣେ ଶତ୍ରୁ ପଚ୍ଛରିବାରୁ, ଅବଶ୍ୟ ବାଟରେ, ମକ୍କାରୁ ମଦନାକୁ ଯିବା ବାଟରେ, 'ଅବଶ୍ୟ ତାଙ୍କୁ ସେ ଲୋକ ଚହ୍ନି ନ ଥିଲା; ମହମ୍ମଦ ସେତେବେଳେ, କହଲେ ଯେ 'ମହମ୍ମଦ ବର୍ତ୍ତମାନ ମଦନାରେ ଥିବେ ।' ସତ୍ୟଟାକୁ ଆଗରୁ କହ ନ ଥିଲେ ଦଲ୍ଲିର୍ ଖାଁ ?

ଦଲ୍ଲି—କହ ତ ଥିଲେ । କନ୍ତୁ ସେ ଯେ ମହମ୍ମଦ, ଜନାବ୍; ଆଉ ମୁଁ ଦଲ୍ଲିର୍ ଖାଁ ।

କଳା—ଦେଖ କୌଣସି ସତ୍ ଉଦ୍ଦେଶ୍ୟରେ ଅଳ୍ପ ଭବିଷ୍ୟତ୍ ସତ୍ୟ କୁହାଯାଇପାରେ । ହନ୍ଦୁଧର୍ମରେ ସେଇପରି ଯୁଧିଷ୍ଠିର କହଥିଲେ 'ଅଶ୍ୱତ୍ଥମା ତ ହତଃ ନରୋ ବା କୁଞ୍ଜରୋ ବା ।

ଦଲ୍ଲି—ନା, ଜନାବ୍, ପାରିବ ନାହିଁ; କ୍ଷମା କରିବେ ।

କଳା—ପାରିବ ନାହିଁ ?

ଦଲ୍ଲି—ନା, ପାରିବ ନାହିଁ ।

କଳା—ତା'ହେଲେ ବନ୍ଦୀ ହୋଇ ରହବ, ଦଲ୍ଲିର୍ ଖାଁ, ଯେତେଦନ ମୁଁ ଦେଶକୁ ନ ଫେରିଚ ।

ଦଲ୍ଲି—ଆପତ୍ତି ନାହିଁ, ସେନାପତ ସାହେବ୍ । କନ୍ତୁ ମିଥ୍ୟା କହ ନ ପାରେ ।

Digitized by srujan ka@gmail.com

କଳା—ଆଚ୍ଛା, କିଏ ଅଛୁ ?

ନେପଥ୍ୟେ—ହଜୁର୍ ।

(ଗୃହଜଣ ସୈନ୍ୟଙ୍କ ପ୍ରବେଶ)

କଳା—ବନ୍ଧକର ସୈନ୍ୟଗଣ । (ସୈନିକଗଣ ଦର୍ଲି ରଙ୍କୁ ବନ୍ଧକଲେ) ଯାଅ ଦର୍ଲି ର୍, ନିଜ କର୍ମର ଫଳ ପାଅ ।

ଦର୍ଲି—ଭ୍ରୂକ୍ଷେପ ନାହିଁ; ସେନାପତି । (ସୈନିକଙ୍କଦ୍ୱାରା ନୀତ)

କଳା—ଏ ଦର୍ଲି ର୍ ନା, କେବଳ କାହିଁକି, ମୁସଲମାନମାନେ ପ୍ରାୟ ନିର୍ବୋଧଇ ହୁଅନ୍ତି । ହିନ୍ଦୁ ମଧ୍ୟ ସେଇପରି ନିର୍ବୋଧ; କିନ୍ତୁ ହିନ୍ଦୁ ମୁସଲମାନ ହେଲେ ବା ମୁସଲମାନ ହିନ୍ଦୁ ହେଲେ, ଏପରି ଅବଶ୍ୟ କେହି ହେଉନାହାନ୍ତି । ଏ ଦ୍ୱିତୀୟ ପ୍ରକାରର; ତାହା ହେଲେ ସେମାନେ ଚତୁର ହୋଇପାରନ୍ତି । ଏକ ଧର୍ମରୁ ଅନ୍ୟ ଧର୍ମକୁ ଯିବାରେ ପଥରେ ନିଶ୍ଚୟ ବହୁ ଜ୍ଞାନ ସଞ୍ଚୟ ହୁଏ । ପୁଣ୍ୟ ତ ହୁଏ । ବହୁପୁଣ୍ୟ ସଞ୍ଚୟ କରିଅଛି; ବର୍ତ୍ତମାନ ମୁଁ ହିନ୍ଦୁର ଏ ମନ୍ଦିର, ମୂର୍ତ୍ତି ସବୁ ଭାଙ୍ଗିବାରେ ବଡ଼ ଆନନ୍ଦ ପାଏ ପ୍ରାଣରେ; ବଡ଼ ଗୌରବ । ଏ ଦେଶକୁ ନିର୍ମନ୍ଦିର କରିବି, ନିର୍ମୂର୍ତ୍ତି କରି ଯିବି । ପୁରୀକି ଏକ ମକ୍କା କରିବି; କିନ୍ତୁ ଯା ପୂର୍ବରୁ ଆଉ ଏକ କଥା କିଜା ? ନା, ସେ ତ ଆଉ ଜୀବନର ଲକ୍ଷ୍ୟ ନୁହେଁ । ଲକ୍ଷ୍ୟ ଦେଶ ବିଜୟ ଧର୍ମ ପ୍ରଚାର । ଏ ଦେଶ ବିଜୟ କରିବି, ନିଜର ବାହୁବଳରେ କରିବି । ତପୃରେ ଯେ ରାଜା ହେଉ । ହୁଏତ ସେ ମୂର୍ଖ ରାମଚନ୍ଦ୍ର ଭଞ୍ଜ ମଧ୍ୟ; କିନ୍ତୁ ପ୍ରଥମେ ଦାସତ୍ୱର ଶୃଙ୍ଖଳ ପିନ୍ଧାଇବ । ମୁସଲମାନ-ବିଜୟୀର ଗୋଲାମ କରିବି । ନିଜ ବାହୁବଳରେ ବୁଦ୍ଧିର ପରାକ୍ରମରେ ବାରବାଟୀ ଅଧିକାର କରିବି । ମୁକୁନ୍ଦଦେବ ଅପମାନର ପ୍ରତିଶୋଧ

Digitized by srujan ka@gmail.com

ନେବ । ସେ ଜୀବନର ପ୍ରଥମ କର୍ତ୍ତବ୍ୟ । ମୁଁ ଆସିନାଇଁ ଏ ଦେଶର ମଙ୍ଗଳନିମନ୍ତେ । ଉଦ୍ଦେଶ୍ୟ ସିଦ୍ଧି କରିବ । ତେଣିକି ଯାହା ହେବ ସେଥିରେ ମୋର କ'ଣ ଅଛି ? ଭ୍ରାନ୍ତ ବଙ୍ଗ ନବାବ । ମନେ କରିଚ ଆଦେଶରେ କଳାପାହାଡ଼ ଫେରିଯିବ ? ହୁଁ ।

(ଦୃଶ୍ୟ ପତନ)

ଚତୁର୍ଥ ଦୃଶ୍ୟ

ଉପବନ ପଥ ।

(ଲୀଳାବତୀଙ୍କ ପ୍ରବେଶ)

ଲୀଳା—(ଗୀତ)

କମ୍ପି ଶଶୀ ତାରା ଆଜ ଉଠୁଛ ଗଗନେ ଉଇଁ,
ଅମୀୟୁ ଅତନୁ କରେ ମରକୁମୁଦିନୀ ଛୁଇଁ ।—ଘୋଷା ।
ମଜ୍ଜିଲ ଗଳଣି ଦୁଃଖୀ, ବର୍ଷାଦେ ଆନତମୁଖୀ,
ଫିଟାଇ ଅବଳା ଆଖି ଆଜ କି ପାରିବ ଗୁହିଁ ?
ନ ରଖ ନିର୍ବିଶେ ତା'ରେ, ଆସରେ ତପନ ଖରେ,
ଜାଳ ଦିଅ ସର ମୋରେ; ଏ ଦୁଃଖ ନ ପାରେ ସହି ।

ଉଷାସ୍ବପ୍ନ, ଉଷାସ୍ବପ୍ନ, ଏ ମୋର ଏକ ଭ୍ରମରେ, ମୋର ଏକ ପ୍ରବଞ୍ଚନାରେ । ମୁକୁନ୍ଦଦେବ ଚିରଞ୍ଜୀବୀ ହୁଅନ୍ତେ ନାହିଁ ଓଡ଼ିଶାର ସିଂହାସନରେ ଚିରକାଳ ବସନ୍ତେ ନାହିଁ । ସେ ତ ଠିକ୍ ସେ ତ ଠିକ୍ । ଏ ମର୍ତ୍ତ୍ୟରେ କିଏ ଚିରକାଳ ବଞ୍ଚୁଚି ? କିଏ ଚିରକାଳ ସୁଖ ଭୋଗ କରୁଚି ଏଥିପାଇଁ ଏ କଷ୍ଟ ମୋର କାର୍ଯ୍ୟ ନୁହେଁ ସେ ସମସ୍ତଙ୍କର ଜୀବନ-ଧର୍ମ

Digitized by srujan ka@gmail.com

ମୁଁ ଏଇ ହାତରେ ମୋର ନଭାଇ ଦେବ । ବଡ଼ ପାପ, ବଡ଼ ଅଧର୍ମ, ଅନ୍ୟାୟ, ବଶ୍ୱାସଘାତକତା । ଆଉ ନୁହେଁ କ'ଣ ? ମୁ ନରହତ୍ୟା କରଚ, ରାଜହତ୍ୟା କରଚ, ଏ ବଶାଳ ଉତ୍କଳ ରାଜ୍ୟର ସିଂହାସନକୁ ଅରାଜକ କରନ, ବଶ୍ୱାସରେ ବଷ ଦେଇଅଛି, ସୁନ୍ଦର ଫୁଲମାଳ ଗୁନ୍ଥି ତହିଁରେ କାଳକଠ ଲୁଚାଇ ଗଳାରେ ଲମ୍ବାଇ ଦେଇଚ ଉଷାପୁନ, ଯେ ସେ କାଳକୂଠ ତହିଁ ମଧ୍ୟରୁ ଉଠି ଦଂଶନ କରିବ, କରଚ । ଏବେ ରାଜ୍ୟ ମୁସଲମାନ ହାତକୁ ଯିବ । ମୁଁ ଦେଇଚ । ଦେଶବାସୀ କଳଙ୍କରେ ବୁଡ଼ି ରହିବେ । ମୁଁ ବୁଡାଇଚ । କ ସ୍ନେହରେ ଲେଖିଦେଲ । ସୈନ୍ୟ-ସାମନ୍ତ ପଠାଇ ଦେଲ ରାଣୀ । ଓହୋ ! ପ୍ରାଣ, ଦୁଇଖଣ୍ଡ ହୋଇଯା । ଏକଦିଗରେ ଅଧର୍ମ ନିମନ୍ତେ ଅନୁତାପ, ଅନ୍ୟ ଦିଗରେ ପତିଭକ୍ତି । ପତିଭକ୍ତି ! ନା ତଥାପି ମୋର ଜୀବନର ଉପାସ୍ୟ ଦେବତା । ଅନ୍ୟାୟ କରିଅଛ, ଦେଶକୁ ଶତ୍ରୁ ହାତରେ ଦେଇଅଛ । ହଁ, ତାହା ତ ଦେଇଅଛ, ଆଉ କ'ଣ ? ତଥାପି ମୁଁ ସହଧର୍ମିଣୀ । ମୁଁ ସେ ଅନ୍ୟାୟରେ ଅଧେ ଭାଗୀ । ନା, ଦୂର ହେବ ନାହିଁ ପ୍ରିୟତମ । ସୁଖ ଦୁଃଖରେ, ଧର୍ମ ଅଧର୍ମରେ ସଙ୍ଗରେ ଘେନଯାଅ, ପ୍ରଭୁ ।

(ରାମଚନ୍ଦ୍ର ଭଞ୍ଜଙ୍କ ପ୍ରବେଶ)

ଆସିଚ ପ୍ରିୟତମ ?

ରାମ—ଆସିଚ ।

ଲୀଳା—ମୋତେ ଦୂର କର ନାହିଁ ପ୍ରାଣେଶ୍ୱର, ସଙ୍ଗରେ ଘେନ ଚାଲ । ମୁଁ ନାରୀ, ଅବଳା, ଅନାଥିନୀ । ତଥାପି ମନ ଦୁର୍ବଳ ନୁହେଁ । ଜୀବନପଥରେ ସଙ୍ଗିନୀ, ମୁଁ ଚିର ସଙ୍ଗିନୀ ହୋଇ ରହିବ ?

Digitized by srujan ka@gmail.com

ରାମ—ତା' ତ ଅଛି ଲୀଳାବତୀ ।

ଲୀଳା—ନା, ନାଥ । ମୋତେ ଲାଗୁଛି ତମ ମୋ ମଧ୍ୟରେ ଯେପରି ସାତ ସମୁଦ୍ରର ବ୍ୟବଧାନ, ଆକାଶ ପାତାଳ, ମେରୁ ମହେନ୍ଦ୍ରର ଅନ୍ତର । ମୁଁ ନିକଟ ? ହଁ ନିକଟ । ତଥାପି ଦୂରରୁ ଯେପରି ଆହୁରି ଅଧିକ ଦୂର । ମୋତେ କହ, ପ୍ରାଣେଶ୍ୱର; କି ଚିନ୍ତାରେ ତମେ ଏତେ ଚିନ୍ତିତ ଯେ, ଆଖିରେ ଜ୍ୟୋତି ନାହିଁ, ମୁହଁରେ ତେଜ ନାହିଁ, ଅଧରରେ ହସ ନାହିଁ । ମୋତେ ସବୁ ଫିଟାଇ କହ, ପ୍ରିୟତମ ! ମୋର ହୃଦୟ ଥରୁଅଛି, ଜୀବନ ବିଷମୟ ହୋଇଅଛି । ମୁଁ ତମର ପ୍ରାଣର ଭାର ଅଧେ ଓହ୍ଲାଇ ନେବି । କହ ମୋତେ, ପ୍ରାର୍ଥନା କରି କହୁଚି ।

ରାମ—ପ୍ରାଣରେ ଭାରଟିତ ସେପରି କିଛି ନାହିଁ ରାଣୀ । ଏକ ଭାର ମୁସଲମାନ ଶତ୍ରୁ ଦେଶ ମଧ୍ୟରେ । ତାକୁ ଦେଶରୁ ତଡ଼ିବାକୁ ହେବ ।

ଲୀଳା—ତଡ଼ିବ ନାଥ; ଶତ୍ରୁକୁ ଦେଶମଧ୍ୟରୁ ଦୂର କରିବ । ପ୍ରଥମରୁ ତ ସେଇ କଥା କରିଥିଲେ ହୋଇଥାନ୍ତା । ଭୁଲ୍ ସେଇଠାରେ ହୋଇଛି । କଳାପାହାଡ଼କୁ ପ୍ରଥମେ ସାହାଯ୍ୟ କରି ମୁକୁନ୍ଦଦେବଙ୍କ ସଙ୍ଗେ ଯୁଦ୍ଧ କଲେ । ମୁକୁନ୍ଦଦେବ ସେ ଯୁଦ୍ଧରେ ପ୍ରାଣ ହରାଇଚଲି । ଦେଶ ଏବେ ଅରାଜକ । ବର୍ତ୍ତମାନ ରାଜ୍ୟର ମଙ୍ଗଳ ଆଶା ଅତି ଅଳ୍ପ । ମୁସଲମାନ ଏ ରାଜ୍ୟର ଘୋରଶତ୍ରୁ ଦୂର କର ପ୍ରଥମେ ତାକୁ, ପ୍ରିୟତମ । ମୁଁ ନାରୀ, ଯୁଦ୍ଧଭୂମିରେ ଠିଆ ହେବା ମୋର କାର୍ଯ୍ୟ ନୁହେଁ । ତଥାପି ତମର ପତ୍ନୀ ତମେ ମୋର ପତି । ପତି ପ୍ରାଣର ଦେବତା । ଯାଅ ନାଥ, ମୁସଲମାନ ସମ୍ମୁଖରେ ଯୁଦ୍ଧଭୂମିରେ ଠିଆ ହେବ, ଦେଶ ରକ୍ଷା କରିବ ।

Digitized by srujan ka@gmail.com

ରାମ—ଯିବ, ଲୀଳାବତି ! ତା'ତ ବର୍ତ୍ତମାନ ଜୀବନର କର୍ମ । ଯିବ, ତମେ ଫେରିଯାଅ ଉଆସକୁ । ବୃଥାରେ ଏପରି ଅନାଦ୍ୱା ହେଉଚ କାହିଁକି । ଯାଅ, ଫେରିଯାଅ । ମୁଁ ମଧ୍ୟ ଯିବ । ଆଉ ଅବସର ନାହିଁ ଯାଅ । (ପ୍ରସ୍ଥାନ)

ଲୀଳା—କଳାପାହାଡ଼କୁ ଦେଶରୁ ଦୂର କରିବ । ଠିକ୍, ପ୍ରାଣେଶ୍ୱର ! ଦେଶ ସୁଖଶାନ୍ତିରେ ରହିବ । ତଥାପି ପ୍ରାଣର ଘାରି ଯାଉନାହିଁ । ଏ ଯେ ଘୋର ପାପ । ଉଷାଯୂମୀ, ଉଷାଯୂମୀ ! ସବୁ ହବ । ରାଜଗାଦିରେ ରାଜା ବସିବେ, ଦେଶରେ ମଙ୍ଗଳ, ଗୌରବ ଫେରି ଆସିବ । କିନ୍ତୁ ପ୍ରାଣର ପ୍ରିୟତମଙ୍କୁ ଆଉ ପାଇବ କେଉଁଠାରୁ । ବଡ଼ ପାପ ! ଏ ଘାରରୁ ମୁକ୍ତି ! ଅସମ୍ଭବ, ଅସମ୍ଭବ, ଅସମ୍ଭବ । (ପ୍ରସ୍ଥାନ)

ଦୃଶ୍ୟ ପତନ

ପଞ୍ଚମ ଦୃଶ୍ୟ

କଳାପାହାଡ଼ ଶିବିର ।

(ଧନୁର୍ଦ୍ଧର ବଳିଆରସିଂହ ଉପବିଷ୍ଟ; ଦଲିର୍ ଖାଁ କାରାଗାରସ୍ଥ)

ଧନୁ—ଆମେମାନେ ଓଡ଼ିଆ ଜାତି କୌଣସି ଧର୍ମର ବିରୋଧୀ ନୋହୁ, ଦଲିର୍ ଖାଁ । ନୀଳାଚଳରେ ଜଗନ୍ନାଥଙ୍କର ପବିତ୍ର ପୀଠ ସ୍ଥାପନ କରିଅଛୁଁ, ଏହି ନିମନ୍ତେ ଯେ ଜଗତର ସକଳ ଜାତି, ସକଳ ସମ୍ପ୍ରଦାୟ ଏକ ହୋଇ ପାରିବେ । ବିଧର୍ମୀ, ବିଜାତିୟଙ୍କୁ ଚିରକାଳ ଆମେମାନେ ଆଲିଙ୍ଗନ କରି ଆସିଚୁ, ମୁସଲମାନ ଭକ୍ତ ହରିଦାସଙ୍କୁ କୋଳରେ ବସାଉଚୁଁ, ବୁଦ୍ଧଦେବଙ୍କର ଦନ୍ତ ଜଗନ୍ନାଥଙ୍କ ବିଗ୍ରହରେ ସ୍ଥାପନ କରି ଦେବତା ପ୍ରାୟ ପୂଜା କରୁଚୁ । ଆମେମାନେ ଧର୍ମର

Digitized by srujan ka@gmail.com

ବିରୋଧୀ ନୋହୁ, ଦଲ୍ଲିର ଖାଁ, ବିରୋଧୀ କେବଳ ଦେଶର ଶତ୍ରୁର । ଯେତେବେଳେ ଯେ ଶତ୍ରୁଭାବରେ ଦଣ୍ଡାୟମାନ ହୋଇଅଛି ଆମେମାନେ ତା'ର ଗର୍ବ ଖର୍ବ କରିଚୁ; କିନ୍ତୁ ଯେତେବେଳେ ଯେ ଆଶ୍ରୟ ଭିକ୍ଷା କରିଚି, ମୁସଲମାନ ହେଉ; ହିନ୍ଦୁ ହେଉ, ସ୍ୱଦେଶୀୟ ହେଉ, ବିଜାତୀୟ ହେଉ, ତାକୁ ଆଶ୍ରୟ ଦେଉଅଛୁ ।

ଦଲ୍ଲି—ତା ଜାଣେ, ଚମୂପତି । ଓଡ଼ିଆ ଯେ ଉଦାର, ମହତ୍ ତା'ର ପ୍ରମାଣ ମୋତେ ଆପଣଙ୍କୁ କହିବାକୁ ହେବନାହିଁ; ମୁଁ ସ୍ୱଚକ୍ଷୁରେ ଦେଖିଅଛି । ଯୁଦ୍ଧଭୂମିରେ ଓଡ଼ିଶାର ଯେପରି ବୀରତ୍ୱ ଦେଖିଚି, ବାକ୍ୟାଳାପରେ ସେଇପରି ସୌଜନ୍ୟ, ବ୍ୟବହାରରେ ସେଇପରି ଉଦାର ଭାବ, ଶତ୍ରୁକୁ କ୍ଷମା ଦେବାରେ ସେଇପରି ମହତ୍ତ୍ୱ ଅନୁଭବ କରିଚି । ସେଥିପାଇଁ ମୁଁ ଓଡ଼ିଆ ଜାତିର ଭକ୍ତ, ଯେପରି ଭକ୍ତ ଥିଲେ ହରିଦାସ, ଯେପରି ଭକ୍ତ ଥିଲେ ଶାଲବେଗ ।

ଧନୁ—ମୋର କର୍ତ୍ତବ୍ୟ ବର୍ତ୍ତମାନ ମୁଁ ପାଳନ କରିବି, ଦଲ୍ଲିର ଖାଁ । ତୁମ୍ଭଙ୍କୁ କଳାପାହାଡ଼ ବନ୍ଦୀ କରିଅଛନ୍ତି, ମୁଁ ବନ୍ଧନରୁ ମୁକ୍ତ କରି ଦେଇ ଯିବି ।

ଦଲ୍ଲି—ମୁଁ ବଙ୍ଗଦେଶର ଜଣେ ପ୍ରଜା । ବିଶାଳ ବଙ୍ଗ-ସେନାପତି ବର୍ତ୍ତମାନ ଆପଣଙ୍କ ହସ୍ତରେ ଏଠାରେ ବନ୍ଦୀ । ସେ ବନ୍ଧନରେ ରହିବେ, ଦାସତ୍ୱର ଶୃଙ୍ଖଳ ପିନ୍ଧିବେ; ମୁଁ ନିଷ୍କୃତି ଲାଭକରି ସ୍ୱଦେଶକୁ ଫେରିଯିବି । ତା ହେବ ନାହିଁ, ଚମୂପତି । ମୁଁ ମଧ୍ୟ ତାଙ୍କ ସଙ୍ଗରେ ବନ୍ଧନରେ ରହିବି, ଦାସତ୍ୱର ଶୃଙ୍ଖଳ ପିନ୍ଧି । ଜୀବନଲୀଳା ଶେଷ କରିବାକୁ ହୁଏ ତ ତାଙ୍କର ସାଙ୍ଗରେ କରିବି । କ୍ଷମା କରିବେ,

Digitized by srujan ka@gmail.com

ଚମୂପତି । ଆପଣଙ୍କର ଏ ଦୟାନିମନ୍ତ୍ରେ ମୁଁ କୃତଜ୍ଞ । ତଥାପି ଗ୍ରହଣ କରିବାରେ ଅସମର୍ଥ ।

ଧନୁ – ଓଡ଼ିଆ ଧର୍ମ ବିଷୟରେ ଯେପରି ଉଦାର, ଦଲର୍ ଖାଁ, ସେ ଉଦାରତା ନଷ୍ଟ ହେବାର ଦେଖିଲେ ସେହିପରି ଭୀଷଣ ହୋଇ ଉଠେ । ତୁମ୍ଭର ସେନାପତି ଏ ଦେଶର ପବିତ୍ର ମନ୍ଦିର ନଷ୍ଟ କରିଅଛନ୍ତି, ଦେବମୂର୍ତ୍ତି ଭାଙ୍ଗି ଅଛନ୍ତି, ଧର୍ମର ଅବମାନନା କରିଅଛନ୍ତି । ସେଥିରେ ଉତ୍କଳବାସୀ ବଡ଼ ଉତ୍ତ୍ୟକ୍ତ । ପୁଣି ସେ ଏ ରାଜ୍ୟର ବର୍ତ୍ତମାନ ଶତ୍ରୁ । ତାଙ୍କୁ ନିଷ୍କୃତି ଦେଲେ ରାଜ୍ୟର ଅମଙ୍ଗଳ, ଦଲର୍ ଖାଁ ।

ଦଲ – ତା ହୋଇପାରେ, ଚମୂପତି । ମୁଁ ସେ ସେକଥା କହୁନାହିଁ । ଆପଣଙ୍କ ଦେଶର ଶତ୍ରୁକୁ ଆପଣ ମୁକ୍ତ କରିବାପାଇଁ ମୁଁ କପରି ଦାବି କରିପାରେ ?

ଧନୁ—ନା, ଦଲର୍ ଖାଁ, ଓଡ଼ିଆ ଶତ୍ରୁ ନିକଟରେ ଋଣୀ ନୁହେ କଦାପି । ଆମେମାନେ ବରଂ ବଞ୍ଚିତ, ଲାଞ୍ଛିତ ସର୍ବସ୍ୱାନ୍ତ ହୋଇପାରୁ, ତଥାପି ସଂକୀର୍ଣ୍ଣ ନୋହୁ, ଧାନତାର ଆଶ୍ରୟ ଗ୍ରହଣ କରୁନାହିଁ । ଆପଣ, ଦଲର୍ ଖାଁ ଉଦାର ମହତ୍ । ଯେ ଜାତିରେ ଏ ଲୋକ ଅଛନ୍ତି ସେ ଜାତିକି ଆମେମାନେ ଅବମାନନା କରି ନ ପାରୁ । (ବନ୍ଧନ ମୁକ୍ତକରି) ଆସନ୍ତୁ, ଦଲର୍ ଖାଁ ! ମୁଁ ଆପଣଙ୍କ ସେନାପତିଙ୍କି ମୁକ୍ତ କରିଦେବି । ସେ ଯଦି ପୁନର୍ବାର ଦେଶରେ ଉପଦ୍ରବ କରନ୍ତି ତା'ର ଶାସ୍ତି ଓଡ଼ିଆ ସେତେବେଳେ ଦେବ । ମୁସଲମାନ ସେନାପତିଙ୍କି ଧେନ ଆସ, ଗୋପାଳ, ଗୋବିନ୍ଦ । ମୁଁ ତାଙ୍କର ବନ୍ଧନ – ନା, ଦଲର୍ ଖାଁ ଆପଣ ସ୍ୱହସ୍ତରେ ମୁକ୍ତ କରି ଦିଅନ୍ତୁ ।

Digitized by srujan ka@gmail.com

(କଳାପାହାଡ଼ଙ୍କୁ ଘେନି ଗୋବିନ୍ଦ, ଗୋପାଳଙ୍କ ପ୍ରବେଶ)
ମୁକ୍ତ କରନ୍ତୁ ସ୍ୱହସ୍ତରେ, ଦଲେର୍ ଖାଁ ।

ଦଲି—(ମୁକ୍ତକରି) ଉଦାର ଓଡ଼ିଆ ଜାତି ଆଜି ଆପଣଙ୍କୁ ମୁକ୍ତ କରୁଚି, ବଙ୍ଗସେନାପତି ?

ଧନ୍ ବଦାନ୍ୟ, ସେନାପତିସାହେବ; ବଦାନ୍ୟ, ଦଲିଚ ଖାଁ । ମୋର କର୍ତ୍ତବ୍ୟର ଡାକ ଅନ୍ୟତ୍ର ଶୁଭୁଛି । ଯାଏ । ଆସ, ଗୋବିନ୍ଦ ଗୋପାଳ । (ଗୋବିନ୍ଦ ଗୋପାଳ ସହ ପ୍ରସ୍ଥାନ)

ଦଲି—ବଡ଼ ଉଦାର ଓଡ଼ିଆ ଜାତି, ସେନାପତିସାହେବ । ଏ ଦେଶର ଶତ୍ରୁ ହେବା ଏକ ଭୀଷଣ ପାପ । ବାଦଶାହଙ୍କର ଆଦେଶ । ଆସନ୍ତୁ, ଜନାବ୍, ସ୍ୱଦେଶକୁ ଫେରିଯିବେ ।

କଳା—ତା ଠିକ୍, ଦଲେର୍ ଖାଁ । କିନ୍ତୁ ମୁଁ ମୁକ୍ତି ଭିକ୍ଷା କରିନାହିଁ । ମୁଁ ନିଜ ପରାକ୍ରମରେ ମୁକ୍ତ ହୋଇଥିଲେ ଯାହା, ବର୍ତ୍ତମାନ ନିଜକୁ ତାହାହିଁ ମନେ କରେ । କାରଣ ମୁଁ ନିଜେ ନିଜର ମୁକ୍ତି କରିପାରେ ।

ଦଲି—ବର୍ତ୍ତମାନ ସେନାପତିସାହେବ, ଆପଣଙ୍କର ମୁକ୍ତି ମୁଁ ସ୍ୱହସ୍ତରେ କରିଅଛି; ଆସନ୍ତୁ ଫେରି ସ୍ୱଦେଶକୁ ମୋର ଏ ଅନୁରୋଧ ।

କଳା—ଦଲେର ଖାଁ । ଏ ଅନୁରୋଧରେ ମୁଁ ପଦାଘାତ କରୁଅଛି । ମୁଁ ସବୁ ହୋଇପାରେ କଠୋର, ଉଦ୍ଦାମ, ଦୁର୍ନିବାର୍ଯ୍ୟ; କିନ୍ତୁ ଭିକ୍ଷାର୍ଥୀ ନୁହେ । ଶତ୍ରୁର ଦ୍ୱାରରେ ସିଂହ ସମ୍ମୁଖରେ ଶୃଗାଳ ପରି ମୁଁ ନତମସ୍ତକ ନୁହେଁ । ତୁମ୍ଭେ ମୁକ୍ତ ହୋଇଅଛ ଆନନ୍ଦରେ ସ୍ୱଦେଶକୁ ଫେରିଯାଅ । ମୋ କଥା ହେବ ନାହିଁ ଜାଣି ରଖ ଦଲେର୍ ଖାଁ ।

ଦଲି—ତେବେ ଆପଣ ରହନ୍ତୁ ସେନାପତିସାହେବ ମୁଁ ଏ ଦେଶରେ ଆଉ ରହି ନ ପାରେ । (ପ୍ରସ୍ଥାନ)

Digitized by srujan ka@gmail.com

କଲା—ଆଚ୍ଛା, ଧନୁର୍ଦ୍ଧର ବଳିଆରସିଂହ ବନ୍ଦୀ କରିଅଛି ଦୁଇଥର; ଦୁଇଥର ମୁକ୍ତ କରିଛି । ମୁଁ ଓଡ଼ିଆଙ୍କୁ ଦଶ ଥର ବନ୍ଦୀ କରିବି । ଦଶଥର ମୁକ୍ତ କରିବି । ମୁଁ କଟକ ରାଜ୍ୟର ପ୍ରତ୍ୟାଶୀ ନୁହେଁ । ସେ ଲାଳସାରେ ଜଳାଞ୍ଜଳି ଦେଇଛି । ବର୍ତ୍ତମାନ କେବଳ ବିଜୟ; ପ୍ରତିହିଂସା, ଆଉ ଧର୍ମପ୍ରଚାର । ଦଲ୍ଲିର ! ସୁଲେମାନଙ୍କୁ ଜଣାଇବ । ତା' ପୂର୍ବରୁ ମୁଁ ଓଡ଼ିଶା ବିଜୟ କରିଥିବି । ଆଉ ବିଳମ୍ବ ନୁହେଁ । ଶୀଘ୍ର, ଶୀଘ୍ର, ଶୀଘ୍ର ।

(ଦୃଶ୍ୟ ପତନ)

ଷଷ୍ଠ ଦୃଶ୍ୟ

ରାମଚନ୍ଦ୍ର ଭଞ୍ଜଙ୍କ ଶିବିର ଭୂମି ।

(ସଦାଶିବଙ୍କ ସହିତ ରାମଚନ୍ଦ୍ର ଭଞ୍ଜଙ୍କ ପ୍ରବେଶ)

ରାମ – ସ୍ୱୀକାର କରେ ରଘୁନାଥ ବେଶ୍ ବୀର ଉଦାର ମଧ୍ୟ; କିନ୍ତୁ କୌଶଳ ନାହିଁ, ରାଜନୀତିରେ ଜ୍ଞାନ ନାହିଁ, କର୍ତ୍ତବ୍ୟ ଅକର୍ତ୍ତବ୍ୟର ବିଚାର ନାହିଁ ।

ସଦା – ଠିକ୍ କହିଛନ୍ତି ମହାରାଜ । ରଘୁନାଥ ବଡ଼ ଅପଟୁ ଏ ସବୁ ବିଷୟରେ ।

ରାମ—ସୁତରାଂ କହେ ତମେ ପାରିବ । ବେଶ୍ ପାରିବ । ଅଥଚ ରଘୁନାଥଠାରୁ ସବୁ ଗୋପନରେ । କାରଣ ତା'ର ଭଲ ମନ୍ଦ ଜାଣିବାର ଶକ୍ତି ନାହିଁ; କ'ଣ ଗୋପନୀୟ, କ'ଣ ପ୍ରକାଶଯୋଗ୍ୟ ତା ନିକଟରେ ତା'ର ପ୍ରଭେଦ ମଧ୍ୟ ନାହିଁ ।

ସଦା ଠିକ୍, ମହାରାଜ !

ରାମ—ମୁକୁନ୍ଦଦେବ ମନ୍ତ୍ରୀଙ୍କ ସଙ୍ଗେ ମୁଁ ଯେ ଏ ମଧ୍ୟରେ ମିତ୍ରତା ସ୍ଥାପନ କରିଛି ସେ ସମ୍ବାଦ ଧନୁର୍ଦ୍ଧର ବଳିଆରସିଂହଙ୍କୁ

Digitized by srujan ka@gmail.com

ପଠାଇଥିଲି ଜାଣ ? ସେ ତାହା ସ୍ୱୀକାର କରି ନାହିଁ । କଳାପାହାଡ଼କୁ ବନ୍ଦୀ କରିଥିଲି । ସେ ତ ବେଶ୍ କରିଥିଲି । ଏଇ ଲୋକେ ପୁଣି ଦେଶର ଗୌରବ ! ତାକୁ ନିଜ ହସ୍ତରେ ମୁକ୍ତ କରିଦେଲି । ଏବେ ଶାରଙ୍ଗଗଡ଼ ଉପରେ ଲକ୍ଷ୍ୟ । ଶୁଣୁଛି ଆସୁଛି ଯେପରି ଏକ ଘୂର୍ଣ୍ଣିବାୟୁ; କିନ୍ତୁ ସେ ବାୟୁର ଗତିରୋଧ କରିବାକୁ ହେବ, ସଦାଶିବ ।

ସଦା—ନିଶ୍ଚୟ, ମହାରାଜ ! କିନ୍ତୁ ସେଥିରେ ତ ରଘୁନାଥର ସାହାଯ୍ୟ ପ୍ରୟୋଜନ ।

ରାମ—ନା, ପ୍ରକାଶ୍ୟ ଯୁଦ୍ଧରେ ସେ ବାୟୁର ଗତିରୋଧ ଅସମ୍ଭବ, ସଦାଶିବ । ସେଥିପାଇଁ କହେ କୌଶଳ । ରଘୁନାଥର ତା ନାହିଁ । ତମେ ପାରିବ ଏକା । ଆଉ କେହି ନୁହେଁ ଏ ରାଜ୍ୟରେ ।

ସଦା—କ'ଣ କରିବାକୁ ହେବ, ମହାରାଜ ?

ରାମ—ଧନୁର୍ଦ୍ଧର ବଡ଼ ବେଗରେ ଆସୁଛି; ସଙ୍ଗରେ ଦୁଇଜଣ ମାତ୍ର ସୈନିକ । ଅବଶିଷ୍ଟ ସୈନ୍ୟ ପଛରେ । ସୁତରାଂ ଯୁଦ୍ଧ ପୂର୍ବରୁ ତାକୁ ହତ୍ୟା । ଆମେମାନେ ଶତ୍ରୁ ନିକଟରେ ନିଜକୁ ବିନୀତ କଲେ, ଶତ୍ରୁ ସଙ୍ଗେ ସନ୍ଧି ସ୍ଥାପନ କଲେ । ତଥାପି ଏତେ ଉଗ୍ର, ଏତେ ପାଷାଣ୍ଡ—ସେ ତା ସ୍ୱୀକାର କରିବ ନାହିଁ । ବୃଥାରେ ନିଜ ସୈନ୍ୟ-ସାମନ୍ତଙ୍କ ରକ୍ତପାତ କାହିଁକି ? ଏତେ ଅର୍ଥବ୍ୟୟ କାହିଁକି ? ଉଦ୍ଦେଶ୍ୟ ସହଜରେ ସାଧନ କରିବାକୁ ହେବ । ପାରିବ, ସଦାଶିବ ? ଏହା ପରେ ତ ତମେଇ ଶାରଙ୍ଗଗଡ଼ର ରାଜା, ଯେତେବେଳେ ମୁଁ ଓଡ଼ିଶାର ରାଜସିଂହାସନରେ ବସିବି ।

ସଦା—ପାରିବି, ମହାରାଜ ।

Digitized by srujan ka@gmail.com

ରାମ – କନ୍ତୁ ଗୋପନରେ । ରଘୁନାଥ ଜାଣିଲେ କହିବ ଯୁଦ୍ଧ । ତା ତ ଦେଖୁଚ ଅନର୍ଥକର । ମହାଗୋପନ । ହୃଦୟର କଥା ହୃଦୟରେ ରଖିବ ।

ସଦା—ରଖିବ, ମହାରାଜ ।

ରାମ—ତାହାହେଲେ ବେଶ୍ । ଗର୍ବର ସୀମା ଅଛି, ଉଗ୍ରତାର ପରିଣାମ ଅଛି ।

ନେପଥ୍ୟେ—ଆସ, ଗୋବିନ୍ଦ, ଗୋପାଳ ।

ରାମ – କି ଶବ୍ଦ ! କିଏ ଡାକୁଚି କାହାକୁ ?

(ଧନୁର୍ଦ୍ଧରଙ୍କ ପ୍ରବେଶ)

ଏଇ ଧନୁର୍ଦ୍ଧର ବଳିଆରସିଂହ । ଦେଖ, ସଦାଶିବ ।

(ପ୍ରସ୍ଥାନ)

ସଦା—(ଧନୁର୍ଦ୍ଧରଙ୍କୁ ଆଘାତ କରି) ବେଶ୍ ତ । ଶାରଙ୍ଗଗଡ଼ ସିଂହାସନର ବଡ଼ ସହଜ ମୂଲ୍ୟ (ପ୍ରସ୍ଥାନ)

ଧନୁ—(ନିପତିତ) ଓହୋ, କି ଆଘାତ ! ଗୋବିନ୍ଦ, ଗୋପାଳ !

(ଗୋବିନ୍ଦ, ଗୋପାଳଙ୍କର ପ୍ରବେଶ)

ଗୋବିନ୍ଦ—ଏ କ'ଣ ଗୋପାଳ ?

ଧନୁ—ଗୋପାଳ, ଆସିଚୁ ? ମତେ ମହାରାଜା ଡାକୁଚନ୍ତି ।

ଗୋପାଳ—ନା,କେହି ଡାକୁ ନାହାନ୍ତି କାହିଁ ତ । କ'ଣ ହେଲା ଏ ?

ଧନୁ—ତୁ ଶୁଣି ପାରୁନୁ, ଗୋପାଳ । ମତେ ଡାକୁଚନ୍ତି । ପ୍ରତାପରୁଦ୍ର ଦେବ ବସିଚନ୍ତି, ମୁକୁନ୍ଦଦେବ ବସିଚନ୍ତି । ଯାଉଚି, ମହାରାଜ । କେତେଦିନକେ ଦେଖିଲି ଆଜ । ନେତ୍ର ପବିତ୍ର ହେଲା । ମୋ ହୃଦୟ-ନିଧି ପାଇଚି । ଆହା, ଭାଗ୍ୟ କି ବଡ଼ ! କ'ଣ କହୁଚନ୍ତି, ମହାରାଜ ? ଆଉରି କାର୍ଯ୍ୟ ବାକି ଅଛି ? ହଁ ? ମୁଁ କରିବି ? ମୁଁ—ଧନୁର୍ଦ୍ଧର ବଳିଆରସିଂହ ?

Digitized by srujan ka@gmail.com

ନା । ତେବେ ମୁଁ ନୁହେଁ ତ । ଯାଉଛ ତେବେ । ବାବୁ ଗୋବିନ୍ଦ, ଗୋପାଳ, କହିବ ମନ୍ତ୍ରୀଙ୍କି, କହିବ ସେନାପତିଙ୍କି, ମୁଁ ବାହାର ଗଲି, ମହାରାଜା ଡାକନେଲେ । ଯାଉଛି, ମହାରାଜ । ଆଉ ପଦେ । ରହ, ଗୋପାଳ, ଗୋବିନ୍ଦ । କେତେ କଷ୍ଟ ପାଇଲ । ଯାଉଛି, ମଣିମା । ପଦେ । ଦେଶ, ଦେଶ, ଦେଶ ! ପ୍ରଭୁ ହେ । (ମୃତ)

(ଯବନିକା)

ପଞ୍ଚମ ଅଙ୍କ

ପ୍ରଥମ ଦୃଶ୍ୟ

ରାମଚନ୍ଦ୍ର ଭଞ୍ଜଙ୍କ କକ୍ଷ ।

(ରାମଚନ୍ଦ୍ର ଭଞ୍ଜ ଆସୀନ)

ରାମ—ଲକ୍ଷ୍ୟର ଦୁଇ ଦିଗରେ ଦୁଇ ଶତ୍ରୁ । ଉଭୟେ କିନ୍ତୁ ଦୁର୍ବଳ ପୂର୍ବଠାରୁ । ଧନୁର୍ଦ୍ଧର ଯାଇଛି, ଅର୍ଥାତ୍ ବାରବାଟୀ ଅଧିକାର ପଥରୁ କଣ୍ଟକ ଅଧେ ଦୂର ହୋଇଛି । ସଦାଶିବ ଶେଷରେ ସୁନ୍ଦର ଅସ୍ତ୍ର । ତେଣେ ପୁଣି ଧନୁର୍ଦ୍ଧରର ଆକ୍ରମଣରେ କଳାପାହାଡ଼ର ସୈନ୍ୟ ସାମନ୍ତ ଅଧେ ବିନଷ୍ଟ । ତଥାପି ଯାହା ଅବଶିଷ୍ଟ ଅଛନ୍ତି କମ୍ ନୁହେ କିନ୍ତୁ । ପାଇଲେ ଖୁବ୍ ପାରନ୍ତି । ସେ କ'ଣ ସମ୍ଭବ ? କେଜାଣି । କଳାପାହାଡ଼ ତ ଏପର୍ଯ୍ୟନ୍ତ ପ୍ରକାଶ୍ୟରେ ଶତ୍ରୁ ନୁହେ, ବରଂ ମିତ୍ର । ଠିକ୍ ବୁଝିଛି ମନ୍ତ୍ରୀ । 'ଆମେମାନେ ମିତ୍ର ହେବୁ, ସୈନ୍ୟ ସାହାଯ୍ୟ ଦେବୁ, ବାକି ଯାହା ଆବଶ୍ୟକ ସବୁ କରିବୁ; କିନ୍ତୁ ବାରବାଟୀରେ ପ୍ରବେଶ କରିବାକୁ ଦେବୁ ନାହିଁ ।' ବେଶ୍ ତ ମିତ୍ରତା । ଭୂମ୍ବ ସଙ୍ଗେ ସ୍ନେହ ବନମଧୁ ନିମନ୍ତେ ଏ ଉପାୟ

କଣ ନ ଥିଲ, ମନ୍ତ୍ରୀ । କୌଣସି ପ୍ରକାରେ କରିବାକୁ ହେବ —କଳେ, ବଳେ, କୌଶଳେ । ପ୍ରାଣ ବର୍ତ୍ତମାନ ବାରବାଟୀ ଦୁର୍ଗରେ । ନୋହିଲେ ବଞ୍ଚିବା ବ୍ୟର୍ଥ । ବ୍ୟର୍ଥ କ'ଣ ଅସମ୍ଭବ । ତୁଳାଦଣ୍ଡର ଏକ ପାଖରେ ବାରବାଟୀ, ଅନ୍ୟ ପାଖରେ ଏ ଜୀବନ । ଦେଖୁଚି ସେଇ ପାଖଇ ତଳକୁ ଖସି ପ ୂଚି । ଅତଏବ ଜୀବନ ତୁଚ୍ଛା । ନା, ନା, ନା, ଯେନ କେନ ପ୍ରକାରେଣ ।

(ସଦାଶିବଙ୍କ ପ୍ରବେଶ)

ସଦାଶିବ, ଆସିଚ ?

ସଦା—ଆସିଚ, ମହାରାଜ । ଆଜ କେତେଦୂର ଅଗ୍ରସର ? କ୍ରମେ ବଡ଼ ବିଳମ୍ବ ହେଉଚି ଯେ । ଶୀଘ୍ର କିଛି ନା କିଛି କରିବା ଦରକାର ।

ରାମ—ଦେଖିଚ,ସଦାଶିବ,ମୋର ଉଦ୍‌ବେଗଠାରୁ ତମର ଉଦ୍‌ବେଗ ଆହୁରି ବେଶି । ଧୈର୍ଯ୍ୟ ଧର । 'ଶନୈଃ କନ୍ଥା, ଶନୈଃ ପନ୍ଥା, ଶନୈଃ ପର୍ବତଲଙ୍ଘନଂ' । କ୍ରମେ କ୍ରମେ ହେବ ସବୁ କଥା ।

ସଦା—ଏବେ ତ କେତେ ଦିନ ହୋଇ ଗଲାଣି, ମହାରାଜ,ଧନୁର୍ଦ୍ଧର ବଳିଆରସିଂହ ସେ ଘଟଣା ଦିନରୁ । ଦିନକ ମତେ ଯୁଗେ ପରି ଲାଗୁଚି ।

ରାମ—ମତେ ତ ଦିନକ ଦିନେ କ ବରଂ ତହିଁରୁ କିଛି ଊଣା ଲାଗୁଚି ସଦାଶିବ ।

(ରଘୁନାଥଙ୍କ ପ୍ରବେଶ)

ରଘୁ—ଶୁଣିଚ କଳାପାହାଡ଼ ଆସିବା କଥା । ମୁସଲମାନ ସୈନ୍ୟ ସାମନ୍ତ ତ ବହୁତ । ଯେଉଁ ବାଟେ ଆସିଲେ ଲୋକେ କହୁଛନ୍ତି 'କଳାପାହାଡ଼ ଗଲା, କଳାପାହାଡ଼ ଗଲା ।'

Digitized by srujan ka@gmail.com

ରାମ—କଳାପାହାଡ଼ ! ଏପରି ହଠାତ୍ ଆସିବାର ତ କୌଣସି କାରଣ ନାହିଁ । ଯୁଦ୍ଧର ପ୍ରସ୍ତାବ ମାତ୍ର । ଏପର୍ଯ୍ୟନ୍ତ ଘୋଷଣା ହୋଇ ଯାଇ ନାହିଁ । ସେ କ'ଣ ଆଗରୁ ଉଠିଆସି ହେବ ନିମନ୍ତ୍ରେ ? କେଜାଣି । ତଥାପି ସୈନ୍ୟ ସଜ୍ଜିତ କର । (ନିକଟରେ ଜୟ ଘୋଷ) ଏଇ ଯେ କ ଶବ୍ଦ ! କଳାପାହାଡ଼ କ'ଣ ଏତେ ନିକଟ ଏତେ ନିକଟ ?

(ସସୈନ୍ୟ କଳାପାହାଡ଼ଙ୍କ ପ୍ରବେଶ)

ଆସିବା ହୁଅନ୍ତୁ, ବଙ୍ଗ-ସେନାପତି ।

କଳା—ନିମନ୍ତ୍ରଣ ପ୍ରୟୋଜନ ନାହିଁ, ରାଜା । ଦେଖୁଛ, ବାରବାଟୀ ଅଧିକାରର ପ୍ରଥମ କାର୍ଯ୍ୟ ଏଇଠାରେ ଆରମ୍ଭ କରିବ । ସୁତରାଂ ନିମନ୍ତ୍ରଣର ଅପେକ୍ଷା ରଖି ନାହିଁ । ପ୍ରସ୍ତୁତ ହୁଅ, ରାମ-ଚନ୍ଦ୍ର ଭଞ୍ଜ । ଭୟ କରୁଛ ବଧ କରିବ ? ନା ବନ୍ଦୀ, ବନ୍ଦୀ ।

ସଦା—ପଳାଇ ଆସନ୍ତୁ, ମହାରାଜା । ବାପ୍‌ରେ, ବାପ୍‌ରେ ।

(ପଳାୟନ)

ରାମ—ନା, ସେନାପତି ।

କଳା—ଆଉ ବିଳମ୍ବ ନୁହେଁ । ସୈନିକଗଣ—

ରଘୁ—ନା, କଳାପାହାଡ଼, ଭୁଲ କରୁଛ । ଏ ଖାରଙ୍ଗଗଡ଼ର ଏକ ଶିଶୁ ସନ୍ତାନକୁ ବନ୍ଦୀ କରିବା ପୂର୍ବରୁ ଯୁଦ୍ଧର ପ୍ରୟୋଜନ । ଦୂରର କଥା ତ ରାଜା ।

ରାମ—ଦେଖନ୍ତୁ ଆପଣଙ୍କ ସଙ୍ଗେ ଯାହା କଥା ହୋଇଥିଲା, ସେ ଅଂଶ ଠିକ୍, ସେନାପତି । ଆଉ ଯୁଦ୍ଧ କାହିଁକି ?

ରଘୁ—କଥା ଫଥା କହୁ ନାହିଁ, ମହାରାଜ । ଯୁଦ୍ଧ, ଯୁଦ୍ଧ । ଓଡ଼ିଆ ଯୁଦ୍ଧଇ ଜାଣେ, କଥା ନୁହେଁ । ଆସ, କଳାପାହାଡ଼ ।

କଳା—ଆଚ୍ଛା, ଦେଖ ତେବେ, ମହବ୍ବତ୍ ଖାଁ ।

Digitized by srujan ka@gmail.com

(ରଘୁନାଥ ଓ ମହବ୍ ଖାଁଙ୍କ ଦ୍ୱନ୍ଦ୍ୱରେ ଉଭୟଙ୍କ ପ୍ରସ୍ଥାନ ଓ ବହୁ ମୁସଲମାନ ସୈନ୍ୟଙ୍କ ଅନୁସରଣ)

ବେଶ୍ ଯୁଦ୍ଧ । ଦେଖିଚ, ରାମଚନ୍ଦ୍ର ଭଞ୍ଜ ? ଆସ ଆଉ ବିଳମ୍ବ ନୁହେଁ ।

ରାମ—କାହିଁକି, ସେ ଅଂଶ ଠିକ୍ ।

କଳା—ଭିକ୍ଷୁକ ନୁହେଁ ରାମଚନ୍ଦ୍ର ଭଞ୍ଜ, ମୁଁ ବିଜୟୀ ।

ରାମ—ବିଜୟୀର ଲାଭ ପାଇବେ, ସେନାପତି । ଆଉ କ'ଣ ଇଚ୍ଛା ?

କଳା—ପାଇବ ନିଶ୍ଚୟ । ତେବେ କାହାର ଅନୁଗ୍ରହରେ ନୁହେଁ । ନିଜ ଶକ୍ତିରେ ପାଇବ ।

ରାମ—ତେବେ କ'ଣ ଇଚ୍ଛା, ସେନାପତି, କହନ୍ତୁ ସ୍ପଷ୍ଟ କରି ।

କଳା—ବନ୍ଦୀ ।

ରାମ—ଆଉ କଥାବାର୍ତ୍ତାରେ ପ୍ରୟୋଜନ ନାହିଁ । ମୁଁ ଅପ୍ରସ୍ତୁତ ଅଛି କପରି । ରହନ୍ତୁ, ସେନାପତି ଯାଏ । (ପ୍ରସ୍ଥାନୋଦ୍ୟତ)

କଳା—ରହ, ରାମଚନ୍ଦ୍ର ଭଞ୍ଜ ! ବନ୍ଦୀ କର, ସୈନିକଗଣ ।

(ସୈନିକମାନେ ବନ୍ଦୀ କଲେ)

ରାମ—ତୁମ୍ଭର ଶକ୍ତି ଅଛି, ସେନାପତି ବନ୍ଦୀ କରିଚ, କର; କିନ୍ତୁ ଏକ କଥା । ଶୁଣ କହି ରଖେ ।

କଳା—ଶତ କଥା କହିପାର । ଏକ କଥା କାହିଁକି,ରାମଚନ୍ଦ୍ର ଭଞ୍ଜ ?

ରାମ—ନା, ଏକ କଥା କଳାପାହାଡ଼ । ବାରବାଟୀଅଧିକାରକରିବ, କର । ଏ ଦେଶର ରାଜା ହେବ, ହୁଅ । କିନ୍ତୁ ମୁକ୍ତ କରି ଦେବ । ନୋହୁ, ଆଜୀବନ ନୋହୁ । ଛନକ ନିମନ୍ତେ, ଥରେ ମାତ୍ର । ବାରବାଟୀ ସ୍ୱପ୍ନ ଭାଙ୍ଗିଯିବ ! ନା, ନା; ଥରେମାତ୍ର ମୁକ୍ତ କରିଦେବ ଭକ୍ତ । ଏବେ ବନ୍ଦୀ, ବନ୍ଦୀ ! ହାୟ କପାଳ !

କଳା—ଘେନି ଆସ ସୈନିକଗଣ । (ପ୍ରସ୍ଥାନ)

Digitized by srujan ka@gmail.com

ସୈନିକ—ଗୁଲ ।

ରାମ—ଯିବ ? କୁଆଡ଼େ ? ବନେ, ବନେ, ଥରେ ମାତ୍ର । ଓହୋ । କ ଶୋଷଣ କ ଶୋଷଣ ! ବନ୍ଦୀ ? ନା, ନା, ନା ।

ସୈନିକ—ଗୁଲ ।   (ବନ୍ଦୀସହ ପ୍ରସ୍ଥାନ)

(ବିପରୀତ ଦିଗରୁ ରଘୁନାଥଙ୍କ ପ୍ରବେଶ)

ରଘୁ—ଏ ସ୍ଥାନ ଶୂନ୍ୟ ! କେହି କାହିଁ ନାହିଁ ! ଏତେ ମୁସଲମାନ ସେନା ଭେଦ କରି ଆସିଲି ଏହି ତରବାରିରେ ରଜାଙ୍କୁ ମୁକ୍ତ କରିବି ବୋଲି । ହେଲା ନାହିଁ । ଆଜି ଶାରଙ୍ଗଗଡ଼-ରାଜା ବନ୍ଦୀ ! କାଲି ମୁସଲମାନ ବାରବଟୀ ଆକ୍ରମଣ କରିବ ! ଜୀବନରେ ଏ ଏକ ମହାଭ୍ରମ । ଏବେ ସାବଧାନ । ଦେଶର ଗୌରବ ରଖିବାକୁ ହେବ । ବାରବାଟୀ ଶତ୍ରୁ ହସ୍ତରୁ ରକ୍ଷା କରିବାକୁ ହେବ । ତତ୍ପରେ ରାମଚନ୍ଦ୍ର ଭଞ୍ଜଙ୍କ ମୁକ୍ତି । ନୋହିଲେ ଏ ଏକ ମହାପ୍ରଳୟ । ଏଥିରେ ରାଜା ପ୍ରଜା ସମସ୍ତେ ଏକ ନରକରେ ଲୀନ । ବଡ଼ ଭ୍ରମ ବଡ଼ ଭ୍ରମ, ରାଜା । ପୁଣ୍ୟ ଉତ୍କଳଭୂମିକୁ ବର୍ତ୍ତମାନ ଶତ୍ରୁ ହାତରେ ଦେଇ ବିଦାୟ ନେବାକୁ ହେବ !

(ଦୃଶ୍ୟ ପତନ)

———

ଦ୍ୱିତୀୟ ଦୃଶ୍ୟ

ଯୁଦ୍ଧକ୍ଷେତ୍ର ।

(ମୁକୁନ୍ଦଦେବଙ୍କ ସେନାପତି, ସୈନ୍ୟ-ସାମନ୍ତଙ୍କ ପ୍ରବେଶ)

ସୈନ୍ୟ – (ଗୀତ)

ଆଜି ରେ ସମରେ ବଧିବୁଁ ବୈରି,
ନଥିବା ନାହିଁଟି ଆସିବୁ ଫେରି ।

Digitized by srujan ka@gmail.com

ତାଙ୍କୁ ଜୀବନ ସମରକ୍ଷେତ୍ରେ
ପ୍ଲାବିତ କର ତା ସୋଦର ରକ୍ତେ ।

ଚାଲ ସରବେ ଚାଲରେ ଭାଇ,
ଜୀଇ ଏ ପ୍ରାଣେ କାରଣ ନାହିଁ,
ଯଦ ବା ସମରେ ନାଶି ଅରାତି
ରଖିବ ନାହିଁ ଗୌରବ ଖ୍ୟାତି ।

ଫେଡ଼ିବା ଚାଲ ଜନନୀ-ଦୁଃଖ
ଭେଦ ଅସିଧାରେ ଶତ୍ରୁ-ବକ୍ଷ;
ତେଜନ୍ତୁ ସର୍ବେ ସନ୍ତତି ଜାୟା;
ଜୀବନେ ନାହିଁ ରଖିଅଛୁ ମାୟା । (ପ୍ରସ୍ଥାନ)

ସେନା—ମା ଉତ୍କଳଭୂମି, ଆଜ ତୋର ଭାଗ୍ୟ-ପରୀକ୍ଷାର ଦିନ । ଏ ଯେପରି ଶେଷ ପରୀକ୍ଷା-ହେଲେ ତୁ ପୁଣି ସ୍ୱର୍ଗରାଜ୍ୟର ସୁଖ ସୌଭାଗ୍ୟବିଳାସିନୀ; ନୋହିଲେ ପଥର ଦୀନହୀନ ଭିଖାରଣୀ । ମା, ସକଳ ସମ୍ପଦ ତୋର ସରିଚି । ଅଛି କେବଳ ଗୌରବ । ସେ ଗୌରବ ତୁ ନିଜେ ରଖ ମା । ଏଇ ପୁଣ୍ୟତୋୟା ମହାନଦୀ ବହି ଯାଉଅଛି, ଯେପରି ଚିରକାଳ ବହିଚି ଏଇ ନୀଳକାୟ କପିଳାସ ଆଜ ଗର୍ବରେ ରମଣୀୟ ଚୂଡ଼ା ଟେକ ରହିଅଛି; ସେଇ ଦୂର ବୀରଭୂମି ମଧ୍ୟରେ, ଯେପରି ଚିରକାଳ ଟେକିଚି । ଏ ନଦୀ ଆଉ ଏପରି ବହିବ ନାହିଁ, ଏ ପର୍ବତ ଏପରି ଚୂଡ଼ା ଟେକିବ ନାହିଁ; ଓଡ଼ିଆ ଆଖିରେ ଦେଖିବ ଏ କଥା ? ହୃଦୟ ଫାଟି ଯାଏ, ମା ।

Digitized by srujan ka@gmail.com

(ସୈନ୍ୟମାନଙ୍କ ପୁନଃ ପ୍ରବେଶ; ତାଙ୍କ ସଙ୍ଗେ ରଘୁନାଥଙ୍କ ପ୍ରବେଶ)

ସମସ୍ତ—

ଫେଡ଼ିବା ଗୁଲ ଜନନୀ ଦୁଃଖ
ଭେଦ ଅସିଧାରେ ଶତ୍ରୁ ବକ୍ଷ;
ତେଜନ୍ତୁ ସର୍ବେ ଜନନୀ ଜାୟା,
ଜୀବନେ ନାହିଁ ରଖିଅଛୁ ମାୟା । (ପ୍ରସ୍ଥାନ)

ସେନା—ଆଉ ବିଳମ୍ବ ନୁହେଁ, ସୈନିକଗଣ । ଆଜ ପ୍ରାଣ ଦେବାକୁ ହେବ, ହୃଦୟର ରକ୍ତ ରଣଭୂମିରେ ଢାଳି ଦେବାକୁ ହେବ, ଜନ୍ମଭୂମିର ବକ୍ଷ ରଞ୍ଜିତ କରିବାକୁ ହେବ, ଜନ୍ମଭୂମିର ବକ୍ଷ ରଞ୍ଜିତ କରିବାକୁ ହେବ । ତୁମେମାନେ ଏ ଦେଶ ଗଢ଼ିଅଛ ନିଜର ଜୀବନ ଦେଇ । କେତେ ଦୂର ଦୂରାନ୍ତରେ ଯୁଦ୍ଧକ୍ଷେତ୍ରରେ ଦଣ୍ଡାୟମାନ ହୋଇଅଛ, ନିଜ ତରବାରିରେ ଶତ୍ରୁର ବକ୍ଷ ବିଦ୍ଧ କରିଅଛ, ବିଜୟ ଗୌରବର ମସ୍ତକ ଭୂଷିତ କରିଅଛ । ତୁମେମାନେ ମା' ଉତ୍କଳଭୂମିର ସେଇ ବୀର ସେନା । ଆସ, ଆଉ ବିଳମ୍ବ ନୁହେଁ । ଏଇ ଉତ୍କଳ ଜନନୀଙ୍କର ଡାକ ଶୁଣୁଛ, ଏ ଯେପରି ସିଂହବାହିନୀ ଦଶଭୁଜା ଦୁର୍ଗାଙ୍କର ବିକଟ ଗର୍ଜନ । ଆସ, ଆସ ସୈନିକଗଣ । ଆସିଚନ୍ତି, ଆସନ୍ତୁ, ରଘୁନାଥ ଭଞ୍ଜ । ଆଜ ଏ ବିଷମ ପରୀକ୍ଷାର ଦିନ । (ପ୍ରସ୍ଥାନ)

(ସସୈନ୍ୟ କଳାପାହାଡ଼ ପ୍ରବେଶ)

ସୈନିକ—ଆଲ୍ଲା, ଆଲ୍ଲା ଆଲ୍ଲାକ ଜୟ !

କଳା—ଦେଖ, ସୈନିକଗଣ । ପ୍ରତିଜ୍ଞା କର ଯେ ଜଣେ ଓଡ଼ିଆ ସେନା ଯୁଦ୍ଧଭୂମିରେ ଥିବାଯାଏ ତୁମେମାନେ ଶିବିରକୁ ଫେରିବ ନାହିଁ ।

Digitized by srujan ka@gmail.com

ସୈନିକ—ପ୍ରତିଜ୍ଞା କରୁଚୁ, ଫେରିବୁ ନାହିଁ ।
କଳା—ଶତ୍ରୁକୁ ପାଦରେ ଦଳିବ ।
ସୈନିକ—ଶତ୍ରୁକୁ ପାଦରେ ଦଳିବୁଁ ।
କଳା—ଶତ୍ରୁର ରକ୍ତ ପାନ କରିବ ।
ସୈନିକ—ରକ୍ତ ପାନ କରିବୁଁ ।
କଳା—ତେବେ ଧାଇ ଫେରିବ ।
ସୈନିକ—ତେବେ ଯାଇ ଫେରିବୁଁ ।
କଳା—ମନେଅଛି ସୈନିକଗଣ, ନଗାରା ଶୁଣିଲେ ତୁମେମାନେ କପରି ହଠାତ୍ ଫେରି ପଡ଼ିବ, ଆଉ ପଳାଇବ ?
ସୈନିକ—ଫେରି ପଡ଼ିବୁଁ ।
କଳା—ଅଥଚ ସତର୍କ ଥିବ । ଖୁବ୍ ସତର୍କ । ସେମାନେ ତୁମମାନଙ୍କ ପଛରେ ଧାଇଁ ବିକ୍ଷିପ୍ତ ଆଉ ଶ୍ରାନ୍ତ ହୋଇ ଗଲା ପରେ ପୁଣି ହଠାତ୍ ବୁଲି ପଡ଼ିବଁ ।
ସୈନିକ—ବୁଲି ପଡ଼ିବୁ ।
କଳା—ଆଉ ଆକ୍ରମଣ କରିବ ।
ସୈନିକ—କରିବୁଁ ।
କଳା—ସମ୍ମୁଖ ଯୁଦ୍ଧରେ ହୁଏତ ସନ୍ଦେହ । ଓଡ଼ିଆମାନେ ଜୀବନ ଉତ୍ସର୍ଗ କରି ଯୁଦ୍ଧ କରନ୍ତି । ବଡ଼ ଭୀଷଣ ଏ ଓଡ଼ିଆ ଜାତି ସେଇପରି ମଧ୍ୟ ନିର୍ବୋଧ । ମରିବେ, ଅଥଚ ହାରିବେ ନାହିଁ, ପଛକୁ ସୁଦ୍ଧା ଘୁଞ୍ଚି ଯିବେ ନାହିଁ ।
ଜଣେ ସୈନିକ—ମରିବେ ଅଥଚ ପଛକୁ ଘୁଞ୍ଚି ଯିବେ ନାହିଁ । ମେଣ୍ଢା, ଆଉ କ'ଣ ?
କଳା—ବିଜୟୀ ନିଶ୍ଚିତ ସୈନିକଗଣ । (ନେପଥ୍ୟେ ଅସ୍ତ୍ରନିନାଦ ଓ ଚହଳ) ଏଇ ଅସ୍ତ୍ରନିନାଦ ! ଶତ୍ରୁ ତେବେ ବଡ଼ ନିକଟରେ । ପ୍ରସ୍ତୁତ, ପ୍ରସ୍ତୁତ, ପ୍ରସ୍ତୁତ !

Digitized by srujan ka@gmail.com

(ଓଡ଼ିଆ ସୈନ୍ୟଙ୍କ ପ୍ରବେଶ; ପ୍ରଥମେ ଉଭୟେ ସମ୍ମୁଖୀନ ହୋଇ ଅସ୍ତ୍ରଚାଳନ; ତତ୍ପରେ କଳାପାହାଡ଼ପ୍ରମୁଖଙ୍କ ପଳାୟନ ଓ ଓଡ଼ିଆ ସୈନ୍ୟଙ୍କର ଅନୁଧାବନ । ତତ୍ପରେ ବିପରୀତ ଦିଗରୁ ବାନାମ୍ବରଙ୍କ ପ୍ରବେଶ ।)

ବାନା—ଏଇ କଳାପାହାଡ଼ ନାଁଟା ଯେମିତି, ବୁଦ୍ଧିଟା ମଧ୍ୟ ସେଇମିତିଟି, ସଦାଶିବ ଭାଇ ।

ସଦା—ନା, ଭାରି ବୁଦ୍ଧିଆ, ଅକଲବାଜ ଲୋକଟା । ଦେଖୁନାଆଁ ହେବନ କ'ଣ କଲା ! ଆରେ ବାପ୍‌ରେ, ବାପ୍‌ରେ ! ମୁଁ ତ ଖସଡ଼ୋବାଚ । ଥିଲେ ଆଉ ପ୍ରାଣ ରହିଥାନ୍ତାଟିକି ?

ବାନା—ତୁମେ ତ ମଧ୍ୟ କମ୍ ବୁଦ୍ଧିଆ ନୁହଁ ସଦାଶିବ ଭାଇ । ବେଶ୍ ସମୟରେ ଏକା ଖସି ପଳେଇ ଆସିଲ, ଯେମିତି କି ଶିକାରବେଳେ ବାଘ ହାବୁଡ଼ରୁ କୁତା । ଏଁ, ଏ କ'ଣ କମ୍ ବୁଦ୍ଧିର କାମ ! ପର ମଲେ ସିନା ପାଣିବୁଡ଼ । ଅପେ ମଲେ ତ ଯୁଗବୁଡ଼ ଏକାବେଳେକେ ।

ସଦା—ବାକି ରଘୁନାଥ ରହିଗଲା । ଖୁବ୍ ମାଡ଼ ଖାଇଥିବ । ପିଠି ବଥେଇ ଯାଇଥିବ ଏକା । ଶୁଣୁ ତ ଥିଲା ଦୁମ୍‌ଦାମ୍ ତାଳ ପଡ଼ିଲା ପରି, ଗୋଟାକୁ ଗୋଟା । (ନିକଟରେ ଅସ୍ତ୍ରନିନାଦ ଓ ଗୋଳ) ଏଁ ଏଁ, ମାଡ଼ ତ ଆସିଲେ ! ଆରେ ବାପ୍‌ରେ ! ଲୁଚ ଯା, ଲୁଚ ଯା । ବାଟ କୋଆଡ଼େ, ଆରେ ବାଟ କୋଆଡ଼େ ? (ଉଭୟେ ଲୁଚିଗଲେ)

(କଳାପାହାଡ଼ ସୈନ୍ୟଙ୍କର ପଳାୟନ; ଓଡ଼ିଆ ସୈନ୍ୟଙ୍କ ଅନୁଧାବନ ବାନାମ୍ବର, ସଦାଶିବଙ୍କ ନିର୍ଗମନ)

ବାନା—ଓହୋ ! ରକ୍ଷା, ରକ୍ଷା ! ତମେ ନିଶ୍ୱାସ ମାରିଲଣି, ସଦାଶିବ ଭାଇ ? ଏଁ, ମୋ ନିଶ୍ୱାସ ତ ଆସୁଚି ଟିକିଏ

Digitized by srujan ka@gmail.com

ଚିକଏ । ଆରେ ବାପ୍‌ରେ ଯୁଦ୍ଧ । ଆମେ ଆସୁ ନ ଥିଲୁଟି । ଆମକୁ ଧରି ଆଣିଲ ତମେ ।

ସଦା – ବେଶ୍ ତ ଧାଇଁଚନ୍ତି । ଡର ମାଡ଼ୁଚ, ବାନାମ୍ବର ? ନାଇଁ, ଭୟ୍ କ'ଣ ?

ବାନା—ଭୟ ? ନା ନାଇଁ, କହୁଚ ସେଦିନ ରଜାଙ୍କ ଉଆସରେ ଯୁଦ୍ଧ ହୋଇଥିଲେ ଏଇମିତି ଧାଇଁଥାନ୍ତେ ତେବେ । ହେଲେ ସେଠି ତ ଏତେ ଥାନ ନ ଥିଲା । ଗୋଟେ ପଡ଼ିଆକୁ ଯାଇଥାନ୍ତେ ସିନା ।

ସଦା—ଜଣେ ଗୋଡ଼େଇ ଥାନ୍ତା, ଆଉ ଜଣେ ପଳେଇ ଥାନ୍ତା । ଆମ ରଜା ପଳେଇ ଥାନ୍ତେ; ନଇଲେ ଗୋଡ଼େଇ ଥାନ୍ତେ । ମନ୍ଦ କ'ଣ କଳାପାହାଡ଼ ଧରି ନେଇଚ । ଧା-ଧାଇଁ ଗୁଡ଼େ ଯାହା କରିଥାନ୍ତେଟି, ଏବେ ମହାନନ୍ଦିନ୍ତି । ଆଚ୍ଛା, କହିଲ ଦେଖି କିଏ ଜିଣିମ ?

ବାନା—କଳାପାହାଡ଼ ଜିଣି ଯିବ । ଏ ଗୁଡ଼ାକ ତ ପଛରେ ପଡ଼-ଗଲେଣି ଏତିକବେଳୁ । ଜଣା କ'ଣ ପଡ଼ ନ ଯେ । ଗୋଟେ ପକ୍ଷ ନଷ୍ଟେ ତ ଜିଣିମେ । ତେବେ ଆଉ ପକ୍ଷ ହାରିବେ । ଦି' ପକ୍ଷ ଜଣୁଥାନ୍ତେ କି ତେବେ କିଏ ଜିଣିଲା, କିଏ ହାରିଲା କହୁ ହଅନ୍ତା କେଇଁ । ଦି' ପକ୍ଷ ଜିଣିଲେ, କି ଦି' ପକ୍ଷ ହାରିଲେ ଜାଣୁଥିବେ କମିତି ? ଗୁଳା ପକୋଉ ଥିବେ ତେଣିକି ଏକା । (ଅସ୍ତ୍ରନାଦ ଓ ଗୋଳ) ଫେରେ, ଫେରେ ! ମାଡ଼ି ତ ଆସିଲେ । ପଳେଇବା, ବାଟ କୋଆଡ଼େ ହେ ?

(ସୈନ୍ୟମାନଙ୍କ ପ୍ରବେଶ)

ସଦା—ବାପ୍‌ରେ ! ବାଟ କାଇଁ ?

Digitized by srujan ka@gmail.com

ମୁ ସ: ସୈନିକ—ଭୁ ନା ସେଦିନ ପଳେଇଥିଲୁ ହାବୁଡ଼ରୁ ରାମଚନ୍ଦ୍ର ଭଞ୍ଜ ଦୁର୍ଗରେ ?

ସଦା—ନାଇଁ, ନାଇଁ, ମୁଁ ନୁହେଁ ।

୨ୟ ସୈନିକ—ହଁ ଏଇ । ଦେଲି ଚଳେଇ ଖଣ୍ଡା ।

(ସଦାଶିବଙ୍କୁ ହତ୍ୟା)

ବାନା—ଏଁ, କି ରକ୍ତରେ ବାପ୍ ! ମାରି ନେଇଁ, ମାରି ନେଲି ।

(ପଳାୟନ)

(କଳାପାହାଡ଼ଙ୍କ ନିଶାଣରେ ମୁସଲମାନ ସୈନ୍ୟଙ୍କର ପ୍ରତି-ମୁଖ ଓ ଯୁଦ୍ଧ; ସେନାପତି ନିହତ, ରଘୁନାଥ ଆହତ ଓ ନିପତିତ; ମୁସଲମାନ ସୈନିକଙ୍କର ପୁଣି ପଳାୟନ, ମନ୍ତ୍ରୀଙ୍କ ପ୍ରବେଶ ଓ ଅବଶିଷ୍ଟ ଓଡ଼ିଆ ସୈନିକ ସହ ଅନୁଧାବନ)

ରଘୁ—(ଉଠିବାକୁ ଚେଷ୍ଟା କରି ପୁଣି ନିପତିତ) କି ଘୋର ଆଘାତ । ସେନାପତି ନିହତ ! ମୋର ତ ଆଉ ବିଳମ୍ବ ନୁହେ ମନ୍ତ୍ରୀ ! ସେ ତ ହତାଶ । ଆଜ ନୁହେ । ଘୋର ପରାଜୟ ! ଭବିଷ୍ୟତ ଅନ୍ଧକାର ! ଦେଶ ଗ୍ଲାରଖାର ! କଷ୍ଟ ? ଯନ୍ତ୍ରଣା ? ନା, ବିଦାୟ, ମା ଜନ୍ମଭୂମି । କି କାଳିମ ବେଶ । ନେତ୍ରରୁ ଅଶ୍ରୁଧାରା ବହି ଯାଉଅଛି ଏଇ ମହାନଦୀ ଧାରି ପରି । କିଏ ପୋଛି ଦେବ ? ଉଠିବି ଥରେ ? (ଉଠିବାକୁ ଉଦ୍ୟମ କରି ନିପତିତ) ନା, ହେଲି ନାଇଁ । ଜୀବନ-ଗୁଡ଼ି ଆସିଲାଣି । ଚତୁର୍ଦ୍ଦିଗରେ ପଡ଼ିଚ; ସୈନିକଗଣ ! ଧଳିରେ ଗଡ଼ୁଚ ! ନା, ଆଉ—ନୁହେଁ । ବି-ଦା-ୟ ।

ଦୃଶ୍ୟ ପତନ

Digitized by srujan ka@gmail.com

ତୃତୀୟ ଦୃଶ୍ୟ

ଲୀଳାବତୀଙ୍କ କକ୍ଷ ପ୍ରାଙ୍ଗଣ ।

(ଲୀଳାବତୀଙ୍କ ପ୍ରବେଶ)

ଲୀଳା—ବଞ୍ଚିଚ ? ଠିକ୍ ବଞ୍ଚିଚ । ତେବେ ଆଉ କାହିଁକି ? କେତେ ଦିନ ? କାହାପାଇଁ ? ସବୁ ତ ବର୍ତ୍ତମାନ ଶେଷ । ସ୍ୱର୍ଗରେ ଉଦୟ ହୋଇଥିଲା ସେ ସୂର୍ଯ୍ୟ । ସେ ସେଇଠାରେ ଅ.ଜ ଅସ୍ତ । ପ୍ରାଣର ପ୍ରିୟତମ ଶତ୍ରୁ ହାତରେ ବନ୍ଦୀ, ପୀଡ଼ିତ, ମୃତ ପ୍ରାୟ । ପ୍ରାଣର ପ୍ରିୟତମ ! ପ୍ରାଣର ? ନା, ରଖି ପାରିଲି ନାହିଁ । ମୁଁ ପାପି ! ମୁଁ ପାପୀ ଉଷାପୁନ । ଠିକ୍, ସେଇ ଦଣ୍ଡ, ସେଇ ଦଣ୍ଡ ଏ ଭୋଗୁଚି । ଦେଶ ତ ମଧ୍ୟ ଛାରଖାର । ସବୁ ଅ.ଜ୍ଞ ସବୁ ଶେଷ । ବଞ୍ଚିବ କାହିଁକି ? ଫେରିବ, ପ୍ରାଣେଶ୍ୱର ? ରହିବ ପ୍ରାଣରେ ? ଚେଷ୍ଟା ? କିଏ ଅଛି ? ରଘୁନାଥ ଯାଇଚନ୍ତି । ବାନାମ୍ବର ! ଶେଷରେ ତାଙ୍କର ଆଶା ? ଏ ସବୁ ଦଣ୍ଡ ? ପାପର ପ୍ରାୟଶ୍ଚିତ୍ତ ? ତେବେ କ'ଣ ଆଶା ଅଛି ? ମୁଁ ପାପୀ, ମୁଁ ଯିବି । ଫେରିଆସିବ, ପ୍ରିୟତମ ! ମୁଁ ବିଦାୟ ନେଇ ଯିବି ?

(ଦାସୀର ପ୍ରବେଶ)

ସୁଲକ୍ଷଣା !

ଦାସୀ—କଳାପାହାଡ଼ କହୁଚି ମହାରାଜାଙ୍କୁ ଛାଡ଼ିଦେବ ।

ଲୀଳା—କାହିଁକି, ସୁଲକ୍ଷଣା ?

ଦାସୀ—କହୁଚି ଆଉ ରଖିବା ଦରକାର ନାହିଁ ।

ଲୀଳା—ମହାରାଜା ଫେରି ଆସିବେ ? ନା ଅସମ୍ଭବ, ସୁଲକ୍ଷଣା । ଥରେ, ଥରେ ମାତ୍ର । ମୋର ଦିନ ସରିଲାଣି । ଥରେ ମାତ୍ର । କହନ୍ତୁ ଯାଉଚି । ବିଦାୟ ନେଇ ଯା'ନ୍ତୁ । ଜଳ ତୁଳ ପାତାଳରେ ଏ ଜୀବନ ମିଶାଇ ଦିଅନ୍ତୁ । ସବୁ

Digitized by srujan ka@gmail.com

ସମ୍ଭୋଗ ତ ସରିଚି । ବାକି ପ୍ରାଣ ସାରି ଦିଅନ୍ତୁ । ସେ କ'ଣ ଆଉ ସମ୍ଭବ ? କହନ୍ତୁ ସମ୍ଭବ ? କେଜାଣି । ମତେ ନେଇ ଯା, ସୁଲକ୍ଷଣା । ନେଇ ଯା । ଆଉ ପାରୁନି ଠିଆ ହୋଇ ।

ଦାସୀ—(ନୀଳାବତୀଙ୍କି ଧରି) ଚାଲନ୍ତୁ, ମଣିମା ।

(ପ୍ରସ୍ଥାନ)

ଚତୁର୍ଥ ଦୃଶ୍ୟ

କଳାପାହାଡ଼ଙ୍କ ଶିବିର ସନ୍ନିକଟ ପ୍ରାନ୍ତର ।

(କଳାପାହାଡ଼ ଦଣ୍ଡାୟମାନ)

କଳା—ଏ ଦେଶ ଜୟ କରିଚି । ବର୍ତ୍ତମାନ ଉତ୍କଳର ରତ୍ନ-ସିଂହାସନ କରଗତ । ଇଚ୍ଛା ହେଲେ ରାଜାଧିରାଜ ହୋଇ ପାରେ । ନା, ସେ ତ ଆଉ ଲକ୍ଷ୍ୟ ନୁହେଁ । ରାଜ୍ୟଶାସନ ଏ ଜୀବନର କର୍ତ୍ତବ୍ୟ ନୁହେଁ ବର୍ତ୍ତମାନ । ବିଜୟ, କ୍ଷମତା—ହୋଇଚି ଯଥେଷ୍ଟ । ଏଣିକି ସ୍ୱଧର୍ମର ପ୍ରଚାର ଏଇ ତରବାରି ଧାରରେ, ଯେପରି ମହମ୍ମଦ କରିଥିଲେ । ତଥାପି ଏକ କାମ ବାକି । ବା'ରବାଟୀ । ତା ନ ହେଲେ ବିଜୟ ତ ଅପୂର୍ଣ୍ଣ । ରାଣୀ ଛାଡ଼ୁ ନାହିଁ । ବଡ଼ ମୂର୍ଖ ରାଣୀ । ଏ କିଛି ମନ୍ଦ ପ୍ରସ୍ତାବ ନୁହେଁ । ସୁନ୍ଦର ପରିବର୍ତ୍ତନ ବିଜେତାରୁ ବିଜୟୀ । ଏଥିରେ ପୁଣି ଆପତ୍ତି ! ପଥର ଭିକାରିଣୀ ହେବ । ଯେଉଁ ଦେଶର ରାଜା, ସେନାପତି ଏ ପ୍ରବଳ ଶକ୍ତି ନିକଟରେ ପରାହତ, ରମଣୀ ତା'ର କୋମଳ ମୃଣାଳ ବାହୁଲତାରେ ସ୍ୱାଧୀନତା ବଜାଏ ରଖିବାକୁ ପ୍ରୟାସୀ ! କି ଭୀଷଣ ମୂର୍ଖତା ! ପ୍ରଣୟ-ପାଶନିମନ୍ତେ ସେ ବାହୁଲତା ସୁନ୍ଦର, ରାଣୀ ! କହିଲି, ନିତନ ସମ୍ରାଟରୂପେ ସହକାରରେ

Digitized by srujan ka@gmail.com

ପୁରାତନ ହୋଇ ସୁଦ୍ଧା, ନବୀନତାର ସୌରଭରେ ହାସ୍ୟମୟୀ ରାଣୀରୂପେ ମାନବଶ୍ରୀ ତମେ ଭଳି ରହିବ । ଏ ହେଲା ନାହିଁ । ପ୍ରତ୍ୟାଖ୍ୟାନ ! ପଦାଘାତ ! ବଜ୍ରଠାରୁ ପୁଣି ପଦାଘାତ ! ମୁସଲମାନ ରକ୍ତରେ ଅସହ୍ୟ ଏ ଲାଞ୍ଛନା । ପ୍ରାଣର ଅମୂଲ୍ୟ ମଣି ହୋଇଥାନ୍ତ ରାଣୀ । ଏବେ ଶତ୍ରୁ । ପ୍ରେମର ଯୁଦ୍ଧ କରିଥାନ୍ତ । ଏବେ ଅସିଧାରର ବଳମଣ୍ଡ । ଆଚ୍ଛା ଦେଖିବ ।

(ବାନାମ୍ବରଙ୍କ ପ୍ରବେଶ)

କିଏ ?

ବାନା—ମୁଁ ଶାରଙ୍ଗଗଡ଼ରୁ ଆସିଛି । ରାଣୀ ପଠାଇଛନ୍ତି ।

କଲା—କାହିଁକି ?

ବାନା—ଆପଣ ବର୍ଦ୍ଧମାନ ରାଜାଧିରାଜ କଲା, ଦର୍ଶନ କରିବାକୁ ।

କଲା—ଶିବିର ବାହାରେ ରାଜମାର୍ଗରେ ଦର୍ଶନ । ଏ ଆମମାନଙ୍କର ପ୍ରଥା ନହେଁ

ବାନା—ରାଣୀ ଏକ ପ୍ରସ୍ତାବ ପଠାଇଛନ୍ତି । କେତେକ ଉପଢୌକନ ମଧ୍ୟ ଦେଇଛନ୍ତି ।

କଲା—ପ୍ରସ୍ତାବ ! ନା, କୌଣସି ପ୍ରସ୍ତାବ ଶୁଣିବି ନାହିଁ । ଏ ଦେଶର ସ୍ତ୍ରୀ ଜାତି ଉପରେ ମୋର ଘୋର ଅବିଶ୍ୱାସ, ଆକ୍ରୋଶ । ଅବଳାଦ୍ୱାରା ଶାସିତ ହେବାକୁ ମୁଁ ଏଠାକୁ ଆସିନାହିଁ, ତମର ରାଣୀ ବୁଝିବା ଉଚିତ । ତଥାପି ଶୁଣିବି, ଶୁଣିବି । କହ, ପ୍ରଜା, କି ପ୍ରସ୍ତାବ ।

ବାନା—ରାଜାଙ୍କୁ ମୁକ୍ତ କରିଦେଲେ ରାଣୀ ସେବାଶୁଶ୍ରୂଷା କରନ୍ତେ । ଏ ଉପହାର ଦେଇଛନ୍ତି ।

କଲା—ରଖ ଉପହାର । ଆମେ ରାଜାଙ୍କୁ ଛାଡ଼ିଦେବା । କିଏ ଅଛୁ ?

ନେପଥ୍ୟ—ହଜୁର୍ !

Digitized by srujan ka@gmail.com

କଳା—ତମେ ରାଜାଙ୍କୁ ନେଇ ଯିବ ।

(ପ୍ରହରୀର ପ୍ରବେଶ)

ଦେଖ ପ୍ରହରୀ, ଶାରଙ୍ଗଗଡ଼-ରାଜାଙ୍କୁ ଘେନି ଆସ ତ ।

ପ୍ରହରୀ—ଖୋଦାବନ୍ଦ ! ଜନାବ୍ ! (ପ୍ରସ୍ଥାନ)

କଳା—କହ୍ନବ ତମ ରାଣୀଙ୍କ ବ୍ୟବହାରରେ ମୁଁ ଅତ୍ୟନ୍ତ ପ୍ରୀତ । ଏ ରାଣୀଙ୍କର ପ୍ରସ୍ତାବ ନୁହେଁ, ପ୍ରାର୍ଥନା ନୁହେଁ ; ଆଦେଶ । ବଡ଼ ମଧୁର ଏ ଆଦେଶ । କହ୍ନବ ରାଣୀଙ୍କି, ମଝେ ମଝେ ଏପରି ଆଦେଶ କରୁଥିବେ ।

(ବନ୍ଦୀ ରାମଚନ୍ଦ୍ର ଭଞ୍ଜଙ୍କୁ ଘେନି ପ୍ରହରୀର ପ୍ରବେଶ)

ଏଇ ରାଜା ତ ଆସିଲେଣି ।

ରାମ—ଧୂର୍ଜ୍ଜଟି, ଦେଖ୍, ନରସିଂହ ରାଜା ହେବ । ଏହା ପେଟରେ ଦେହ ସହ୍ନବ । ଯା ଧୂର୍ଜ୍ଜଟି, ଯା, ଏଇ ଖଣ୍ଡାରେ ଶେଷକରି ଆସିବୁ । କାହିଁ ଶେଷ ଧୂର୍ଜ୍ଜଟି ? ବେଶ୍, ବେଶ୍ । ନରସିଂହ କଥା ଆଜକୁ ବର୍ଷେ । ପୂର୍ଣ୍ଣ ରଘୁରାମ । ନା, ତା ହବ ନାହିଁ । ଗୋପନ, ଗୋପନ, ମହାଗୋପନ । ନରକବାସ, ରଘୁରାମ । ପାରିଲୁ ନାହିଁ, ଧୂର୍ଜ୍ଜଟି, ପାରିଲୁ ନାହିଁ ? ମୁକୁନ୍ଦ ହାରିବ ଆସିବ, ଏଇ ଖଣ୍ଡା ପାଟକୁ ତୋ'ର ? ସର୍ବନାଶ, ସର୍ବନାଶ, ଧୂର୍ଜ୍ଜଟି ? ତୁ ପାରିଲୁ ନାହିଁ ? ବଡ଼ ରାକ୍ଷସ ବୁଢ଼ା ଧନୁର୍ଦ୍ଧର ହଁ, ତାକୁ ମଧ । ଆହା, ଛାଡ଼ିଦେଲୁ ? ଯୁଦ୍ଧ; ଏଣିକି ଯୁଦ୍ଧ । ଓଡ଼ିଶାର ରାଜସିଂହାସନ । ଭାଗ୍ୟ ଥିଲେ । ହେଲେ ମନ୍ତ୍ରି ' ବିଶ୍ୱାସ ନାହିଁ । ନା, ଧୂର୍ଜ୍ଜଟି, ଆଗେ ଶେଷ କରି ଆ । ଓହୋ ! ନିଶ୍ଚିନ୍ତ । କହ୍ନବ କଳାପାହାଡ଼କୁ, ଶିଖି ମନାଇଁ,

Digitized by srujan ka@gmail.com

ଏ ରାଜ୍ୟରୁ ଅଧେ । ଆଉ କ ମୁକୁନ୍ଦ ପାରେ ? ହେଲେ ଧୂର୍ଜଟି । ତୁ ନରହନ୍ତା, ଧୂର୍ଜଟି । ଆସିବୁ ? ନା, ଯା ଯ ଯା । ସେଇ ବାଟେ ଯା । ଏବେ କ ନଷ୍ଟ ନ୍ତ ! ଶୁଦ୍ଧ ସୁବର୍ଣ୍ଣ ରାଜା ଓହୋ, ଓହୋ ।

କଳା—ପୁଣି ଆହୁରି କ'ଣ ଅଛୁ, ନା କ'ଣ ?

ରାମ—ପାଖେ ପାଖେ ଥିବ ମୁକୁନ୍ଦଦେବର, ବେଶ୍ ଠିକ୍ ହୋଇଚ ତ ମନାଇ ? ହେଲ୍ ନାହିଁ । ପର ଉପରେ ନିର୍ଭର । ନା, ମୂର୍ଖ ରାଣୀ, ଦୂର ହୁଅ । ସନ୍ଧ ସନ୍ଧ । ଯା, ମୁକୁନ୍ଦ । ଏବେ ପଥ ନିଷ୍କଣ୍ଟକ । ହେଲେ କଳାପାହାଡ଼ । ଦେଖିବ, ଦେଖିବ । ଏ ଯେ ଧନୁର୍ଦ୍ଧର । ଏକ ପ୍ରହାରକେ, ସଦାଶିବ । ବନ୍ଦୀ, ବନ୍ଦୀ । ନା, ନା, ଥରେ, ଥରେ ମାତ୍ର । ବନ୍ଦୀ କର ନାହିଁ, କଳାପାହାଡ଼ । ନା ନା ନା ।

(ପଳାୟନ)

କଳା—ଦେଖ, ଦେଖ । (ବାନାମ୍ବର ଓ ପ୍ରହରୀଙ୍କ ପ୍ରସ୍ଥାନ) ପାପ ଯେପରି, ପ୍ରାୟଶ୍ଚିତ୍ତ ମଧ୍ୟ ସେଇପରି । ନା ଏ ପ୍ରାଣରେ ଶାନ୍ତି ନାହିଁ, ଆହାର ନିଦ୍ରାରେ ପ୍ରୟୋଜନ ନାହିଁ । ପ୍ରଥମେ ବାରବାଟୀ । ଯାଏ, ଦେଖେ । ତୁମ୍ଭର ସ୍ଥାନ ଶାରଙ୍ଗଗଡ଼ ରାଣୀ ଅଧିକାର କରିବ, ମୂର୍ଖ ରମଣୀ ।

(ପ୍ରସ୍ଥାନ)

— — —

ପଞ୍ଚମ ଦୃଶ୍ୟ

ବାରବାଟୀ ଅଗ୍ନି କୁଣ୍ଡ

(ଉଷାଯୁମା ଓ ପୁର ରମଣୀଗଣ ଦଣ୍ଡାୟମାନ)

ନେପଥ୍ୟେ—(ଶଙ୍ଖାର ଓ ଜୟନାଦ)

Digitized by srujan ka@gmail.com

ଉଷା—ଏଇ ଜୟନାଦ। ପ୍ରସ୍ତୁତ ହୋଇଛ ? କେଶ ମୁକୁଳା କରିଛ ? ବେଶ ପିନ୍ଧିଛ ? ଆଉ ବିଳମ୍ବ ନାହିଁ । ଦୁଇ ମାସ ଏ ଦୁର୍ଗ ରକ୍ଷା କଲେ, ରମଣୀର କୋମଳ ବାହୁଯୁଗଳ ପାଷାଣରୁ ହାଣ କରି ମୁସଲମାନର ଅସ୍ତ୍ରାଘାତ ସହିଲେ । ଶତ ଶତ ମୁସଲମାନ ରକ୍ତରେ ଗଡ଼ପାଚେରି ବୁଡ଼ାଇ ଦେଲେ । ମୁସଲମାନ ଶବଶ୍ରେଣିରେ ଗଡ଼ ପ୍ରାନ୍ତର ପୂର୍ଣ୍ଣ କଲେ । ଆଉ ଏଣିକି ଅସମ୍ଭବ । ବର୍ତ୍ତମାନ ମୁସଲମାନ ବିଜୟରେ ଉନ୍ମତ୍ତ । ଆସ, ପୁର ରମଣୀଗଣ, ଶେଷ କରିଦେବା । ଅଗ୍ନିକୁଣ୍ଡ ବେଶ୍ ଜଳୁଛି । (ପୁଣି ଜୟନାଦ) ଏ ବିକଟ ଜୟନାଦ କାହିଁକି ? ଶତ୍ରୁ କି ଉନ୍ମତ୍ତ ! ଆଉ ତ ବିଳମ୍ବ ନୁହେଁ । ଏଇ ଶୁଣ କି ଚିତ୍କାର ! (ପୁଣି ଜୟନାଦ) ମୁସଲମାନ ପାଚେରି ଘେରିଲେ ନା କ'ଣ ? ଏଡ଼େ ଚିତ୍କାର କାହିଁକି ? ଆଉ ବିଳମ୍ବ ନୁହେଁ । ହୁଏତ ଶୀଘ୍ର ପ୍ରବେଶ କରିବେ । ଏଇ କଲେ । ଆସ, ଏ କ୍ଷୁଦ୍ର ଜୀବନଦୀପକୁ ସମସ୍ତେ ଏ ବୃହତ୍ ଅଗ୍ନିକୁଣ୍ଡରେ ମିଶାଇ ଦେବା । ଆସ, ରମଣୀଗଣ । ଆସ, ଭଦ୍ରା, ଜୟନ୍ତୀ, ମଞ୍ଜରୀ, ଶ୍ୱେତା, ବିଳାସିନୀ । ଆସ ସମସ୍ତେ । ଅଗ୍ନି କୁଣ୍ଡ ବେଶ୍ ଜଳୁଛି ।

୧ମ ରମଣୀ—(ଗୀତ)

ଜଳରେ ଅନଳ ଜଳରେ ଦ୍ୱିଗୁଣ ଖେଳାଇ କନକ ଶିଖା,
ପୋଡ଼ ଏ ନିରକ୍ଷ ରମଣୀ ଭୂରିତେ; ଜୀବନ ଅନ୍ତିମ ଭିକ୍ଷା ।
(ଅଗ୍ନିକୁଣ୍ଡରେ ପ୍ରବେଶ)

୨ୟ ରମଣୀ—

ସାରିଛୁ ଜଗତେ ରମଣୀଲୀଳା ଗୋ ପରାଣ ପଡ଼ିରେ ଟେକି,
ଜୀବନ ବାସନା ନିଭିଛୁ ସରଳ, ଜାଳରେ ଅନଳ ଅକି ।
(ଅଗ୍ନି କୁଣ୍ଡରେ ପ୍ରବେଶ)

Digitized by srujan ka@gmail.com

ଶସ୍ତ୍ର ରମଣୀ—

ସମରଭୂଇଁରେ ମୁଦିଲେ ନୟନ ମୋ ପ୍ରାଣ ପରଶ ଶିଖି,
ମୁଁ ଯେବେ ଏ ଗଡ଼ ରଖି ନ ପାରିଲି, କି ଲଭ ଜୀବନ ଧରି ।

(ଅଗ୍ନିକୁଣ୍ଡରେ ପ୍ରବେଶ)

(ଚନ୍ଦ୍ରୋପଳାର ପ୍ରବେଶ)

ଚନ୍ଦ୍ର—ମା ତମେ ଏ ନିଆଁରେ ପଡ଼ିବ ?

ଉଷା—ପଡ଼ିବି । ମା ଚନ୍ଦ୍ର ଆହା ଧନମାଳୀ ମୋର !

ଚନ୍ଦ୍ର—ମୋ ବାଳ ମୁକୁଳା କରିଦିଅ ମା, ମୁଁ ପଡ଼ିବି ନିଆଁରେ ।

ଉଷା—ପଡ଼ିବୁ ମା ? ନିଆଁରେ ପଡ଼ିବାକୁ ଜନ୍ମ ପାଇଥିଲୁ ।

ଚନ୍ଦ୍ର—କାନ୍ଦୁଚ କାହିଁକି ମା ?

ଉଷା—ମା ଚନ୍ଦ୍ର ! ଜୀବନରେ ମାୟା ଲଗାଇ ଦେଉଚୁ । ନା-ନା ।

ଚନ୍ଦ୍ର—ଆଉରି କାନ୍ଦୁଚ, ନିଆଁରେ ପଡ଼ିବା ପରି ? କହୁ କହୁନ ମା ?

ଉଷା—ହଁ ପଡ଼ିବା ମା ।

ଚନ୍ଦ୍ର—ପୋଡ଼ିଯିବା, ନା ଇମିତି ଜୀଇଥିବା ମା ?

ଉଷା—ମା ଚନ୍ଦ୍ର, ତୁ ଥା ଏଇଠି, ମୁଁ ଯାଏ ଆଗେ ।

ଚନ୍ଦ୍ର—ନା, ମୁଁ ଆଗ ଡେଇଁମି ମା ।

ଉଷା—ଛି, ଚନ୍ଦ୍ର ! କହୁଚ ପରା । କଥା ମାନୁନୁ ?

ଚନ୍ଦ୍ର—ମାନୁଚ ତ; ମୁଁ ଆଗ ଡେଇଁମି । ଡେଇଁଲେ କ'ଣ ହବ ମା !
ପୋଡ଼ିଯିବି ? ଏମାନେ ସମସ୍ତେ ଯିମିତି ପୋଡ଼ିଗଲେ ?

ଉଷା—ହଁ, ଯିବୁ ମା ।

ଚନ୍ଦ୍ର—ମୋର ଏ ବାଳ ଗୋଛାକ ପୋଡ଼ିଯିବ—କହୁନୁ ?

ଉଷା—ଯିବ । ମାୟା ଲଗାଇ ଦେଉଚୁ ଚନ୍ଦ୍ର ? ନା, ଆଉ ବିଳମ୍ବ
ନୁହେଁ ।

Digitized by srujan ka@gmail.com

ଚନ୍ଦ—ଏ ଆଖି ଢ଼ାଉଛି ?

ଉଷା—ଯିବ ।

ଚନ୍ଦ୍ର—ତେବେ ଆଉ ମୁଁ ଗୃହ୍ନିମି କମିତ ମା ?

ଉଷା—ରହ, ମା । ମୁଁ ପଡ଼ସାରେ, ତୁ ପଡ଼ିବୁ । ରହ, ଯାଉଚ ।
(ଯିବାକୁ ଉଦ୍ୟତ)

ଚନ୍ଦ—ରହ ମା, ଶୁଣ । ପୋଡ଼ିଲେ କ'ଣ ହବ ?

ଉଷା—ଆହା, ପ୍ରାଣର ଚନ୍ଦ୍ରୋପୃଳା । ସବୁ ଭାଗ୍ୟ ସରଥିଲ । ଥିଲୁଂତୁ କେବଳ ଏକା । ଏବେ ତୁ ମଧ୍ୟ ସରିବୁ । ବିଧାତା କ'ଣ ନ କଲୁ ? (ଜୟନାଦ) ଏଇ ଡାକ ପଡ଼ିଲାଣି; ଚନ୍ଦ । ଆଉ ନୁହେଁ । ବିଳମ୍ବ ହେଉଛି ମା, ଯାଉଚ । (ଉଭୟଙ୍କର ଅଗ୍ନି କୁଣ୍ଡ ନିକଟକୁ ଗମନ)

(ଲୀଳାବତୀଙ୍କ ପ୍ରବେଶ)

ଲୀଳା—ଉଷାଯୂମା ।

(ଚନ୍ଦ୍ରୋପୃଳା ଅଗ୍ନିକୁଣ୍ଡରେ ପତିତ,ଉଷାଯୂମା ଫେରି ପଛକୁ ଗୃହିଁଲେ)

ଉଷା—କିଏ ? ଗଲୁ ମା, ଚନ୍ଦ ? କାହାର ପାଟି ? ଲୀଳାବତୀ ? କୁଆଡ଼େ ଭଗିମା ଏତେବେଳେ ?

ଲୀଳା - ଜୀବନରେ ଅନ୍ତିମ ଲୀଳା । ଆଜ ଏଇଠାରେ ଶେଷ କରିବ ଉଷାଯୂମା । ଆସିଚ, ଚିର ବିଦାୟ ନେବା ଆସିଚ । ଆଉ ଏ ଜୀବନରେ କିଛି ନାହିଁ ଭଗିମା । କେବଳ ପତି । ସେବା ଶୁଶ୍ରୂଷା, ପତ୍ନୀର କାର୍ଯ୍ୟ କରିଚ, ରୋଗରୁ ମୁକ୍ତ କରିଚ । ଏବେ ଅନୁମତି; ବିଦାୟ ନେବା ଆସିଚ । ମୋ ନିମନ୍ତେ ଆଉ ଜଳ ସ୍ଥଳ ପାତାଳରେ ସ୍ଥାନ ନାହିଁ । ଏଇଠାରେ ଝାସ ଦେବ ।

Digitized by srujan ka@gmail.com

ଉଷା—ନା ଭଗିନୀ, ଏ ଏକ ଭ୍ରମ । ପତି ପ୍ରାଣର ଅର୍ଦ୍ଧେକ । ତମର ଅଧିକାର ନାହିଁ ଭଗିନୀ, ସେ ବିଦାୟ ଦେଇ ଆସିବ । ପତି ପତ୍ନୀ ସୁଖ ଦୁଃଖର ସହଚର; ସ୍ୱର୍ଗ ନର୍କର ସହଯାତ୍ରୀ, ଜୀବନ ମରଣର ସହବାସୀ । ଏ ଏକ ସ୍ୱାର୍ଥ, ସୁଖ ବିଳାସର ଘୋର ଲାଳସା । ବଡ଼ ଭୁଲ୍ କରୁଛ ଭଗିନୀ ! ଫେରିଯାଅ । ତର ସୁଖ ଦୁଃଖ, ସମ୍ପଦ ବିପଦ ମଧ୍ୟରେ ବାସ କରିବାକୁ ହେବ—ଯେତେ ଦିନ ପତି ସଙ୍ଗରେ ଅଛନ୍ତି । ଆମେମାନେ ଉତ୍କଳ-ଲଳନା, ଲୀଳାବତୀ । ପତି ପୁରୁଷଙ୍କ ନିକଟରେ ବୃନ୍ତର ସୁକୋମଳ ଫୁଲ । ଏତେ କଠିନ ହେବା କିପରି ? ନା ଫେରିଯାଅ, ଫେରିଯାଅ ଭଗିନୀ ।

ଲୀଳା—କହୁଛ ଯିବ ଉଷାଯୁନୀ । ମୁଁ ବର୍ତ୍ତମାନ କାଠର ପିତୁଳା; କର୍ତ୍ତବ୍ୟ ଅକର୍ତ୍ତବ୍ୟ ବୁଝିବାର ଶକ୍ତି ନାହିଁ । (ଜୟନାଦ) ଏ କି ଶବ୍ଦ !

ଉଷା—ଆଜି ବିଳମ୍ବ ନୁହେଁ ଭଗିନୀ ? ଯାଅ; ଯିବ କିପରି ? କିପରି ଆସିଥିଲ ?

ଲୀଳା—ଏକ ଗୁପ୍ତ ବାଟରେ, ମୋର ଏକ ପୁରୁଣା ଦାସୀ ଦେଖାଇ ଦେଲା ।

ଉଷା—ମୁସଲମାନ ?

ଲୀଳା—କେହି ନ ଥିଲେ ।

ଉଷା—ନା, ମୁସଲମାନ ବର୍ତ୍ତମାନ ଦୁର୍ଗଦ୍ୱାରରେ ରୁଦ୍ଧ । ବିଜୟ ଉଲ୍ଲାସରେ ଉନ୍ମତ୍ତ । ଆଜି ତ ବିଳମ୍ବ ନୁହେଁ । ସେଇ ବାଟେ ଫେରିଯିବ ଭଗିନୀ । ଯାଅ, ଶୀଘ୍ର, ଶୀଘ୍ର ।

ଲୀଳା—ଏଇ ଶେଷ ଦେଖା ଉଷାଯୁନୀ । ଯିବ ? ହଉ, ହଉ ।

(ଜୟନାଦ)

Digitized by srujan ka@gmail.com

ଉଷା—ଯାଅ ଭଗିନୀ; ଆଉ ବିଳମ୍ବ ନୁହେଁ ।

(ଲୀଳାବତୀଙ୍କି ଧରି ବିଦାୟ ଦେଲେ)

ବିଦାୟ ଭଗିନୀ ଲୀଳାବତୀ ! ଏଇ ନିଦାରୁଣ ମେଘାଚ୍ଛନ୍ନ ବିସ୍ତୀର୍ଣ୍ଣ ଦୁର୍ଗ ଗଗନର ଶେଷତମ ନିମେଷ ଚପଳା ! ଏବେ ଚତୁର୍ଦ୍ଦିଗ ନିଷ୍ଟଳ । କି ଭୀଷଣ ଏ ବିଜନତା ! ମା, ତାଙ୍କ ଜଳି ଗଲୁ ? ସମସ୍ତେ ଏ ଅଗ୍ନିକୁଣ୍ଡରେ ମିଶିଗଲ ? ଜନ ପ୍ରାଣୀ ଜଣେ ନାହିଁ, ଯା'ର ମୁହଁକୁ ଟିକିଏ ଚାହିଁବି । ମାୟା, ମମତା ସବୁ ଛିନ୍ନ ! ଏ ରମଣୀୟ ଦୁର୍ଗ ଏବେ ଭୀଷଣ, ବିକଟ ମରୁଭୂମି ! ନୀରବ, ନିଷ୍ଟଳ, ନିର୍ଜନ ! କେବଳ ଯାହା ଦୁର୍ଗ ପାଚିରି ସେ ପାଖରୁ ବିଜୟଉନ୍ମତ୍ତ ମୁସଲମାନର ଚିତ୍କାର ଏ ଭୀଷଣ ନିସ୍ତବ୍ଧତାକୁ ଆନ୍ଦୋଳିତ କରୁଛି । (ଜୟନାଦ) ବେଶ୍ ଶବ୍ଦ ! ସୁନ୍ଦର ଜୟଧ୍ୱନି ! ଆଜି ଏ ଅନଳକୁଣ୍ଡର ସେ ପାଖରେ ଜୀବନର ପୂଜ୍ୟତମ ଦେବତା ମୋର । ଆଶ୍ରୟ ଦିଅ, ନାଥ ! (ଜୟନାଦ) ଉଚ୍ଚରୁ ଉଚ୍ଚତର ଜୟ-ଧ୍ୱନି ! ଏଇ ଯେ, ଏ କିଏ ? ଏ ତ ଆଉ ଲୀଳାବତୀ ନୁହେଁ । ମୁସଲମାନ, ମୁସଲମାନ ! ରମଣୀ ହସ୍ତର ଶେଷ ଅସ୍ତ୍ରଟି ମୋର ଅଗ୍ନିରେ ଦଗ୍ଧ କରିଛି, ଯେ ଅଗ୍ନିରେ ଜଳିଗଲୁ ମା ତାଙ୍କ । ଅଚ୍ଛା, ଆସ ମୁସଲମାନ । ଅବଳା ବାହୁର ଅନ୍ତିମ ଶକ୍ତି ତୁମ୍ଭର ବିଜୟ-ଗୌରବ-ଭୂଷିତ ମସ୍ତକରେ ଥରେ ପରୀକ୍ଷା କରି ଅଗ୍ନିକୁଣ୍ଡର ଆଶ୍ରୟ ନେବି ମୁଁ ଅବଳା । ତଥାପି ବଞ୍ଚି ଥାଉ ଥାଉ କିପରି ଶତ୍ରୁକୁ ଦୁର୍ଗ ଛାଡ଼ିଦେବି ? ନା, ତା ହେବ ନାହିଁ । ଏବେ ସୁଦ୍ଧା ଦୁର୍ଗ ଦୁର୍ଗ-ରମଣୀଙ୍କର । କି ଘୃଣ୍ୟ ମୁସଲମାନ ! କି ଗର୍ବରେ ଧାଇଁଛି !

Digitized by srujan ka@gmail.com

(କଳାପାହାଡ଼ଙ୍କ ପ୍ରବେଶ)

କଳା — ଏତେବେଳେ ମଧ୍ୟ, ପ୍ରେୟସି, ବାହୁଯୁଗଳରେ ଆଶ୍ରୟ ଦେବ ।

ଉଷା — ଦୂର ହୁଅ ମୁସଲମାନ । (ପଦାଘାତ)

କଳା — (ବକମ୍ପିତ ହୋଇ) ପୁଣି ସେଇ ପଦାଘାତ ଆଚ୍ଛା; ଆଉ ରକ୍ଷା ନାହିଁ, ରମଣୀ । (ଖଡ଼୍ଗୋତ୍ତୋଳନ)

(ଉଷାସୁମ୍ନା ଆହତ ହୋଇ କଳାପାହାଡ଼ଙ୍କୁ ପଦାଘାତ କରି ଦୂରକୁ ଫିଙ୍ଗିଦେଲେ; କଳାପାହାଡ଼ ଉଠିବାକୁ ଚେଷ୍ଟା କଲେ)

ଉଷା — ଗ୍ରହଣ କର, ମା ଅଗ୍ନିକୁଣ୍ଡ । (କୁଣ୍ଡରେ ପ୍ରବେଶ)

—ଯବନିକା—

Digitized by srujan ka@gmail.com